ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୦/୨୦୨୫ (୧୪ ପୃଷ୍ଠା) Bhubaneswar, Monday, January 20/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୫୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 58 ମୂଲ୍ୟ ₹୭/-

# ମହାକୁମ୍ଭରେ ନିଆଁ, ୧୮ ଟେଣ୍ଟ ଜଳିଗଲା

ପ୍ରୟାଗରାଜର ମହାକୁମ୍ଭ ମେଳାରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣରୁ ନିଆଁ ଲାଗି ସେକ୍ଟର ୧୯ ଅଞ୍ଚଳରେ ୧୮ଟି ଟେଣ୍ଟ ଜଳିଯାଇଛି। ଗତ ୧୩ ତାରିଖ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ମହାକୁମ୍ଭ ୪୫ ଦିନ ଧରି ଚାଲିବ। ରବିବାର ସୁଦ୍ଧା ଅନେକ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଥିବା ସରକାରୀ ଭାବେ କୁହାଯାଉଥିବାବେଳେ ଉତ୍ତର ପ୍ରଦେଶ ସରକାର କୁମ୍ଭମେଳା ପରିଚାଳନା ଓ ମେଳା ଅନୁଗାମୀଙ୍କ ସୁରକ୍ଷା ପାଇଁ ରାଜକୋଷରୁ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ମହାକୁମ୍ଭକୁ ଲୋକଙ୍କ ଆଗମନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୩ ହଜାର ଟ୍ରେନ ସମେତ ଅନେକ ବିମାନ ଚଳାଚଳ ବ୍ୟବସ୍ଥା କରାଯାଇଛି। ସେହିପରି ଭାଜପା ଶାସିତ ରାଜ୍ୟରୁ ବସ୍ ଯୋଗେ ଲୋକଙ୍କୁ କୁମ୍ଭମେଳାକୁ ନିଆଯାଉଛି। ତେଣୁ ସେଠାରେ ଲୋକଙ୍କ ସୁରକ୍ଷା ବଡ଼ ଆବଶ୍ୟକତା। ଏଭଳିସ୍ଥଳେ ଅଗ୍ନିକାଣ୍ଡ ଘଟିବା ମହାକୁମ୍ଭ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



**ମହାକୁମ୍ଭ ନଗର, ୧୯।୧ (ପି.ଟି.)**

ମହାକୁମ୍ଭରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗର ୧୫ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା କୁମ୍ଭମେଳାର ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରମୋଦ ଶର୍ମା କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ସ୍ଥାନୀୟ ପ୍ରଶାସନ ଏବଂ ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ମଧ୍ୟ ସହାୟତା କରିଥିଲା। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଶନିବାର ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ୭.୭୨ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଥିବାବେଳେ ରବିବାର ୪୬.୯୫ ଲକ୍ଷ ବୁଡ଼ ପକାଇଥିବା ଜଣାପଡ଼ିଛି। ମହାକୁମ୍ଭ ପାଇଁ ୧୦,୦୦୦ ଏକର ଅଞ୍ଚଳରେ ଅସ୍ଥାୟୀ ସହର ☞ ପୃଷ୍ଠା-୪

## ନୟାଗଡ଼ରେ ଲିଥିୟମ୍ ଭଣ୍ଡାର

**ଭୁବନେଶ୍ୱର, ୧୯।୧ (ଅନୁରାଧା ମହାରଣା)**

ନୟାଗଡ଼ ଜିଲାରେ ମୂଲ୍ୟବାନ୍ ଲିଥିୟମ୍ ଭଣ୍ଡାର ରହିଛି। ଏହି ଖଣିକୁ ଖନନ କରାଗଲେ ଦେଶର ଲିଥିୟମ୍ ଅନ୍ୱେଷଣରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବେ ଉଭା ହୋଇପାରେ ବୋଲି ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସ୍‌ଆଇ) ସଂସ୍ଥା ପକ୍ଷରୁ କୁହାଯାଇଛି। ଜିଏସ୍‌ଆଇ ପକ୍ଷରୁ କୋଣାର୍କରେ ଦୁଇଦିନିଆ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଟ୍ରମ୍ପଙ୍କ ଆରମ୍ଭ

## ଆଜି ଶପଥ ନେବେ ଟ୍ରମ୍ପ୍

**ୱାଶିଂଟନ, ୧୯।୧**



ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଶପଥ ଗ୍ରହଣ କରିବେ। ଶପଥ ଉତ୍ସବକୁ ବହୁ ବିଶିଷ୍ଟ ବ୍ୟକ୍ତି, ଶିଳ୍ପପତି, ବ୍ୟବସାୟୀ ଏବଂ ଗଣମାଧ୍ୟମ ତାରକାଙ୍କ ସମେତ ଦେଶବିଦେଶରୁ ଅନେକ ହଜାର ବ୍ୟକ୍ତିବିଶେଷ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ☞ ପୃଷ୍ଠା-୪










## ସଂକ୍ଷେପରେ

### ଡଙ୍ଗା ଓଲଟି ୩ ମୃତ

**କଟିହାର,୧୯।୧**

ବିହାରର କଟିହାର ଜିଲା ଗୋଲାଘାଟସ୍ଥିତ ଗଙ୍ଗାନଦୀରେ ରବିବାର ଏକ ଡଙ୍ଗା ଓଲଟି ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ମଧ ୪ ଜଣ ନିଖୋଜ ରହିଛନ୍ତି। ଉକ୍ତ ଡଙ୍ଗାରେ ୧୭ ଜଣ ଲୋକ ରହିଥିଲେ। ସେଥିମଧ୍ୟରୁ ୧୦ ଜଣ ପହଁରି କୂଳରେ ପହଞ୍ଚି ଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରେସ୍କ୍ୟୁ ଟିମ୍ ନଦୀ ମଧ୍ୟରୁ ୩ ମୃତଦେହ ଜବତ କରିଥିବା କଟିହାର ଜିଲାପାଳ ମନୀଶ କୁମାର ମୀନା ସୂଚନା ଦେଇଛନ୍ତି। ୪ ନିଖୋଜଙ୍କୁ ଖୋଜିବାକୁ ଏବେ ମଧ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ଜ୍ଞାନେନ୍ଦ୍ର ପ୍ରତାପ ସିଂ ପରବର୍ତ୍ତୀ ସିଆର୍‌ପିଏଫ୍ ଡିଜି



**ନୂଆଦିଲ୍ଲୀ,୧୯।୧**

ବରିଷ୍ଠ ଆଇପିଏସ୍ ଅଧିକାରୀ ଜ୍ଞାନେନ୍ଦ୍ର ପ୍ରତାପ ସିଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ(ସିଆର୍‌ପିଏଫ୍)ର ପରବର୍ତ୍ତୀ ଡିଜି ଭାବେ ଶନିବାର ନିଯୁକ୍ତ ହୋଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଆସାମ-ମେଘାଳୟ କ୍ୟାଡରର ୧୯୯୧ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଜ୍ଞାନେନ୍ଦ୍ର ସମ୍ପ୍ରତି ଆସାମର ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ କାର୍ଯ୍ୟରତ ଅଛନ୍ତି। ୨୦୨୭ ନଭେମ୍ବର ୩୦ ପର୍ଯ୍ୟନ୍ତ ସେ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ନିର୍ବାହ କରିବେ। ଗତ ଡିସେମ୍ବର ୩୧ରେ ସିଆର୍‌ପିଏଫ୍ ଡିଜି ଅନିଶ ଦୟାଲ ସିଂ ଅବସର ନେବା ପରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଭିତୁଲ କୁମାର ସିଆର୍‌ପିଏଫ୍ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

# ଅନ୍ଧାରରେ ମୁମ୍ବାଇ ପୋଲିସର ୩୫ ଟିମ୍



ସୈଫ୍ ଅଲୀ ଖାନ୍



ସିସିଟିଭିରେ ଅଭିଯୁକ୍ତ

ବଲିଉଡ୍ ଷ୍ଟାର ସୈଫ୍ ଅଲୀ ଖାନ୍‌ଙ୍କ ବାନ୍ଦ୍ରା ୱେଷ୍ଟସ୍ଥିତ 'ସତ୍‌ଗୁରୁ ଶରଣ' ବିଲ୍ଡିଂରେ ବୁଧବାର ରାତି ୨ଟା ୩୦ରେ ଜଣେ ବ୍ୟକ୍ତି ଅନୁପ୍ରବେଶକରି ତାଙ୍କୁ ୬ ଥର ଛୁରାମାଡ଼ କରିଥିଲେ। ଅନୁପ୍ରବେଶକାରୀ ଚୋରି ଉଦ୍ଦେଶ୍ୟରେ ସୈଫ୍‌ଙ୍କ ଘରକୁ ଯାଇଥିବା ତାଙ୍କ ସାନପୁଅ ଜେହାଙ୍ଗୀର(୪)ଙ୍କ ନର୍ସ ଏଲିୟାମା ଫିଲିପ୍ସ ଓରଫ୍ ଲିମା ବାନ୍ଦ୍ରା ଥାନାରେ ଏତଲା ଦେଇଥିଲେ। ମୁମ୍ବାଇ ପୋଲିସ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ସଶସ୍ତ୍ର ଡକାୟତି ଉଦ୍ୟମ ଓ ହତ୍ୟା ଉଦ୍ୟମ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଷଷ୍ଠ ଫ୍ଲୋର୍‌ର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ଗୁରୁବାର ତାଙ୍କ ଫଟୋ ଜାରି କରାଯାଇଥିଲା। ଆକ୍ରମଣକାରୀଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସର ୩୫ ଟିମ୍ ଗଠନ କରାଯାଇଛି। ଏହି ଘଟଣାକୁ ଅନେକ ସମୟ ବିତିଯାଇଥିଲେ ମଧ ଆକ୍ରମଣକାରୀଙ୍କୁ ଏଯାଏ ଧରାଯାଇପାରି ନାହିଁ। ପୋଲିସ ଜଣେ ପରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଧରି ଥାନାରେ ଅଟକ ରଖୁଛି। କିନ୍ତୁ ପ୍ରମାଣ ନ ମିଳିବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଛାଡ଼ିଦେଉଛି। ଏହି ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ମହାୟୁତି ସରକାରଙ୍କ ପାରିବାପଣିଆକୁ ନେଇ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ପ୍ରଶ୍ନ ଉଠାଉଥିବାବେଳେ ରବିବାର ଆଉ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟରେ ହାଜର ପରେ ୫ ଦିନିଆ ରିମାଣ୍ଡରେ ନେଇଛି ମୁମ୍ବାଇ ପୋଲିସ। ତେଣୁ ପ୍ରକୃତରେ ଆକ୍ରମଣ କରିଥିବା ବ୍ୟକ୍ତି ଜଣକ କିଏ ଏବଂ ଏହା ପଛରେ ତାଙ୍କର କି ଉଦ୍ଦେଶ୍ୟ ଥିଲା ତାକୁ ନେଇ ଅନେକ ଚର୍ଚ୍ଚା ଲାଗିରହିଛି।

## ଧରାପଡ଼ିନାହାନ୍ତି ସୈଫ୍‌ଙ୍କ ପ୍ରକୃତ ଆକ୍ରମଣକାରୀ



ଧରିଥିଲେ, ଛାଡିଦେଲେ



ପାଉନାହାନ୍ତି



ଅଟକ ପରେ ମନାକଲେ



୫ ଦିନିଆ ରିମାଣ୍ଡରେ

**ଜାନୁଆରୀ ୧୭:** ମୁମ୍ବାଇ ପୋଲିସ ପ୍ରକୃତ ଅଭିଯୁକ୍ତଙ୍କ ପରିବର୍ତ୍ତେ ସୈଫ୍‌ଙ୍କ ଆକ୍ରମଣ ସହ ଜଡ଼ିତ ନ ଥିବା ଜଣେ ଭିନ୍ନ ବ୍ୟକ୍ତିଙ୍କୁ ଧରି ବାନ୍ଦ୍ରା ଥାନାକୁ ନେଇ ପଚରାଉଚରା କରିଥିଲା। ସୈଫ୍‌ଙ୍କ ଘରେ ଏହି କାଣ୍ଡ ଭିଆଇବା ପରେ ସେଠାରୁ ଫେରାର ହେଉଥିବାବେଳେ ସିସିଟିଭି କ୍ୟାମେରାରେ କଏଦ୍ ହୋଇଥିବା ଅନୁପ୍ରବେଶକାରୀଙ୍କ ସହ ଅଟକ ବ୍ୟକ୍ତିଙ୍କ ଚେହେରାର ସାମଞ୍ଜସ୍ୟ ଥିବାରୁ ତାଙ୍କୁ ବାନ୍ଦ୍ରା ରେଳ ଷ୍ଟେଶନ୍‌ରୁ ପୋଲିସ ଧରିଥିଲା। କିନ୍ତୁ ସତ ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଛାଡ଼ିଦେଇଥିଲା।

**ଜାନୁଆରୀ ୧୮:** ପ୍ରଥମେ କୁହାଗଲା, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ୨ ଜଣ ସନ୍ଦିଗ୍ଧ ଧରାପଡ଼ିଛନ୍ତି। ପ୍ରଶ୍ନ ଉଠିଲା, ଯଦି ଆକ୍ରମଣକାରୀ ଜଣେ ବ୍ୟକ୍ତି ତେବେ ୨ ଜଣ କିପରି ଧରାପଡ଼ିଲେ? ପରେ କୁହାଗଲା, ଛତିଶଗଡ଼ର ଦୁର୍ଗ ରେଳ ଷ୍ଟେଶନ୍‌ରୁ ଧରାପଡ଼ିଥିବା ବ୍ୟକ୍ତି ହିଁ ଆକ୍ରମଣକାରୀ। ତାଙ୍କ ନାମ ଆକାଶ କନୌଜିଆ, ବୟସ ୩୦ ବର୍ଷ। ଷ୍ଟେଶନ୍‌ର ରେଲୱେ ପୋଲିସ ଫୋର୍ସ ପୋଷ୍ଟରେ ରାତିସାରା ପଚରାଉଚରା ପରେ କିଛି ପ୍ରମାଣ ନ ମିଳିବାରୁ ରବିବାର ସକାଳେ ତାଙ୍କୁ ଛାଡ଼ି ଦିଆଯାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

**ଜାନୁଆରୀ ୧୯:** ସୈଫ୍‌ଙ୍କ ଆକ୍ରମଣକାରୀ ବୋଲି ମୁମ୍ବାଇ ପୋଲିସ ଜଣେ ବ୍ୟକ୍ତିଙ୍କୁ ଧରିଛି। ତାଙ୍କ ନାମ ମହମ୍ମଦ ଶରିଫୁଲ ଇସ୍‌ଲାମ୍ ଶେହଜାଦ୍। ଠାଣେରେ ଶନିବାର ରାତିରେ ଧରାପଡ଼ିଥିବା ୩୦ ବର୍ଷୀୟ ଶେହଜାଦ୍ ଜଣେ ବାଂଲାଦେଶୀ। ସେ ନିଜ ନାମ 'ବିଜୟ ଦାସ'କୁ ବଦଳାଇ ଭାରତକୁ ଅନୁପ୍ରବେଶ କରିଥିବା ପୋଲିସ କହିଛି। ପୋଲିସର କହିବା ହେଲା ଶେହଜାଦ୍ ୧୬ ତାରିଖ ସକାଳ ୭ଟା ଯାଏ ବାନ୍ଦ୍ରା ୱେଷ୍ଟରେ ଥିବା ପଟୱର୍ଦ୍ଧନ ଗାର୍ଡେନରେ ଶୋଇଥିଲେ। ପରେ ସେ ଏକ ଟ୍ରେନ୍‌ରେ ୱର୍ଲି ଯାଇଥିଲେ। ଏହି ବ୍ୟକ୍ତି ହିଁ ପ୍ରକୃତ ଆକ୍ରମଣକାରୀ ବୋଲି ମୁମ୍ବାଇ ପୋଲିସ ବାନ୍ଦ୍ରା କୋର୍ଟରେ ଯୁକ୍ତି ବାଢ଼ିଥିଲା। ଏଥିସହ ୧୪ ଦିନଆ ରିମାଣ୍ଡ୍ ଦାବି କରିଥିଲା। କିନ୍ତୁ କୋର୍ଟ ୫ ଦିନ ପାଇଁ ପୋଲିସକୁ ରିମାଣ୍ଡ୍ ଅନୁମତି ଦେଇଛନ୍ତି। କେବଳ ଏତିକି ନୁହେଁ, ଶେହଜାଦ୍ ଏହି ଆକ୍ରମଣ କରିବା ପଛରେ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ରହିଥିବା ସରକାରୀ ଓକିଲ ଯୁକ୍ତି ବାଢ଼ିଛନ୍ତି। ତେଣୁ ପ୍ରକୃତ ଆକ୍ରମଣକାରୀଙ୍କୁ ଧରି ନ ପାରି ନିଜ ଅପାରଗତା ଲୁଚାଇବା ପାଇଁ ପୋଲିସ ଏହାକୁ ଏକ ଭିନ୍ନ ରୂପ ଦେବାକୁ ଉଦ୍ୟମ ଚଳାଇଥିବା ଲୋକେ କହୁଛନ୍ତି।

### ଅନଶନ ଭାଙ୍ଗିଲେ ୧୨୧ କୃଷକ

**ନୂଆଦିଲ୍ଲୀ,୧୯।୧**

କୃଷକମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଖନୌରୀ ବିକ୍ଷୋଭ ସ୍ଥଳରେ ୫୫ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡାଲେୱାଲ ଡାକ୍ତରୀ ସହାୟତା ଗ୍ରହଣ କରିଛନ୍ତି। ତାଙ୍କ ସମର୍ଥନରେ ଅନଶନ ଚଳାଇଥିବା ୧୨୧ ଜଣ ଚାଷୀ ରବିବାର ଅନଶନ ଭଙ୍ଗ କରିଛନ୍ତି। ପୋଲିସ ଡିଆଇଜି ମନଦୀପ ସିଂ ସିଧୁ ଏବଂ ପଟିଆଲାର ବରିଷ୍ଠ ଏସ୍‌ପି ନାନକ ସିଂଙ୍କ ଉପସ୍ଥିତିରେ କୃଷକମାନେ ଫଳରସ ପିଇ ଅନଶନ ଭାଙ୍ଗିଥିଲେ। ନଭେମ୍ବର ୨୬ରୁ ଅନଶନରେ ବସିଥିବା ଡାଲେୱାଲ ଶନିବାର ପର୍ଯ୍ୟନ୍ତ ଡାକ୍ତରୀ ସହାୟତା ଗ୍ରହଣ କରିବାକୁ ମନା କରିଆସୁଥିଲେ। ତେବେ କେନ୍ଦ୍ର ହସ୍ତକ୍ଷେପ କରି ଚାଷୀମାନଙ୍କ ଦାବି ସମ୍ପର୍କରେ ଫେବୃଆରୀ ୧୪ରେ ଆଲୋଚନା କରିବାକୁ ରାଜି ହେବା ପରେ ଡାଲେୱାଲ ଚିକିତ୍ସା ଗ୍ରହଣ କରିବାକୁ ରାଜି ହୋଇଥିଲେ। କେନ୍ଦ୍ର କୃଷି ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରିୟରଞ୍ଜନଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ପ୍ରତିନିଧି ଦଳ ଡାଲେୱାଲ ଏବଂ ଦୁଇ କୃଷକ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚାର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଫେବୃଆରୀ ୧୪ରେ ଚଣ୍ଡିଗଡ଼ରେ ଆଲୋଚନା ଆରମ୍ଭ କରିବାକୁ ସେମାନଙ୍କୁ ଆମନ୍ତ୍ରଣ କରିଥିଲେ।

### ନାଇଜେରିଆରେ ଟ୍ୟାଙ୍କର ବିସ୍ଫୋରଣ: ୮୬ ମୃତ



ନାଇଜେରିଆର ସୁଲେଜାଠାରେ ଏକ ଇନ୍ଧନ ଟ୍ୟାଙ୍କରରେ ବିସ୍ଫୋରଣ ଘଟିବା ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

**ଆବୁଜା,୧୯।୧**

ନାଇଜେରିଆର ଉତ୍ତର-ମଧ୍ୟ ଅଞ୍ଚଳରେ ଥିବା ତଡ଼କେ ନାଇଜର ପ୍ରଦେଶର ସୁଲେଜାଠାରେ ଏକ ଇନ୍ଧନ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୮୬ ଲୋକଙ୍କର ମୃତ୍ୟୁ ଘଟିଛି। କିଛି ଲୋକ ଜେନେରେଟର ବ୍ୟବହାର କରି ଉକ୍ତ ଟ୍ୟାଙ୍କରରେ ଥିବା ଗ୍ୟାସୋଲିନ ଇନ୍ଧନକୁ ଆଉ ଏକ ଟ୍ରକ୍‌କୁ ସ୍ଥାନାନ୍ତର କରୁଥିବାବେଳେ ଲିକେଜ୍ ଘଟି ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ଦେଶର 'ନ୍ୟାଶନାଲ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସି'ର ମୁଖପାତ୍ର ଅଦୁ ହୁସୈନି ସୂଚନା ଦେଇଛନ୍ତି। ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ବ୍ୟାପକ ନିଆଁ ଲାଗିଯାଇଥିଲା। ଫଳରେ ଗ୍ୟାସୋଲିନ୍ ଇନ୍ଧନକୁ ସ୍ଥାନାନ୍ତରିତ କରୁଥିବା ଲୋକ ଏବଂ ଟ୍ୟାଙ୍କର ନିକଟରେ ଠିଆ ହୋଇଥିବା ଲୋକଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଏବେ ମଧ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା ରହିଛି ବୋଲି ହୁସୈନି କହିଛନ୍ତି। ତେବେ ଅନେକ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିପାରିଛି। ବିସ୍ଫୋରଣ ପରେ ନିଆଁ ଲାଗି ସ୍ଥାନୀୟ ଅଞ୍ଚଳର ଆକାଶରେ କଳାଧୂଆଁ ଛାଇ ହୋଇ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

### ରାହୁଲ ଗାନ୍ଧୀଙ୍କ ବିରୋଧରେ ମାମଲା

**ଗୁଆହାଟୀ,୧୯।୧**

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରବିବାର ଆସାମର ଗୁଆହାଟୀସ୍ଥିତ ପାନବଜାର ଥାନାରେ ଏକ ଏଫ୍‌ଆଇଆର୍ ରୁଜୁ ହୋଇଛି। ମୋନଜିତ ଚିତିଆ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ମାମଲା ରୁଜୁ କରିଛି। କିଛିଦିନ ତଳେ ରାହୁଲ 'ଇଣ୍ଡିଆନ ଷ୍ଟେଟ'କୁ ନେଇ ଦେଇଥିବା ମନ୍ତବ୍ୟ ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବିପଦ ସୃଷ୍ଟି କରୁଥିବା ଦର୍ଶାଇ ମୋନଜିତ ଏହି ଅଭିଯୋଗ କରିଛନ୍ତି।

## ୩ ପଣବନ୍ଦୀଙ୍କୁ ମୁକ୍ତକଲା ହମାସ୍

### ଗାଜାରେ ଯୁଦ୍ଧବିରତି

**ଦେଇର୍ ଅଲ୍-ବଲାହ,୧୯।୧**

ଗାଜାରେ ରବିବାରଠାରୁ ବହୁପ୍ରତୀକ୍ଷିତ ଯୁଦ୍ଧବିରତି ଆରମ୍ଭ ହୋଇଛି। ଚୁକ୍ତି ଅନୁଯାୟୀ ଗାଜାର ଶାସକ ହମାସ୍ ପ୍ରଥମ ଦିନରେ ୩ ଜଣ ଇସ୍ରାଏଲୀ ମହିଳା ପଣବନ୍ଦୀଙ୍କୁ ରବିବାର ରାତିରେ ମୁକ୍ତ କରିଛି। ସେମାନଙ୍କୁ ପ୍ରଥମେ ରେଡ୍‌କ୍ରସ୍‌କୁ ନିଆଯିବା ପରେ ଇସ୍ରାଏଲୀ ସେନାକୁ ଫେରୁଥିବା ସୈନ୍ୟବାହିନୀ ପକ୍ଷରୁ ଘୋଷଣା କରାଯାଇଛି। ରବିବାର ସକାଳ ୮ଟା ୩୦ରୁ ଯୁଦ୍ଧବିରତିକାର୍ଯ୍ୟକାରୀ ହେବାକୁଥିବାବେଳେ ହମାସ୍ ମୁକ୍ତ ହେବାକୁ ଥିବା ପଣବନ୍ଦୀଙ୍କ ନାମ ତାଲିକା ଦେଇ ନ ଥିବାରୁ ଏହା ୩ ଘଣ୍ଟା ବିଳମ୍ବ ହୋଇଥିଲା। ବିଳମ୍ବ ହେଲେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିବ ବୋଲି କହିଥିଲା। ଅସ୍ତ୍ରବିରତି ପୂର୍ବରୁ ଇସ୍ରାଏଲ୍‌ର ବୋମାମାଡ଼ରେ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫ ଜଣ ଆହତ ହୋଇଥିଲେ।



ହମାସ୍ ମୁକ୍ତ କରିଥିବା ୩ ଇସ୍ରାଏଲୀ ପଣବନ୍ଦୀ।

୧୫ ମାସ ପରେ ଯୁଦ୍ଧ ବନ୍ଦ ହେବାକୁ ଯାଉଛି। ଅସ୍ତ୍ରବିରତି ଲାଗୁ ହେବା ପରେ ମାନବୀୟ ସହାୟତା ସାମଗ୍ରୀ ନେଇ ଆସିଥିବା ପ୍ରଥମ ଟ୍ରକ୍ ପାଲେଷ୍ଟିନୀୟ ଅଞ୍ଚଳରେ ପ୍ରବେଶ କରିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଆକ୍ରମଣ ସମୟରେ ଘରଦ୍ୱାର ଛାଡ଼ିଥିବା ପାଲେଷ୍ଟିନୀୟମାନେ ନିଜ ଅଞ୍ଚଳକୁ ଫେରିବା ଆରମ୍ଭ କରିଛନ୍ତି। ହଜାର ହଜାର ଲୋକେ ଟେଣ୍ଟ, ପୋଷାକ ଓ ନିଜର ବ୍ୟକ୍ତିଗତ ସାମଗ୍ରୀ ଧରି ଘରକୁ ଫେରୁଥିବା ଦେଖାଯାଇଛି। ତେବେ ଅଧିକାଂଶଙ୍କ ଘର ମାଟିରେ ମିଶି ଯାଇଥିବାରୁ ସେମାନେ ନିରାଶ ହୋଇଛନ୍ତି। ଯୁଦ୍ଧ କ୍ଷତିଗ୍ରସ୍ତ ଉତ୍ତର ଗାଜାର କେତେଜଣ ସବୁକିଛି ହରାଇଥିବା କହିଛନ୍ତି।

## ବଣ୍ଡ୍ ରଦ୍ଦ ପରେ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ଚାନ୍ଦା ବଢ଼ିଛି

**ନୂଆଦିଲ୍ଲୀ,୧୯।୧**

**ଦେଢ଼ ମାସରେ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ଆସିଥିଲା ୭୯୭.୧ କୋଟି ଚାନ୍ଦା**

ଇଲେକ୍ଟୋରାଲ ବଣ୍ଡ୍ ରଦ୍ଦ ହେବା ପରେ ଭାରତର ଶିଳ୍ପସଂସ୍ଥାଗୁଡ଼ିକ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ରାଜନୈତିକ ଦଳଗୁଡ଼ିକୁ ସର୍ବାଧିକ ଚାନ୍ଦା ଦେଉଛନ୍ତି। ଗତବର୍ଷ ଫେବୃଆରୀ ୧୫ରେ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଥିଲେ। ଏହା ପରେ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ସର୍ବାଧିକ କର୍ପୋରେଟ ଚାନ୍ଦା ଆସୁଛି। ଉକ୍ତ ଟ୍ରଷ୍ଟ ଜରିଆରେ ଆସିଥିବା ମୋଟ ୧,୦୭୫.୭ କୋଟି ଟଙ୍କା ଚାନ୍ଦା ମଧ୍ୟରୁ ତିନି ଚତୁର୍ଥାଂଶ ଗତବର୍ଷ ଫେବୃଆରୀ ୧୬ରୁ ମାର୍ଚ୍ଚ ୩୧ ମଧ୍ୟରେ ଆସିଥିଲା। ଗତ ଆର୍ଥିକ ବର୍ଷ ପାଇଁ ପ୍ରୁଡେଣ୍ଟର ଚାନ୍ଦା ରିପୋର୍ଟ ଏବେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜନୈତିକ ଦଳ ପାଇଁ ଉକ୍ତ ଟ୍ରଷ୍ଟ ଜରିଆରେ ୩୬୩ କୋଟି ଟଙ୍କା ଚାନ୍ଦା ଆସିଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧,୦୭୫.୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ନିର୍ବାଚନ ବର୍ଷରେ ଚାନ୍ଦା ପରିମାଣ ବଢ଼ିବା କିଛି ନୂଆ କଥା ନୁହେଁ। ତେବେ ୨୦୨୩ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୫ ମଧ୍ୟରେ ୨୭୮.୬ କୋଟି ଚାନ୍ଦା ମିଳିଥିବାବେଳେ ଫେବୃଆରୀ ୧୬ରୁ ମାର୍ଚ୍ଚ ୩୧ ମଧ୍ୟରେ ୭୯୭.୧ କୋଟି ଟଙ୍କା ମିଳିବା ଆଶ୍ଚର୍ଯ୍ୟ କରିଛି। ୨୦୨୨-୨୩ରେ ପ୍ରୁଡେଣ୍ଟର କର୍ପୋରେଟ ଦାତାଙ୍କ ସଂଖ୍ୟା ୨୨ ଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୮୩କୁ ବୃଦ୍ଧି ପାଇଥିଲା। ଇଲେକ୍ଟୋରାଲ ବଣ୍ଡ୍ ବନ୍ଦ ଯୋଗୁ ଏଭଳି ପରିବର୍ତ୍ତନ ଦେଖାଦେଇଥିବା କୁହାଯାଉଛି। ୨୦୨୩-୨୪ ବର୍ଷରେ ପ୍ରୁଡେଣ୍ଟ ଜରିଆରେ ଚାନ୍ଦା ଦେଇଥିବା ପ୍ରମୁଖ କର୍ପୋରେଟ୍ ମଧ୍ୟରେ ରହିଛି ଆର୍ସେଲର ଗ୍ରୁପ୍ ଏବଂ ଡିଏଲ୍‌ଏଫ୍ ଲିଃ (୧୦୦ କୋଟି ଲେଖାଏ), ମାଥା ପ୍ରୋଜେକ୍ଟସ୍ ଏଲ୍‌ଏଲ୍‌ପି (୭୫ କୋଟି), ମାରୁତି ସୁଜୁକି ଏବଂ ସିଇଏସ୍‌ସି ଲିଃ (୬୦ କୋଟି ଲେଖାଏ), ହେଟେରୋ ଗ୍ରୁପ୍ (୫୫ କୋଟି), ଟିଭିଏସ୍ ଗ୍ରୁପ୍ ଏବଂ ଆପୋଲୋ ଟାୟାର୍ସ (୫୦ କୋଟି ଲେଖାଏ), ସିପ୍‌ଲା (୩୫.୨ କୋଟି), ଜିଏମ୍‌ଆର୍ ଗ୍ରୁପ୍ (୨୬ କୋଟି)। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଦ୍ୱିତୀୟ ସର୍ବାଧିକ ବଣ୍ଡ କ୍ରେତା ହୋଇଥିବାବେଳେ ପ୍ରୁଡେଣ୍ଟ ଜରିଆରେ ୨୫ କୋଟି ଟଙ୍କା ଚାନ୍ଦା ଦେଇଛି।

## ଫୁରସତ୍

### ମହାକୁମ୍ଭର ଚର୍ଚ୍ଚିତ ଗୋଲ୍ଡେନ ବାବା

**୪ରୁ ୫ କେ.ଜି. ଓଜନର ସୁନା ପିନ୍ଧନ୍ତି**

**ପ୍ରୟାଗରାଜ**

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ସାଧୁ ନିଜର ଅନନ୍ୟ ରୂପ ଓ ଗୁଣ ପାଇଁ ଚର୍ଚ୍ଚା ସାଉଣ୍ଟିବାରେ ଲାଗିଛନ୍ତି। ଏହି ତାଲିକାରେ ଏବେ ଗୋଲ୍ଡେନ୍ ବାବା(୬୭)ଙ୍କର ନାମ ଯୋଡ଼ି ହୋଇଛି। ସେ ସର୍ବଦା ତାଙ୍କ ଶରୀରରେ ୪ରୁ ୫ କେ.ଜି. ଓଜନର ସୁନା ଓ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି।

ଗୋଲ୍ଡେନ ବାବାଙ୍କର ପ୍ରକୃତ ନାମ ହେଉଛି ଏସ୍.କେ. ନାରାୟଣ ଗିରି ମହାରାଜ। ସେ ନିଜ ପୂରା ଶରୀରରେ ୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ପିନ୍ଧିଥାନ୍ତି। ସେ ପିନ୍ଧୁଥିବା ଅଳଙ୍କାରରେ ସୁନା ରିଙ୍ଗ୍, ସୁନାର ବ୍ରେସ୍‌ଲେଟ୍, ଘଣ୍ଟା ଆଦି ରହିଛି। ସେହିପରି ଗୋଲ୍ଡେନ ବାବାଙ୍କ ମୋବାଇଲର କଭର ମଧ ସୁନାରେ ନିର୍ମିତ। କେରଳର ମୂଳନିବାସୀ ନାରାୟଣ ଗିରି ମହାରାଜ ଏବେ ଦିଲ୍ଲୀରେ ରହୁଛନ୍ତି। ସେ ନିରଞ୍ଜନୀ ଆଖଡ଼ା ସହ ଜଡ଼ିତ ଏବଂ ଆଖଡ଼ାର ମୁଖ୍ୟ ରବୀନ୍ଦ୍ର ପୁରୀ ମହାରାଜଙ୍କଠାରୁ ସେ ଦୀକ୍ଷା ନେଇ ସନ୍ନ୍ୟାସୀ ହୋଇଛନ୍ତି। ମହାକୁମ୍ଭରେ ଗୋଲ୍ଡେନ ବାବା ଭାବେ ତାଙ୍କର ଉପସ୍ଥିତି ଅନେକ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ନାରାୟଣ ଗିରି ମହାରାଜ କହିଛନ୍ତି, ସୁନା ତାଙ୍କ ପାଇଁ କେବଳ ଆଭୂଷଣ ସାମଗ୍ରୀ ନୁହେଁ, ଏହା ତାଙ୍କର ଆଧ୍ୟାତ୍ମିକ ଜୀବନ, ସାଧନା ଓ ଗୁରୁଙ୍କ ପ୍ରତି ଭକ୍ତିର ପ୍ରତୀକ। ସେ ଲୋକ ଦେଖାଣିଆ ଭାବେ ସୁନାରେ ସଜେଇ ହୁଅନ୍ତି ନାହିଁ। ସେହିପରି ନିଜ ଗୁରୁ ଏବଂ ନିରଞ୍ଜନୀ ଆଖଡ଼ା ପ୍ରତି ନିଜର ଅଦମ୍ୟ ଭକ୍ତିକୁ ପ୍ରକାଶ କରି ଗୋଲ୍ଡେନ ବାବା କହିଛନ୍ତି, ତାଙ୍କ ଜୀବନର ପ୍ରତ୍ୟେକ ଦିଗ ଗୁରୁ ଭକ୍ତି ଦ୍ୱାରା ଅନୁପ୍ରାଣିତ ହୋଇଛି। ତେଣୁ ନିଜର ସୁନା ଅଳଙ୍କାରଗୁଡ଼ିକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ବୋଲି ବିବେଚନା କରି ସେ ଏହାକୁ ସର୍ବଦା ପିନ୍ଧିଥାନ୍ତି। ଲୋକମାନେ ସ୍ନେହରେ ତାଙ୍କୁ ଗୋଲ୍ଡେନ ବାବା ବୋଲି ଡାକନ୍ତି ଏବଂ ଏଥିରେ ସେ ଆପତ୍ତି ପ୍ରକାଶ କରନ୍ତି ନାହିଁ ବୋଲି ନାରାୟଣ ଗିରି ମହାରାଜ କହିଛନ୍ତି। ଏବେ ସେ ଶିକ୍ଷାକ୍ଷେତ୍ରରେ କାମ କରୁଛନ୍ତି। ତାଙ୍କ କହିବାନୁଯାୟୀ, ଉଭୟ ଧର୍ମ ଏବଂ ଶିକ୍ଷାକୁ ଏକାଠି ନେଇ ଚାଲିଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିହେବ।



### ବିବାହ କଲେ ଦର୍ଶନ

**ମୁମ୍ବାଇ:** ସୁମଧୁର ସ୍ୱର ଏବଂ ରୋମାଣ୍ଟିକ ଗୀତ ପାଇଁ ଭାରତୀୟ ଗାୟକ ଦର୍ଶନ ରାୱଲ ଖୁବ୍ ପ୍ରସିଦ୍ଧ। ରବିବାର ସେ ତାଙ୍କ ଦୀର୍ଘଦିନର ବନ୍ଧୁ ତଥା ଆର୍କିଟେକ୍ଟ ଡିଜାଇନର ଧରାଲ ସୁରେଲିଆଙ୍କୁ ବିବାହ କରିଛନ୍ତି। ସେ ନିଜ ବିବାହର କିଛି ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ବଲିଉଡ୍‌ର ଅନେକ ତାରକା, ସିଙ୍ଗର ଏବଂ ଦର୍ଶନଙ୍କ ବହୁ ପ୍ରଶଂସକ କମେଣ୍ଟ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୋଷ୍ଟର କ୍ୟାପ୍‌ଶନରେ ଦର୍ଶନ ଲେଖିଛନ୍ତି, "ଧରାଲ ହେଉଛନ୍ତି ମୋର ବେଷ୍ଟ ଫ୍ରେଣ୍ଡ୍ ଫର୍ ଏଭର୍। ଆମେ ଦୁହେଁ ପ୍ରଥମେ ବେଷ୍ଟ ଫ୍ରେଣ୍ଡ୍ ଥିଲୁ, ପରେ ପରସ୍ପରକୁ ଭଲ ପାଇ ବସିଲୁ, ଆଉ ଏବେ ଜୀବନସାଥୀ ହୋଇଛୁ"। ଫଟୋରେ ଧରାଲ ଏକ ଲାଲରଙ୍ଗର ଲେହେଙ୍ଗା ପିନ୍ଧିଥିବାବେଳେ ଦର୍ଶନ ଶେରୱାନିରେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଧରାଲ ହେଉଛନ୍ତି ଜଣେ ଆର୍କିଟେକ୍ଟ ଡିଜାଇନର। ସେ ଏକ ଆର୍କିଟେକ୍ଟ କମ୍ପାନୀ 'ବଟର କନସେପ୍ଟସ୍'ର ପ୍ରତିଷ୍ଠାତା ମଧ।

୨୦୧୪ର ରିୟଲିଟି ଶୋ 'ଇଣ୍ଡିଆଜ୍ ର ଷ୍ଟାର୍'ରେ ଭାଗ ନେଇ ଦର୍ଶନ ପ୍ରଥମଥର ପାଇଁ ନିଜ ସ୍ୱରର ଯାଦୁରେ ସମସ୍ତଙ୍କ ମନ ମୋହିପାରିଥିଲେ। ଏହି ଶୋ'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ଋତୁରାଜ ମହାନ୍ତିଙ୍କଠାରୁ ହାରି ସେ ରନର୍ସଅପ୍ ହୋଇଥିଲେ। ଏହାପରଠାରୁ ସେ ବଲିଉଡ୍‌ରେ ଜଣେ ପ୍ଲେବ୍ୟାକ୍ ସିଙ୍ଗର ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫ରେ ସେ ଗାୟକ ଭାବେ ବଲିଉଡ୍‌ରେ ଡେବ୍ୟୁ କରିଥିଲ। ଏହାପରଠାରୁ ଦର୍ଶନ ଅନେକ ବଲିଉଡ୍ ଚଳଚ୍ଚିତ୍ରକୁ ବହୁ ହିଟ୍ ଗୀତ ଦେଇଥିଲେ। ତାଙ୍କର ପ୍ରସିଦ୍ଧ ଗୀତଗୁଡ଼ିକ ମଧ୍ୟରେ 'ପ୍ରେମ୍ ରତନ ଧନ ପାୟୋ', 'ଜବ୍ ତୁମ୍ ଚାହୋ', 'ତେରା ସୁରୁର' 'ମେଁ ୱୋ ଚାନ୍ଦ', 'ସନମ୍ ତେରୀ କସମ୍', 'ଖିଚ୍ ମେରୀ ଫଟୋ' ଆଦି ରହିଛି।



# ଲୁଣ ଭାବି ଖାଇଦେଲେ ପଟାସ ସାର, ୫ ଶିଶୁ ଅସୁସ୍ଥ



ମେଡିକାଲରେ ଶିଶୁମାନେ ଚିକିତ୍ସିତ ହେଉଛନ୍ତି।

**ପାଲଲହଡ଼ା, ୧୯।୧ (ଦିବ୍ୟଜ୍ୟୋତି ଦାଶ)**

ରବିବାର ଛୁଟିଦିନ ଥିବାରୁ କେତେଜଣ ଛୋଟ ପିଲା ସାଙ୍ଗହୋଇ ଖେଳୁଥିଲେ। କମଳା ଲେମ୍ବୁ ଆଣି ସମସ୍ତେ ମିଶି ଖାଉଥିଲେ। ଖଟା ଲାଗିବାରୁ ଲୁଣ ଭାବି ବାହାରେ ଟଙ୍ଗା ଯାଇଥିବା ରାସାୟନିକ ପଟାସ ସାରକୁ କମଳାରେ ଲଗାଇ ଖାଇ ଦେଇଥିଲେ। ଫଳରେ ୫ଜଣ ଶିଶୁ ବାନ୍ତି କରିବା ସହିତ ଅସୁସ୍ଥ ହୋଇପଡ଼ିଥିଲେ। ଏଭଳି ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ସରୁଆଳି ଗ୍ରାମରେ। ସେମାନଙ୍କୁ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଦିନ ପ୍ରାୟ ସାଢ଼େ ୧ଟା ସମୟରେ ସରୁଆଳି ଗ୍ରାମର ସୁନ୍ଦରସିଂ ଟିଉଙ୍କ ବାଡ଼ିରେ ରାକେଶ ଗଗରାଇ (୯), ଜୟନ୍ତ କୁମାର ଟିଉ (୧୦), ପ୍ରୀତିଶ କୁମାର ଟିଉ (୭), ରବୀନ୍ଦ୍ର (୧୦) ଓ ସୁଜିତ (୫) ସାଙ୍ଗହୋଇ ଖେଳୁଥିଲେ। ଏହି ସମୟରେ ଗୋଟିଏ ଖଟା କମଳା (କାନ୍ଧିଆ) ପାଇଥିଲେ। ନିକଟସ୍ଥ ଘର କାନ୍ଥରେ ଟଙ୍ଗା ଯାଇଥିବା ରାସାୟନିକ ପଟାସ ସାରକୁ ଲୁଣ ଭାବି କମଳାରେ ଲଗାଇ ସମସ୍ତେ ଖାଇଦେଇଥିଲେ। ପରେ ସେମାନେ ବାନ୍ତି କରିବା ସହିତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସହାୟତାରେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ପ୍ରକାଶ କରିଛନ୍ତି।

# ଯୁବତୀ ଚାଲାଣ କରୁଥିଲେ ହଂସିତା, ଅନିଲ

**ଭୁବନେଶ୍ୱର, ୧୯।୧ (ସତ୍ୟଜିତ୍ ରାଉତ)**

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା



- ଇନ୍‌ଫୋସିଟି ଥାନାରେ ଆଉ ଏକ ମାମଲା ରୁଜୁ
- ଅତିଥି, ଘନିଷ୍ଠଙ୍କୁ ଭେଟିଦେଉଥିଲେ ରୁଷୀୟ ଯୁବତୀ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତି ଏବେ ଝାରପଡା ଜେଲରେ ଦିନ କାଟୁଛନ୍ତି। ଏପଟେ ପୋଲିସ ତଦନ୍ତରୁ ଏମାନଙ୍କ କଳା ସାମ୍ରାଜ୍ୟର ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। କେବଳ ଠକେଇ ନୁହେଁ, ହଂସିତା ଓ ଅନିଲ ଯୁବତୀ ଚାଲାଣରେ ସମ୍ପୃକ୍ତ ଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଇନ୍‌ଫୋସିଟି ଥାନାରେ ଉଭୟଙ୍କ ନାଁରେ ଦ ଇମୋରାଲ ଟ୍ରାଫିକ୍ (ପ୍ରିଭେନସନ୍) ଆକ୍ଟ ୧୯୫୬ର ଦଫା ୫, ଆଇଟି ଆକ୍ଟ ୨୦୦୦ର ଦଫା ୬୭ ଓ ଆଇପିସି ଦଫା ୧୨୦-ବିରେ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଛି। ପୂର୍ବ ମାମଲାର ତଦନ୍ତ ଅଧିକାରୀ ଦାୟିତ୍ୱରେ ଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ)ର ଇନ୍ସପେକ୍ଟର ମାନସ କୁମାର ସ୍ୱାଇଁ ଘଟଣାର ଅନୁସନ୍ଧାନ କରୁଥିବାବେଳେ ଏହି ଆପରାଧିକ ଦିଗ ଜାଣିବାକୁ ପାଇଥିଲେ। ଏନେଇ ସେ ଇନ୍‌ଫୋସିଟି ଥାନାରେ ଏତଲା ଦେବା ପରେ ନୂଆ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ପୋଲିସ ପକ୍ଷରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟକୁ ମଧ୍ୟ ଅବଗତ କରାଯାଇଛି। ଏହି ମାମଲାକୁ ଲଗାଇ ହଂସିତାଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ରୁଜୁ ହୋଇଥିବା ମାମଲା ସଂଖ୍ୟା ୩ରେ ପହଞ୍ଚିଛି। ପୋଲିସ ତଦନ୍ତ ବେଳେ ହଂସିତାଙ୍କ ମୋବାଇଲ ଓ ଲାପ୍‌ଟପ୍‌ରୁ ବହୁ ସୁନ୍ଦରୀ ଯୁବତୀଙ୍କ ଫଟୋ ମିଳିଛି। ଏଥିସହ ବିଭିନ୍ନ ଗ୍ରାହକ ଓ ଏଜେଣ୍ଟଙ୍କ ସହ ଯୁବତୀଙ୍କ ଫଟୋ ପଠାଇ ଟଙ୍କା ଡିଲ୍ କରାଯାଇଥିବା ମଧ୍ୟ ଚାର୍ଟରୁ ପ୍ରମାଣ ମିଳିଛି। ଅନ୍ୟପକ୍ଷରେ ହଂସିତା ଓ ଅନିଲ ସେମାନଙ୍କ ଘନିଷ୍ଠ ସମ୍ପର୍କୀୟଙ୍କୁ ରୁଷୀୟ ଯୁବତୀ ମଧ୍ୟ ଉପହାର ଆକାରରେ ଭେଟି ଦେଉଥିଲେ। ପ୍ରତିବର୍ଷ ଡିସେମ୍ବର ୨୪ରେ ଅନିଲ ଧୁମଧାମ୍‌ରେ ଜନ୍ମଦିନ ପାଳନ କରୁଥିଲେ। ଏହି ଜନ୍ମଦିନ ପାର୍ଟିକୁ ରୁଷୀୟ ଯୁବତୀମାନଙ୍କୁ ସେମାନେ ଆଣୁଥିଲେ। ଏହି ପାର୍ଟିରେ ଯୋଗ ଦେଉଥିବା ବହୁ ବଡ଼ବଡ଼ିଆ ଅତିଥିମାନଙ୍କୁ ଯୁବତୀ ଭେଟି ଦିଆଯାଉଥିବା ପୋଲିସ ପ୍ରମାଣ ପାଇଛି। ପୂର୍ବରୁ ଠକେଇ, ପାସ୍‌ପୋର୍ଟ ଜାଲିଆତି ଅଭିଯୋଗ ରହିଥିବା ବେଳେ ଏବେ ବେଆଇନ ଯୁବତୀ ଚାଲାଣ ମାମଲାରେ ହଂସିତା ଫସିଛନ୍ତି। ଆସନ୍ତା ମଙ୍ଗଳବାର ହଂସିତାଙ୍କ ଜାମିନ ଆବେଦନର ଶୁଣାଣି ଥିବା ବେଳେ ଏହି ଯୁବତୀ ଚାଲାଣ ମାମଲା ତାଙ୍କ ଅଡୁଆ ବଢ଼ାଇପାରେ କୁହାଯାଉଛି।

ସୂଚନାଯୋଗ୍ୟ, ବିଭିନ୍ନ ଲୋକଙ୍କୁ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନାରେ ମାମଲା ରୁଜୁ କରି କମିଶନରେଟ ପୋଲିସ ହଂସିତା ଏବଂ ଅନିଲଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ଅନେକ କୋଟିର ଦାମୀ ଗାଡ଼ି ସହ ସମ୍ପତ୍ତି ଠାବ କରିଥିଲା ପୋଲିସ ଓ ଆୟକର ବିଭାଗ। ଏପରିକି ଅନିଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର କମିଶନରେଟ ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରି ନେବା ସହ ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ ଚଳାଇଛି।

# ୧୦୦ ଗ୍ରାମ ବ୍ରାଉନସୁଗାର ଜବତ

**ବାରିପଦା, ୧୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଭଞ୍ଜପୁର ଥାନା ପୋଲିସ ଚଢ଼ାଉ କରି ଏକ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରିବା ସହିତ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କରଞ୍ଜିଆ ଥାନା ଅଧୀନ ଗିଧିବାସ ଅଞ୍ଚଳର ଅନୀଲ କୁମାର ମହାନ୍ତ। ସୂଚନା ଅନୁଯାୟୀ, ବାଲେଶ୍ୱରରୁ କରଞ୍ଜିଆକୁ କାରବାର ପାଇଁ ବସ୍ ଯୋଗେ ବ୍ରାଉନସୁଗାର ଯାଉଥିବା ପୋଲିସକୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜପୁର ଥାନା ପୋଲିସ ଯୋଜନା ପ୍ରସ୍ତୁତ କରିଥିଲା। ଏସ୍‌ଆଇ ଚନ୍ଦନ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟିଲ ଗୋଲେଇ ଛକଠାରେ ଜଗିରହି କରଞ୍ଜିଆ ବସ୍‌କୁ ଅପେକ୍ଷା କରିଥିବା ଅନୀଲଙ୍କୁ କାବୁ କରିଥିଲା। ତାଙ୍କଠାରୁ ୧୦୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ସେ ବାଲେଶ୍ୱରର ଅରଡ଼ ବଜାର ଅଞ୍ଚଳରୁ ବ୍ରାଉନସୁଗାର ଆଣି ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନକୁ ନିୟମିତ ଭାବେ ଆସି କାରବାର କରୁଥିବାର ସ୍ୱୀକାର କରିଛନ୍ତି। ଏନେଇ ଭଞ୍ଜପୁର ଥାନାରେ ଏକ ମାମଲା(ନଂ.୨୦/୨୫) ରୁଜୁ ହୋଇଛି।



ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଇନ୍‌ଫୋସିଟି-ସିଲିକନ୍ ଛକ ରାସ୍ତାରେ ରବିବାର ଅନୁଷ୍ଠିତ ତୃତୀୟ ପଥ ଉତ୍ସବରେ ଅଂଶଗ୍ରହଣକାରୀମାନେ ଗିଲି ଦଣ୍ଡା ଖେଳ ଖେଳୁଛନ୍ତି। **(ଫଟୋ: ବିକାଶ ନାୟକ)**

# ୬ ମାଓବାଦୀ ଗିରଫ



**ମାଲକାନଗିରି, ୧୯।୧ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା ପୋଲିସ ୨ ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୩ ଜଣଙ୍କୁ ଗିରଫ କରିଛି। ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ପାଇ ଚିନ୍ତାଗୁଫା ଥାନାରୁ ଜିଲା ପୋଲିସ ଓ ଡିଆରଜି ବାହିନୀ ମିଳିତ ଭାବେ ଦୁଲେଡ, ମେଟାଗୁଡା ଓ ଏରନପାଲ୍ଲୀର ଆଖପାଖ ଜଙ୍ଗଲ ଅଞ୍ଚଳରେ କୋମ୍ବିଂ କରିଥିଲେ। ଦୁଲେଡ ଜଙ୍ଗଲ ନିକଟରେ କେତେକ ବ୍ୟକ୍ତି ପୋଲିସକୁ ଦେଖି ଲୁଚିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଉକ୍ତ ସ୍ଥାନରୁ ୩ ଜଣଙ୍କୁ ଗିରଫ କରିଥିଲେ। ଏମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ମଡକମ ନନ୍ଦା, ୧ ଲକ୍ଷ ପୁରସ୍କାର ଘୋଷିତ ଦଶା ଓ କବାସୀ ଲଖମା।

ଏହି ୩ ଜଣ ଦକ୍ଷିଣ ବସ୍ତର ଡିଭିଜନ, ଜନତାନା ସରକାର, କଞ୍ଚାଲ ଆର୍‌ପିସି ଡିଏକେଏମ୍‌ଏସ୍‌ରେ କାର୍ଯ୍ୟ କରୁଥିଲେ। ଏହି ୩ଜଣ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା କହିଛନ୍ତି। ସେହିପରି କାଙ୍କେର ଜିଲା ମଣ୍ଡାଗାଁ ବିଏସ୍‌ଏଫ କ୍ୟାମ୍ପ ସମ୍ମୁଖରେ ବିଏସ୍‌ଏଫ ଓ ପୋଲିସ ମିଳିତ ଭାବେ ଏମ୍‌ସିପି କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଗୋଟିଏ ବାଇକ୍‌ରେ ୩ ଜଣ ବ୍ୟକ୍ତି ଯାଉଥିବା ବେଳେ ଏମାନଙ୍କୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ବିସ୍ଫୋଟକ ସାମଗ୍ରୀ ଜବତ ହୋଇଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ରାଜେଶ ପୋଟାଇ, ଜଗତରାମ କୋବାଚି, ଲଛେନ ରାମ। ଏମାନଙ୍କ ନିକଟରୁ ୱାକିଟକି, ଡିଟୋନେଟର, ମେମୋରି କାର୍ଡ, ମାଓବାଦୀ ସାହିତ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏମାନେ ସହଯୋଗୀ ଓ ମାଓବାଦୀଙ୍କୁ ବିସ୍ଫୋଟକ ସାମଗ୍ରୀ ଯୋଗାଇବା କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡିଛି। ଏମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# କାର ମାଡିଯିବାରୁ ୨ ଭାଇଙ୍କ ମୃତ୍ୟୁ ଘଟଣା, ଚାଳକ ଗିରଫ

**ଭୁବନେଶ୍ୱର, ୧୯।୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ରାଜଭବନ ଛକରେ ଶନିବାର ଅପରାହ୍ନରେ କାର୍ ମାଡ଼ିଯିବାରୁ ୨ ଭାଇଙ୍କ ମୃତ୍ୟୁ ଘଟଣାରେ କ୍ୟାପିଟାଲ ପୋଲିସ ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥବିହାର ଅଞ୍ଚଳର ଲଲାଟେନ୍ଦୁ ବାରିକ(୪୦)। ନିଶା ସେବନ ନୁହେଁ, ବାତ ରୋଗ ପାଇଁ କାର ଚାଳକ ଚେତାଶୂନ୍ୟ ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ସୂଚନାନୁସାରେ, ଉକ୍ତ କାରଟି ପାୱାର ହାଉସ୍ ଛକରୁ ଗଭର୍ଣ୍ଣର ହାଉସ ଛକ ଅଭିମୁଖେ ଯାଉଥିଲା। ରାଜଭବନ ଗୋଲେଇ ଛକରେ ହଠାତ୍ କାର୍ ଚାଳକ ଭାରସାମ୍ୟ ହରାଇ ରଙ୍ଗ୍‌ରେ ଷ୍ଟିୟରିଂ ବୁଲାଇ ଦେବାରୁ ଗାଡିଟି ସୂର୍ଯ୍ୟନଗର ପାର୍ଶ୍ୱରୁ ଆସୁଥିବା ଦୁଇଟି ବାଇକକୁ ଧକ୍କା ଦେଇ କିଛି ବାଟ ଘୋଷାରି ନେବା ପରେ ଡିଭାଇଡର ଉପରକୁ ଚଢିଯାଇ ଓଲଟି ପଡ଼ିଥିଲା। କାର୍ ତଳେ ଗୋଟିଏ ବାଇକ୍ ଓ ୩ଜଣ ବାଇକ୍ ଆରୋହୀ ଚାପି ହୋଇଯାଇଥିଲେ। ଏହି ଦୁର୍ଘଟଣାରେ ୨ ଭାଇଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିଲେ। ମୃତକଦ୍ୱୟ ହେଲେ ଅବସରପ୍ରାପ୍ତ ପୋଲିସ ଅଫିସର ଗଜପତି ମୋହନା ଅଞ୍ଚଳର ଗୌର ଚନ୍ଦ୍ର ନାୟକ(୬୨) ଏବଂ ତାଙ୍କ ଭାଇ ରବି ଚନ୍ଦ୍ର ନାୟକ। ଆହତ ହେଲେ ଦୀନବନ୍ଧୁ ସାମନ୍ତରାୟ। ଖବରପାଇ ପୋଲିସ କାର ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଦୁଇଟି ମୋଟରସାଇକେଲକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା।

# ମହାକୁମ୍ଭ ଏକତାର ପ୍ରତୀକ: ମୋଦି

**ନୂଆଦିଲ୍ଲୀ, ୧୯।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତ ବର୍ଷର ପ୍ରଥମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରୟାଗରାଜର ମହାକୁମ୍ଭକୁ ବିବିଧତା ମଧ୍ୟରେ ଏକତାର ପ୍ରତୀକ ବୋଲି କହିବା ସହ ଏହି ଧର୍ମୀୟ ସମାବେଶରେ ଯୋଗଦେଉଥିବା ଯୁବବର୍ଗଙ୍କୁ ଭୂୟଶୀ ପ୍ରଶଂସା କରିଛନ୍ତି। ଚଳିତ ମାସର ଶେଷ ରବିବାର ସାଧାରଣତନ୍ତ୍ର ଦିବସ ପଡୁଥିବାରୁ ତୃତୀୟ ରବିବାରରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି। ମହାକୁମ୍ଭର ସଫଳ ପରିଚାଳନାରେ ଡିଜିଟାଲ୍‌ର ବ୍ୟାପକ ବ୍ୟବହାର କରାଯାଇଛି। ସାରା ବିଶ୍ୱରୁ ଲୋକେ ଏହି ମେଳାରେ ସାମିଲ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ।

**ମନ୍ କୀ ବାତ୍**



ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର। କାରଣ ସମ୍ବିଧାନ କାର୍ଯ୍ୟକାରିତାର ୭୫ ବର୍ଷ ପାଳନ ହେବାକୁ ଯାଉଛି। ଆମକୁ ପବିତ୍ର ସମ୍ବିଧାନ ଭେଟି ଦେଇଥିବା ସମ୍ବିଧାନ ସଭାର ସମସ୍ତ ମହାନ ବ୍ୟକ୍ତିତ୍ୱଙ୍କ ନିକଟରେ ମଥାନତ କରୁଛି ବୋଲି ମୋଦି କହିଛନ୍ତି। ଲୋକଙ୍କ ଶକ୍ତିକୁ ବଳିଷ୍ଠ କରିବା ପାଇଁ ବୈଷୟିକ ଶକ୍ତିର ଉପଯୋଗ କରାଯିବା ସହ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପ୍ରକ୍ରିୟା ପାଇଁ ପ୍ରତିଶ୍ରୁତିବଦ୍ଧତା ଦେଖାଇଥିବା ନିର୍ବାଚନ କମିଶନକୁ ଜାନୁଆରୀ ୨୫ ଏହାର ପ୍ରତିଷ୍ଠା ଦିବସ ବା ଜାତୀୟ ଭୋଟର ଦିବସ ପୂର୍ବରୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଜାନୁଆରୀ ୨୩ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଅବସରରେ ମୋଦି ଏହି ଦୁଃସାହସିକ ନେତାଙ୍କୁ ମନେପକାଇଛନ୍ତି। ଏହିଦିନ ପରିକ୍ରମା ଦିବସ ଭାବେ ପାଳନ କରାଯାଉଥିବାବେଳେ ଯୁବସମାଜ ତାଙ୍କ ସମ୍ପର୍କରେ ଅଧିକ ଜାଣିବା ସହ ଅନୁପ୍ରାଣିତ ହେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଯୁବ ରେଡକ୍ରସ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଦେବରାୟ କଲେଜ, ନୟାପଲ୍ଲୀ, ସମୟ: ସକାଳ ୯ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସେବାସଂଘର ଓଡ଼େଶା ଅଶୀ ମହୋତ୍ସବ ତଥା ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଇଲେକ୍ଟ୍ରୋହୋମିଓପାଥିକ ସମ୍ମିଳନୀ, ସ୍ଥାନ: ଭେଟେରିନାରୀ ସାଇନ୍ସ କଲେଜ, ଓୟୁଏଟି, ସମୟ: ଅପରାହ୍ନ ୨ଟା।
- ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ, ସାଲେପୁର ପକ୍ଷରୁ ଅନ୍ତର୍ଜାତୀୟ 'ପରିକଳ୍ପନା' ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୪୫।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ନୀଳଗିରି, ସମୟ:ପୂର୍ବାହ୍ନ ୧୦ଟା।
- ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଓ ପୂର୍ଣ୍ଣାବୟବ ମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆପାଳ ବ୍ଲକ ଛକ, ବାଲିଆପାଳ, ସମୟ:ପୂର୍ବାହ୍ନ ୧୧ଟା।
- ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା,ସ୍ଥାନ:ହଳଦୀପଦା ପଶୁ ଡାକ୍ତରଖାନା ପଡ଼ିଆ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ସପ୍ତମ ଦିବସ, ସ୍ଥାନ:ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଦଧିବାମନଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରିପୁର ପୂଜାରୀସାହି, ଭଦ୍ରକ, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ତର୍କ ପ୍ରତିଯୋଗିତା, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣି ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପାଳସାହି, ବେତାଳିଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଓ ଯଜ୍ଞ ଆହୁତି, ସ୍ଥାନ: ହାଟଡିହୀ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ଉତ୍ସବ, ସ୍ଥାନ: ଅଁରା, ହାଟଡିହୀ, ସମୟ :ପୂର୍ବାହ୍ନ ୧୧ଟା।
- ଶ୍ରୀ ଲୋକନାଥ ମନ୍ଦିରର ବିଗ୍ରହ ସ୍ଥାପନା, ସ୍ଥାନ: ମୁରୁସୁଆଁ, ସମୟ: ଅପରାହ୍ନ ୨ଟା।
- ବାର୍ଷିକ ଉତ୍ସବ, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର, ସମୟ: ଅପରାହ୍ନ ୩ଟା।
- ମା ଭାଟିଆଣୁଣି ପୀଠରେ ଭଜନ ମେଳା, ସ୍ଥାନ:ଜଳସରପୁର, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ମା' ଶୀତଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଜଡ଼ିପାଳ, ବଡ଼ସାହି, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଶ୍ୟାମରାୟ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ସାଇଁକୁଲା, ଗୋପବନ୍ଧୁ ନଗର, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ପାରମ୍ପରିକ କରମ ପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଷ୍ଟେଶନ ବଜାର ପଡ଼ିଆ, ବାରିପଦା,ସମୟ: ଅପରାହ୍ନ୨ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର, କରଞ୍ଜିଆ,ସମୟ:ଅପରାହ୍ନ ୨ଟା।
- ମକର ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ଶାକୁଆ, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ଓଡ଼ିଶୀ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ କ୍ଲବ ପରିସର, ଉଦଳା, ସମୟ: ସନ୍ଧ୍ୟା ୬ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ଜଡ଼ିପାଳ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଫ୍ରେଣ୍ଡସ ଫର ଏଭର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ନଗର ମେନରୋଡ, ସମୟ: ସକାଳ ୮ଟା।
- ବିଇଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ,ସ୍ଥାନ: ମାନସ ଭବନ,ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ଆତ୍ମରକ୍ଷା ତାଲିମ ଶିବିର ଉଦଯାପନୀ, ସ୍ଥାନ: ଡ.ଭୀମରାଓ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଦାରିଙ୍ଗବାଡି), ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ କଲେଜ ଆଲୁମିନି ଆଶୋସିଏଶନ୍ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଏଫ୍‌ସିଆଇ ୟୁନିୟନର ସାଧାରଣ ପରିଷଦ ବୈଠକ, ସ୍ଥାନ: ଜୟଦେବ ଭବନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପରେ କଟକର ମା' ମଙ୍ଗଳା କ୍ଲବ ବନାମ କେନ୍ଦ୍ରାପଡ଼ାର ଇଲେଭେନ ଷ୍ଟାର ମଧ୍ୟରେ ମୁକାବିଲା, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମା' ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାଲିଆ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀକ୍ଷେତ୍ର ପଣ୍ଡିତ ସଭା ପକ୍ଷରୁ ସାମୂହିକ ବ୍ରତ ଉପନୟନ, ସ୍ଥାନ: ଶ୍ରୀଗୋପୀନାଥ ଜୀଉ ପୀଠ, ତଳବାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଯୋଗ ଶିବିର ୪ର୍ଥ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡ଼ା, ସମୟ: ସକାଳ ୭ଟା ୩୦।
- ମକର ସଂକ୍ରାନ୍ତି ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ଗୋଡିପଡ଼ା ନିକଟସ୍ଥ ହରିଡ଼ାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ସିଦ୍ଧାମୂଳା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମସୁରକ୍ଷା କୌଶଳ ତାଲିମ ଶିବିରର ପଞ୍ଚମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସିରିୟସ ଜୋନ ନାଟକ ମହୋତ୍ସବର ୪ର୍ଥ ଦିବସ ନାଟକ ଚିତ୍ର ପ୍ରତିମା, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଗାଲପଡା, ହିନ୍ଦୋଳ ବ୍ଲକ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ମାତୃଭବନ ବାରଦାର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ମାତୃଭବନ ବାରଦା, ସମୟ: ସକାଳ ସାଢେ ୮ଟା।

## ଅନୁଗୋଳ

- ମିଳିତ ଜନ ଶୁଣାଣି, ସ୍ଥାନ: ପାଲଲହଡ଼ା ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ରେଭିନ୍ୟୁ ମିଟିଂ ଅନ୍ ପ୍ରୋଜେକ୍ଟ ଡେଭଲପ୍‌ମେଣ୍ଟ, ସ୍ଥାନ: ଏଡିଏମ୍ ଜେନେରାଲ ଅଫିସ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଳ୍ପକାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅଦିକା ଯୋଜନା ଅନ୍ତର୍ଗତ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ଶକ୍ତି ଭବନ ହଲ ସମ୍ମୁଖ, କୋଲନରା, ସମୟ: ପୂର୍ବାହ୍ନ ୧୦ଟା।
- ବସନ୍ତ ମହୋତ୍ସବ କମିଟି ପକ୍ଷରୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଚର୍ଚ୍ଚ କ୍ୟାମ୍ପସ, ଗୁଣପୁର, ସମୟ: ଅପରାହ୍ନ ୫ ଟା।

## ନବରଙ୍ଗପୁର

- ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ ସମ୍ମଳନୀ କକ୍ଷ, ଡାବୁଗାଁ, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ମରିଚମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ପରିସର, ବୋରିଗୁମ୍ମା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଳିତ ଅଭିଯୋଗ ଶୁଣାଣୀ, ସ୍ଥାନ: ସମ୍ବାଇ ପଞ୍ଚାୟତ କାର୍ଯ୍ୟାଳୟ, ପଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରଥମ ପ୍ରତିଷ୍ଠା ବାର୍ଷିକୋତ୍ସବ, ସ୍ଥାନ: ଗୌଡ଼ ବାରିକେଷ୍ଟାସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।
- ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ସ୍ଥାନ: ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ହୀରାକୁଦ କ୍ରୀଡା ସଂଘ ବନାମ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସ୍ଥାନ: ରେଲୱେ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ହୀରାକୁଦ କ୍ରୀଡ଼ା ସଂଘ ବନାମ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ , ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ, ସ୍ଥାନ: ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦।
- ସମ୍ବଲପୁର ପୁସ୍ତକ ମେଳା-୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଇଷ୍ଟ କୋଷ୍ଟ ରେଲୱେ ସଂଘ ବନାମ ଏମସିସି କ୍ଲବ, ସ୍ଥାନ: ରେଲୱେ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ୍ ଭାଗବତ ସାଧ୍ୟାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ: ଖାଡୁଆପଡ଼ା ଆରଣ୍ୟକ ମଞ୍ଚ, ସମୟ: ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।

## ବଲାଙ୍ଗୀର

- ବଲାଙ୍ଗୀର ଲୋକଉତ୍ସବ ମଞ୍ଚ ପୂଜା, ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ନାରାୟଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୁମେଲସିଂହା, ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ବୀର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ସହରାପାଲି, ବରଗଡ଼,ସମୟ:ସକାଳ ୮ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରପାଲି,ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ସ୍ଥାନ:କଟାପାଲି ମହାବିଦ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ତୋରା(ନନ୍ଦଟିକ୍ରା), ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ଗର୍ଭଣା, ସୋହେଲା,ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ,ସ୍ଥାନ: ବୈଷ୍ଣୋଦେବୀ ମନ୍ଦିର, ତୁରୁଙ୍ଗା, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଜନଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ରାଭିଷେକ ଏବଂ ଶିବ ସହସ୍ର ନାମ ପଠନ, ସ୍ଥାନ: ଶିବ ମନ୍ଦିର ଭିକମପାଲି, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳପଡ଼ିଆ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଶୁଣାଣି ଶିବିର,ସ୍ଥାନ:ସବଡେଗା ବ୍ଲକ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୯ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠ, ୮ମ ଦିବସ, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଏସ୍‌ଏପି ହାଇସ୍କୁଲର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଉରକେଲା-୧୦, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଏସ୍‌ପି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍‌ପି ହାଇସ୍କୁଲ ପରିସର, ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତା, ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ଆଇ ଭିଜନ ଅପଟିକାଲ 'ଶୋ'ରୁମ୍ ଉଦ୍‌ଘାଟିତ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୩ଟା ୩୦।
- ବିପିୟୁଟି ଇଣ୍ଟ୍ରିଏକାଡେମିକ୍ କନକ୍ଲେଭ ଉଦ୍‌ଯାପିତ, ସ୍ଥାନ: ବିପିୟୁଟି ସୁବାଷ ବୋଷ ଅଡିଟୋରିୟମ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ, ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ କୃଷି ପାଠଶାଳା, ସ୍ଥାନ: ବଡ ବଗିଚା ପ୍ରଧାନପାଟ,ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ସିଂଗସାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଧାରଣ ସଭା, ସ୍ଥାନ: ବଡ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ ବଗିଚା ପ୍ରଧାନପାଟ,ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡିଆଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୁରୁଣା ହସ୍ପିଟାଲ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ତିଲେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଲେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରର ଅର୍ଥନୈତିକ ଅଭିବୃଦ୍ଧି, ଗୃହଜମି ଲାଭ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି ହେବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ନିୟନ୍ତ୍ରଣରେ ରହିବା ସହ ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେବ। ଆନୁଷ୍ଠାନିକ କାମରେ ନିଜର ପତିଆରା ବୃଦ୍ଧି ପାଇବ ଏବଂ ରାଜନୈତିକ ସ୍ଥିତି ଉତ୍ତମ ରହିବ।

**ବୃଷ**
ଆଜିର ଯାତ୍ରାରେ ରୋହିଣୀ ଯେଉଁ କାମରେ ଯାଉଛନ୍ତି ସେଥିରେ ସଫଳତା ନିଶ୍ଚିତ ପାଇବେ। ପରିବାରରେ ପିଲାମାନଙ୍କ ସମସ୍ୟା ବିଷୟକୁ ନେଇ ମନରେ ସରସତା ରହି ନ ପାରେ। ଆକସ୍ମିକ ଭାବରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ପଡୋଶୀଙ୍କୁ କୌଣସି ଘରୋଇ କଥାରେ ନିଜର ଅସୁବିଧା ଜଣାଇପାରନ୍ତି।

**ମିଥୁନ**
ମୃଗଶିରା ନକ୍ଷତ୍ରର ବନ୍ଧୁ ଓ ପଡୋଶୀଙ୍କ ସହ ଅର୍ଥ ସମ୍ବନ୍ଧକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ବାଣିଜ୍ୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗ ଦେଇପାରନ୍ତି। ପାରିବାରିକ ଦିଗଟି ଭଲ ରହିବ ନାହିଁ କିନ୍ତୁ କଳା, କ୍ରୀଡ଼ା ଓ ସଭାସମିତିରେ ସମ୍ମାନିତ ହେବେ। ମାଙ୍ଗଳିକ କାମ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ**
ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରତ୍ୟେକ କ୍ଷେତ୍ରରେ ସୁଫଳ ଲାଭକରିବା ସହ ଦିନଟି ସ୍ମରଣୀୟ ରହିବ। ଅଶ୍ଳେଷା ନକ୍ଷତ୍ର କାର୍ଯ୍ୟବ୍ୟସ୍ତତା ହେତୁ ଘରୋଇ କାମରେ ସମୟ ଦେଇପାରିବେ ନାହିଁ। ସାଙ୍ଗସାଥୀଙ୍କ ସହ ଦେବଦର୍ଶନ ଓ ଭ୍ରମଣ ସକାଶେ ମନବଳାଇ ପାରନ୍ତି। ବନ୍ଧୁ ନିଜ କାମ ହାସଲ କରିବା ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ। ଅଫିସରେ ମନ କଥା ପ୍ରକାଶରେ ପଛେଇ ଯାଇପାରନ୍ତି। କାରିଗରି, ମିସ୍ତ୍ରି କାମ, ପରିବହନ, ଷ୍ଟେସନେରି ବ୍ୟବସାୟ ଓ ଫଳ ଦୋକାନୀ ଲାଭବାନ ହେବେ। ପାରିବାରିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ନିଜତ ପତିଆରା ବୃଦ୍ଧି ପାଇବ।

**କନ୍ୟା**
ଆଜିର କର୍ମସମ୍ପାଦନ ସକାଶେ ପଡୋଶୀଙ୍କ ନିକଟରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଚିତ୍ରା ନକ୍ଷତ୍ର ଆତ୍ମୀୟଙ୍କୁ ଭଲକଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ ବୁଝିବେ। ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ କିନ୍ତୁ ବନ୍ଧୁମହଲରେ ଅପମାନିତ ହେବେ। ପାରିବାରିକ, କର୍ମକ୍ଷେତ୍ର, ବନ୍ଧୁ ସମ୍ପର୍କ ତଥା ଯାତ୍ରା ଓ ବ୍ୟବସାୟ ଆଜି ମନ୍ଦ ହେବନି।

**ତୁଳା**
ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ ମତମନ୍ତବ୍ୟ ଦେବା ଭଲ। ସମ୍ୟକ୍ ନମ୍ରତା ଓ ନୀରବତା ମାଧ୍ୟମରେ ପାରିବାରିକ କ୍ଷେତ୍ରରେ ବୁଝାମଣା ଦୂରେଇ ପାରିବେ। ସ୍ୱାତୀ ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କାମ ସାଙ୍ଗକୁ ଧର୍ମଚର୍ଚ୍ଚା ଲାଗି ମନ ବଳାଇପାରନ୍ତି।

**ବିଛା**
ଆଜି ମନ ଅନୁଯାୟୀ କାମ କରିବାରେ ଅସୁବିଧା ହେବ ନାହିଁ। ଅଫିସ୍ କାମରେ କୌଣସି ବ୍ୟକ୍ତି ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କା ରହିଛି। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଅସନ୍ତୁଷ୍ଟ ରହିପାରନ୍ତି।

**ଧନୁ**
ଭୁଲ ଧାରଣାରୁ ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କ ଲାଗିପାରେ। ଉତ୍ତରାଷାଢା ନକ୍ଷତ୍ର କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ମଜାଇ ରଖି ଅର୍ଥର ଅପବ୍ୟୟ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ । ବିତର୍କ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବାର ଆଶଙ୍କା ରହିଛି।

**ମକର**
ପ୍ରତ୍ୟେକ କାମ ଗଡବଡ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପଛକୁ ରହି କାମ କରିବା ଭଲ ହେବ। ପରିବାରରେ ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖପ୍ରକାଶ କରିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୂର୍ବଭାଦ୍ର ନକ୍ଷତ୍ରର କ୍ରୀଡା, ସାହିତ୍ୟ, ସଙ୍ଗୀତ, କଳା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ଲାଭବାନ୍ ହେବେ। ଇଚ୍ଛା ନ ଥାଇ ମଧ୍ୟ ପରିସ୍ଥିତିରେ ପଡି ଅନାବଶ୍ୟକ ଅର୍ଥବ୍ୟୟ କରିବାକୁ ବାଧ ହୋଇପାରନ୍ତି।

**ମୀନ**
ବିଭିନ୍ନ ନୂତନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ଧାର ସୂତ୍ରରେ ଅର୍ଥ ପାଇବେ। ରେବତୀ ନକ୍ଷତ୍ରର ଯାତ୍ରା ସଫଳହେବ ଏବଂ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

ଆଜି ଜାନୁଆରୀ ୨୦ ତାରିଖ, ମାଘ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ସୋମବାର, ରାଶିନକ୍ଷତ୍ର-ହସ୍ତା/କନ୍ୟା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୨୭ ମି. ଗତେ, ଘ.୦୭।୫୦ ମି. ମଧ୍ୟେ, ଘ.୧୦।୫୧ମି. ଗତେ, ଘ.୦୧।୦୩ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୫୦ ମି. ଗତେ ଘ.୦୯।୧୨ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ମହାକୁମ୍ଭରେ ନିଆଁ...

ନିର୍ମାଣ ହୋଇଥିବାବେଳେ ଏକସଙ୍ଗେ ସେଠାରେ କୋଟିଏରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଓ ସାଧୁସନ୍ଥ ରହୁଛନ୍ତି। ଦୈନିକ ପ୍ରାୟ ୨୦ ଲକ୍ଷ ଯାତ୍ରୀ ମହାକୁମ୍ଭ ଦେଖିବାକୁ ଆସୁଥିବା ସମନ୍ୱିତ ନିୟନ୍ତ୍ରଣ କମାଣ୍ଡ ସେଣ୍ଟର ପକ୍ଷରୁ କୁହାଯାଇଛି। ଭିଡ଼ ପରିଚାଳନା ପାଇଁ କ୍ରମାଗତ ଭାବେ ନଜର ରଖାଯାଇଛି। ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ରହିଥିବା ୪ଟି ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର (ଆଇସିସିସି)ରେ ୪୦୦ ଜଣ ଲେଖାଏ ନିୟୋଜିତ ହୋଇଛନ୍ତି। ବଡ଼ ବଡ଼ ପରଦାରେ ଲାଇଭ୍ ଫୁଟେଜ୍ ପ୍ରଦର୍ଶିତ ହେଉଛି। ଲୋକମାନଙ୍କୁ ସତର୍କ ରହିବା ପାଇଁ ହଟ୍‌ସ୍ପଟରୁ ତଥ୍ୟ ଦିଆଯାଉଛି।

ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହାକୁମ୍ଭ ମେଳାରେ ନିର୍ମିତ ଅସ୍ଥାୟୀ ସହର ମହାକୁମ୍ଭନଗରରେ ୫୦ ଲକ୍ଷରୁ ୧ କୋଟି ଭକ୍ତଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଆଇନ ଶୃଙ୍ଖଳା ପାଇଁ ୫୫ରୁ ଊର୍ଦ୍ଧ୍ୱ ଥାନା ପ୍ରତିଷ୍ଠା କରାଯାଇ ପ୍ରାୟ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସମ୍ପ୍ରଦାୟକୁ ନେଇ ୧୩ ଆଖଡ଼ାର ସନ୍ଥଙ୍କ ଯୋଗଦାନ ଭାରତୀୟ ଧର୍ମୀୟ ଆସ୍ଥାର ପ୍ରତୀକ ସାଜି ଭକ୍ତଙ୍କୁ ଆକର୍ଷିତ କରିବାରେ ଲାଗିଛନ୍ତି ବୋଲି ୟୁପି ପ୍ରଶାସନ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୬,୪୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ମଧ୍ୟ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଭାରତୀୟ ରେଳପଥ ୧୦,୦୦୦ ନିୟମିତ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଛି।

## ଆଜି ଶପଥ ନେବେ...

ତେବେ ଶପଥ ଉତ୍ସବ ବେଳେ କେତେକ ଅପ୍ରୀତିକର ସ୍ଥିତି ଉପୁଜିବା ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆଶଙ୍କା କରାଯାଇଛି। ବିଶେଷକରି ମୁସଲମାନ ସମ୍ପ୍ରଦାୟର ଶରଣାର୍ଥୀ ଓ ଆପ୍ରବାସୀମାନେ ୱାଶିଂଟନ ଡିସିରେ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ୱାଶିଂଟନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶପଥଗ୍ରହଣ ପାଇଁ ଟ୍ରମ୍ପ୍ ଶନିବାର ସନ୍ଧ୍ୟାରେ ୱାଶିଂଟନରେ ପହଞ୍ଚିଛନ୍ତି। ଟ୍ରମ୍ପଙ୍କ ନୀତିକୁ ବିରୋଧ କରି ଶପଥ ଗ୍ରହଣର ଦିନକ ପୂର୍ବରୁ ୱାଶିଂଟନ ଡିସିରେ ଅନେକ ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୮୨ ବର୍ଷୀୟ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଉତ୍ତରାଧିକାରୀ ଭାବେ ୭୮ ବର୍ଷୀୟ ଟ୍ରମ୍ପ୍ ମଙ୍ଗଳବାର ହ୍ୱାଇଟ୍ ହାଉସ୍‌ରେ ଅବସ୍ଥାପିତ ହେବେ। ତେବେ ତାଙ୍କର ବିଭିନ୍ନ ନୀତିକୁ ବହୁ ଆମେରିକୀୟ ବିରୋଧ କରୁଛନ୍ତି। ପିପୁଲ୍ସ ମାର୍ଚ୍ଚ ବ୍ୟାନରରେ ସାକ୍ଷୀ ଫର୍ ସାଉଥ୍ ଏସିଆନ୍ ସର୍ଭାଇଭର୍ସ ସମେତ ଅଣଲାଭଦାୟକ ସଂସ୍ଥାଗୁଡ଼ିକ ପକ୍ଷରୁ ବିକ୍ଷୋଭ କରାଯାଇଛି। ୨୦୧୬ରେ ଟ୍ରମ୍ପ୍ ଜିତିବା ପରେ ୨୦୧୭ରେ ଶପଥ ଗ୍ରହଣ ପୂର୍ବରୁ ହୋଇଥିବା ଅନୁରୂପ ବିକ୍ଷୋଭ ଶୋଭାଯାତ୍ରାକୁ ୱିମେନ୍ସ ମାର୍ଚ୍ଚ କୁହାଯାଉଥିବାବେଳେ ଏଥରର ବିକ୍ଷୋଭକୁ ପିପୁଲ୍ସ ମାର୍ଚ୍ଚ ଭାବେ ନାମିତ କରାଯାଇଛି। ବିକ୍ଷୋଭକାରୀମାନେ ଟ୍ରମ୍ପ୍ ବିରୋଧୀ ବ୍ୟାନର ଓ ପୋଷ୍ଟର ଧରି ପରବର୍ତ୍ତୀ ରାଷ୍ଟ୍ରପତି ଓ ତାଙ୍କ ଘନିଷ୍ଠ ସମର୍ଥକମାନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀ ସଂଗଠନ ମଧ୍ୟରେ ଆବର୍ସନ ଆକ୍ସନ ନାଓ, ଟାଇମ୍ ଟୁ ଆକ୍ଟ, ସିଷ୍ଟରସଙ୍ଗ୍, ୱିମେନ୍ସ ମାର୍ଚ୍ଚ, ପପୁଲାର ଡେମୋକ୍ରାସି ଇନ୍ ଆକ୍ସନ, ହାରିଏଟ୍ସ ୱାଇଲ୍ଡେଷ୍ଟ ଡ୍ରିମ୍ସ, ଦି ଫେମିନିଷ୍ଟ ଫ୍ରଣ୍ଟ ଆଦି ସଂସ୍ଥା ରହିଥିଲେ। ସୂଚନାଯୋଗ୍ୟ, ଆର୍କଟିକ୍ ବାୟୁ ପ୍ରବାହ ଯୋଗୁ ସୋମବାର ରାଜଧାନୀରେ ଭୟଙ୍କର ଥଣ୍ଡା ଅନୁଭୂତ ହେବାକୁ ଥିବାରୁ ଶପଥ ଉତ୍ସବ ସମେତ ସେଦିନର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଇନ୍‌ଡୋରରେ ହେବ ବୋଲି ଜଣାପଡ଼ିଛି।

## ନୟାଗଡ଼ରେ ଲିଥିୟମ୍...

ରବିବାର କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂ ବୋର୍ଡ (ସିଜିପିବି)ର ୬୪ତମ ବୈଠକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଥିଲା। ଖଣି ମନ୍ତ୍ରଣାଳୟ ସଚିବ ତଥା ସିଜିପିବି ଅଧ୍ୟକ୍ଷ ଭି.ଏଲ୍. କାନ୍ଥା ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ଶାହା ଓ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ। ସିଜିପିବି ଅଧ୍ୟକ୍ଷ ରାଓ ୨୦୨୪-୨୫ ବର୍ଷରେ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ସଫଳ ନିଲାମ ଏବଂ ଭାରତ ନେଇଥିବା ୧୩ଟି ବିଦେଶୀ ଖଣିଜ ବ୍ଲକର ପ୍ରଥମ ନିଲାମ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ଜିଏସ୍‌ଆଇର ଉପନିର୍ଦ୍ଦେଶକ ପଙ୍କଜ କୁମାର କହିଲେ, ଲିଥିୟମ୍ ଓ କପର ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ସର୍ବେକ୍ଷଣ ଉପରେ କେନ୍ଦ୍ର ସରକାର ଫୋକସ୍ କରୁଛନ୍ତି। ଓଡ଼ିଶାରେ ଜିଏସ୍‌ଆଇ ଲିଥିୟମ୍ ଅନ୍ୱେଷଣ କରୁଛି। ନୟାଗଡ଼ ଜିଲା ମାଟି ତଳେ ଲିଥିୟମ୍ ଖଣି ରହିଥିବା ସଙ୍କେତ ମିଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏହି ଖଣିଗୁଡ଼ିକୁ ଚିହ୍ନଟ କରାଯିବ। ସୁନ୍ଦରଗଡ଼ ଜିଲାରେ ଖଣି ଠାବ ପାଇଁ ଡ୍ରୋନ୍ ବ୍ୟବହାର କରାଯାଉଛି। ଦକ୍ଷିଣ ଓଡ଼ିଶାର କନ୍ଧମାଳ, ମାଲକାନଗିରି ଆଦି ଜିଲାରେ ଅନେକ ବର୍ଷ ହେଲା ମାଇନିଂ ଅପରେଶନ ବନ୍ଦ ଥିବାବେଳେ ଏବେ ଖଣିଜ ସର୍ବେକ୍ଷଣକୁ ତ୍ୱରାନ୍ୱିତ କରାଯିବ। ଓଡ଼ିଶାର ଖଣି ଖନନ ସାରା ଦେଶରେ ଏକ ମଡେଲ ପାଲଟିଛି। ଦେଶର ପ୍ରାୟ ୫୦% ଖଣିଜ ପଦାର୍ଥ ଓଡ଼ିଶାରୁ ଉତ୍ତୋଳନ କରାଯାଇଥାଏ। ଏଥିପାଇଁ ଓଡ଼ିଶାକୁ ଭାରତର ମାଇନିଂ କ୍ୟାପିଟାଲ କୁହାଯାଉଛି ବୋଲି ପଙ୍କଜ କୁମାର କହିଛନ୍ତି।

ଲିଥିୟମ୍‌କୁ କାଚ, ଆଲୁମିନିୟମ୍ ସାମଗ୍ରୀ, ବ୍ୟାଟେରି ଓ ବୈଦ୍ୟୁତିକ ଯାନ (ଇଭି) ନିର୍ମାଣ କ୍ଷେତ୍ରରେ ବହୁଳ ଭାବେ ବ୍ୟବହାର କରାଯାଇଥାଏ। ଅଷ୍ଟ୍ରେଲିଆ ଓ ଚିଲି ବିଶ୍ୱର ସର୍ବବୃହତ୍ ଲିଥିୟମ୍ ଉତ୍ପାଦନକାରୀ ଦେଶ। ଭାରତର କର୍ଣ୍ଣାଟକ ଓ ଜମ୍ମୁ-କଶ୍ମୀରରେ ପୂର୍ବରୁ ଲିଥିୟମ୍ ଭଣ୍ଡାର ଠାବ ହୋଇଛି। ଓଡ଼ିଶାରେ ଲିଥିୟମ୍ ଖନନ କରାଗଲେ ଇଭି ନିର୍ମାଣ କ୍ଷେତ୍ରରେ ନିର୍ଭରଶୀଳତା ହ୍ରାସ ପାଇବ। ରାଜ୍ୟରେ ଇଭି ଶିଳ୍ପ ପ୍ରତିଷ୍ଠାରେ ଏହା ସହାୟକ ହେବ ବୋଲି କୁହାଯାଉଛି। ଲିଥିୟମ୍ ବ୍ୟତୀତ ସୁନା ଖଣି ମଧ୍ୟ ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାରେ ଠାବ ହୋଇଥିବା ଜଣାପଡ଼ିଛି।

ବୈଠକରେ ଖଣିଜ ସନ୍ଧାନ ହାକାଥନ୍ ବିଜେତା ଏଏମ୍‌ଡି, ଜିଏସ୍‌ଆଇ ଏବଂ ଆଇଆଇଟି-ଆଇଏସ୍‌ଏମ୍‌କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦିଆଯାଇଥିଲା। ଏଥିସହ ଭୂବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରଦର୍ଶନୀରେ ଜିଏସ୍‌ଆଇ, ପିଏସ୍‌ୟୁ, ଘରୋଇ ଅନୁସନ୍ଧାନ ଏଜେନ୍ସି ଏବଂ ଷ୍ଟାର୍ଟଅପ୍ ସେମାନଙ୍କ ସଫଳତା ପ୍ରଦର୍ଶନ କରିଥିଲେ। ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଭୂବିଜ୍ଞାନ ଓ ଖଣିଜ ସମ୍ପଦ ଏବଂ ଉତ୍ତର-ପୂର୍ବାଞ୍ଚଳର ଭୂବିଜ୍ଞାନ ଓ ଖଣିଜ ସମ୍ପଦ ମାନଚିତ୍ର ସମେତ ବହୁ ପ୍ରକାଶନ ପ୍ରକାଶ ପାଇଥିଲା।



ସିଜିପିବି ଅଧ୍ୟକ୍ଷ ଭି.ଏଲ୍. କାନ୍ଥା ରାଓଙ୍କ ସହ ଅନ୍ୟମାନେ ଭୂବିଜ୍ଞାନ ଓ ଖଣିଜ ସମ୍ପଦ ମାନଚିତ୍ର ପ୍ରଦର୍ଶନ କରୁଛନ୍ତି।

# ମାନସିକ ରୋଗ ବିଶେଷଜ୍ଞ ଡା. ଗୋପାଳ କରଙ୍କ ପରଲୋକ

କଟକ,୧୯।୧(ଶିଳ୍ପା ପ୍ରିୟଦର୍ଶିନୀ)



ମାନସିକ ରୋଗ ବିଶେଷଜ୍ଞ ତଥା ପୂର୍ବତନ ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ(ଡିଏମ୍ଇଟି) ପ୍ରଫେସର ଡା. ଗୋପାଳ ଚନ୍ଦ୍ର କରଙ୍କ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କଟକ ପୁରୀଘାଟସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଡା. କରଙ୍କ ପତ୍ନୀ ଡ. ଗାୟତ୍ରୀ ଦେବୀ, ବଡ଼ପୁଅ ଇଂ. ସୌମେନ୍ଦ୍ର କର, ଆଇନଜୀବୀ ସମ୍ମିତ କର, ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡା. ସମ୍ରାଟ କର, ବୋହୂ ନୀତି କର, ଶୈଳବାଳା କର, ଡା. ଶୁଭଶ୍ରୀ ମିଶ୍ର, ନାତୁଣୀ, ନାତିଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଡା. କରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୌମେନ୍ଦ୍ର ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ପ୍ରଫେସର କର ୧୯୪୬ ଜାନୁଆରୀ ୧୮ରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ବିଦ୍ୟାଳୟ ଶିକ୍ଷାଲାଭ କରିବା ପରେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୯୬୮ରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ରୁ ମେଡିକାଲ ଡିଗ୍ରୀ ହାସଲ କରିବା ପରେ ପାଟ୍‌ନାର ପ୍ରିନ୍ସ ଅଫ୍ ୱାଲ୍ ଚିକିତ୍ସା ମହାବିଦ୍ୟାଳୟରୁ ମାନସିକ ରୋଗ ସ୍ନାତକୋତ୍ତରରେ ଶିକ୍ଷାଲାଭ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପରେ କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆଇନଶିକ୍ଷା ଲାଭ କରିଥିଲେ। ଡା. କର ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବା ପରେ ୨୦୦୨ରୁ ୨୦୦୪ ମସିହା ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜର ଅଧ୍ୟକ୍ଷ ଓ ଓଡ଼ିଶା ସରକାରଙ୍କ ଅଧୀନରେ ଡିରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ (ଡିଏମ୍ଇଟି) ଭାବେ କାର୍ଯ୍ୟ କରିଥିଲେ। ସେ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ଚିକିତ୍ସକ ସଂଘର ସଭାପତି ଦାୟିତ୍ୱ ତୁଲାଇଥିଲେ। ସମାଜସେବା ପାଇଁ ୧୯୯୮ରେ ଡ. ହରେକୃଷ୍ଣ ମହତାବଙ୍କଠାରୁ ସେ ବିଷୁବ ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ସମାଜ କଲ୍ୟାଣ ଓ ବିଭିନ୍ନ ସେବା ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଶ୍ରୀମନ୍ଦିର ଗର୍ଭଗୃହ ଫଟୋ, ଭିଡିଓ ଭାଇରାଲ

ପୁରୀ,୧୯।୧(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାତ୍ର ୬ ଦିନର ବ୍ୟବଧାନ ପରେ ପୁନର୍ବାର ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଏଥର ଶ୍ରୀମନ୍ଦିର ଭିତରବେଢ଼ା ସହ ଗର୍ଭଗୃହର ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବୃନ୍ଦାବନର ବାଙ୍କେ ବିହାରୀ ଅନନ୍ତ ନାମକ ଭକ୍ତ ନିଜ ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସ୍‌ବୁକ୍‌ରେ ଶ୍ରୀମନ୍ଦିର ଭିତର ଓ ଗର୍ଭଗୃହର ଫଟୋ ଅପ୍‌ଲୋଡ୍ କରିଥିବା ଜଣାପଡ଼ିଛି। ଭାଇରାଲ ଭିଡିଓରେ ରତ୍ନସିଂହାସନରେ ଶ୍ରୀବିଗ୍ରହଙ୍କୁ ଦେଖିବାକୁ ମିଳୁଛି। ଶ୍ରୀମନ୍ଦିର ଭିତରବେଢ଼ା ସହ ବାଇଶିପାହାଚ, ମନ୍ଦିର ଆଦି ଅନେକ ସ୍ଥାନରେ ଭିଡିଓ ଉତ୍ତୋଳନ କରାଯାଇଛି। ଶନିବାର ରାତିରେ ସମ୍ପୃକ୍ତ ଭକ୍ତ ନିଜ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍ ପେଜ୍‌ରେ ଏହି ଭିଡିଓ ଅପ୍‌ଲୋଡ୍ କରିଥିଲେ। ତେବେ ଭିଡିଓ ଓ ଫଟୋ ଭାଇରାଲ ହେବା ପରେ ତାହାକୁ ଆକାଉଣ୍ଟରୁ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଗତ ୧୨ ତାରିଖରେ ଶ୍ରୀମନ୍ଦିର ଭିତର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ସାମ୍ନାକୁ ଆସିଥିଲା। ସେହିପରି ଶ୍ରୀମନ୍ଦିରର ନୋ ଫ୍ଲାଇଂ ଜୋନ୍‌ରେ ପ୍ରାୟ ୩୦ ମିନିଟ୍ ଧରି ଏକ ଡ୍ରୋନ୍ ଉଡ଼ିଥିଲା। ବାରମ୍ବାର ଏଭଳି ଘଟଣା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଉଛି। ଶ୍ରୀମନ୍ଦିର ବାହାରେ ଏବଂ ଭିତରେ କଡ଼ା ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥା ସତ୍ତ୍ୱେ ଭକ୍ତ କିପରି ମୋବାଇଲ୍ ଫୋନ୍ ଧରି ଶ୍ରୀମନ୍ଦିର ଭିତରକୁ ଯାଇ ଭିଡିଓ ଓ ଫଟୋ ଉତ୍ତୋଳନ କରୁଛନ୍ତି, ତାହା ଏବେ ସାଧାରଣରେ ମୁଖ୍ୟ ପ୍ରଶ୍ନ ପାଲଟିଛି। ଏ ଦିଗରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାକୁ ଭକ୍ତ ମହଲରେ ଦାବି ହେଉଛି।

# ଡାକ୍ତରଙ୍କ ଅସ୍ୱାଭାବିକ ମୃତ୍ୟୁ, ମୃତଦେହ ଜବତ କଲା ପୋଲିସ

ବ୍ରହ୍ମପୁର,୧୯।୧
(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ବଡ଼ଖରିଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବାଶିଷ ପୋଥାଲ(୩୫)ଙ୍କ ରବିବାର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଜୀବନ ଯିବା ପରେ ଏମ୍‌କେସିଜି ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ଅପମୃତ୍ୟୁ ମାମଲା(ନଂ.୨୯/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଡା. ଦେବାଶିଷ ବଡ଼ଖରିଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ଦେଢ଼ବର୍ଷ ହେବ କାର୍ଯ୍ୟ କରୁଥିଲେ। ରବିବାର ସକାଳେ ସେ ଅସୁସ୍ଥ ହେବାରୁ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୪ଟାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରେ ଡା. ଦେବାଶିଷଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

# ଶିବେଇ ସାମନ୍ତରାୟ କୋଣାର୍କଠାରେ ଶ୍ରୀସୂର୍ଯ୍ୟଚିହ୍ନିତ ସ୍ୱର୍ଣ୍ଣମୁଦ୍ରା ଗଜପତିଙ୍କୁ ଦେଇଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଗଜପତି କୋଣାର୍କରେ ପଦାର୍ପଣ କରିବା ସମୟରେ ପାଞ୍ଚୋଟି ମୁଖ୍ୟ କାମ ଚାଲିଥିଲା। ତା' ମଧ୍ୟରେ ଦ୍ୱାରବନ୍ଧର ସୂକ୍ଷ୍ମକାମ ଅନ୍ୟତମ। ସୂକ୍ଷ୍ମକାମର ଧାଡ଼ିବନ୍ଧରେ 'ନକୁଳୀଶ'ଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ନକୁଳୀଶଙ୍କ ଦୁଇପଟେ ବିଭିନ୍ନ ମୁଦ୍ରାରେ ଶିଷ୍ୟମାନେ ଥିବାର ଦେଖାଯାଏ। ଥାକ ଭଳି ଚାରିଥାକରେ ନକୁଳୀଶ ଥିବାବେଳେ, ତଳ ଥାକରେ ଦେବୀ ଯୋଗମୁଦ୍ରାରେ ଅଛନ୍ତି।

ଅନେକ ଆଲୋଚକ 'ନକୁଳୀଶ'ଙ୍କୁ 'ଲକୁଳୀଶ' ବୋଲି ଉଲ୍ଲେଖ କରିଛନ୍ତି। ନକୁଳୀଶ ଥିଲେ ପାଶୁପତ ଶୈବାଚାର୍ଯ୍ୟମାନଙ୍କ ଗୁରୁ। ଭୁବନେଶ୍ୱରର ଶ୍ରୀପରଶୁରାମେଶ୍ୱର ମନ୍ଦିରରେ ନକୁଳୀଶଙ୍କ ମୂର୍ତ୍ତି ଥିବାର ଦେଖାଯାଏ। ଆମେ ଜାଣିଛେ ଶିବ ସମ୍ପ୍ରଦାୟ ଚାରିଭାଗରେ ବିଭକ୍ତ ଥିଲେ। ତାହା ମଧ୍ୟରେ ପାଶୁପତ ଧାରାର ଦର୍ଶନକୁ କୁହାଯାଏ 'ନାକୁଳୀଶ ପାଶୁପତ ଦର୍ଶନ'। ଦକ୍ଷିଣ ଭାରତର 'ମୁନିନାଥ ଚିଲ୍ଲକ'ଙ୍କୁ ନାକୁଳୀଶଙ୍କ ଅବତାର ବୋଲି କୁହାଯାଏ। ଶ୍ରୀଶିବଙ୍କୁ 'ପଶୁପତି' ଭାବରେ ଏମାନେ ଗ୍ରହଣ କରନ୍ତି।

କଳିଙ୍ଗ ସ୍ଥାପତ୍ୟରେ ଦ୍ୱାରଲଲାଟବିମ୍ବରେ ଶିବଙ୍କର ବିଭିନ୍ନ ରୂପର ମୂର୍ତ୍ତି ରହିଥାଏ। ରାଜାରାଣୀ ମନ୍ଦିର ମୁଖଶାଳାରେ ନକୁଳୀଶଙ୍କ ମୂର୍ତ୍ତି ରହିଛନ୍ତି। ବନ୍ଧ ତଳକୁ ଦ୍ୱାରପାଳ ରହିବା ବିଧି। ଶ୍ରୀପଦ୍ମକେଶର ମନ୍ଦିରରେ ଶ୍ରୀସୂର୍ଯ୍ୟନାରାୟଣଙ୍କୁ ସମୀକରଣ କରାଯାଇଛି ଶ୍ରୀବିଷ୍ଣୁ, ଶ୍ରୀବ୍ରହ୍ମା ଓ ଶ୍ରୀଶିବଙ୍କ ସହିତ। ଗଜପତି ସମସ୍ତ କାର୍ଯ୍ୟ ତଦାରଖ କରିବା ପରେ ଶ୍ରୀପଦ୍ମକେଶର ମନ୍ଦିରର ପୂର୍ବ-ଉତ୍ତର କୋଣକୁ ନିର୍ମିତ ନିର୍ଦ୍ଦିଷ୍ଟ ରାଜମଣ୍ଡପରେ ମେହେନାରେ ପହଞ୍ଚିଥିଲେ। କିଛି ସମୟ ବିଶ୍ରାମ ନେଇଥିଲେ। ସେଦିନ ଥିଲା ବୈଶାଖ ୨୬ ଦିନର ଅପରାହ୍ନ।

ସଞ୍ଜ ନଇଁଆସୁଛି। ଗଡ଼ରୂପାସ ଶିବିରର ଶିଳ୍ପୀ, ପଥୁରିଆ ଓ ପାଇଟିଆଳଙ୍କୁ ନେଇ ପହଞ୍ଚିଲେ ରୂପାସର ଦଳବେହେରା। ରାଜକୀୟ କାଇଦାରେ ସମ୍ମାନ ପ୍ରଦର୍ଶନ କଲେ। ଗଜପତି କିଛି କହିବା ପୂର୍ବରୁ ମୁହଁଠାରରେ ଜଣ ଜଣ କରି ଡାକୁଥାନ୍ତି ଦଳବେହେରା। ଦଳବେହେରାଙ୍କ ହାତକୁ ବଢ଼େଇ ଦେଲେ କଉଡ଼ିମୁଣି। ୧୬ କାହାଣ ତିନିପଣ କଉଡ଼ି ଉପହାର ଦେଲେ ଗଜପତିଙ୍କୁ। ଷାଠିଏଟି ରୁପାଟଙ୍କା ପ୍ରସ୍ତୁତ କରି ଆଣିଥିଲେ ବଣିଆଶାଳରୁ।



କୋଣାର୍କଠାରେ ପାଶୁପତ ଶୈବାଚାର୍ଯ୍ୟ ଗୁରୁ ଶ୍ରୀନକୁଳୀଶଙ୍କ ଦ୍ୱାରବନ୍ଧର ସୂକ୍ଷ୍ମକାର୍ଯ୍ୟ। (ଫଟୋ ସୌଜନ୍ୟ: ଡ. କୁମାର ଅରଜ୍ୟୋତି)

ସେତକ ଦେବାପରେ ଆଡ଼ ହୋଇ ରହିଲା ସାତ ଅଖା ପରିବା, ତିନି ହାଣ୍ଡି ଦହି। ତାହା ପର ଉପହାରଟି ଦଳବେହେରା ନିଜେ ଗଜପତିଙ୍କ ଗଜଦନ୍ତ କାଠ ଆସନ ପାଖରେ ରଖିଦେଲେ। ଗଜପତି ମୁହଁକୁ ଚାହିଁବାରୁ ଦଳବେହେରା କହିଲେ ହଜୁର.... ଚନ୍ଦନକାଠର ପାଦୁକା। ଖୋଦେଇ ହୋଇଛି...।

ତାହା ପରେ ପରେ ଗଜପତିଙ୍କୁ ଏକ ଖଣ୍ଡା ଉପହାର ଦେଇଥିଲେ, ଯେଉଁଥିରେ ମହାଶ୍ରମଙ୍କ ରାଜକୀୟ ଚିହ୍ନ ଅଙ୍କିତ ହୋଇଥିଲା। ଖଣ୍ଡା ପ୍ରସ୍ତୁତ କରିଥିଲେ ବାସୁ ଓଝା। ଆମେ ଗଙ୍ଗବଂଶର ରାଜକୀୟ ଖଣ୍ଡାର ଅନୁସନ୍ଧାନ ପାଇଁ ଏକାଧିକ

■ ରୂପାସଗଡ଼ ଦଳବେହେରା ଦେଇଥିଲେ ଚନ୍ଦନକାଠର ପାଦୁକା

■ ଗଙ୍ଗବଂଶର ରାଜକୀୟ ଚିହ୍ନ ରହୁଥିଲା ଖଣ୍ଡାରେ

ବାର ଗଲାପରେ ଦେଖିଲୁ ଗଡ଼ର ଠାକୁରାଣୀଙ୍କ ପାଖରେ ଗଙ୍ଗବଂଶର ରାଜକୀୟ ଚିହ୍ନଥିବା ଖଣ୍ଡା ଶୋଭାପାଉଛି। ସେଥିରୁ ଗୋଟିଏ ଦଳବେହେରାଙ୍କ ବ୍ୟବହୃତ ଖଣ୍ଡା, ଆଉ ଗୋଟିଏ ରୂପାସଗଡ଼ର 'ପାତ୍ର'ଙ୍କର ବ୍ୟବହୃତ ଖଣ୍ଡା। ଭିନ୍ନତା ଓ ଚିହ୍ନରେ ସାମାନ୍ୟ ଫରକ ଅଛି। ସେହିପରି ଖଣ୍ଡା 'ଭିଙ୍ଗୁରାଗଡ଼' ଅନୁସନ୍ଧାନ କାଳରେ ଆମେ ଦେଖିଥିଲୁ। ସେ ଖଣ୍ଡାରେ ମଧ୍ୟ ଗଙ୍ଗବଂଶର ରାଜକୀୟ ଚିହ୍ନ ରହିଛି।

ରୂପାସଗଡ଼ ଦଳବେହେରାଙ୍କର ସେଇ ଅପୂର୍ବ ଖଣ୍ଡାକୁ ବହୁ ସମୟ ଧରି ଏପଟସେପଟ କରି ଦେଖିଥିଲେ ଲାଙ୍ଗୁଳା ନରସିଂହଦେବ। ତାଙ୍କ ମୁହଁରୁ ସେଦିନ ଆତ୍ମସନ୍ତୋଷ ବାରିପାରିଥିଲେ ଶିବେଇ ସାମନ୍ତରାୟ। ଶିବେଇ ତା' ପରେ ଗଜପତିଙ୍କ ହାତକୁ ବଢ଼ାଇ ଦେଇଥିଲେ 'ଗଜଦନ୍ତ ଛଡ଼ି'। ସୂର୍ଯ୍ୟଙ୍କର ଚିହ୍ନ ଥିବା ଗୋଟିଏ ମାଢ଼ ସୁନା ମୋହର। ଗଜଦନ୍ତ ଛଡ଼ି ଗଜପତିଙ୍କ ଆନମନା କରି ନ ଥିଲା। କିନ୍ତୁ ସୁନା ମୋହରଟି ଆନମନା କରିଦେଇଥିଲା।

ଶ୍ରୀସୂର୍ଯ୍ୟନାରାୟଣଙ୍କ ପାଇଁ ମନ୍ଦିର ନିର୍ମାଣ ଚାଲିଥିବାବେଳେ, ଶ୍ରୀସୂର୍ଯ୍ୟନାରାୟଣଙ୍କ ଚିହ୍ନ ଥିବା ସୁନାମୋହର ଦେଖି ସୂତ୍ରଧର ଶିବେଇଙ୍କ ମୁହଁକୁ ଢେର୍ ସମୟ ଚାହିଁ ରହିଲେ ଗଜପତି।

ସେହିଦିନ ସେହି ମଣ୍ଡପରେ ଗଜପତି ଏକ 'ଘୋଷଣାନାମା' ଜାରି କରିଥିଲେ। ଶିଳ୍ପୀଙ୍କୁ ଉତ୍ସାହିତ କରିବା ଏବଂ ନିର୍ମାଣକାର୍ଯ୍ୟକୁ ଆଗେଇ ନେବାର ଅଭିସନ୍ଧି ଥିଲା ଏହି ଘୋଷଣାନାମାରେ।

– ମନ୍ଦିର ନିର୍ମାଣ ହେବା ଆରମ୍ଭରୁ ଏ ପର୍ଯ୍ୟନ୍ତ ନଅ ବର୍ଷ ଅତିବାହିତ ହୋଇଗଲାଣି। – ଆପଣମାନେ ସମସ୍ତେ ପ୍ରଚୁର ପରିଶ୍ରମ କରିଛନ୍ତି ନିଷ୍ଠାର ସହିତ। – ତଥାପି ମନ୍ଦିରର ଅବଶିଷ୍ଟ କାମ ସମାପ୍ତ ହୋଇପାରି ନାହିଁ। – ଗର୍ଭମୁଦ ଆହୁରି ଦୂର ଅଛି। ଆମେ ଦଶମ ବର୍ଷର ଦଶମାସ ଦଶଦିନ ମଧ୍ୟରେ ଗର୍ଭମୁଦ ସମାପ୍ତ କରିବା। – ସମୟସୀମା ଆଉ ବୃଦ୍ଧି କରିବାନି। – ଅନ୍ୟ କାମଗୁଡ଼ିକ ଚାଲିଛି... ଚାଲିବ... ମୁଖ୍ୟ କାମ ଦୁଇଟା ଆଗ ସାରିବା। ସେ ବିଷୟରେ ଆଉ ବିଶେଷ କିଛି କହିବାକୁ ଚାହୁଁନି।

ତା'ପରେ ଡକାପଡ଼ିଲା ବାସୁ ଛୋଟରାଙ୍କୁ। ସେ ଡେଙ୍ଗୁରାବାଲା, ଡେଙ୍ଗୁରା ନେଇ ସମସ୍ତ ଶିବିରରେ ଏହି ରାଜକୀୟ ଘୋଷଣାନାମାକୁ ଜଣାଇଦେବ। ତାହା ହିଁ ହେଲା। ମହାଶ୍ରମ ବିଜେ କଲେ ତାଙ୍କର ବିଶ୍ରାମ ଶିବିରକୁ।

# ଦୁବାଇରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ,୧୯।୧(ପ୍ରଶାନ୍ତ କୁମାର ମିଶ୍ର)



କମଳ କୁମାର ନାୟକ

ଗଞ୍ଜାମ ଜିଲା ଖଲ୍ଲିକୋଟରେ ପୁଣି ଦାଦନ ଦୁଃଖ। ଖଲ୍ଲିକୋଟ ବ୍ଲକ ଭେଜିପୁଟ ଗ୍ରାମର ଜଣେ ଯୁବକ ପରିବାର ପ୍ରତିପୋଷଣ ପାଇଁ କାମ କରିବାକୁ ଦୁବାଇ ଯାଇଥିବା ବେଳେ ସେଠାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୌରୀ ନାୟକଙ୍କ ସାନ ପୁଅ କମଳ କୁମାର ନାୟକ। ଦୁବାଇରୁ ମୃତଦେହ ଫେରାଇ ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

ପ୍ରକାଶ ଯେ, କମଳ ଗତବର୍ଷ କାମ କରିବାକୁ ଦୁବାଇ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ସେ ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ରାତିରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିବା ଖବର ଆସିବା ପରେ ସ୍ତ୍ରୀ ଏବଂ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ଘର ଫାଟି ପଡୁଛି। ପୁଅର ମୃତଦେହ ଜନ୍ମମାଟିକୁ ଫେରାଇ ଆଣିବା ପାଇଁ ବାପା ସୌରୀ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଖବରପାଇ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କମଳଙ୍କ ମୃତଦେହ ଗ୍ରାମକୁ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ଜଣାଇଥିବା ଜଣାପଡିଛି।

# ଆଜି ଚିଲିକାରେ ଡଲ୍‌ଫିନ ଗଣନା



ଡଲ୍‌ଫିନ ଗଣନା ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ପ୍ରଶିକ୍ଷାର୍ଥୀମାନେ।

ବାଲୁଗାଁ, ୧୯।୧
(ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ମିଳିତ ଆନୁକୂଲ୍ୟରେ ସୋମବାରଠାରୁ ସମଗ୍ର ଚିଲିକାରେ ବିରଳ ଇରାୱାଡ଼ି ପ୍ରଜାତିର ଡଲ୍‌ଫିନ ଗଣନା ହେବ। ଏହି ଗଣନା କାର୍ଯ୍ୟ ୩ ଦିନ ଧରି ଜାରି ରହିବ। ଏଥିପାଇଁ ବିଭାଗ ତରଫରୁ ପ୍ରସ୍ତୁତି ସରିଛି। ମୋଟ ୧୮ଟି ଦଳରେ ୧୪୫ ଜଣ ଗଣନାକାରୀ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ରବିବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ରରେ ୧୦ ଟିମ୍ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ ଟିମ୍‌ଙ୍କୁ ପୃଥକ୍ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବାଲୁଗାଁରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଲାନ୍ ନାୟକ ପରିଚାଳନା କରିଥିଲେ। ଶିବିରରେ ବରିଷ୍ଠ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି, ସାଇଣ୍ଟିଷ୍ଟ ପ୍ରଦୀପ ରଞ୍ଜନ ମୁଦୁଲି, ଅନିଲ ମହାପାତ୍ର, ଶିବପ୍ରସାଦ ପଣ୍ଡା ଏବଂ ସୁଶୀଲ ଦତ୍ତ ଯୋଗଦେଇ ନିର୍ଭୁଲ ଡଲ୍‌ଫିନ ଗଣନା ନିମନ୍ତେ ତାଲିମ ପ୍ରଦାନ କରିଥିଲେ।

ସେହିପରି ସାତପଡ଼ାଠାରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଆର୍.ଏନ୍. ସାମଲ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗର ଏସିଏଫ୍ ପ୍ରମୋଦ କୁମାର ସେଠୀ ଏବଂ ଚିଲିକା ରେଞ୍ଜ୍ ଅଧିକାରୀ କାଶୀନାଥ ହେମ୍ବ୍ରମ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ସାମିଲ ହେବେ ୧୮ ଦଳ, ୧୪୫ ପ୍ରଶିକ୍ଷଣକାରୀ

ଗଣନା କାର୍ଯ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସିଡିଏ ଓ ବନ କର୍ମଚାରୀ, ଓୟୁଏଟି, ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରୀଛାତ୍ର ସାମିଲ ହେବେ। ପ୍ରତି ଦଳକୁ ଡଲ୍‌ଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳର ରୁଟ୍ ମ୍ୟାପ୍, ବାଇନାକୁଲାର, ଜିପିଏସ୍ ଓ ନୋଟ୍‌ବୁକ୍ ଆଦି ଯୋଗାଇ ଦିଆଯାଇଛି। ୩ ସେକ୍ଟର ତଥା ମଧ୍ୟ ଚିଲିକା, ଉତ୍ତର ଚିଲିକା ଏବଂ ଦକ୍ଷିଣ ଚିଲିକା ଅଞ୍ଚଳରେ ସିଙ୍ଗଲ ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀରେ ଏହି ଡଲ୍‌ଫିନ ଗଣନା ହୁଏ। ଡଲ୍‌ଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳରେ ଗଣନାକାରୀଙ୍କ ଡଙ୍ଗା ଏକ ସରଳରେଖା ଦେଇ ଗତିକରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲ୍‌ଫିନ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଏବଂ ଜିପିଏସ୍ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଭୋର୍ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା ହେବ। ନିର୍ଭୁଲ ଗଣନା ପାଇଁ ବିଭାଗ ପକ୍ଷରୁ ୩ ଦିନ ଅର୍ଥାତ୍ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଡଲ୍‌ଫିନ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ବଡ଼ଗୋଠ, ମହିଷା, ବାଲିନାସି, ଗମ୍ଭାରୀ, ଅରଖକୁଦା ଓ ସିପକୁଦା ଅଞ୍ଚଳରେ ୮ଟି ଦଳ ନିୟୋଜିତ ହେବେ। ସେହିପରି ଆଉ ୧୦ଟି ଦଳ ବାଲୁଗାଁ, କାଳିଜାଇ, ନଳବଣ, କୃଷ୍ଣପ୍ରସାଦ, ପାରିକୁଦ ଓ ରମ୍ଭା ଅଞ୍ଚଳରେ ରହି ଗଣନା କରିବେ। ବିଗତ ବର୍ଷରେ ଚିଲିକାରେ ୧୬୦ରୁ ଊର୍ଦ୍ଧ୍ୱ ଏହି ବିରଳ ଇରାୱାଡ଼ି ଡଲ୍‌ଫିନଙ୍କୁ ଚିହ୍ନଟ କରାଯାଇଥିଲା। ଗତବର୍ଷ କୌଣସି କାରଣରୁ ଡଲ୍‌ଫିନ ସଂଖ୍ୟା ପ୍ରକାଶ ପାଇ ନ ଥିଲା। ତେବେ ଚଳିତବର୍ଷ କେତେସଂଖ୍ୟାରେ ଡଲ୍‌ଫିନ ଅଛନ୍ତି ତାହା ଏହି ଗଣନା ରିପୋର୍ଟରୁ ଜଣାପଡ଼ିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ ନଗର**
**ମା' ଧାନକୁଟି ପୁଅ ନାଗର।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ, କିନ୍ତୁ ବାହାରେ ଚାତୁରୀ କାହିଁରେ କେତେ। ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ନିଜ ରସିକପଣିଆ ଦେଖାଇହେବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡିଙ୍କିଆ ଲାଉ**
**ଟେକିଟାକି ଦେଲେ ପିଢ଼ାକୁ ଯାଉ।**

ସାଧାରଣତଃ ଲାଉଡଙ୍କକୁ ପିଢ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢ଼ିଥାଏ। ପରୋକ୍ଷରେ ଯେଉଁ ଲୋକର ମୁହଁରେ ଲାଜ ସରମ ନ ଥାଏ ତାକୁ ଟିକେ ଟେକାଟେକି କରି କହିଦେଲେ ସେ ତାକୁ ସତମଣି ଫୁଲିଉଠୁଥିବାର ଲକ୍ଷ୍ୟ କରାଯାଇଥାଏ। ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

DADLS-89



ଓଡ଼ିଶା ସରକାର



**ମହାନ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
**୨୦ ଜାନୁଆରୀ, ୨୦୨୫**

ସକାଳ – ଘ.୮.୩୦ ମିନିଟ ସମୟରେ କଳ୍ପନା ଛକ, ଭୁବନେଶ୍ୱରସ୍ଥିତ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସନ୍ଧ୍ୟା - ଘ.୫.୩୦ ମିନିଟ - ସାଧାରଣ ସଭା ଜୟଦେବ ଭବନ, ଭୁବନେଶ୍ୱର**

ମୁଖ୍ୟ ଅତିଥି – **ଶ୍ରୀମତୀ ପ୍ରଭାତୀ ପରିଡ଼ା,** ଉପ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ
ସମ୍ମାନନୀୟ ଅତିଥି – ପୁରୀ ଜିଲ୍ଲାର ବିଧାୟକବୃନ୍ଦ
ମୁଖ୍ୟବକ୍ତା – **ଡ. ନଟବର ଶତପଥି,** ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ
ଧନ୍ୟବାଦ ଅର୍ପଣ – **ଡାକ୍ତର ବସନ୍ତ କୁମାର ପତି,** ସଭାପତି, ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱର

ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଭକ୍ତି ସଙ୍ଗୀତ, ଦେବଦାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0379/2425

"ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା।" -ଶ୍ରୀଅରବିନ୍ଦ



# ଟ୍ରମ୍ପଙ୍କ ଆରମ୍ଭ

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ୨୦ ଜାନୁଆରୀ ୨୦୨୫ରେ ଡୋନାଲ୍ଡ ଟ୍ରମ୍ପ ଶପଥ ନେବେ। ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧବିରତି ସକାଶେ ଚୁକ୍ତି ହୋଇଯାଇଥିବାରୁ ଶପଥ ଗ୍ରହଣର ୨୪ ଘଣ୍ଟା ପୂର୍ବରୁ ୧୯ ଜାନୁଆରୀରେ ଏହା କାର୍ଯ୍ୟକାରୀ ହୋଇଛି। ଇତିମଧ୍ୟରେ ଇସ୍ରାଏଲର ୩ ଜଣ ପଣବନ୍ଦୀଙ୍କୁ ଛାଡ଼ିବା ଲାଗି ହମାସ ସେମାନଙ୍କ ନାମ ଘୋଷଣା କରିସାରିଛି। ଆଗକୁ ଯୁଦ୍ଧବିରତି କେତେ ବାଟ ଯିବ ତାହା ଜଣାପଡ଼ିବ। ଏଠାରେ ମନେପକାଇ ଦିଆଯାଇପାରେ ଯେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ ପ୍ରଥମ ଆକ୍ରମଣ କରି ଅନେକ ଇସ୍ରାଏଲ ନାଗରିକଙ୍କୁ ବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ ଦୀର୍ଘ ୧୫ ମାସ ମଧ୍ୟରେ ୪୬ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କ ଜୀବନ ନେବା ସହ ଗାଜା ଅଞ୍ଚଳକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇଛି। ଏହି ସମୟ ମଧ୍ୟରେ ଲେବାନନରେ ଗଢ଼ିଉଠିଥିବା ଆତଙ୍କବାଦୀ ସଙ୍ଗଠନ ହେଜବୋଲ୍ଲା ଓ ଇରାନ୍ ଭଳି ରାଷ୍ଟ୍ର ହମାସକୁ ସହଯୋଗ କରିବାକୁ ଆଗେଇ ଆସିଥିଲେ ମଧ୍ୟ ଇସ୍ରାଏଲର ଶୀର୍ଷ ଗୋଇନ୍ଦା ସଂସ୍ଥା ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଆଗରେ କ୍ଷତାକ୍ତ ହୋଇଯାଇଛନ୍ତି। ଅନେକ ସାଧାରଣ ପାଲେଷ୍ଟିନୀୟ ନାଗରିକଙ୍କ ମୃତ୍ୟୁ ଘଟିବାରୁ ଇସ୍ରାଏଲ ଯୁଦ୍ଧ ବନ୍ଦ କରୁ ବୋଲି ବିଶ୍ୱବ୍ୟାପୀ ଚାପ ପଡ଼ିଥିଲା। ଯୁଦ୍ଧବିରତି କରିବା ଲାଗି କାତାର, ଇଜିପ୍ଟ ଓ ଆମେରିକା ମଧ୍ୟସ୍ଥ କରିବାକୁ ଆଗେଇ ଆସିବାରୁ ୧୫ ଜାନୁଆରୀରେ ଏ ସଂକ୍ରାନ୍ତରେ ଚୁକ୍ତି ହୋଇଥିଲା।

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧବିରତି ହେବା ଓ ଭୁଖିଲୋକଙ୍କୁ ସାମୟିକ ଆଶ୍ୱସ୍ତି ମିଳିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା ମନେରଖିବାକୁ ହେବ ଯେ ଚୁକ୍ତିରେ ସାମାନ୍ୟ ଅସଙ୍ଗତି ଦେଖାଦେଲେ ଅସ୍ୱାଭାବିକ ସ୍ଥିତି ମଧ୍ୟ ଉପୁଜିପାରେ। କାରଣ ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ରହିଛି। ଏଭଳି ପ୍ରଚ୍ଛଦପଟରେ ଆଉ ଏକ ବିଷୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କଲାଣି। ଟ୍ରମ୍ପଙ୍କ ୨୦୧୬ରୁ ୨୦୨୦ ପ୍ରଥମ ପାଳିର ରାଷ୍ଟ୍ରପତିତ୍ୱ ସମୟ ଅନେକ କାରଣ ପାଇଁ ବିବାଦୀୟ ହୋଇପଡ଼ିଥିଲା। ୨୦ ଜାନୁଆରୀରେ ଦ୍ୱିତୀୟ ପାଳି ଆରମ୍ଭ ହେବା ପୂର୍ବରୁ ଯାହା ସମ୍ପୂର୍ଣ୍ଣ ଭାବେ ବିବାଦ ବଳୟକୁ ଆସିଯାଇଛି ତାହା ହେଲା ଟ୍ରମ୍ପଙ୍କ ପୁନଶ୍ଚ ଏକଜିଦିଆ ଉଚ୍ଚାରଣ। ସେ କିଛି ଦିନ ପୂର୍ବରୁ କହିଛନ୍ତି ଯେ, ବିଶ୍ୱର ସବୁଠାରୁ ବୃହତ୍ ଦ୍ୱୀପ 'ଗ୍ରିନ୍‌ଲାଣ୍ଡ'କୁ ଆମେରିକା ଅକ୍ତିଆର କରିବ। ସୂଚନା ଦିଆଯାଇପାରେ ଯେ ଡେନ୍‌ମାର୍କ ପରିଚାଳିତ ଗ୍ରିନ୍‌ଲାଣ୍ଡ ଏକ ସ୍ୱୟଂଶାସିତ ଭୂଖଣ୍ଡ ଭାବେ ପରିଚିତ। ଆମେରିକାଠାରୁ ଏହା ୫ ହଜାର କିଲୋମିଟର ଦୂରରେ ଅବସ୍ଥିତ। ପ୍ରତିରକ୍ଷା ଦୃଷ୍ଟିକୋଣରୁ ତାହାକୁ ଅକ୍ତିଆର କରିବା ଆମେରିକା ପାଇଁ ନିତାନ୍ତ ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ପାନାମା କେନାଲ ଅନ୍ତର୍ଜାତୀୟ ସ୍ତରରେ ବାଣିଜ୍ୟିକ ଜଳପଥ ଭାବେ ଜଣାଶୁଣା ଥିବାରୁ ତାହାକୁ ପାନାମାଠାରୁ ଛଡ଼ାଇ ଆଣିବା ଉପରେ ଟ୍ରମ୍ପ ଗୁରୁତ୍ୱ ଦେଇଛନ୍ତି। ତାଙ୍କ କହିବା କଥା ହେଲା ଆମେରିକା ଆଶୀର୍ବାଦରୁ ପାନାମା ଭଳି ଛୋଟିଆ ଦେଶ ତାହାକୁ ପରିଚାଳନା କରୁଛି। କିନ୍ତୁ ତାହା ଉପରେ ଚାଇନା ନଜର ପକାଉଥିବାରୁ ଟ୍ରମ୍ପ କ୍ଷୁବ୍ଧ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଚାଇନା ଟ୍ରମ୍ପଙ୍କ କୁହାଟକୁ ପ୍ରତିହତ କରିବାକୁ ଯାଇ କହିଛି ଯେ ପାନାମା ଏକ ସାର୍ବଭୌମ ଦେଶ। ପାନାମା କେନାଲ ଏକ ନିରପେକ୍ଷ ଅନ୍ତର୍ଜାତୀୟ ଜଳପଥ ହୋଇଥିବାରୁ ଚାଇନା ଏ ନେଇ ଟ୍ରମ୍ପଙ୍କୁ ବିରୋଧ କରିଛି। ତେବେ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ କାର୍ଯ୍ୟକାଳ ଆରମ୍ଭ ହେଲେ ବାସ୍ତବତା ଜଣାପଡ଼ିବ।

ଟ୍ରମ୍ପଙ୍କ ୨୦୧୬ରୁ ୨୦୨୦ ପ୍ରଥମ ପାଳିର ରାଷ୍ଟ୍ରପତିତ୍ୱ ସମୟ ଅନେକ କାରଣ ପାଇଁ ବିବାଦୀୟ ହୋଇପଡ଼ିଥିଲା। ୨୦ ଜାନୁଆରୀରେ ଦ୍ୱିତୀୟ ପାଳି ଆରମ୍ଭ ହେବା ପୂର୍ବରୁ ଯାହା ସମ୍ପୂର୍ଣ୍ଣ ଭାବେ ବିବାଦ ବଳୟକୁ ଆସିଯାଇଛି ତାହା ହେଲା ଟ୍ରମ୍ପଙ୍କ ପୁନଶ୍ଚ ଏକଜିଦିଆ ଉଚ୍ଚାରଣ।

ଆମେରିକା ବିଶ୍ୱର ବଡ଼ଭାଇଗିରିଆ ଦେଖାଇ ଆସୁଥିବା ବିଷୟ ସମସ୍ତଙ୍କୁ ଜଣାଶୁଣା। ସଂଘର୍ଷ ପ୍ରପୀଡ଼ିତ ଦେଶ ମଧ୍ୟରେ ଯୁଦ୍ଧବିରତି କରିବାରେ ଲୋକଦେଖାଣିଆ ମଧ୍ୟସ୍ଥ ଭୂମିକା ନିର୍ବାହ କରିବା ହେଉ ବା ପଡ଼ିଆରେ ପାଇଁ ମାନବୀୟ ସହାୟତା ଯୋଗାଇ ଦେଇ ଏହି ରାଷ୍ଟ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ। ଏହି ସମୟରେ ଆଉ ଏକ କୌତୂହଳପ୍ରଦ ଦାବିକୁ ନେଇ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଭାବୀ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ କସରତ ଚାଲିଥିବା ଦୃଷ୍ଟିଗୋଚର ହେଉଛି। ଇସ୍ରାଏଲ-ହମାସ ସାମୟିକ ଯୁଦ୍ଧବିରତିର ଶ୍ରେୟ ନେବା ପାଇଁ ଉଭୟେ ବ୍ୟସ୍ତ। ଟ୍ରମ୍ପ କହିଥିଲେ ସେ ପୁନଶ୍ଚ ରାଷ୍ଟ୍ରପତି ହେବା ପୂର୍ବରୁ ଇସ୍ରାଏଲ-ହମାସ ଯୁଦ୍ଧବିରତି ହୋଇଯିବ। ତାଙ୍କ କହିବା ଅନୁଯାୟୀ ତାହା କାର୍ଯ୍ୟକାରୀ ହୋଇଥିବାରୁ ଟ୍ରମ୍ପ ଶ୍ରେୟ ନେବା ଯଥାର୍ଥ ମନେହେଉଛି। ଅନ୍ୟପକ୍ଷରେ ତାଙ୍କ ଶାସନର ଲେଗାସି ଯୋଗୁ ଏହା ସମ୍ଭବ ହୋଇଛି ବୋଲି ବାଇଡେନ୍ କହିଲେଣି। କିନ୍ତୁ ଇସ୍ରାଏଲ-ହମାସ ସଂଘର୍ଷ ବାଇଡେନ୍‌ଙ୍କ ସମୟରେ ଆରମ୍ଭ ହୋଇ ୧୯ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଘମାଘୋଟ ଲଢ଼େଇରେ ପରିଣତ ହୋଇଥିଲା। ଏହି ସନ୍ଧିକ୍ଷଣରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ଲୁଚିଯାଉଥିବା ଭଳି ମନେହେଉଛି। ଏ ସମ୍ପର୍କରେ ଦୁଇ ନେତା ନୀରବ। ତେଣୁ ସଫା କହିହେବ ଯେ ସିଏ ବାଇଡେନ୍ ହୁଅନ୍ତୁ ବା ଟ୍ରମ୍ପ ନିଜ ଆତ୍ମ ସନ୍ତୁଷ୍ଟୀକରଣ ହେଉ ବା ଆତ୍ମ ବିସ୍ତାରବାଦ ସେମାନଙ୍କ ପାଇଁ ସର୍ବାଧିକ ଗୁରୁତ୍ୱ ରଖିଥାଏ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | 5 | | |
| | | | | 1 | | | 2 | 3 |
| 7 | 3 | 9 | | | | | | |
| | | 5 | | | | | | 6 |
| | | | | 3 | | | | |
| 4 | | | | | 5 | 1 | 8 | |
| | | 6 | | | 4 | | | |
| 9 | | | | 5 | 1 | 7 | | |
| 2 | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 2 | 3 | 9 | 5 | 6 | 7 |
| 3 | 9 | 5 | 6 | 7 | 8 | 4 | 2 | 1 |
| 6 | 7 | 2 | 5 | 4 | 1 | 8 | 3 | 9 |
| 2 | 1 | 4 | 7 | 6 | 3 | 9 | 5 | 8 |
| 7 | 6 | 9 | 8 | 5 | 2 | 3 | 1 | 4 |
| 5 | 8 | 3 | 1 | 9 | 4 | 6 | 7 | 2 |
| 4 | 2 | 8 | 3 | 1 | 5 | 7 | 9 | 6 |
| 9 | 5 | 7 | 4 | 2 | 6 | 1 | 8 | 3 |
| 1 | 3 | 6 | 9 | 8 | 7 | 2 | 4 | 5 |

ଗତକାଲିର ଉତ୍ତର

# ଦାରିଦ୍ର୍ୟ କ'ଣ ହ୍ରାସ ପାଉଛି



ଡ. ସନ୍ତୋଷ କୁମାର ମହାପାତ୍ର

କୌଣସି ପରୀକ୍ଷା, ନିରୀକ୍ଷାର ଫଳାଫଳ ଯେଉଁ ମାନଦଣ୍ଡରେ ଆକଳନ ହୁଏ ତାହାର ସଫଳତା, ବିଫଳତା ସେହିପରି ପରିବର୍ତ୍ତନ ହୋଇଥାଏ। ଉଦାହରଣ ସ୍ୱରୂପ ଯଦି ପରୀକ୍ଷାରେ ପାସ ମାର୍କ ୩୦% ବଦଳରେ ୨୦% ସ୍ଥିର କରାଯାଏ ତେବେ ୩୦% ନମ୍ବର ରଖି ନପାରି କିଛି ଫେଲ୍ ହୋଇଥିବା ପରୀକ୍ଷାର୍ଥୀ ମଧ୍ୟ ପାସ୍ କରିଯିବେ। ସେହିପରି ଦାରିଦ୍ର୍ୟ ରେଖା ଯଦି କମ୍ ମୂଲ୍ୟରେ ଆକଳନ କରାଯାଏ, ତେବେ ଅଧିକ ଲୋକ ଗରିବ ଆଉ ନୁହନ୍ତି ବୋଲି ଜଣାପଡ଼ିବ। ଆମ ଦେଶରେ ଦାରିଦ୍ର୍ୟ ସେହିପରି ଆକଳନ ହେଉଛି। ଆଗରୁ ଯୋଜନା ଆୟୋଗ ବା ତାହା ଦ୍ୱାରା ନିଯୁକ୍ତ କମିଟି ଦାରିଦ୍ର୍ୟ ଆକଳନ କରୁଥିଲା। ଏହା ମୁଣ୍ଡପିଛା କ୍ୟାଲୋରୀ ପ୍ରାପ୍ତିକୁ ଭିତ୍ତିକରି ଆକଳନ କରିଥାଏ, ଯାହା ଜାତୀୟ ନମୁନା ସର୍ବେକ୍ଷଣର ଉପଭୋଗ ବ୍ୟୟରୁ ପ୍ରାପ୍ତ ହୋଇଥାଏ। ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ମୁଖ୍ୟ ଅର୍ଥନୀତିଜ୍ଞ ଡକ୍ଟର ସୌମ୍ୟକାନ୍ତି ଘୋଷ ପାରିବାରିକ ଉପଭୋଗ ବ୍ୟୟ ସର୍ବେକ୍ଷଣକୁ ( ଏଚ୍‌ସିଇଏସ୍) ଭିତ୍ତିକରି ଦାରିଦ୍ର୍ୟ ହ୍ରାସ ପାଇଛି ବୋଲି କହିଛନ୍ତି। ତାଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାମୀଣ ଦାରିଦ୍ର୍ୟ ହାର ଯାହା ୭.୨% ଥିଲା, ତାହା ୨୦୨୩-୨୪ ରେ ୪.୮୬%କୁ ହ୍ରାସ ପାଇଛି। ସେହିପରି ସେହି ଅବଧିରେ ସହରୀ ଦାରିଦ୍ର୍ୟ ହାର ୪.୬%ରୁ ୪.୧%ହ୍ରାସ ପାଇଛି। ସାମଗ୍ରିକ ଭାବେ ଦାରିଦ୍ର୍ୟ ହାର ୨୦୨୩-୨୪ରେ ୪ ରୁ ୪.୫%ରେ ରହିଛି। ଏହା ତ୍ରୁଟିପୂର୍ଣ୍ଣ ମନେହୁଏ।

ଉଲ୍ଲେଖଯୋଗ୍ୟ ଯେ, ଦାରିଦ୍ର୍ୟ ହାରକୁ ନେଇ ବିବାଦ ଦେଖାଦେବାରୁ ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ସୁରେଶ ତେନ୍ଦୁଲକରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ତାଙ୍କ ଆକଳନ ଅନୁଯାୟୀ ୨୦୦୪-୦୫ ରେ ଜାତୀୟ ସ୍ତରରେ ଏବଂ ମୋଟ ଉପରେ ୩୭.୨% (ଗ୍ରାମାଞ୍ଚଳରେ ୪୧.୮% ଏବଂ ସହରାଞ୍ଚଳରେ ୨୫.୭%) ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ୨୦୧୧-୧୨ମସିହାରେ ଜାତୀୟ ସ୍ତରରେ ଦାରିଦ୍ର୍ୟ ଅନୁପାତ ୨୧.୯୨% (ସହରାଞ୍ଚଳ ୨୫.୭%, ଗ୍ରାମାଞ୍ଚଳ: ୧୩.୭%) ଥିଲା। ୨୦୧୧-୧୨ରେ ତେନ୍ଦୁଲକର କମିଟି ଅନୁସାରେ ଦୈନିକ ମୁଣ୍ଡପିଛା ବ୍ୟୟ ଗ୍ରାମାଞ୍ଚଳରେ ୨୭ ଟଙ୍କାରୁ (ମାସିକ ୮୧୬ ଟଙ୍କା) ଏବଂ ସହରାଞ୍ଚଳରେ ୩୩ ଟଙ୍କାରୁ (ମାସିକ ୧୦୦୦ ଟଙ୍କା) କମ୍ ହେଲେ ଗରିବ ଧରାଯାଉଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କର ଦାରିଦ୍ର୍ୟ ଆକଳନ ତ୍ରୁଟିପୂର୍ଣ୍ଣ, କାରଣ ଏହା ତେନ୍ଦୁଲକର କମିଟି ୨୦୧୧-୧୨ର ସୀମାରେଖାକୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ଗ୍ରାମାଞ୍ଚଳରେ (ମାସିକ ୧୬୩୨ ଟଙ୍କା ବା ଦୈନିକ ୫୪.୪୦ଟଙ୍କା) ଏବଂ ସହରାଞ୍ଚଳରେ (ମାସିକ୧୯୪୪ ଟଙ୍କା ବା ଦୈନିକ



୬୪.୮୦ଟଙ୍କା)ରେ ସ୍ଥିର କରିଛନ୍ତି। ମୁଦ୍ରାସ୍ଫୀତି ଜୀବନଯାପନର ପରିବ୍ୟୟ ବୃଦ୍ଧିକୁ ଦର୍ଶାଇନଥାଏ। ଏଣୁ ଦାରିଦ୍ର୍ୟ ଆକଳନ ବେଳେ ବିଭିନ୍ନ ସମୟର ଜୀବନଯାପନର ଖର୍ଚ୍ଚ (ଜୀବନଯାପନର ପରିବ୍ୟୟ ସୂଚକାଙ୍କ)କୁ ବିଚାରକୁ ନେବା ଉଚିତ। ଉଲ୍ଲେଖଯୋଗ୍ୟ ଯେ ଖୁଚୁରା ମୁଦ୍ରାସ୍ଫୀତି ହାରାହାରି ୬% ଥିଲାବେଳେ ସେବା ଓ ଜୀବନଶୈଳୀ ମୁଦ୍ରାସ୍ଫୀତି ୧୨% ଊର୍ଦ୍ଧ୍ୱରେ ରହିଛି। ଜୀବନଯାପନର ପରିବ୍ୟୟ ଦ୍ରୁତଗତିରେ ବୃଦ୍ଧିପାଉଛି। ଶିକ୍ଷା, ସ୍ୱାସ୍ଥ୍ୟ ଅଧିକ ବ୍ୟୟସାପେକ୍ଷ ହେବା ଏପରିକି ଗରିବଙ୍କ ପାଇଁ ଅପହଞ୍ଚ ହେବା ; ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ଦ୍ରୁତଗତିରେ ବୃଦ୍ଧି ପାଇବା ; ଉପଭୋକ୍ତାବାଦ ଜୀବନଚର୍ଯ୍ୟାକୁ ପ୍ରଭାବିତ କରିବା ଦ୍ୱାରା ଜୀବନଯାପନର ପରିବ୍ୟୟ ଆଜି ବହୁ ଅଧିକ। ଜୀବନଯାପନର ପରିବ୍ୟୟ ଦୃଷ୍ଟିରୁ ଭଡ଼ା ବିନା ଚାରି ଜଣିଆ ପରିବାରର ଏକ ଆନୁମାନିକ ମାସିକ ଖର୍ଚ୍ଚ ୯୯,୩୮୩.୯୦ ଟଙ୍କା ହୋଇଥିଲାବେଳେ ଜଣେ ବ୍ୟକ୍ତିର ଆନୁମାନିକ ମାସିକ ଖର୍ଚ୍ଚ ଭଡ଼ା ବିନା ୨୮,୮୮୭ ଟଙ୍କା। କିନ୍ତୁ ଦାରିଦ୍ର୍ୟ ସୀମାରେଖା ୨୦୦୦ ଟଙ୍କାରୁ କମ୍।

ବିଶ୍ୱବ୍ୟାଙ୍କ ସାଧାରଣତଃ ଉତ୍କଟ ଦାରିଦ୍ର୍ୟ ୨୮ଟି ସ୍ୱଳ୍ପ ଆୟକାରୀ ଦେଶର ଦାରିଦ୍ର୍ୟ ସୀମା ରେଖାର ହାରାହାରିକୁ ନେଇ ନିର୍ଦ୍ଧାରଣ କରିଥାଏ ଏବଂ ଏହା ଡଲାରର ବିନିମୟ ମୂଲ୍ୟ ( ବର୍ତ୍ତମାନ ୧ଡଲାର= ୮୬ ଟଙ୍କା ) ନୁହେଁ ବରଂ ୨୦୧୭ର କ୍ରୟ ଶକ୍ତି ସମତା ( ଭାରତ କ୍ଷେତ୍ରରେ ୧ଡଲାର= ୨୧.୮୦ଟଙ୍କା ପାଖାପାଖି)କୁ ଭିତ୍ତିକରି ଦୈନିକ ୨.୧୫ ଆମେରିକୀୟ ଡଲାର (କ୍ରୟ ଶକ୍ତି ସମତା ) ଭାବେ ଧାର୍ଯ୍ୟ କରିଛି। କ୍ରୟ ଶକ୍ତି ସମତା କହିଲେ କିଛି ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବାର ମୂଲ୍ୟ ଆମେରିକା ଡଲାରରେ କେତେ ପଡ଼ିଲା ବେଳେ ଭାରତରେ କେତେ ଟଙ୍କା ପଡ଼ିବ। ୨୦୨୪ ଅକ୍ଟୋବର ୧୫ ରେ ବିଶ୍ୱବ୍ୟାଙ୍କ 'ଦାରିଦ୍ର୍ୟ, ସମୃଦ୍ଧି ଓ ପୃଥିବୀ: 'ଏକାଧିକ ସଂକଟରୁ (ପଲିକ୍ରାଇସିସ) ବାହାରିବାର ପଥ' ଶୀର୍ଷକ ରିପୋର୍ଟ ଅନୁସାରେ ଭାରତରେ ପ୍ରାୟ ୧୨.୯ କୋଟି ଉତ୍କଟ ଦାରିଦ୍ର୍ୟରେ କାଳାତିପାତ କରୁଛନ୍ତି। ନିମ୍ନ ମଧ୍ୟବିତ୍ତ ଆୟକାରୀ ଦେଶ ପାଇଁ ବ୍ୟବହୃତ ଦାରିଦ୍ର୍ୟ ସୀମା ୩.୬୫ ଡଲାରକୁ ବିଚାର କଲେ ୪୪% ଏବଂ ଉଚ୍ଚ ମଧ୍ୟବିତ୍ତ ଦେଶଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଦାରିଦ୍ର୍ୟ ସୀମା ୬.୮୫ ଡଲାରକୁ ବିଚାରକୁ ନେଲେ ଦାରିଦ୍ର୍ୟ ଅନୁପାତ ୮୨%କୁ ବୃଦ୍ଧିପାଇବ। ୟୁଏନ୍‌ଡିପି ଏବଂ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମ୍ୟାନ ଡେଭଲପ୍‌ମେଣ୍ଟ ଇନିସିଏଟିଭ ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟ 'ଗ୍ଲୋବାଲ ମଲ୍ଟିଡାଇମେନଶନାଲ ପ୍ରଭର୍ଟି ଇଣ୍ଡେକ୍ସ' ବସ୍ତୁତଃ ଏହି ସୂଚକାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନ ଧାରଣର ମାନକୁ ବିଚାରକୁ ନେଇଥାଏ। ଏହାର ୧୦ଟି ଉପସୂଚକାଙ୍କ ରହିଛି। ଏହି ରିପୋର୍ଟ ଅନୁଯାୟୀ ଭାରତର ୨୩.୪ କୋଟି ଲୋକ ଦରିଦ୍ର।

ଦାରିଦ୍ର୍ୟ ବିଷୟରେ ଆଲୋଚନା କରିବା ସମୟରେ, ଟ୍ରାଞ୍ଜିଏଟ ବା କ୍ଷଣସ୍ଥାୟୀ ଦାରିଦ୍ର୍ୟର ପ୍ରଭାବ ବିଷୟରେ କମ୍ ଆଲୋଚନା କରାଯାଏ, ଯାହା ଲୋକଙ୍କ କ୍ରୟ ଶକ୍ତି ହ୍ରାସ କରିଥାଏ। କ୍ଷଣସ୍ଥାୟୀ ଦାରିଦ୍ର୍ୟ ଆକଳନ କରିବା କଷ୍ଟକର। କ୍ଷଣସ୍ଥାୟୀ ଦାରିଦ୍ର୍ୟ ଦୀର୍ଘକାଳୀନ ଦାରିଦ୍ର୍ୟ (କ୍ରୋନିକ ପଭର୍ଟି) ଠାରୁ ଭିନ୍ନ, ଯାହା ଏକ ଦୀର୍ଘକାଳୀନ ଅଭାବର ଅବସ୍ଥା। ଟ୍ରାଞ୍ଜିଏଟ ବା କ୍ଷଣସ୍ଥାୟୀ ଦାରିଦ୍ର୍ୟ ହେଉଛି ଏକ ଅସ୍ଥାୟୀ ଦାରିଦ୍ର୍ୟ ଅବସ୍ଥା, ଯାହା ବିଭିନ୍ନ ସାମୟିକ ସମସ୍ୟାରୁ ସୃଷ୍ଟି ହୋଇଥାଏ। ଉଦାହରଣ ସ୍ୱରୂପ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି, ଅସୁସ୍ଥତା ଜନିତ ବ୍ୟୟ, ସ୍ୱାସ୍ଥ୍ୟ ବା ପିଲାଙ୍କ ଶିକ୍ଷା ବା ବିବାହ ବା ଋଣ ପରିଶୋଧ ଜନିତ ବ୍ୟୟ। ସେହିପରି ଚାଷ ଉଜୁଡ଼ିଯିବା, ପରିବାରର ମୁଖ୍ୟ ଆୟକାରୀ ମୃତ୍ୟୁ ବରଣ କରିବା ଯୋଗୁ ଆୟ ହ୍ରାସ ପାଇବା, ବିଭିନ୍ନ ଆର୍ଥିକ ସଙ୍କଟ କିମ୍ବା କରୋନା ମହାମାରୀ ଭଳି ବିପର୍ଯ୍ୟୟ ଦ୍ୱାରା କ୍ଷୟକ୍ଷତି ଘଟିବା ଦ୍ୱାରା ହୋଇପାରେ। ଏହା ବେକାରି କିମ୍ବା ମୁଦ୍ରାସ୍ଫୀତିର ଅହେତୁକ ବୃଦ୍ଧି, ଆର୍ଥିକ ମାନ୍ଦାବସ୍ଥା ଯୋଗୁ ମଧ୍ୟ ହୋଇପାରେ। ଏକ ବଡ଼ ଉଦାହରଣ ହେଉଛି କରୋନା ମହାମାରୀର ପ୍ରଭାବ। ବିଶ୍ୱ ବ୍ୟାଙ୍କ ଦ୍ୱାରା (ଅକ୍ଟୋବର ୧୩, ୨୦୨୨)ର 'ଦାରିଦ୍ର୍ୟ ଏବଂ ସହଭାଗୀ ସମୃଦ୍ଧତା ୨୦୨୨'ଶୀର୍ଷକ ରିପୋର୍ଟରେ ଦର୍ଶାଯାଇଛି ଯେ, କରୋନା ମହାମାରୀ ଯୋଗୁ ୨୦୨୦ ଶେଷ ସୁଦ୍ଧା ୭.୧ କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟ ଗହ୍ୱରକୁ ଯାଇଛନ୍ତି ଏବଂ ସେଥିରୁ ପ୍ରାୟ ୭୯% ଲୋକ ବା ୫.୬ କୋଟି ଭାରତୀୟ। ଏହାକୁ ସାମଗ୍ରିକ ଦାରିଦ୍ର୍ୟ ଆକଳନ ବେଳେ ବିଚାରକୁ ନିଆଯାଇ ନାହିଁ। ସେହିପରି ବିଭିନ୍ନ ଯୋଜନା ଦ୍ୱାରା ଲୋକଙ୍କ ଆୟ ଓ ବ୍ୟୟ ବୃଦ୍ଧି ପାଇଥାଏ। ସେହି ଯୋଜନା ବନ୍ଦ ହେଲେ ଦାରିଦ୍ର୍ୟ ପୁଣି ବୃଦ୍ଧିପାଇବ। ବାସ୍ତବରେ ଦାରିଦ୍ର୍ୟ ହ୍ରାସ ପାଇଛି , କିନ୍ତୁ ଯେପରି ପ୍ରଚାର କରାଯାଉଛି ସେପରି ନୁହେଁ। ଏହା ହୋଇ ନ ଥିଲେ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇବାକୁ ପଡୁ ନ ଥାନ୍ତା।

**ମୋ:୯୪୩୭୨୦୮୭୬୨**

# ସମାଜରେ ଜାଗରଣ ଓ ସମାଜର ଜାଗରଣ



ଡ. ମନୋରଞ୍ଜନ ପ୍ରଧାନ

ସମାଜରେ ଜାଗରଣ ଓ ସମାଜର ଜାଗରଣ ଭିତରେ କେବଳ ଗୋଟିଏ 'ମାତ୍ରା'ର ଭିନ୍ନତା ରହିଛି କିନ୍ତୁ ଉଭୟର ଅର୍ଥ ଓ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭିନ୍ନ। କେମିତି ? ଆମେ ଅନେକ ସମୟରେ ସମାଜରେ ଜାଗରଣ ସୃଷ୍ଟି କରିବା ପାଇଁ ପ୍ରୟାସ କରିଥାଉ, ଯାହାକି ତୁଳନାତ୍ମକ ଭାବରେ ସାମୟିକ ବା କ୍ଷଣସ୍ଥାୟୀ। ଉଦାହରଣ ସ୍ୱରୂପ ସଚେତନତା ଶିବିର, ରାଲି, ପଥପ୍ରାନ୍ତ ନାଟକ, ପ୍ରଦର୍ଶନୀ, ସଭା, ସମିତି ଓ ଅନ୍ୟାନ୍ୟ ରୂପରେ ସମାଜରେ ବିଭିନ୍ନ ସମସ୍ୟା ଓ ଆହ୍ୱାନ ସମ୍ବନ୍ଧରେ ବିଭିନ୍ନ ବ୍ୟକ୍ତି ଓ ସଂଗଠନ ଦ୍ୱାରା ଜାଗରଣ ନିମନ୍ତେ ଭରପୂର ପ୍ରୟାସ ହେଉଛି ଏବଂ ଫଳ ମଧ୍ୟ ସମାଜକୁ ମିଳୁଛି। କିନ୍ତୁ ତାହା ସ୍ଥାୟୀ ହୋଇପାରୁନାହିଁ। ଦୃଷ୍ଟାନ୍ତ ସ୍ୱରୂପ ପଲିଥିନ ବ୍ୟବହାର ଓ ତା'ର ଦୁଷ୍ପରିଣାମ ସମ୍ବନ୍ଧରେ ଆଇନ ଅଛି ଓ ସଚେତନତା ମଧ୍ୟ ହେଉଛି କିନ୍ତୁ ତାହା ସମ୍ପୂର୍ଣ୍ଣ ଫଳବତୀ ହୋଇପାରୁ ନାହିଁ । କାରଣ ଏହା ସମାଜରେ ଜାଗରଣ ଭିତରେ ସୀମିତ। କିଛିଦିନ ପାଇଁ ଆମେ ପଲିଥିନ ବ୍ୟବହାରଠାରୁ ଦୂରେଇ ଯାଉଛେ, ପୁଣି ଯଥା ପୂର୍ବ ତଥା ପର ସ୍ଥିତି। ଯେତେବେଳେ ଏହି ଜାଗରଣ ସମାଜର ଜାଗରଣରେ ପରିଣତ ହୋଇଯିବ, ତେବେ ବାରମ୍ବାର ଆମକୁ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡ଼ିବ ନାହିଁ। ମାନେ ଯେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିବ କିଏ କାମ ମୋର ଏବଂ ମୋତେ ହିଁ କରିବାକୁ ପଡ଼ିବ, ତେବେ ସମସ୍ୟାର ସମାଧାନ ସ୍ଥାୟୀ ଭାବରେ ହୋଇଯିବ। ଆଜି ସ୍ୱଚ୍ଛତାକୁ ନେଇ ସାରା ଭାରତରେ ଯେଉଁ ଗଣ ଆନ୍ଦୋଳନ ଆରମ୍ଭ ହୋଇଛି ତାହା ସମାଜର ଜାଗରଣରେ ପରିଣତ ହୋଇଛି। ସେଥିପାଇଁ ଛୋଟ ଛୁଆଠାରୁ ବଡ଼ ଯାଏ ନିଜ ଘର,ସାହି, ଗାଁ ବା ସହରକୁ ଅଳିଆ ଆବର୍ଜନାମୁକ୍ତ କରିବା ପାଇଁ ଏକ ପ୍ରକାର ପଣ କରିଛନ୍ତି। ଫଳତଃ ଧୀରେ ଧୀରେ ଆମ ଦେଶ ସ୍ୱଚ୍ଛତା ଆଡକୁ ଆଗେଇ ଚାଲିଛି। ଅର୍ଥାତ୍ ଯେତେବେଳେ ସମାଜ ତଥା ସମାଜର ଲୋକମାନେ ସ୍ୱତଃ କୌଣସି କାର୍ଯ୍ୟ କରିବାକୁ ଆଗେଇ ଆସିବେ ସେତେବେଳେ ତାହା ସମାଜର ଜାଗରଣରେ ପରିଣତ ହୋଇଯିବ। ଅବଶ୍ୟ ଏହା ବି ସତ୍ୟ ଯେ ସମାଜର ଜାଗରଣ ହେବା ପାଇଁ ସମାଜରେ ଜାଗରଣ ତା'ର ପ୍ରଥମ ପର୍ଯ୍ୟାୟ କୁହାଯାଇପାରେ। କିନ୍ତୁ ସମାଜରେ ଜାଗରଣର ପ୍ରଭାବ ସାମୟିକ ଓ କ୍ଷଣସ୍ଥାୟୀ ଏବଂ ସମାଜର ଜାଗରଣର ପରିଣାମ ସ୍ଥାୟୀ ଓ ଚିରନ୍ତନ।

ଇସ୍ରାଏଲ ଦେଶ କଥା ଚିନ୍ତା କରନ୍ତୁ। ଯେତେବେଳେ ଇହୁଦୀମାନେ ସେମାନଙ୍କ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ପାଇଁ ଆରମ୍ଭ କରିଥିବା ଆନ୍ଦୋଳନ ବା ବିପ୍ଳବକୁ ଇହୁଦୀସମାଜର ଆନ୍ଦୋଳନ ବା ସଂଗ୍ରାମର ରୂପ ଦେଲେ, ସେମାନେ ଏକ ସୁଦୃଢ଼, ସୁଦକ୍ଷ, ସୁବ୍ୟବସ୍ଥିତ ତଥା ସ୍ୱାଭିମାନୀ ସାର୍ବଭୌମ ରାଷ୍ଟ୍ରଟିଏ ଗଠନ କରିପାରିଲେ। ଇହୁଦୀମାନଙ୍କର ସମାଜର ଜାଗରଣର ପ୍ରଭାବ ଆଜି ବିଶ୍ୱ ଅନୁଭବ କରୁଛି। ମାନେ ଭୌଗୋଳିକ ଆୟତନ ବା ଆକାର ଓ ଜନସଂଖ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଛୋଟ ହେଲେ ମଧ୍ୟ ଇସ୍ରାଏଲ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସାମରିକ ଶକ୍ତି ଓ ପ୍ରତିରକ୍ଷା କ୍ଷେତ୍ରରେ ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଏହି ଜାଗରଣ ଇହୁଦୀମାନଙ୍କର ଏକତା, ଅଖଣ୍ଡତା ଓ ସାମୂହିକ ଶକ୍ତିର ପରିଚୟ ପ୍ରଦାନ କରୁଛି। ତେଣୁ ସମାଜର ଜାଗରଣ ସହ ରାଷ୍ଟ୍ରୀୟ ଚେତନା ଯୋଡ଼ି ହୋଇଗଲେ ତାହା ଶାଶ୍ୱତ ଜାଗରଣରେ ପରିଣତ ହୋଇଯାଏ।

ଏଠାରେ ଗୋଟିଏ ପ୍ରାମାଣିକ ଉଦାହରଣ ଦିଆଯାଇପାରେ। ସାକ୍ଷରତା ଅଭିଯାନ ଆମ ଦେଶର



ଏକ ବୃହତ ସମାଜରେ ଜାଗରଣ କାର୍ଯ୍ୟକ୍ରମ। କିନ୍ତୁ ଏହାର ସୁଫଳ ଆଜିଯାଏ ସମ୍ପୂର୍ଣ୍ଣ ମିଳିପାରି ନାହିଁ। ଅର୍ଥାତ୍ ଆଜି ମଧ୍ୟ କାଗଜ କଲମରେ ପ୍ରାୟ କୋଡ଼ିଏରୁ ପଚିଶ ଭାଗ ଲୋକ ନିରକ୍ଷର ଅଛନ୍ତି। କାରଣ ଏ ଆନ୍ଦୋଳନ ସମାଜର ଜାଗରଣରେ ପରିଣତ ହୋଇପାରି ନାହିଁ। ଯଦି ଶହେ ଚାଳିଶ କୋଟି ଜନସଂଖ୍ୟାବିଶିଷ୍ଟ ଦେଶର ପ୍ରାୟ ଶହେ କୋଟି ଲୋକ ଶିକ୍ଷିତ/ ପାଠୁଆ/ ସାକ୍ଷର, ତେବେ ବାକି ଚାଳିଶ କୋଟି ଲୋକଙ୍କୁ ସାକ୍ଷର କରିବାକୁ କେତେଦିନ ଲାଗିବ ଯଦି ଏହାକୁ ସମାଜର ଜାଗରଣ ବା ଆନ୍ଦୋଳନରେ ପରିଣତ କରିବା। ମାନେ ଶହେ କୋଟି ଶିକ୍ଷିତ ଲୋକ ଯଦି ଜାଗ୍ରତ ହେବେ ଜଣେ ଅନ୍ୟ ଜଣକୁ ସାକ୍ଷର କରିବାକୁ ପ୍ରତିଜ୍ଞା କରିବେ ସାକ୍ଷରତା ଶହେ ପ୍ରତିଶତ ହେବାକୁ କେତେଦିନ ଲାଗିବ! ଏହା ବିନା ସରକାରୀ ଖର୍ଚ୍ଚରେ ସୁରୁଖୁରୁରେ ହୋଇଯିବ। ଏଠାରେ ଏକ ପ୍ରାମାଣିକ ତଥା ବାସ୍ତବ ଉଦାହରଣଟିଏ ଦେଉଛି ଯାହାକି ସମାଜର ଜାଗରଣର ଏକ ଜ୍ୱଳନ୍ତ ନମୁନା।

ପ୍ରାୟ ତିରିଶ ବର୍ଷ ତଳର କଥା। ଆମ ଗାଁ ବିଦ୍ୟାଳୟରେ କେବଳ ଦୁଇଜଣ ଶିକ୍ଷକ ଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ କେବଳ ଦୁଇ ଜଣ ଶିକ୍ଷକ ପିଲାମାନଙ୍କୁ ଠିକ୍ ରୂପେ ଦେଖିବା କଷ୍ଟସାଧ୍ୟ ହେଉଥିଲା। ସେତେବେଳେ ଆମ ଭଳି କଲେଜ ପଢୁଆ ଗାଁ ପିଲାମାନେ ଅବୈତନିକ ଭାବରେ ସକାଳ ଓ ସନ୍ଧ୍ୟା ସମୟରେ ଗାଁ ପିଲାଙ୍କୁ ପଢ଼େଇବାକୁ ନିଷ୍ପତ୍ତି ନେଲୁ ଏବଂ ପାଠପଢ଼ା ଆରମ୍ଭ କରିଦେଲୁ। ଗାଁ ଲୋକମାନେ ଆମକୁ ପୂର୍ଣ୍ଣ ସହଯୋଗ କଲେ। ପରିଣାମ ସ୍ୱରୂପ ଆମ ଗାଁ ପିଲାମାନେ ସମଗ୍ର ଅଞ୍ଚଳରେ ଶିକ୍ଷା ଦୃଷ୍ଟିରୁ ନୂତନ ପରିଚୟ ସୃଷ୍ଟି କରିପାରିଲେ। ଫଳତଃ ଆଖପାଖ ଗାଁ ପିଲା ମଧ୍ୟ ସେହି ଶିକ୍ଷା ଆନ୍ଦୋଳନର ଅଂଶ ହୋଇ ଅଞ୍ଚଳର ଶୈକ୍ଷିକ ବିକାଶରେ ବିଶେଷ ଯୋଗଦାନ ଦେଇଥିଲେ। ତେଣୁ ସମାଜ ଯେତେବେଳେ ଜାଗ୍ରତ ହୋଇଯିବ ଏବଂ ସମାଜରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ଏଭଳି କାର୍ଯ୍ୟକୁ ରାଷ୍ଟ୍ରୀୟ କାର୍ଯ୍ୟ ଭାବରେ ଗ୍ରହଣ କରିନେବେ, ସେତେବେଳେ ଗୋଟିଏ ରାଷ୍ଟ୍ର ଏକ ଜୀବନ୍ତ ଶକ୍ତି ଭାବରେ ଠିଆହେବ ଏବଂ ସବୁ ଦିଗରେ ସଫଳତା ନିଶ୍ଚୟ ମିଳିବ।

ଭାରତର ସ୍ୱାଧୀନତା ସଂଗ୍ରାମ ଯେତେବେଳେ ସମାଜର ଜାଗରଣରେ ପରିଣତ ହେଲା, ପ୍ରତ୍ୟେକ ଭାରତୀୟ ଭାବିଲେ କି ସ୍ୱାଧୀନତା ହିଁ ଆମର ପରମ ଓ ଚରମ ଲକ୍ଷ୍ୟ ସେତେବେଳେ ଗିରିକନ୍ଦର, ଗ୍ରାମନଗରରୁ ଶହ ଶହ ପାଠୁଆ ଅପାଠୁଆ, ଧନୀ ନିର୍ଦ୍ଧନ, ସମସ୍ତେ ଏକାକାର ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସଦେଲେ। ପରିଣାମ ସ୍ୱରୂପ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ ହେଲା। ତେଣୁ ସମାଜରେ ଜାଗରଣ ଅପେକ୍ଷା ସମାଜର ଜାଗରଣ ଅଧିକ ଶକ୍ତିଶାଳୀ। ସଂକ୍ଷେପରେ କହିଲେ ବ୍ୟକ୍ତି/ବ୍ୟଷ୍ଟିଗତ ଜାଗରଣ ଯେତେବେଳେ ସମଷ୍ଟିଗତ ଜାଗରଣରେ ପରିଣତ ହୁଏ,ତାହା ସମାଜର ଜାଗରଣର ସ୍ୱୀକୃତିଲାଭ କରେ। ଅର୍ଥାତ୍ ବ୍ୟକ୍ତିଗତ ବା ଆନୁଷ୍ଠାନିକ ପ୍ରଚେଷ୍ଟାକୁ ସମାଜରେ ଏବଂ ସମାଜ ଠିଆ ହୋଇ କୌଣସି କାର୍ଯ୍ୟ କରିବାକୁ ସମାଜର ଜାଗରଣ କୁହାଯାଇପାରେ। ତେଣୁ ୨୦୪୭ ଭିତରେ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଶହେ ଚାଳିଶ କୋଟି ଲୋକ ଏହାକୁ ସମାଜର ଜାଗରଣ ଭାବେ ପ୍ରସ୍ତୁତ ହୋଇ ନିଜ ନିଜ ସ୍ତରରେ ଏକ ମନ ଓ ଏକ ପ୍ରାଣରେ ଆଗକୁ ଆସିବାକୁ ପଡ଼ିବ। ଶୁଭସ୍ୟ ଶୀଘ୍ରମ୍।

**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ପରିଶ୍ରମ ଆଉ ନିଷ୍ଠା ବଳରେ ମଣିଷ ସବୁ ସ୍ୱପ୍ନକୁ ପୂରା କରିପାରିବ। ଏହାର ଏକ ଉଦାହରଣ ହେଉଛନ୍ତି ମଧ୍ୟପ୍ରଦେଶର ଆୟେଶା ଅନସାରୀ। କୌଣସି କୋଚିଂ ନ ନେଇ ଘରେ ପାଠ ପଢି ଏବେ ସେ ହୋଇଛନ୍ତି ଡେପୁଟି କଲେକ୍ଟର। ଆୟେଶାଙ୍କ ବାପା ଜଣେ ଅଟୋଚାଳକ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ବଡହୋଇ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ କଲେକ୍ଟର ହେବା ପାଇଁ ଦୃଢ ସଙ୍କଳ୍ପ ନେଇଥିଲେ। ତାଙ୍କର ଏହି ସ୍ୱପ୍ନ ସୃଷ୍ଟି ହୋଇଥିଲା ତାଙ୍କ ବାପାଙ୍କ ପାଇଁ। ତାଙ୍କ କହିବା ଅନୁସାରେ ବାପା ଅଟୋ ଡ୍ରାଇଭର ଥିବାରୁ ପାଖ କଲୋନୀ ବାଟ ଦେଇ ପ୍ରାୟ ପ୍ରତିଦିନ ଯାଆନ୍ତି, ଯେଉଁଠାରେ ସରକାରୀ ଅଧିକାରୀଙ୍କ କ୍ୱାର୍ଟର୍ସ ରହିଥିଲା। କ୍ୱାର୍ଟର୍ସ ଆଗରେ ନେମ୍‌ପ୍ଲେଟ୍‌କୁ ଦେଖି ତାଙ୍କ ବାପା ଖୁସିହୋଇ ଯାଆନ୍ତି ଓ କୁହନ୍ତି ଯଦି ତାଙ୍କର କେହି ଏଭଳି ସରକାରୀ କର୍ମଚାରୀ ହୋଇଥାନ୍ତେ ତେବେ ସେ ବହୁତ ଖୁସି ହୋଇଥାନ୍ତେ। ବାପାଙ୍କର ଏହି କଥା ଆୟେଶାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ତେଣୁ ସେ କଲେକ୍ଟର ହେବା ପାଇଁ ଲକ୍ଷ୍ୟ ରଖି ଖୁବ୍ ପରିଶ୍ରମ କରୁଥିଲେ। ତାଙ୍କର ପରିଶ୍ରମ ଏବେ ସଫଳ ହୋଇଛି। କୌଣସି କୋଚିଂ ବିନା ଘରେ ନିଜ ଉଦ୍ୟମରେ ପାଠପଢି ସେ ମଧ୍ୟପ୍ରଦେଶ ପ୍ରଶାସନିକ ସେବା ପରୀକ୍ଷାରେ ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଏବେ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜାନୁଆରୀ ୧୯୭୬

- ୩୭୫ ଜଣ ଶ୍ରମିକ ଅଟକି ରହିଥିବା ଚାସନଳା କୋଇଲା ଖଣିରେ ଜୀବନର କୌଣସି ଚିହ୍ନବର୍ତ୍ତ ନାହିଁ ବୋଲି ଜଣାଯାଇଛି।
- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦଶବାର୍ଷିକ ଉତ୍ସବ ଅବସରରେ ଭାରତୀୟ ଡାକ ତାର ବିକାଶ ଦେଶର ଏକ ଶହ ସହରକୁ ସିଧାସଳଖ ଟେଲି ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ !
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଝିଅ ସଂଖ୍ୟା ହ୍ରାସ ଉଦ୍‌ବେଗଜନକ

ମହାଶୟ,

ଆଗକାଳରେ ବଂଶ ବଢାଇବା ଲକ୍ଷ୍ୟରେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କୁ ଅଧିକ ଗୁରୁତ୍ୱ ଦେଉଥିଲେ। ବୃଦ୍ଧ କାଳରେ ପୁଅ ମା'ବାପାଙ୍କୁ ପୋଷିବ ଓ ମୃତ୍ୟୁ ସମୟରେ ମୁହଁରେ ମୁଖାଗ୍ନି ଦେବ। ଏହି ଆଶାରେ ପୁଅମାନଙ୍କୁ ଅଧିକ ଗୁରୁତ୍ୱ ଦେଉଥିବା ମା'ବାପାମାନେ ନିଜ ପୁଅ ପାଇଁ ବୋହୂଟିଏ ଖୋଜି ପାଉନାହାନ୍ତି। ଏହାର କାରଣ ହେଲା ଅଲଟ୍ରାସାଉଣ୍ଡ ମାଧ୍ୟମରେ ଲିଙ୍ଗ ନିରୂପଣ କରି ଭ୍ରୂଣହତ୍ୟା କରିବା ଏବେ ବି ବନ୍ଦ ହେଉନାହିଁ। ପୁଅ ଓ ଝିଅ ମଧ୍ୟରେ କୌଣସି ଫରକ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଥିଲେ ମଧ୍ୟ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ। ସରକାର ଝିଅ ସଂଖ୍ୟା ବୃଦ୍ଧି ନିମନ୍ତେ ଯଦି କିଛି ବିକଳ୍ପ ବ୍ୟବସ୍ଥା ବାହାର ନ କରନ୍ତି ତେବେ ସମୟ ଆସିବ ପୁଅ ଆଶାରେ ଝିଅ ଚାହୁଁ ନ ଥିବା ମା'ବାପାମାନେ ନିଜ ପୁଅକୁ ଅବିବାହିତ ରଖିବାକୁ ବାଧ ହେବେ। ଆଉ ସଂସାର ଆଗକୁ ବଢିପାରିବ ନାହିଁ। ଏଣୁ ବେଳ ଥାଉ ଥାଉ ସତର୍କ ରହିବା ଜରୁରୀ ବୋଲି ମନେହୁଏ।

**-ଅଶୋକ ରାଉଳ, ଅଢଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମ୍ବଲପୁରୀ ଧନୁଯାତ୍ରା ଉଦ୍‌ଯାପିତ

**■ କଂସ ମହାରାଜଙ୍କ ବଧ**
**■ ଆନନ୍ଦାଶ୍ରୁରେ ଭିଜିଲା ଗୋପପୁର**

**ସମ୍ବଲପୁର,୧୯।୧(ବି.ଶଙ୍କର)**

ଶ୍ରୀକୃଷ୍ଣ ଓ ବଳରାମଙ୍କ ହସ୍ତରେ ମଥୁରାଧିପତି କଂସ ମହାରାଜଙ୍କ ବଧ ହୋଇଛି। ଏଥିସହ ସମ୍ବଲପୁରୀ ଧନୁଯାତ୍ରା ରବିବାର ରାତିରେ ଗଙ୍ଗାଧର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। କଂସଙ୍କ ବଧ ଯୋଗୁଁ ନିରବୀ ଯାଇଛି ରଙ୍ଗମହଲ ଓ ରାଜଦରବାର। କଳାକାରଙ୍କ ନାଟ୍ୟାଭିନୟ ଦର୍ଶକମାନଙ୍କଠାରୁ ଅପସରି ଯାଇଛି। ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇ ମହାରାଜ ଉଗ୍ରସେନଙ୍କ ରାଜ୍ୟାଭିଷେକ ହୋଇଛି। ମଥୁରା ନଗରୀରେ ଶାନ୍ତି ପ୍ରତିଷ୍ଠା ଫେରି ଆସିଛି। ଖୁସିରେ ମଥୁରାବାସୀଙ୍କ ନୃତ୍ୟ ଓ ଗୀତ ବିଭୋର ହୋଇଛନ୍ତି। ଶ୍ରୀକୃଷ୍ଣ ଓ ବଳରାମଙ୍କ ଜୟଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଗଙ୍ଗାଧର ମୁକ୍ତ ମଣ୍ଡପ। ରଙ୍ଗ ବେରଙ୍ଗର ଆତସବାଜୀରେ ମୁକ୍ତାକାଶ ଝଟକୁ ଥିଲା। ସମ୍ବଲପୁରୀ ଲୋକବଦ୍ୟ, ଲୋକଗୀତ ଓ ଲୋକନୃତ୍ୟରେ ଝୁମି ଉଠିଥିଲା ମଞ୍ଚ। ଅତ୍ୟାଚାରୀ କଂସକୁ ବଧ କରି ଭଗବାନ ଶ୍ରୀକୃଷ୍ଣ ସମସ୍ତ ଜଗତବସୀଙ୍କୁ ଅସତ୍ୟ ଉପରେ ଧର୍ମର ବିଜୟ ଦେଇଛନ୍ତି। ପ୍ରକୃତ ପକ୍ଷେ ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ ସତ୍ୟ ଓ ଧର୍ମ ପଥରେ ଆଗେଇ ଯିବାକୁ ପ୍ରେରଣା ଦେଇଛି। ସେହିପରି ଧନୁଯାତ୍ରାରେ କଂସ ବଧ ପରେ ଉଗ୍ରସେନଙ୍କ ରାଜ୍ୟାଭିଷେକ, ଶ୍ରୀକୃଷ୍ଣ ଓ ବଳରାମ ମଥୁରାର କାରାଗାରରୁ ମାତା ଦେବକୀ, ପିତା ବାସୁଦେବଙ୍କୁ ମୁକ୍ତ କରିଥିବା ଦୃଶ୍ୟ ହୃଦୟ ସ୍ପର୍ଶି ହୋଇଥିଲା। ରବିବାର ଯାତ୍ରର ଉଦ୍‌ଯାପନୀ ଦିବସ ଥିବାରୁ ସମ୍ବଲପୁର ମହାନଗର ସମେତ ଗ୍ରାମାଞ୍ଚଳରୁ ସହସ୍ରାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ଅପରାହ୍ନ ୪ଟାରେ କୃଷ୍ଣ ବଳରାମ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ଅକ୍ରୁରଙ୍କ ସହ ନଗର ପରିକ୍ରମା କରିଥିଲେ। ସମ୍ବଲପୁର ବାଲିବନ୍ଧାଠାରୁ ଭବ୍ୟ ଶୋଭାଯାତ୍ରା ବହାରିଥିଲା। ଯାତ୍ରାପଥରେ ମହିଳାମାନେ ପୂର୍ଣ୍ଣ କଳସ ସ୍ଥାପନ କରି ଭକ୍ତି ଓ ଭାବରେ କୃଷ୍ଣ ବଳରାମଙ୍କୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଦୁଲଦୁଲି ବାଜା ଓ ରୋଶଣୀରେ ଯାତ୍ରାପଥ ପ୍ରକମ୍ପିତ ହୋଇଥିଲା।

ଗୋପପୁରରେ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ଧନୁ ଦର୍ଶନ ଏବଂ ଧନୁଯାତ୍ରା ଦେଖାଇବା ଆଳରେ ମଥୁରାପୁରକୁ ଘେନି ଆସିଥିଲେ। ଏହି ସମୟରେ ଗୋପପୁର (ଚାଉଁରପୁର) ବାସୀ ଓ ଯଶୋଦା, ନନ୍ଦରାଜା, ଗୋପାଙ୍ଗନା ବିଦାୟ ଦୃଶ୍ୟ ହୃଦୟ ବିଦାରକ ଥିଲା। ଏହି ବିଦାୟ ଦୃଶ୍ୟ ଦେଖି ସମସ୍ତଙ୍କ ଆଖିରୁ ଆନନ୍ଦାଶ୍ରୁ ଝରୁଥିଲା। ସତେ ଯେମିତି ନିରୋଳା କ୍ରନ୍ଦନରେ ସମସ୍ତ ଗୋପପୁର ସ୍ତବ୍ଧ ହୋଇଯାଇଥିଲା। ଗୋପପୁର କାର୍ଯ୍ୟକ୍ରମକୁ ସଭାପତି ଆଦିତ୍ୟ ପ୍ରସାଦ ନାୟକ ଓ ସାଧାରଣ ସମ୍ପାଦକ ଗଣେଷ ମହନ୍ତମ ପରିଚାଳନା କରିଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ରାଜ ଅତିଥିଭାବେ ଯୋଗଦେଇଥିଲେ। କମିଟିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମହାରାଜ କଂସଙ୍କ ଦରବାର ମଥୁରା ନଗରୀରେ ରାଜ ଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଯୋଗଦେଇଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ରାଜ୍ୟର ନୂତନ ଭାଜପାସରକାର ଜନସାଧରଣଙ୍କ ସେବାରେ ସମର୍ପିତ ହୋଇ କାର୍ଯ୍ୟ କରୁଛି ବୋଲି କହିଥିଲେ। ଏହି ଅବସରରେ ସେ ଧନୁଯାତ୍ରା ସ୍ମରଣିକା ସୁରତା ଉନ୍ମୋଚନ କରିଥିଲେ। କମିଟି ସଭାପତି ସଞ୍ଜୟ ବାବୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉପସଭାପତି ରାମଦାଶ ପଣ୍ଡା, ସାଧାରଣ ସମ୍ପାଦକ ଗୁଣ ରଞ୍ଜନ ସାଲିମା, ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା ଓ ଲିଲିମା ମଲ୍ଲିକ, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ସହ କୋଷାଧ୍ୟକ୍ଷ ଚୈତନ୍ୟ ନାୟକ, ସହ ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ଓ ଲଳିତ ମୋହନ ବେବର୍ତ୍ତା, କାର୍ଯ୍ୟକାରୀ କମିଟି ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ, ଘୁନ ଚରଣ ପାଢ଼ୀ, ସୌରୀନାରାୟଣ ପାଣିଗ୍ରାହୀ, ଜୟକୃଷ୍ଣ ବେହେରା, ଅନୁପ ତରିଆ, ରାହୁଲ ଗୁପ୍ତା, ଶିଶିର ବହିଦାର, ଡ.ରାଜାରାମ ଷଡଙ୍ଗୀ, ସରୋଜ ସାହୁ, ଧନୁଯାତ୍ରା ପରିଚାଳନାରେ ଭୂମିକା ଗ୍ରହଣ କରିଥିଲେ। ମଥୁରାପୁର ରଙ୍ଗସଭା ଓ ରାଜ ଦରବାରରେ ସାଂସ୍କୃତିକ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗଙ୍କ ପରିଚାଳନାରେ ରଙ୍ଗାରଙ୍ଗ ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧନୁଯୋତ୍ରା ନାଟକର ଲେଖକ ଓ ନିର୍ଦ୍ଦେଶକ ବବଲୁ ବାଗଙ୍କୁ ସବୁ ମହଲରେ ପ୍ରଶଂସା କରାଯାଇଛି। କଂସ ଭୂମିକାରେ ଫଣିନ୍ଦ୍ର ପଣ୍ଡା, କୃଷ୍ଣ ଓମ ସାଇ ପଣ୍ଡା, ବଳରାମ ସତ୍ୟବ୍ରତ ସମେତ ସମସ୍ତ କଳାକାରଙ୍କ ଅଭିନୟ ମନଛୁଆଁ ହୋଇଥିଲା।



ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବରେ ମହାରାଜ କଂସଙ୍କୁ ବଧ କରିବା ଅବସରରେ ଶ୍ରୀକୃଷ୍ଣ।

# ଭଲପାଠ ପଢ଼ି ଦେଶ ପାଇଁ ସୁନାମ ଆଣ

**କୁଚିଣ୍ଡା,୧୯।୧(ବିରଞ୍ଚି ଦର୍କା)**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ସ୍ଥାପିତ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଅର୍ଡାବାହାଲ ଯୁକ୍ତ ୨ ମହିଳା ସରକାରୀ ବିଜ୍ଞାନ କଲେଜ (ଏସ୍‌ଏସ୍‌ଡି) ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଡ଼. ଜ୍ୟୋତ୍ସ୍ନାପ୍ରିୟା ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ଦେଶର ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଏସ୍‌ଏସ୍‌ଡି ଡିଆଇ ନୀଳମଣି ସାହୁ, ଭୋଜପୁର ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆଇରିନା ମିଞ୍ଜ, ଷଣ୍ଢପଥର ସରକାରୀ ଏସଏସଡି ହାଇସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ଅର୍ଡାବାହାଲ ସରକାରୀ ବାଳିକା ଏସଏସଡି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ କୁଚିଣ୍ଡା ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ, ସମିତି ସଭ୍ୟା ଚମ୍ପାବତୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଉଦୟ କୁମାର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାଛଡା ଏହି କଲେଜରେ ଅଧ୍ୟୟନ କରି ଖ୍ୟାତି ଅର୍ଜନ କରିଥିବା ତିନିଜଣଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ସୁନିମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାମାଜିକ, ଅର୍ଥନୈତିକ ବିକାଶ କର୍ମଶାଳା



ସର୍ବଭାରତୀୟ ପ୍ରଗତିଶୀଳ କୁଲତା ମଞ୍ଚ କର୍ମଶାଳାରେ ଉପସ୍ଥିତ ସଦସ୍ୟବୃନ୍ଦ।

**ସମ୍ବଲପୁର,୧୯।୧(ଭବାନୀ ଶଙ୍କର ଭୋଇ)**

ସର୍ବଭାରତୀୟ ପ୍ରଗତିଶୀଳ କୁଲତା ମଞ୍ଚ ପକ୍ଷରୁ ରବିବାର ସାମାଜିକ ତଥା ଅର୍ଥନୈତିକ ବିକାଶ ଶୀର୍ଷକ ଦ୍ୱିତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମଞ୍ଚ ଆବାହକ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ରେଙ୍ଗାଲି ବାଇପାସସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏହି କର୍ମଶାଳାରେ କୁଲତା ସମାଜ ଚାଷ ଉପରେ ନିର୍ଭରଶୀଳ ରହୁଥିବା ବେଳେ ସେମାନଙ୍କର ବିକାଶ ଉପରେ ଆଲୋଚନା କରାଯାଇଥିଲା। ସାମାଜିକ ବିଧି ବ୍ୟବସ୍ଥା ସରଳୀକରଣ, ଗୋଶାଳା, କୃଷି, ଶିକ୍ଷା, ଖାଦ୍ୟ ଓ ସ୍ୱାସ୍ଥ୍ୟ ଆଦି ବିଭାଗର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆଗାମୀ ଏପ୍ରିଲ ମାସରେ ମଞ୍ଚ ସମ୍ମିଳନୀ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି କର୍ମଶାଳାରେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଆଦି ଜିଲାର ବିଶିଷ୍ଟ ବକ୍ତାମାନେ ଯୋଗଦାନ କରି ମତ ରଖିଥିଲେ। କର୍ମଶାଳାରେ ମୁକ୍ତକଣ୍ଠ ପ୍ରଧାନ, ଅମିୟ ସାହୁ ଦେବାର୍ଚ୍ଚନ ସାହୁ, ସୋମଦତ୍ତ ଶାସ୍ତ୍ରୀ, ଲୋକନାଥ ସାହୁ, ସୁଦାମ ସାହୁ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ସଂଗ୍ରାମୀଙ୍କ ବିଷୟରେ ଅବଗତ କରାଇବା ମୂଳଲକ୍ଷ୍ୟ

**ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ବିବିଧ ପ୍ରତିଯୋଗିତା**

**ସମ୍ବଲପୁର,୧୯।୧(ବି.ଶଙ୍କର)**

ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିବିଧ ପ୍ରତିଯୋଗୀତା ରବିବାର ଓଡ଼ିଶା ସାଂସ୍କୃତିକ ସମାଜରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ବକ୍ତୃତା, ଦେଶାତ୍ମବୋଧ ଗୀତ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ବିକଶିତ ହେବ। ଏଥିସହ ଆମ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଅବଗତ କରାଇବା ମୂଳ ଲକ୍ଷ୍ୟ ବୋଲି ସଭାପତି ଡ. ଦାନୀ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଛାତ୍ରୀଛାତ୍ରମାନଙ୍କୁ ଶୁଭ କାମନା ଜଣାଇଥିଲେ। ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତାରେ ମହିଳା ମହାବିଦ୍ୟାଳୟର ହେମାଙ୍ଗୀ ମହାପାତ୍ର ପ୍ରଥମ, ବିକାଶ ସ୍କୁଲର ସମୀକ୍ଷା ନାୟକ ଦ୍ୱିତୀୟ, ଗଙ୍ଗାଧର ମେହେର ଜୁନିୟର ମହାବିଦ୍ୟାଳୟର ଶୁଭଶ୍ରୀ ମେହେର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଜ୍ଞାରୂପା ବହିଦାର ପ୍ରଥମ, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ରଶ୍ମିତା ରାଉତ ଦ୍ୱିତୀୟ, କନଭେଣ୍ଟ ସ୍କୁଲର ଅଭାପ୍ୟା ଦାସ ତୃତୀୟ ହୋଇଛନ୍ତି। ଦେଶାତ୍ମବୋଧ ଗୀତର ମହାବିଦ୍ୟାଳୟସ୍ତରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୁଶ୍ରୀ ସୋମ୍ୟା ମିଶ୍ର ପ୍ରଥମ, ମହିଳା ମହାବିଦ୍ୟାଳୟର ଶିବାନୀ ସାହୁ ଓ ପ୍ରଜ୍ଞାଶ୍ରୀ ଅଦାବର ଯୁଗ୍ମ ଦ୍ୱିତୀୟ, ଗଙ୍ଗାଧର ବିଶ୍ୱବିଦ୍ୟାଳୟର ସିମ୍ରନ ରାଏ ତୃତୀୟ ହୋଇଛନ୍ତି। ବିଦ୍ୟାଳୟ ସ୍ତରରେ କନଭେଣ୍ଟ ସ୍କୁଲର ପ୍ରେରଣା ଚୌଧୁରୀ ପ୍ରଥମ, ଅରବିନ୍ଦ ସ୍କୁଲର ମନମୋହନ ବେହେରା ଦ୍ୱିତୀୟ, ଶ୍ରୀଗଣେଶ ହାଇସ୍କୁଲର ସାହିଲ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ଏଥିସହ ମହାବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଅର୍ପିତା ମିଶ୍ର ପ୍ରଥମ, ମହିଳା ମହାବିଦ୍ୟାଳୟର ସ୍ୱର୍ଣ୍ଣମୟୀ କୁମୁରା ଓ ସ୍ୱସ୍ତିକ ବିଶ୍ୱାଳ ଦ୍ୱିତୀୟ, ଗଙ୍ଗାଧର ମେହେର ଜୁନିୟର ମହାବିଦ୍ୟାଳୟର ସମୀକ୍ଷା ବାବୁ, ଶେଖର ଓରାମ ଓ ପଦ୍ମମଣି ମହାନନ୍ଦ, ସୁମିତ ମହାନନ୍ଦ ଯୁଗ୍ମ ତୃତୀୟ ହୋଇଥିଲେ। ବିଦ୍ୟାଳୟ ସ୍ତରରେ ଏଫଆଇଇସିର ଅମ୍ରିତା ମିଶ୍ର ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର, ସିଦ୍ଧେଶ୍ୱର ବେର୍ଣ୍ଣାର ସ୍ୱସ୍ତିକ ବାରିକ ଓ ମଦନମୋହନ ଦାଶ ଦ୍ୱିତୀୟ, କନଭେଣ୍ଟ ସ୍କୁଲର ଶାଶ୍ୱତ ଏସ ପ୍ରଧାନ ଓ ଆର୍ଯ୍ୟମେଷ ପାଣିଗ୍ରାହୀ ତୃତୀୟ ହୋଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ୨୩ ତାରିଖ ହେବାକୁ ଥିବା ସୁରେନ୍ଦ୍ର ସାଏ ଜୟନ୍ତୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ଅନୁଷ୍ଠାନ ସାଂସ୍କୃତିକ ସମାଜ ପକ୍ଷରୁ ସୂଚିତ କରାଯାଇଛି।

# ଭଲ ମଣିଷ ଗଠନର ଆବଶ୍ୟକତା ରହିଛି

**ସମ୍ବଲପୁର,୧୯।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସହରର ଲେଡି ଲୁଇସ ଉଚ୍ଚ ବାଳିକା ବିଦ୍ୟାଳୟର ପୁରାତନ ଛାତ୍ରୀମାନେ ବିଦ୍ୟାଳୟର ବିକାଶ ନେଇ ଆଲୋଚନା କରିଛନ୍ତି। ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲରେ ୧୯୭୭ ମାଟ୍ରିକ ବ୍ୟାଚର ଛାତ୍ରୀମାନେ ସହରର ସର୍ବପୁରାତନ ବାଳିକା ବିଦ୍ୟାଳୟରେ ଶିକ୍ଷା ଏବଂ ସୁଯୋଗର ବିକାଶ ନେଇ ଆଲୋଚନା କରିଥିଲେ। ଡ. ଜୟନ୍ତୀ ପୂଝାରୀ ଓ ଡ.ସଙ୍ଗୀତା ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଘମିତ୍ରା ମହାପାତ୍ର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୭ଜଣ ଛାତ୍ରୀ ଯୋଗଦାନ କରି ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ସରକାରଙ୍କ ମାନବ ସଂଶାଧନ ବିଭାଗ ପୂର୍ବତନ ନିର୍ଦ୍ଦେଶକ ମୃଗାଙ୍କ ଶେଖର ଦାଶ ଭଞ୍ଜ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ କିଭଳି ଭଲ ମଣିଷ ତିଆରି ହେବେ ତାକୁ ନେଇ ପୁରାତନ ଏବଂ ଅଭିଜ୍ଞ ଛାତ୍ରୀମାନେ ସହଯୋଗର ହାତ ବଢାଇବାକୁ ମୁଖ୍ୟ ଅତିଥି ମତପୋଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଉନ୍ନତି ପାଇଁ ପୂର୍ବତନ ଛାତ୍ରୀମାନେ ସହଯୋଗ ତଥା ବର୍ତ୍ତମାନ ଜୀବନର ଅନୁଭୂତି ଆଦାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସୁଶ୍ରୀ ଅପର୍ଣ୍ଣା ପାଢ଼ୀ ସଙ୍ଗୀତା ନାୟକ ଓ ପୂର୍ଣ୍ଣିମା ମିଶ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।


**ପୂର୍ବତଟ ରେଳପଥ**

e-Tender Notice No.: ST-SBP-TENDER-2025-01-, ତା.11.01.2025 ରିଖ

| | |
|---|---|
| କାର୍ଯ୍ୟର ନାମ: | ବାର ମାସର ଅବଧି ନିମନ୍ତେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳରେ SSE/TELE/ ରେଢାଖୋଲ କ୍ଷେତ୍ରାଧିକାର ଅଧୀନସ୍ଥ କଣ୍ଟ୍ରୋଲ ସେକ୍ସନରେ ଟେଲିକମ୍ ଜୋନାଲ କାର୍ଯ୍ୟ। |
| ଟେଣ୍ଡର ମୂଲ୍ୟ : | ଟ.61,29,929.40 |
| ବିଡ୍ ସିକ୍ୟୁରିଟି: | ଟ. 1,22,600/- |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା. 03.02.2025 ରିଖ 1100 ଘଣ୍ଟାରେ |

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍: www.ireps.gov.in. ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବସାଇଟ୍ : www.ireps.gov.in

ମଣ୍ଡଳ ସିଗ୍ନାଲ ଏବଂ ଟେଲିକମ୍ ଯନ୍ତ୍ରୀ (Tele), ସମ୍ବଲପୁର

PR-892/P/24-25



**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, NABARANGPUR**
e-mail : dhionab@gmail.com(06858-222057)

Tender No : 559/NHM/NGP Date : 18.01.2025

**No.E-690** : Sealed tenders are invited from registered, reputed and experienced Agencies /Firms/ Individuals for providing the following requirements under two (02) categories. A) All type of Printing Works,. B) Supply of Food. Bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the District website www.nabarangpur.odisha.gov.in. Last date for receipt of Tender documents is 17.02.2025 by 5 P.M. only through Speed Post/Regd. Post/Courier only and the bids, so received will be opened on 18.02.2025 at 11.30 A.M. in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./-
CDM & PHO cum District Mission Director, NHM, Nabarangpur

OIPR-10081/11/0005/2425



**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Rushikulya Bahuda Basin, Berhampur - 760004**
e-mail id : se_sicbam@yahoo.com

No.A-908

**e-Procurement Notice No. ACE, RBB - 11/2024-25**

1. Type of Work : Road work. 2. Total No. of Works : 02 (Two) No. 3. Amount put to tender : Varies from ₹ 503.81 Lakh to ₹ 362.18 Lakh. 4. Period of completion : 11 (Eleven) calendar months. 5. Paper Cost : ₹ 10,000/- per each. 6. Class of Contractor : 'A' class of contractor.

| Sl. No. | Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid on-line | Date and Place of opening of Technical Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Additional Chief Engineer, Rushikulya Bahuda Basin, Berhampur | ACE, RBB (CHID) - 22/2024-25 | 503.81 | From 22.01.2025, 10.00 A.M. to 06.02.2025, 5.00 P.M. | 07.02.2025 (11.30 A.M.) in the office of the Additional Chief Engineer, Rushikulya Bahuda Basin, Berhampur |
| 2 | | ACE, RBB (CHID) - 23/2024-25 | 362.18 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Website www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

Sd./- Additional Chief Engineer, Rushikulya Bahuda Basin, Berhampur

OIPR-32411/11/0017/2425



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, MECHANICAL CIRCLE, HIRAKUD**
Email address: semech-eicwr.od@nic.in
**E-Procurement Notice - Bid Identification No. ACEMC/MDRGL: 01/2024-25 dt.10.01.2025**

No.A-890

| | | | |
|---|---|---|---|
| 1 | Name of the work | : | Mechanical Gate Works of Head Works Division, Samal & Rengali Dam Division, Rengali |
| 2 | No. of work | : | 02 (Two) Nos. |
| 3 | Category of executors | : | SSI Units registered under DIC/NSIC/ MSME for Irrigation Shutters / Hydro Mechanical Gates |
| 4 | Bid Identification No. | : | ACEMC/MDRGL: 01/2024-25 dt. 10.01.2025 |
| 5 | Estimated cost | : | 11.62 lakh to 12.63 lakh (Excluding GST) |
| 6 | Period of completion | : | Two calendar months each |
| 7 | Date & time of availability of bid documents in the portal | : | From dt.24.01.2025 (10.00 A.M.) to dt.06.02.2025 (5.30 P.M.) |
| 8 | Last date / time for receipt of bid | : | Dt.06.02.2025 (Upto 5.30 P.M.) in the portal |
| 9 | Date and place of opening of bid | : | Dt.07.02.2025, 11.00 A.M. onwards in O/o the undersigned |
| 10 | Name of the officer inviting bids | : | Additional Chief Engineer, Mechanical Circle, Hirakud |

Further details can be seen only from e-procurement portal https://tendersodisha.gov.in

Sd./-Additional Chief Engineer, Mechanical Circle, Hirakud

OIPR-32344/11/0001/2425



**OFFICE OF THE CHIEF ENGINEER & BASIN MANAGER**
**INDRAVATI & KOLAB BASIN**
**BARINIPUT (JEYPORE), DIST.: KORAPUT, PIN-764006**
E-mail Id: cebmikb@gmail.com

No.A-919

**e- PROCUREMENT NOTICE NO. CEBMIKB-01/2024-25**

No.239 Dated: 17.01.2025

| | | | |
|---|---|---|---|
| 1 | No. of work | : | 01 (One) No. |
| 2 | Value of work | : | Rs.3487.875 lakhs (Excluding GST) |
| 3 | Bid security / EMD | : | Rs.34,87,900/- |
| 4 | Class of contractor | : | 'Super' Class & 'Special' Class |
| 5 | Period of completion | : | 24 (Twenty four) calendar months |
| 6 | Type of contract | : | Percentage rate (Double cover) |
| 7 | Cost of tender paper | : | Rs.10,000/- (Non refundable) |
| 8 | Availability of tender online for bidding | : | From **10.00 hrs. on 22.01.2025 to 17.30 hrs. on 11.02.2025** |
| 9 | Date & time of pre-bid conference | : | On **28.01.2025 at 11.30 A.M.** in Office of the C.E. & B.M., I & K Basin, Bariniput, Jeypore, Dist.: Koraput |
| 10 | Date & time of online bid submission | : | From **10.00 hrs.** on **22.01.2025** to **17.30 hrs.** on **11.02.2025** |
| 11 | Date & time of opening of technical bid | : | **11.30 hrs. on 12.02.2025** in Office of the Chief Engineer & Basin Manager, Indravati & Kolab Basin, Bariniput, Jeypore, Dist.: Koraput |
| 12 | Date & time of opening of financial bid | : | To be intimated to the qualified bidder(s) after approval of Teechnical Bid(s) |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / corrigendum / cancellation if any required will be published in Govt. website only.

Sd./- Chief Engineer & Basin Manager, Indravati & Kolab Basin, Bariniput

OIPR-32456/11/0001/2425



**Odisha Livelihoods Mission**
**Department of Mission Shakti, Government of Odisha**
SIRD & PR Campus, Unit-VIII, Bhubaneswar - 751012, Odisha
Tel : (0674) 2560166/2560126, E-mail : smmu.olm@gmail.com

Notice No. : 76/25 Date : 16.01.2025

**TENDER CALL NOTICE**
**REQUEST FOR PROPOSAL FOR**
**"HIRING OF AGENCY FOR PROVIDING MANPOWER SERVICES TO ODISHA LIVELIHOODS MISSION, DEPARTMENT OF MISSION SHAKTI"**

**No.g-159** : Odisha Livelihoods Mission (OLM), Mission Shakti Department, Govt. of Odisha invites sealed Tenders from eligible agencies/ Bidder **for Providing Manpower Services to Odisha Livelihoods Mission**, Bhubaneswar. Bidders fulfilling the prescribed eligibility criteria of the tender can access and download the complete bid Document and other details from https://missionshakti.odisha.gov.in/.
The bid calendars under the end-to-end process are :

| Sl. No. | Critical Events | Time Line |
|---|---|---|
| 1 | Date of Issue of RFP | 20/01/2025 |
| 2 | Submission of Pre-Bid Queries | 27/01/2025, 3.30 P.M. |
| 3 | Pre-Bid Meeting | 27/01/2025, 4.30 P.M. |
| 4 | Issue of Pre-Bid Clarifications | 30/01/2025, by 5.30 P.M. |
| 5 | Last Date and Time for Submission of Bid | 10/02/2025 up to 3.30 P.M. |
| 6 | Opening of Technical Bid | 10/02/2025 up to 4.00 P.M. |
| 7 | Opening of Financial Bid | To be intimated later on |

The proposal complete in all respects must reach at **State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar-751012** by Speed Post/ Registered Post/ Courier only latest by 10th Feb 2025, 3:30 P.M. in a sealed envelope clearly mentioning on the top of it **"Hiring of Agency For Providing Manpower Services to Odisha Livelihoods Mission, Department of Mission Shakti"**. The proposals received beyond the last date and time will be rejected. In case of any Addendum/ Clarification/ Corrigendum/ Extension regarding this tender, the same will be published in the above-mentioned official websites only. The authority reserves the right to reject any/all proposals without any reason thereof.

Sd./- State Mission Director, Odisha Livelihoods Mission

OIPR-48002/11/0005/2425



See Career Appointment on every Wednesday & Saturday



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ମାନବ ସମ୍ବଳ ପରିଚାଳନା ବିଭାଗ**
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – 751001, ଓଡ଼ିଶା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଙ୍ଗ ରୁମ୍ (ଓଏଲ୍‌ଡିଆର୍), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଞ୍ଚାଳନ ପାଇଁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆରବିଆଇର ୱେବ୍‌ସାଇଟ୍ **(www.rbi.org.in)**ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସମ୍ବଳ ପରିଚାଳନା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **(https://www.mstcecommerce.com/eprocn)**ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ଫେବୃଆରୀ ୧୭, ୨୦୨୫ ଅପରାହ୍ନ ୦୩ଟା ପର୍ଯ୍ୟନ୍ତ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

## ସଂକ୍ଷେପରେ

### ପ୍ରଗତି ହାୟର ସେକେଣ୍ଡାରି ସ୍କୁଲରେ ସମାବର୍ତ୍ତନ ଉତ୍ସବ

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ହାୟର ସେକେଣ୍ଡାରି ସ୍କୁଲରେ ସମାବର୍ତ୍ତନ ଉତ୍ସବ ସ୍ମୃତି–୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ପ୍ରଗତି ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ଲକ୍ଷ୍ମୀକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ଉପାଧ୍ୟକ୍ଷ ଅଶୋକ କୁମାର ସାହୁ, ପ୍ରଶାସନିକ ଅଧିକାରୀ ପ୍ରଣବ ପଣ୍ଡା, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା, ଅଧ୍ୟାପକ ବିଦ୍ୟାସାଗର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ପଣ୍ଡା ଆଗାମୀ ଦିନରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ନିଜର ଲକ୍ଷ୍ୟ ଓ କର୍ତ୍ତବ୍ୟ ଉପରେ ଧ୍ୟାନଦେବାକୁ ଉଦ୍‌ବୋଧନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରମେଶ କୁଅଁର ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାସାଗର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୯୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ବେହେରା, ୧୯।୧ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ମା’ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ନ୍ପର୍ଯ୍ୟଟନସ୍ଥଳୀ ଡୋକରି ଚଞ୍ଚରାଠାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଭାତ ତିୱାରୀଙ୍କ ଆବାହନ କ୍ରମେ କାର୍ଯ୍ୟକ୍ରମରେ ୫୫ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ପ୍ରଥମେ ଗୁରୁବନ୍ଦନା କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଦିବଂଗତ ୪ ସହପାଠୀଙ୍କ ପାଇଁ ଦୁଇ ମିନିଟ ମୌନବ୍ରତ କରାଯାଇଥିଲା। ସମସ୍ତେ ନିଜ ପରିଚୟ ପ୍ରଦାନ ସହ ଆଗକୁ ଭାଇଚାରା ବଜାୟ ରଖିବାକୁ ଶପଥ କରିଥିଲେ। କାର୍ଯ୍ୟକ୍ରମକୁ ବୈବସୂତ ଚଲାନ, ଉଦ୍ଧବ ଧରୁଆ, କ୍ଷୀର ସିନ୍ଧୁ ଗୋପାଳ, ତୁଷାର ବିଶି, ସୁରେଶ ଖମାରୀ, ଚୂଡ଼ାମଣି ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ପଞ୍ଚ ସଖା ଉଚ୍ଚ ବିଦ୍ୟାପୀଠର ବାର୍ଷିକୋତ୍ସବ

ଏମ୍. ରାମପୁର, ୧୯।୧ (ଶଶି ଭୂଷଣ ପ୍ରହରାଜ)

କଳାହାଣ୍ଡିଜିଲା ମ. ରାମପୁର ବ୍ଲକ ଆଲାତରା ଗ୍ରାମ ପଞ୍ଚସଖା ଉଚ୍ଚ ବିଦ୍ୟାପୀଠର ୪୨ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି। ଉତ୍ସବରେ ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କର ଯୋଗଦେଇଥିଲେ। ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଶିକ୍ଷକ ଅଶୋକ ବିଶ୍ୱାଳ ଓ ବେଣୁଧର ରଣା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ବାପା ପ୍ରଦର୍ଶନ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଇନ ମହାବିଦ୍ୟାଳୟର ଉନ୍ନତି ପାଇଁ ମିଳିଲା ପ୍ରତିଶ୍ରୁତି

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର



ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡିର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ମାନ୍ୟତା ପାଇଥିବା ତଥା ଜିଲାରେ ଶତାଧିକ ଆଇନଜୀବୀ, ବିଚାରପତି ତିଆରି କରିଥିବା କଳାହାଣ୍ଡି ଆଇନ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା, ଭିତ୍ତିଭୂମିର ବିକାଶ ସହିତ ଉଚ୍ଚତର ଆଇନ ଶିକ୍ଷା ପାଇଁ ଶତାଧିକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କଳାହାଣ୍ଡି ଗସ୍ତରେ ଥିବାବେଳେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ କଳାହାଣ୍ଡି ନୁହେଁ, ସମଗ୍ର ପଶ୍ଚିମ ଓଡିଶାରେ ଆଇନ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥିବା ଏହି ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ଆଇନ ଶିକ୍ଷା, ସ୍ନାତକୋତ୍ତର ଆଇନଶିକ୍ଷା ପାଇଁ ଅନୁମତି ଓ ଭିତ୍ତିଭୂମି ନିର୍ମାଣ, ଇ–ଲାଇବ୍ରେରୀ ସ୍ଥାପନ, ପାଚେରୀ ନିର୍ମାଣ ସହିତ ମହାବିଦ୍ୟାଳୟ ପରିସର ସୌନ୍ଦର୍ଯ୍ୟକରଣ ପାଇଁ ଦାବି ଜଣାଇଥିଲେ। ମନ୍ତ୍ରୀ ସୁରଜ ଛାତ୍ରୀଛାତ୍ରଙ୍କ ଦାବି ଶୁଣିବା ସହିତ ମହାବିଦ୍ୟାଳୟର ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଲୋକ ସଭା ସାଂସଦ ମାଳବିକା ଦେବୀ ମଧ ମହାବିଦ୍ୟାଳୟର ଉନ୍ନତି ଦିଗରେ ସହାୟତାର ହାତ ବଢାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହିତ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଓ ଅନ୍ୟମାନେ ସାମିଲ ଥିଲେ। ଶେଷବର୍ଷର ଆଇନଛାତ୍ର ରାଜୀବ ଲୋଚନ ଶତପଥି, ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ରାଜେଶ ପାଣିଗ୍ରାହୀ, ପ୍ରବୀଣ କୁମାର, ଚନ୍ଦ୍ରାଂଶୁ ମିଶ୍ର, ଶିବାଶିଷ ପଟେଲ, ଆଶିଷ ରଞ୍ଜନ ମୁଣ୍ଡ, ସ୍ୱପ୍ନିଳା ମହାପାତ୍ର, ବରଖା ଅଗ୍ରୱାଲ, କିରଣ ମଙ୍ଗରାଜ, ଦୀନେଶ ନାଗଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# ଆନ୍ତଃ ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଖଡ଼ିଆଳ, ୧୯।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମଠାରେ ଖଡ଼ିଆଳ ଯୁବ ମୋର୍ଚ୍ଚା ପକ୍ଷରୁ ଗତ ତିନିଦିନ ଧରି ଚାଲିଥିବା ଆନ୍ତଃ ଜିଲା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ୩୫ ବର୍ଷରୁ କମ୍ ବର୍ଗ ଫାଇନାଲ ମ୍ୟାଚରେ ବଲାଙ୍ଗୀରର ମହମ୍ମଦ ଇରଫାନ ଓ ଚିନ୍ମୟ ବେହେରା ଯୋଡି ୨–୧ ସେଟରେ ମହମ୍ମଦ ଆକିବ ଓ ଅଭୟ ସାହୁ ଯୋଡିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିଭଳି ୩୫ ବର୍ଷରୁ ଅଧିକ ବର୍ଗରେ ଗିତେଶ ବାବୁ ଓ ବନବିହାରୀ ବେହେରା ଯୋଡି ୨–୦ ସେଟରେ ସୁଦୀପ୍ତ ବିଶୋଇ ଓ ଲକ୍ଷ୍ମୀକାନ୍ତ ପୂଜାରୀ ଯୋଡିକୁ ହରାଇ ଚମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଇଂ ସୌମ୍ୟ କିଶୋର ଜୟପୁରିଆ, ଚିତ୍ରଭାନୁ ସିଂଦେଓ, ଖବରଦାତା କୁନୁ କରୁଆଁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଖଡ଼ିଆଳ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ସିଂଦେଓ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସଞ୍ଜୟ ସେଠୀ ଧନ୍ୟବାଦ ଦେଇଥିଲେ। ସରୋଜ କୁମାର ପଣ୍ଡା, ସୌରଭ ପଣ୍ଡା ଖେଳ ପରିଚାଳନା କରିଥିଲେ।



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ଆଇନ ସମ୍ପର୍କରେ ସଚେତନତା ଆଣିବ ବୈପ୍ଳବିକ ପରିବର୍ତ୍ତନ




ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ।

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

ଆଧୁନିକତା ସହିତ ତାଳଦେଇ ବିଭିନ୍ନ ସରକାରୀ, ବେସରକାରୀ ଓ କର୍ପୋରେଟ ହାଉସରେ ପୁରୁଷଙ୍କ ଭଳି ମହିଳାଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ପାଉଥିବାବେଳେ ଅନେକ ସମୟରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଉପରେ ଅପରାଧ ଓ ହିଂସା ବଢୁଥିବା ଲକ୍ଷ୍ୟ କରାଯାଉଛି। ଏଥିପାଇଁ ଦେଶର ନ୍ୟାୟ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡନରୁ ସୁରକ୍ଷା ଲାଗି ପୋକ୍‌ସୋ ଆକ୍ଟ–୨୦୧୩ କାର୍ଯ୍ୟକାରୀ ହେଉଛି। ସାଧାରଣତଃ ସଚେତନତା ଅଭାବ ଯୋଗୁ ପୀଡିତ ମହିଳାମାନେ ଅଭିଯୋଗ କରିବା ସମ୍ଭବ ହେଉନାହିଁ। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ଥିବାବେଳେ ଆଇନ ବିଭାଗର ଛାତ୍ରୀଛାତ୍ର ଏ ସମ୍ପର୍କରେ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଉଚିତ। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଆଜିର ମୁଖ୍ୟ ଆବଶ୍ୟକତା ହୋଇଥିବାବେଳେ ଆଇନ ସମ୍ପର୍କରେ ବ୍ୟାପକ ସଚେତନତା ହିଁ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଶନିବାର ଭବାନୀପାଟଣାସ୍ଥିତ କଳାହାଣ୍ଡି ଆଇନ ମହାବିଦ୍ୟାଳୟରେ ଆୟୋଜିତ ଆଇନ ସଚେତନତା ଶିବିରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ଦୌରାଜଜ୍ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଦୌରାଜଜ୍ (ପୋକ୍‌ସୋ) ସ୍ମୃତିଲେଖା ବାରିକ, ଅତିରିକ୍ତ ଜିଲା ଜଜ୍ ରାଜୀବ ଲୋଚନ ସାହୁ, ମହିଳା ବିଚାରପତି ରଶ୍ମିରେଖା ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ, ଅତିରିକ୍ତ ଦେୱାନୀ ଜଜ୍ (କନିଷ୍ଠ ଶାଖା) ଅର୍ଚ୍ଚନା ମଲ୍ଲିକ, ମହାବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ କୁମାର ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଗୌତମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯାଦବ ଯୁବ ସମାଜର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା, ୧୯।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ମାନିଗୁଡା ପଂଚାୟତ ଗନିଆରି ଯାଦବ ଭବନଠାରେ ରବିବାର ଯାଦବ ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ ସଭାପତି ତାରାଚନ ଥପାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଯାଦବ ସମାଜ ଜିଲା ସଭାପତି ହରେରାମ କଠାର, ଜିଲା ପର୍ଯ୍ୟବେକ୍ଷକ ସୁରେଶ ବାଗ, ସମ୍ପାଦକ ଯୋଗେନ୍ଦ୍ର ବାଗ, ଉପସଭାପତି ପବିତ୍ର ପୋଡ, କୋଷାଧ୍ୟକ୍ଷ ଦୟାନନ୍ଦ ବେମାଲ, ଚଞ୍ଚଳ ଶଗରିଆ, ମାଳଖମ ନାଗ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଅବହେଳିତ ଯାଦବଙ୍କୁ କିଭଳି ମୁଖ୍ୟ ସ୍ରୋତରେ କିପରି ସାମିଲ କରାଯାଇ ପାରିବ ସେ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ଜିଲା ଯୁବ ସମାଜର କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା ସଭାପତି ଭାବରେ କାର୍ତ୍ତିକ ବାଗ, କାର୍ଯ୍ୟକାରୀ ସଭାପତି ପରମାନନ୍ଦ କରୁଆଁ, ଉପସଭାପତି କେଶବ ବେମାଲ, ସମ୍ପାଦକ ଚୈତନ୍ୟ ଖର୍ସେଲ, ସହସମ୍ପାଦକ ଲଳିତ ନିଆଲ, କୋଷାଧ୍ୟକ୍ଷ ରଞ୍ଜନ ଘିବେଲା ଓ ବଳମତ ଘିବେଲା ମନୋନୀତ ହୋଇଛନ୍ତି । ଜିଲା ସଂଗଠନକୁ ସୁଦୃଢ କରିବା ପାଇଁ ବ୍ଲକରୁ ତୋପଚନ ନିଆଲ, ଚୌବନ ଥପା, ଲିଙ୍ଗରାଜ ଖର୍ସେଲ ଓ ମହେଶ୍ୱର ହଂସଙ୍କୁ ଦାୟିତ୍ୱ ଦିଆଯାଇଛି । କୌଣସି କାର୍ଯ୍ୟାଳୟରେ ଯଦି କୌଣସି ଯାଦବ ହଇରାଣ ହୁଅନ୍ତି ତାଙ୍କ ସହ ସଂଗଠନ ରହି କାର୍ଯ୍ୟ କରିବ ବୋଲି ନବ ନିର୍ବାଚିତ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ

ଲାଞ୍ଜିଗଡ଼, ୧୯।୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡିଜିଲା ଲାଞ୍ଜିଗଡ ବେଦାନ୍ତ ଲିମିଟେଡ୍ ଟାଉନଶିପ ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ମହୋତ୍ସବ ରବିବାର ଶେଷ ହୋଇଛି। ଏହି ଉପଲକ୍ଷେ ଦେବସ୍ଥାନମର ସୂର୍ଯ୍ୟପୂଜା, ଶାଳାଧିଷ୍ଟ ଦେବତା ପୂଜା, ପିଣ୍ଡିକାନ୍ୟାସ, ପ୍ରାସାଦ ଅଧିବାସ, ଶିଖର କଳସ ପ୍ରତିଷ୍ଠାନ, ପାର୍ଶ୍ୱ ଦେବତା ସ୍ଥାପନ, ଅପରାହ୍ନ ୧ଟା ୩୦ରୁ ମହାପ୍ରଭୁଙ୍କ ରତ୍ନ ସିଂହାସନ ବିଜେ, ହୋମ, ପୁଷ୍ପାଞ୍ଜଳି ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ୫ଦିନ ବ୍ୟାପୀ ଯଜ୍ଞ, ପ୍ରବଚନ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ବେଦାନ୍ତ ଲିମିଟେଡ ସଞ୍ଜୀବ ବର୍ମା ଓ ତାଙ୍କ ଧର୍ମପତ୍ନୀ ସାଲିନି ବର୍ମା, ବେଦାନ୍ତ ଲିମିଟେଡ୍ ଏସ୍ କିରଣ ଓ ତାଙ୍କ ଧର୍ମପତ୍ନୀ ଏସ୍ ଅପର୍ଣ୍ଣା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ ଓ ପୂଜକ ଭାବେ ସୁଦାମ ଚରଣ ରଥ, ଦାମୋଦର ରଥ, ବିରଞ୍ଚି ନାରାୟଣ ରଥ, କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ବେଦାନ୍ତ ଲିମିଟେଡ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ସିଏଫ୍‌ଓ ଏସ୍ ସୁରେଶ, ସିଏସ୍‌ଆର ଏବଂ ବାହ୍ୟବ୍ୟାପାର ବିଭାଗ ମୁଖ୍ୟ ବିଭୂଦେନ୍ଦୁ ପଣ୍ଡା, ମନ୍ଦିର ପୂଜା କମିଟି ତରଫରୁ ପ୍ରଣବ ଖମେରବାର ପ୍ରମୁଖ ସହଯୋଗ କରିଥିଲେ।



ରତ୍ନ ସିଂହାସନରେ ବିଜେ ହୋଇଥିବା ଶ୍ରୀବିଗ୍ରହ।

# ଆନ୍ତଃ କଲେଜ କ୍ରିକେଟ୍: ଖଡ଼ିଆଳ କଲେଜ ଚାମ୍ପିୟନ

ଖଡ଼ିଆଳ, ୧୯।୧
(ସୁଜିତ କୁମାର ପ୍ରଧାନ)

କଳାହାଣ୍ଡି ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଚାଲିଥିବା ଅନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ୪ ଉଇକେଟରେ ହରାଇ ଖଡ଼ିଆଳ କଲେଜ ଚାମ୍ପିୟନ ହୋଇଛି। ବିଶ୍ୱବିଦ୍ୟାଳୟ ଦଳ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୬୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଖଡ଼ିଆଳ କଲେଜ ଟିମ୍ ମାତ୍ର ୧୦.୩ ଓଭରରେ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ କ୍ରୀଡ଼ା ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା, ଅଧ୍ୟାପକ ଅଧ୍ୟାପିକା ଚାମ୍ପିୟନ ଖେଳାଳି ଓ ଟିମ୍ ମ୍ୟାନେଜର ଡ. ସୁରଞ୍ଜନ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ନୂତନ କମିଟି ଗଠନ

ରିଷିଡ଼ା, ୧୯।୧ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା କନ୍ଧପଡ଼ାଠାରେ ଗ୍ରାମଦେବତୀ ଧରଣୀମାତାଙ୍କ ନୂତନ କମିଟି ଗଠନ ନେଇ ସରପଞ୍ଚ ସେବତୀ ରଣାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ପଙ୍କଜ ଭୋଇ, ସମ୍ପାଦକ ପ୍ରମୋଦ ସାହୁ, କୋଷାଧ୍ୟକ୍ଷ ଭାବରେ କୈଳାସ କୁମ୍ଭରାଙ୍କୁ ମନୋନୀତ କରାଯାଇଛି। ସଭାରେ ପୂଜକ ମାକଣ୍ଡ ପ୍ରଧାନୀ ଘଣ୍ଟେଶ୍ୱର ପ୍ରଧାନୀ, ସୁଶାନ୍ତ ମଲ୍ଲିକ, ନନ୍ଦକିଶୋର ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ରିଷିଡ଼ା, ୧୯।୧ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ନେମୈଚାନ୍ଦ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର ମୁଖ୍ୟଅତିଥି, ହରଗୌରୀ ମହାବିଦ୍ୟାଳୟ କୁର୍ଶୁର୍ଲାର ଅଧ୍ୟକ୍ଷ ସୁବୋଧ କୁମାର ଶତପଥି ମୁଖ୍ୟବକ୍ତା, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ରିଷିଡା ସରପଞ୍ଚ ସେବତୀ ରଣା, ଜିଲାପରିଷଦ ସଦସ୍ୟ ମହେନ୍ଦ୍ର ରଣା, ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ହୃଷୀକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଚାର୍ଯ୍ୟ ମହେନ୍ଦ୍ର ବାରିକ ବାର୍ଷିକ ବିବରଣୀ ପଠନ କରିଥିଲେ। ଗୁରୁମା ଝୁନିରାଣି ସାହୁ ସଭା ସଂଯୋଜନା ଓ ଯୁଗ୍ମସମ୍ପାଦକ ପ୍ରେମାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ଲଙ୍କାରେ ହରିଶନ୍ଦ, ଘୁମୁରା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଶାଗୁଆନ ଜଙ୍ଗଲରେ ୯ ଟିକିଆ ହାତୀପଲ

## ଅଞ୍ଚଳବାସୀ ଭୟଭୀତ, ନଜର ରଖିଛି ବନ ବିଭାଗ

ନୂଆପଡ଼ା, ୧୯।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ରେଞ୍ଜ ଅଧୀନସ୍ଥ ତରବୋଡ ସେକ୍ସନ ମାନିଗୁଡା ଶାଗୁଆନ ଜଙ୍ଗଲରେ ରବିବାର ୯ ଟିକିଆ ହାତୀପଲ ଡେରା ପକାଇଛନ୍ତି। ଏଥିରେ ୨ ଶାବକ, ୩ଟି ଦନ୍ତା ଓ ୪ଟି ମାଈ ହାତୀ ରହିଛନ୍ତି। ଏହା ଜାଣିବା ପେର ଆଖପାଖ ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି। ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ବଡଡୋକଲା ଦେଇ ହାତୀପଲ କୋମନା ବ୍ଲକର ମାନିଗୁଡା ଗାଁ ଶାଗୁଆନ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ। ସେମାନେ ନିକଟରେ ଥିବା ସୁନ୍ଦର ଜଳସେଚନ ପ୍ରକଳ୍ପରୁ ପାଣି ପିଇ ପୁଣି ଶାଗୁଆନ ବଣକୁ ଆସି ଏକାଠି ହୋଇଛନ୍ତି।

ହାତୀପଲ କାହାରି କ୍ଷତି କରି ନ ଥିଲେ ମଧ କୋମନା ବନ ବିଭାଗ ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ଏକ ଟିମ୍ ସେମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ୩୫୩ ନମ୍ବର ଜାତୀୟ ରାଜପଥରୁ ୫୦ମିଟର ଦୂରରେ ହାତୀ ରହିଥିବାରୁ ଅଧିକାଂଶ ଯାନ ରାସ୍ତାରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ହାତୀଙ୍କ ସୁରକ୍ଷା ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ତରବୋଡ ସେକ୍ସନ ଅଞ୍ଚଳରେ ୨୪ ଘଣ୍ଟା ହେବ ବିଜୁଳି ସରବରାହ ବନ୍ଦ ରଖାଯାଇଛି। ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ୍‌ଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ଗୋପାଳ ମହାନନ୍ଦ, ଲକ୍ଷ୍ମୀଧର ଘିବେଲା, ଘସିଏନ୍ ପୋଡ, ଫରେଷ୍ଟଗାର୍ଡ ଉତ୍ତମ ମେହେର, ଅର୍ଚ୍ଚନା ସାହୁଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ ହାତୀ ଗତିବିଧି ଉପରେ ନଜର ରଖିବା ସହ ପାଖ ଗାଁମାନଙ୍କୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରୁଛନ୍ତି ।



ଶାଗୁଆନ ଜଙ୍ଗଲରେ ରହିଥିବା ହାତୀପଲ।

# ରାଷ୍ଟ୍ର, ରାଜ୍ୟ ବିକାଶରେ ବଣିକ ସଂଘର ହାତ ରହିଛି

## ବଣିକ ସଂଘର ସୁବର୍ଣ୍ଣ ଜୟନ୍ତୀ

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ବଣିକ ସଂଘର ୫୦ତମ ବାର୍ଷିକ ଉତ୍ସବ ତଥା ସୁବର୍ଣ୍ଣ ଜୟନ୍ତୀ ରବିବାର ଭବାନୀପାଟଣା ହିଲାଟାଉନସ୍ଥିତ ଭାରତ ମେରେଜ ପେଲେସଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ସ୍ୱତନ୍ତ୍ର ଅତିଥି ଭାବେ ଓଡିଶା ବ୍ୟବସାୟୀ ମହାସଂଘ ସଭାପତି ସୁଧାକାର ପଣ୍ଡା, ସିଏଆଇଟି ଦିଲ୍ଲୀର ଜିତେନ୍ଦ୍ର ପ୍ରସାଦ ଗୁପ୍ତା, ମୁଖ୍ୟବକ୍ତା ଭାବେ ଉପସଭାପତି ଦିଲ୍ଲୀ ଅଲ ଇଣ୍ଡିଆ ଟ୍ରେଡ ଆସୋସିଏଶନ୍ ବ୍ରିଜ ମୋହନ ଅଗ୍ରୱାଲ, ଭବାନୀପାଟଣା ଏସ୍‌ବିଆଇ ଆଞ୍ଚଳିକ ପରିଚାଳକ ଆର୍ ଗଙ୍ଗାଧର ପଟ୍ଟନାୟକ, ଜିଏସ୍‌ଟି କମିଶନର (ସିଟି ଓ ଜିଏସ୍‌ଟି) ସମୀର କୁମାର ମାଝୀ, ସହକାରୀ କମିଶନର ପ୍ରଦେଶ କୁମାର ଦିଗଲ, ଜିଲା ବଣିକ ସଂଘ ସାଧାରଣ ସମ୍ପାଦକ ନିରୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।



ପ୍ରଗତି ଶିକ୍ଷାନୁଷ୍ଠାନ ମୁଖ୍ୟ ଅଜୟ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜିଲାପାଳ ତାଙ୍କ ଅଭିଭାଷଣରେ ରାଷ୍ଟ୍ର ହେଉ ଅବା ରାଜ୍ୟ ବିକାଶ ପାଇଁ ବଣିକ ସଂଘର ହାତ ରହିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ମନୋଜ ଶର୍ମା ଓ ସମିତା ମହାପାତ୍ର ପରିଚାଳନା କରିଥିଲେ।

ଜିଲା ସହସମ୍ପାଦକ ସଚ୍ଚିଦାନନ୍ଦ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ପଲିଥିନ ସ୍ଥାନରେ କପଡା ବ୍ୟାଗ୍ ବ୍ୟବହାର ପାଇଁ ସଂଘର କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଏକ କପଡା ବ୍ୟାଗ୍‌ର ଉନ୍ମୋଚନ କରାଯାଇଥିଲା। ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା, କଳା, ସଂସ୍କୃତି ଓ ନାଟକ କ୍ଷେତ୍ରରେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ପ୍ରଦୀପ ଧଙ୍ଗଡାମାଝୀ, ସଫଳ ବ୍ୟବସାୟୀ ନିରୋଦ ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଓଡିଆ ସିନେମା ଜଗତର ଚର୍ଚ୍ଚିତ ନାୟିକା ପୁନମ ମିଶ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଏସ୍‌ପି ଅଫିସରେ ଆଇଜିଙ୍କ ସମୀକ୍ଷା

**ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀ ଜଙ୍ଗଲରୁ ଉଦ୍ଧାର ଘଟଣା**

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଘଟଣାକୁ ୭ ଦିନ ବିତିଯାଇ ଥିଲେ ମଧ୍ୟ ପୋଲିସର ହାତ ଖାଲି ପଡ଼ିଛି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ପୋଲିସର ଅପାରଗତା ପ୍ରତିବାଦରେ ଆସନ୍ତା ୨୧ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ବରଗଡ଼ ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି। ରବିବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଉକ୍ତ ମାମଲା ଉପରେ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ପଦ୍ମପୁର ଏସ୍‌ଡିପିଓ ଅମ୍ରିତପାଲ କୌର ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ୭ଟିମ ଗଠନ କରାଯାଇଛି। ସେହି ଟିମ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇଥିବା ଆଇଜି କହିଛନ୍ତି।

### ପ୍ରାଣୀ ନିରୀକ୍ଷକଙ୍କ ପରଲୋକ

ଅତାବିରା,୧୯।୧(ହୃଷୀକେଶ ଖମାରୀ)

ବରଗଡ଼ ବ୍ଲକ ଲରମ୍ବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ କାର୍ଯ୍ୟରତ ପ୍ରାଣୀ ନିରୀକ୍ଷକ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ରବିବାର ପରଲୋକ ହୋଇଯାଇଛି। କାଦୋବାହାଲ ପଞ୍ଚାୟତ ପୋଡ଼ବାଡ଼ି ଗ୍ରାମସ୍ଥିତ ବାସଭବନରେ ସକାଳେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁଖବର ପାଇ ଅତାବିରା ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡା. ପ୍ରତାପରୁଦ୍ର ସାହୁ, ପ୍ରାଣୀ ନିରୀକ୍ଷକ ଫକୀର ମୋହନ ସାହୁ, ଡା. ସଂଗ୍ରାମ ଦାଶ, ପ୍ରାଣୀ ନିରୀକ୍ଷକ ବିରେନ୍ଦ୍ର ଅଦାବର, ମନବୋଧ ନାଗ, ମାନସ ନାୟକ, ଲବ ହରିପାଲ ପ୍ରମୁଖ ପହଞ୍ଚି ସ୍ୱର୍ଗତ ମିଶ୍ରଙ୍କ ଶେଷଦର୍ଶନ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଜୟନ୍ତୀରେ ବହ୍ନିକନ୍ୟାଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ରବିବାର ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବରଗଡ଼ ସାମ୍ବାଦିକ ସଂଘ ଏବଂ ବଡ଼ମା ପରିବାର ପକ୍ଷରୁ ବହ୍ନିକନ୍ୟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉଭୟ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟବୃନ୍ଦ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖ ଏବଂ ଘରୋଇ ବସଷ୍ଟାଣ୍ଡ କେନାଲ ଛକ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରଗଡ଼ ସାମ୍ବାଦିକ ସଂଘର ରବି ନାରାୟଣ ପଣ୍ଡା, ବଦ୍ରିପ୍ରସାଦ ସାହୁ, ପ୍ରଦୀପ ପାଢ଼ୀ, ରମଣୀ ରଞ୍ଜନ ବେହେରା, ବଡ଼ମାଁ ପରିବାରର ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ଅଧ୍ୟାପକ ତ୍ରିଲୋଚନ ପ୍ରଧାନ, ରାଜେନ୍ଦ୍ର କୁମାର ବାଗ, କନକ ତନସନା, ଅର୍ଚ୍ଚିତା ମହାପାତ୍ର, ମାମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

## ୫କି.ମି ମାରାଥନରେ କଳାହାଣ୍ଡିର ପଙ୍କଜ ପ୍ରଥମ

ବରଗଡ଼,୧୯।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଖେଳ ପଡ଼ିଆରେ ଇଣ୍ଡିଆନ ମିଲିଟାରୀ ଏକାଡ଼େମୀ ପକ୍ଷରୁ ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକାଡ଼େମୀର ସଭାପତି ପୁରନ୍ଦର ଭୋସାଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ୫କି.ମି ମାରାଥନକୁ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଶୁଭାରମ୍ଭ କରିଥିଲେ। ଏକାଡ଼େମୀର ସମ୍ପାଦକ ଜଗତ ଦେହେଲିଆ, ଅଗ୍ନିବୀର ଯବାନ ସାଗର ନାଏକ, ଆକାଶ କୁଅଁର, ସମୀର ବରିହା, ରୂପେଶ୍ୱର ଭୋସାଗର, ଟିଙ୍କୁ ଦେହେଲିଆ, ଅବେଦ ଭୋସାଗର ପ୍ରମୁଖ ଉପସ୍ଥିତ ରହି ମାରାଥନକୁ ସଂଯୋଜନା କରିଥିଲେ। ଆଥଲେଟିକ୍ ମିଟ୍‌ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ରାଜ୍ୟର ୧୦ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫କି.ମି ମାରାଥନରେ କଳାହାଣ୍ଡିର ପଙ୍କଜ ରଣା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ନଗଦ ୩ହଜାର ଟଙ୍କା ସହିତ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କଳାହାଣ୍ଡିର ନେତ୍ରମଣୀ ଶବରଙ୍କୁ ନଗଦ ୨ହଜାର ଟଙ୍କା ସହିତ ମାନପତ୍ର, ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ସୋନପୁରର ରାଧେଶ୍ୟାମ ହରିପାଲଙ୍କୁ ନଗଦ ୧ହଜାର ଟଙ୍କା ସହିତ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ଅନ୍ୟ ପ୍ରତିଯୋଗିତା ଗୁଡ଼ିକର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଗୋବିନ୍ଦପୁର ସରପଞ୍ଚ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ସୈନିକ ଆଶିଷ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଅଙ୍ଗରୋଜ ତନସନା ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ। ଏକାଡ଼େମୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀବୃନ୍ଦ।

# ସାଇନିଂ ଷ୍ଟାର୍ ଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ




ସାଇନିଂ ଷ୍ଟାର ଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ।

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଜିଲାସ୍ତରୀୟ ସାଇନିଂ ଷ୍ଟାର ଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରକାଶ କୁମାର ଯୋଶୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ, ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ବରଗଡ଼ ବିଇଓ ସୁରେନ୍ଦ୍ର କୁମାର ସାହୁ, ଭେଡ଼େନ ବିଇଓ ମଛିନ୍ଦ୍ର ମଲ୍ଲିକ, ଶୁଭମ କୁମାର ପତି, କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ଭବାନୀ ଶଙ୍କର ଗଡ଼ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମା' ରଣେଶ୍ୱର ରାମଚଣ୍ଡୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ୪ଦିନ ଧରି ଚାଲିଥିବା ସାଇନିଂ ଷ୍ଟାର ଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟ ବିଶେଷଜ୍ଞ ଜିଲାର ବିଭିନ୍ନ ହାଇସ୍କୁଲର ମାଟ୍ରିକ ଏ-୧ ଗ୍ରେଡ୍ ଆଶାୟୀ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ କରିଥିଲେ। ସାଧନକର୍ମୀ ନାରାୟଣ ବିଶ୍ୱାଳ, ସଞ୍ଜୀବ କୁମାର ପ୍ରଧାନ, ଗୌରୀଶଙ୍କର ପଣ୍ଡା, ଛାତ୍ରୀ ରୀମା ପ୍ରଧାନ, ଛାତ୍ର କୁନାଲ ସାହୁ କାର୍ଯ୍ୟକ୍ରମରେ ନିଜ ଅନୁଭୂତି ସମ୍ପର୍କରେ କହିଥିଲେ। ଭଟଲି ବିଇଓ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନିୟନ ସ୍ପୋର୍ଟିଂ କଟକକୁ ହରାଇଲା ରାଜମଣ୍ଡ୍ରି

## ବୋରାସମ୍ବର କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ

ପଦ୍ମପୁର,୧୯।୧ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ୨୯ ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପର ନବମ ଦିବସର ଫାଇନାଲ ମ୍ୟାଚରେ ରବିବାର ରାଜା ୱାରିଅର ରାଜମଣ୍ଡ୍ରି ଓ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜମଣ୍ଡ୍ରି କ୍ରିକେଟ ଦଳ ଟସ ଜିଣି ବ୍ୟାଟିଂ କରି ୩୫ ଓଭରରେ ୮ ଟି ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଜି. ଲାବନ ୭୯ ବଲରେ ୫୬ ରନ କରିଥିଲେ। କଟକ ଦଳ ପକ୍ଷରୁ ପ୍ରଶାନ୍ତ ରଣା, ତାପସ ରାଉତ ଓ ଶେଖର ମାଝୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ତାର ଜବାବରେ କଟକ ଦଳ ୨୬.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ କରି ୫୭ ରନରେ ପରାସ୍ତ ହୋଇଥିଲେ। କଟକ ଦଳ ପକ୍ଷରୁ ତାପସ ରାଉତ ୫୦ ବଲରେ ୩୬ରନ ଓ ଜ୍ୟୋତିରଞ୍ଜନ ଦଳେଇ ୨୫ ବଲରେ ୨୪ରନ ସଂଗ୍ରହ କରିଥିଲେ। ରାଜମଣ୍ଡ୍ରି ଦଳ ପକ୍ଷରୁ ଚନ୍ଦୁ ରବଡା, ଲିଖିତ, ପ୍ରସନ୍ନ ଓ ରାମବାବୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି ଭାବରେ ଖରିଆର ବିଧାୟକ ଅଧୀରାଜ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ସ୍ୱତନ୍ତ୍ର ଅତିଥି ଭାବରେ ଓଡ଼ିଆ ସିନେତାରକା ପ୍ରକୃତି ମିଶ୍ର ଯୋଗଦାନ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବରେ ରାଜମଣ୍ଡ୍ରି ଦଳର ଜି. ଲାବନ, ମେନ ଅଫ ଦି ସିରିଜ କଟକ ଦଳର ତାପସ ରାଉତ, ବେଷ୍ଟ ବ୍ୟାଟ୍ସମ୍ୟାନ କଟକ ଦଳର ଜ୍ୟୋତିରଞ୍ଜନ ଦଳେଇକୁ ପୁରସ୍କୃତ କରିଥିଲେ। ମ୍ୟାଚରେ ବିଜେତା ଦଳକୁ ୭୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୪୦ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାଚକୁ ଅମ୍ପାୟାର ବଳରାମ ପଟ୍ଟନାୟକ ଏବଂ ବିଶ୍ୱମ୍ବର ମହାକୁର ପରିଚାଳନା କରିଥିବା ବେଳେ ମ୍ୟାଚ ରେଫରୀ ଭାବରେ ସଚ୍ଚିଦାନନ୍ଦ ପଣ୍ଡା ଥିବା ବେଳେ ସ୍କୋରର ଅମରେଶ ବେହେରା ଅନଲାଇନ ସ୍କୋରର ରିଙ୍କୁ ବରିହା ଓ କେଶରଞ୍ଜନ ପ୍ରଧାନ, ରୋହିଣି ପାଣ୍ଡେ, କୁମାର ଆନନ୍ଦ, ବିକାଶ କୁମ୍ଭାର, ଦିବ୍ୟ ପଣ୍ଡା, ପ୍ରକାଶ ପାତ୍ର ପ୍ରମୁଖ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ବୋରାସମ୍ବର ସ୍ପୋର୍ଟିଂର ସମ୍ପାଦକ ଭରତ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ।




ମୁଖ୍ୟ ଅତିଥି ବିଜେତା ଦଳଙ୍କୁ ପୁରସ୍କାର ଦେଉଛନ୍ତି।

## ସୁଭଦ୍ରା ଆବେଦନ କାରୀଙ୍କ ଇ-କେୱାଇସି କୋହଳ ଦାବି

ପଦ୍ମପୁର,୧୯।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡରେ ଅଧିକାଂଶ ସୁଭଦ୍ରା ଆବେଦନକାରୀଙ୍କ ଅଙ୍ଗୁଳି ଛାପ ମେଳ ଖାଉ ନ ଥିବାରୁ ସେମାନଙ୍କ ଇ-କେୱାଇସି ପ୍ରକ୍ରିୟା ସମ୍ପନ୍ନ ହୋଇପାରୁନାହିଁ। ଏଥିପାଇଁ ହିତାଧିକାରୀ ଜନସେବା କେନ୍ଦ୍ର ଓ କମ୍ପ୍ୟୁଟର କେନ୍ଦ୍ର ପାଖକୁ ଦୌଡ଼ି ନିରାଶ ହେଉଛନ୍ତି। ଆବଶ୍ୟକ ହେଉଥିବା ଭିତ୍ତିଭୂମିର ବିକାଶ କରିନାହାନ୍ତି। ଏଥିଯୋଗୁ ଅନେକ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ି ବଞ୍ଚିତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଦୁଇଜଣଙ୍କୁ ପାର୍ବତୀ ଗିରି ସେବା ସମ୍ମାନ

ପାଇକମାଲ,୧୯।୧(ବଡ଼ ଶତପଥୀ)

ପାଇକମାଲ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ରବିବାର ସ୍ୱାଧୀନତା ସଂଗ୍ରାମୀ, ସାମାଜିକ କର୍ମୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୯୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳ ୫ଟାରେ ମାତୃନିକେତନର ଅନ୍ତେବାସୀମାନେ ଜର୍ଜଗଡ଼ ଗ୍ରାମ ଯାଇ ରାମଧୁନ୍ ଗାନ କରିଥିଲେ। ଅପରାହ୍ନ ୬ଟାରେ ଜନ୍ମ ଜୟନ୍ତୀ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ଅତିଥି ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଭାରେ ସାମାଜିକ କର୍ମୀ ରଜନିକାନ୍ତ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସବ୍‌ଜଜ୍ ପଦ୍ମପୁର ଦେବାଶିଷ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଭକ୍ତ ପୁରନ ସାହୁ, ସମ୍ମାନିତ ଅତିଥି ଭାବେ ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ରୁ, ପାଇକମାଲ ଆଇଆଇସି ସୁଶାନ୍ତ କୁମାର ପ୍ରଧାନ, ପଦ୍ମପୁର କେନ୍ଦୁପତ୍ର ରେଞ୍ଜର ରମେଶ ଚନ୍ଦ୍ର ସାହୁ, ଡିସିପିଓ ନୂଆପଡ଼ା ଅର୍ନ୍ତଯ୍ୟାମୀ ବଳିଆରସିଂ, ଗହଳ ବାରିକ, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ଅନୁଷ୍ଠାନର ସମ୍ପାଦିକା ମମତା ପୁରୋହିତ ଯୋଗଦେଇ ପାର୍ବତୀ ଗିରିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ନିର୍ମଳ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ପାର୍ବତୀ ଗିରି ସେବା ସମ୍ମାନ ୨ ଜଣଙ୍କୁ ପ୍ରଦାନ କରାଗଲା, ସେମାନେ ହେଲେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କୁଞ୍ଜବିହାରୀ ଦାଶଙ୍କୁ ମରଣୋତ୍ତର ସେବା ସମ୍ମାନ ଅତିଥିମାନଙ୍କ ଦ୍ୱାରା ତାଙ୍କ ନାତି ଦିଲୀପ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଗହଳ ବାରିକଙ୍କୁ ମଧ୍ୟ ପାର୍ବତୀ ଗିରି ସେବା ସମ୍ମାନ ପ୍ରଦାନ କରାଗଲା। ଶେଷରେ ମାତୃପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ।

# ବୀର ସୁରେନ୍ଦ୍ର ସାଏ ସ୍ମାରକୀ ପୀଠରେ ଯୁବ ସମ୍ମେଳନ

## ଦେଶସେବାରେ ବ୍ରତୀ ହେବାକୁ ଆହ୍ୱାନ

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କର୍ଲା ଗ୍ରାମ ନିକଟ ବୀର ସୁରେନ୍ଦ୍ର ସାଏ ସ୍ମାରକୀ ପୀଠରେ ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ରବିବାର ଯୁବ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଅତାବିରା ଏବଂ ବେଲପାହାଡ଼ ବିବେକାନନ୍ଦ ଯୁବ ମହାମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଏହି ଯୁବ ସମ୍ମେଳନକୁ ଅତାବିରା ମହାମଣ୍ଡଳର ବରିଷ୍ଠ ସଦସ୍ୟ ଦୁଃଖିଶ୍ୟାମ ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଏବଂ ମାତା ସାରାଦା ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଜାମସେଦପୁରସ୍ଥିତ ରାମକୃଷ୍ଣ ମିଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅପୂର୍ବା ଦାଶ ଏବଂ ଓଡ଼ିଶା ରାଜ୍ୟ ଶାଖାର ଯୁଗ୍ମ ସମ୍ପାଦକ ଅଲେଖ ଚନ୍ଦ୍ର ସାମଲ ଅତିଥିଭାବେ ଯୋଗଦେଇ ଥିଲେ।

ଦ୍ୱିତୀୟ ଅଧିବେଶନରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରାଧ୍ୟାପକ ସପ୍ତର୍ଷି ମଣ୍ଡଳ ଏବଂ ଅଖିଳ ଭାରତ ବିବେକାନନ୍ଦ ଯୁବ ମହାମଣ୍ଡଳ, କଲିକତାର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ରଣଜିତ କିଶୋର ମହାନ୍ତି ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଓ ମହାମଣ୍ଡଳ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ତୃତୀୟ ଅଧିବେଶନରେ ଅତାବିରା ମହାମଣ୍ଡଳର ସଦସ୍ୟ ଦେବରାଜ ପାଣିଗ୍ରାହୀ ଏବଂ ବେଲପାହାଡ଼ର ସଦସ୍ୟ ଚିନ୍ତାମଣି ପଶାୟତ ଜୀବନ ଗଠନ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅମ୍ବାଭୋନା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୋହନ ଚରଣ ମହାନ୍ତ ଏବଂ ପରିବେଶବିତ୍ ସଞ୍ଜୟ ଖମାରୀ ପରିବେଶ ସଂରକ୍ଷଣ ପ୍ରତି ଧ୍ୟାନ ଦେଇ ଜୀବନର ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଛାତ୍ରୀଛାତ୍ର, ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଅତାବିରା ଶାଖାର ସଦସ୍ୟ ସୁଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ହୋତା, ଶ୍ରୀକାନ୍ତ ପଣ୍ଡା, ବାଳମୁକୁନ୍ଦ ସାହୁ, ଶିକ୍ଷକ ତପେଶ୍ୱର ପ୍ରଧାନ, ସିଆର୍‌ସିସି କେଦାର ନାଏକ ସହଯୋଗ କରିଥିଲେ। ବୀର ସୁରେନ୍ଦ୍ର ସାଏ ସ୍ମାରକୀ ପୀଠରେ ଚାରାରୋପଣ କରାଯାଇଥିଲା।

## ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳାକାର ବରଣ

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗ(ପଧାନଟିକ୍ରା) ଗ୍ରାମରେ ଆସନ୍ତା ଫେବୃଆରୀ ୩ରୁ ୭ ତାରିଖ ଯାଏ ଦୀର୍ଘ ୫ ଦିନ ଧରି ମା' ବୃଷୁଣ୍ଡ ପାଟ ମନ୍ଦିର, ହନୁମାନ ମନ୍ଦିର ଏବଂ ଶିବଲିଙ୍ଗ ପ୍ରତିଷ୍ଠା ଉତ୍ସବ ଚାଲିବ। ଏହି ଅବସରରେ ଜଳନ୍ଧର ମହାରାଜ ଦରବାର ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ଗ୍ରାମର ବରିଷ୍ଠ କଳାକାର ରମେଶ ଚନ୍ଦ୍ର ମେହେର ଜଳନ୍ଧର ମହାରାଜ ଭୂମିକାରେ ଅଭିନୟ କରିବେ। ଫଳରେ ତାଙ୍କୁ ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ କଳାକାର ଭାବେ ବରଣ କରାଯାଇଛି। କଳାକାର ବରଣ ସମୟରେ ମନ୍ଦିର କମିଟିର ପ୍ରତାପ ପ୍ରଧାନ, ନାରାୟଣ ପ୍ରଧାନ, ସୁବାସ ପ୍ରଧାନ, ପ୍ରମୋଦ ପ୍ରଧାନ, ରୋଶନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ରାଜକୁମାର ବନ୍‌ଛୋରଙ୍କ ସମେତ କମିଟିର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

## ବ୍ଲକ, ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ପ୍ରଧାନ ଶିକ୍ଷକ ବୈଠକ



ବରପାଲି,୧୯।୧ (ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ (କଲ୍ୟାଣ ବିଭାଗ) ରକ୍ସାଠାରେ ଆଞ୍ଚଳିକସ୍ତରୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ତେଜଙ୍ଗଠାରେ ପ୍ରଧାନ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତ୍ନ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାରା ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ରାଜୀବ ଲୋଚନ ସାହୁ ଓ ଲିଙ୍ଗରାଜ ପାଣ୍ଡେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ତ୍ରିପାଠୀ ସରକାରୀ ଉଚ୍ଚ ବିଦ୍ୟାଳୟ (କଲ୍ୟାଣ ବିଭାଗ) ଠାରେ ଆଞ୍ଚଳିକ ସାଧନସ୍ତରୀୟ ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ସାହୁ ପୂର୍ବ ବୈଠକର ପୁନରାଲୋଚନା କରିଥିଲେ। ବରଗଡ଼ ଜିଲା ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ଗଗନ ବେହେରା ଶ୍ରେଣୀର ନ୍ୟୂନତମ ଦକ୍ଷତା ଓ ନିପୁଣ ଓଡ଼ିଶା ବିଷୟରେ ଆଲୋଚନା କରିଥିଲେ। ବରପାଲି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରତ୍ନକୁମାର ବିଦ୍ୟାଳୟ ପରିଦର୍ଶନରେ ଆସି କିପରି ସମସ୍ତ ଛାତ୍ରୀଛାତ୍ରଙ୍କ ନ୍ୟୂନତମ ଦକ୍ଷତା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହାସଲ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।

# କଳସ ଯାତ୍ରା ସହ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ପଦ୍ମପୁର,୧୯।୧ (ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଟାଲ ଗ୍ରାମଠାରେ କଳସ ଯାତ୍ରା ସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଯାତ୍ରା ଗାଁର ବଡ଼ ପୋଖରୀରୁ ପରିକ୍ରମା କରି ଶତାଧିକ ମହିଳା ଓ ପୁରୁଷ କଳସ ଧରି ପୂଜାମଣ୍ଡପକୁ ଆଣିଥିଲେ। ଏହି କଳସ ଯାତ୍ରାରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇଥିଲେ। ରବିବାରଠାରୁ ଦୁଇଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏହି କଳସ ଯାତ୍ରାରେ ମୁଖ୍ୟ ପଣ୍ଡିତ ଅଚ୍ୟୁତାନନ୍ଦ ହୋତା, ଅମୃତଲାଲ ହୋତା, ବିଜୟ ହୋତା, ଦାଶରଥି ହୋତା, ସଚିପତି ହୋତାଙ୍କ ପୂଜାପାଠରେ ମୁଖ୍ୟକର୍ତ୍ତା ଗାଁର ଗୌନ୍ତିଆ ବଳଦେବ ସାହୁ-ସ୍ତ୍ରୀ ଝୁମି ସାହୁ, ଜୟକୁମାର ସାହୁ-ସ୍ତ୍ରୀ ପ୍ରେମଶୀଳା ସାହୁ, କିଶୋର ପଧାନ-ସ୍ତ୍ରୀ ପୂର୍ଣ୍ଣିମା ପଧାନ, କୁମୁଦ ଦାଶ-ସ୍ତ୍ରୀ ସୁଜାତା ଦାଶ, ଅରବିନ୍ଦ ପଣ୍ଡା-ସ୍ତ୍ରୀ ଲିଷ୍ପାମୟୀ ଖମାରୀ, କୀର୍ତ୍ତିବାସ ସ୍ୱାଇଁ-ସ୍ତ୍ରୀ ଆରତି ସ୍ୱାଇଁ, ଉମେଶ ବଢେଇ-ସ୍ତ୍ରୀ ଅନସୂୟା ବଢେଇ, ରୋଶନ ସାହୁ-ସ୍ତ୍ରୀ ଶ୍ୱେତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇବେ। ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ ଅଞ୍ଚଳର ସମସ୍ତ କୀର୍ତ୍ତନ ଦଳ ସହ ବରିକେଲ, ପହଣ୍ଡି, ଗୁଡେଶିରା, ରେଙ୍ଗାଲି କୀର୍ତ୍ତନ ଦଳ ଯୋଗଦେବେ। ଏହି ଅବସରରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ୍ ଯୋଗଦେଇଥିଲେ। ପୂଜା କମିଟିର ସମ୍ପାଦକ ଧୀରେନ ବିଶ୍ୱାଲ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ଆସନ୍ତା ୨୦ ତାରିଖରୁ ବରଗଡ଼ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଅଭିନୟ କରୁଥିବା ଭୁବନ ପଧାନ ରାବଣ ଭୂମିକାରେ ଅଭିନୟ କରିବେ ଏବଂ ରାବଣ ଦରବାରରେ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସାଂସ୍କୃତିକ ଦଳ, ଓଡ଼ିଶାର ପ୍ରସିଦ୍ଧ ହାସ୍ୟ ଅଭିନେତା ଯୋଗେଶ ଯୋଯୋ ଆଣ୍ଡ ଗ୍ରୁପ୍, ଟିଙ୍କୁ ଟିଙ୍ଗାଲୁ ଆଣ୍ଡ ଗ୍ରୁପ୍ ଯୋଗଦେବା ସହ ଉମା ଆଣ୍ଡ ଗ୍ରୁପ ଅର୍କେଷ୍ଟ୍ରା, ମା' ଶାରଳା ଦଣ୍ଡନୃତ୍ୟ ଟାଲର, ଗଞ୍ଜାମର ଶ୍ରୀଜଗନ୍ନାଥ ଅପେରା, ପ୍ରତ୍ୟହ ପାରାୟଣ, କୀର୍ତ୍ତନଧାରା, କୀର୍ତ୍ତନ ବୈଠକୀ, କୃଷ୍ଣ ଗୁରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ପ୍ରତ୍ୟହ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯିବ।



ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା।

# ବହ୍ନିକନ୍ୟାଙ୍କ ସେବା, ସଂଗ୍ରାମ ଅନନ୍ୟ

## ବରଗଡ଼ରେ ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଚିଭର୍ସ ଫାଉଣ୍ଡେଶନ ହେଲପିଙ୍ଗ୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ଅନୁଷ୍ଠାନର ସଭାପତି ଦିବାକର ମାଝୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପଦ୍ମଶ୍ରୀ ଭାଗବତ ପ୍ରଧାନ ମୁଖ୍ୟ ଅତିଥି, ପାର୍ବତୀ ଗିରିଙ୍କ ଭଣଜା ପ୍ରମୋଦ ଗିରି, ଯୋଗଗୁରୁ ତଥା ସାଙ୍କେତିକ ଭାଷା ଅନୁବାଦକ ପ୍ରଶାନ୍ତ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଆଇଆଇଏମ୍, ସମ୍ବଲପୁରର ପ୍ରଫେସର ଡ. ସୁଜିତ୍ କୁମାର ପୃଷ୍ଟେଠ୍ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସଙ୍ଗୀତ ଶିକ୍ଷକ ଅମ୍ରେଶ ଚନ୍ଦ୍ର ବାରିକ ଏବଂ କାମଦେବ ବେହେରାଙ୍କ ତତ୍ତ୍ୱାବଧାନରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କନକ ପ୍ରଧାନ ଏବଂ ଯଶୋବନ୍ତ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜୟନ୍ତୀ ସମାରୋହର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ସମ୍ମାନିତ ଅତିଥି ଏବଂ ସର୍ଦ୍ଦାର ପ୍ରୀତମ ସିଂ ମୁଖ୍ୟ ବକ୍ତାଭାବେ ଯୋଗଦାନ କରିଥିଲେ। ଓଡ଼ିଶା ଜନତା ସଂଘର୍ଷ ସମିତି, ବରଗଡ଼ର ସଭାପତି କିଶୋର ଚନ୍ଦ୍ର ସାହୁ ସ୍ୱତନ୍ତ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ଭାରତୀ କଳା ପରିଷଦର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଉପେନ୍ଦ୍ର ଘିବେଲା, ଅରବିନ୍ଦ ଗୁପ୍ତା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, ବରଗଡ଼ ମହିଳା ସମିତିର ସଭାନେତ୍ରୀ ହରଜିନ୍ଦର କୌର, ତରଣୀ ସୁନା, ଯଶୋବନ୍ତ ମେହେର ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ସାଙ୍କେତିକ ଭାଷା ଅନୁବାଦକ ଚିକେଶ୍ୱର ସରାଫ୍ କାର୍ଯ୍ୟକ୍ରମରେ ସାଙ୍କେତିକ ଭାଷାଗୁଡ଼ିକୁ ଅନୁବାଦ କରିଥିଲେ। ରାଜେନ୍ଦ୍ର କୁମାର ବାଗ, ହରିବନ୍ଧୁ ଭୋଇ, ସକଳ ମାଝୀ, ଭାଗୀରଥି ମାଝୀ, ଓମ୍ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଚିଭର୍ସ ଫାଉଣ୍ଡେଶନ ହେଲ୍‌ପିଙ୍ଗ୍ ଗ୍ରୁପ୍‌ର ସମ୍ପାଦକ ଭଗବାନ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ସଂକ୍ଷେପରେ

### କାର୍ ଦୁର୍ଘଟଣା, ୩ ଆହତ

ରାଉରକେଲା,୧୯।୧(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଅଞ୍ଚଳରେ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ୩ ଜଣ ଆହତ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ପାର୍ଶ୍ୱରୁ ରାଉରକେଲା ଅଭିମୁଖେ ଏକ ପରିବାର କାର(ନଂ .ଓଡି଼୧୬ଏଲ୍ ୯୦୯୧) ଆସୁଥିବା ସମୟରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସମିଲ୍ ଛକ କାଲାକୁଦର ବସ୍ତି ମୁଖ୍ୟ ରାସ୍ତାରେ ସମାନ ଦିଗରୁ ଆସୁଥିବା ହାଇୱା ନଂ. ଓଡ଼ି୦୯ଜେଡ୍ ୫୭୧୧) ପଛପଟୁ ଧକ୍କା ଦେଇଥିଲା। କାର ପ୍ରାୟ ୨୦ ଫୁଟ୍ ଘୋଷାଡି ହୋଇଯାଇଥିଲା। ଏଥିରେ ଚାଳକ ଆହତ ହୋଇଥିବା ବେଳେ ଗାଡ଼ି ମାଲିକ ଓ ୨ ମହିଳା ଆହତ ହୋଇଥିଲେ। ହାଇୱା ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିଲା। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ

ରାଉରକେଲା,୧୯।୧(ଦିନେଶ ମିଶ୍ର)

ସହରର ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ଓ ସମ୍ପାଦକ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଏହି ଆସରରେ ଆଲୋଚକ ଭାବେ ଶୁସିଳାବତି ସରକାରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଜ୍ଞାନରଞ୍ଜନ ତ୍ରିପାଠୀ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସୃଷ୍ଟି ଓ ଦୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ରାଉରକେଲା କଲେଜର ପ୍ରାକ୍ତନ ଅଧକ୍ଷା ତଥା ଗାଳ୍ପିକା ସୁଜାତା ପ୍ରଧାନ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତାପାଠୋତ୍ସବ ଶିକ୍ଷାବିତ ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। କବୟତ୍ରୀ ନିରୁପମା ପତି ତଥା ରଶ୍ମି ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଜୟ କୁମାର ପାଣି, ଗଗନ ବିହାରୀ ନାୟକ, ଧରିତ୍ରୀ ପାଇକରାୟ, କୁଞ୍ଜବିହାରୀ ରାଉତ, ପ୍ରତାପ କୁମାର ପଣ୍ଡା, ବ୍ରଜ ବିହାରୀ ଦାଶ, ଶ୍ରୀକାନ୍ତ ମେହେର, ଅଶୋକ କୁମାର ପଟ୍ଟନାୟକ, ସସ୍ମିତା ପ୍ରଧାନ, ନିରୁପମା ପତି ପ୍ରମୁଖ ସ୍ୱରଚିତ କରିବା ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ସନାତନ ପ୍ରଧାନ ଆସରର ସମ୍ପର୍କରେ ଓ ଅନୁଷ୍ଠାନ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଉରୀବନ୍ଧୁ ସାହୁ, ଡାକ୍ତର ବସନ୍ତ କୁମାର ଦାସ, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ନମିତା ଦାସ, ପଞ୍ଚାନନ ପାତ୍ର, ଜଗନ୍ନାଥ ରାଉତ, ଶରତ ଚନ୍ଦ୍ର ପଣ୍ଡା, ଟୁକୁଲା ପାଢୀ, ରାଜଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବନବିଭାଗ ପକ୍ଷରୁ ପକ୍ଷୀ ଫଟୋ କ୍ୟାପଚରିଙ୍ଗ ଚାଲିଛି।



ମନ୍ଦିରା ଡ୍ୟାମରେ ହ୍ୱିଲସିଲିଙ୍ଗ ଡକ ଜଳକ୍ରୀଡା କରୁଛନ୍ତି।

# ରାଉରକେଲା ବନଖଣ୍ଡ ପକ୍ଷରୁ ପକ୍ଷୀ ଗଣନା

## ୧୭ପ୍ରମୁଖ ଜଳାଶୟରେ ହେଲା ପକ୍ଷୀ ସଂଖ୍ୟା ଆକଳନ

ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନଖଣ୍ଡ ଅଧୀନ ୬ଟି ଫରେଷ୍ଟ ଅନ୍ତର୍ଗତ ୧୭ଟି ପ୍ରମୁଖ ଜଳାଶୟ ଗୁଡିକରେ ପକ୍ଷୀ ଗଣନା ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଯାଇଛି। ୧୭ଟି ପ୍ରମୁଖ ଜଳାଶୟ ମଧ୍ୟରୁ ମନ୍ଦିରା ଡ୍ୟାମ, ରିଜର୍ଭୟର ଝୁମୁରା ବିଟ, ଦୁମଲାବେଡା ସ୍ଥିତ ଜଳାଶୟ, ବାଦୁଲତା ସ୍ଥିତ ଜଳାଶୟ, ବିଶପୁର ସ୍ଥିତ ଜଳାଶୟ, ମନ୍ଦିରା ଡ୍ୟାମ ଜଳାଶୟ, କାଂଶବାହାଲ, ପୀତାମହଲ, ତରକେରା ଡ୍ୟାମ, କଂଶାର ସ୍ଥିତ ଜଳାଶୟ, ଟିମଜୋର ନଦୀ ଜଳାଶୟ, ଏରଗେଡା ସ୍ଥିତ ଜଳାଶୟ, କଲେଇପୋଷ ରିଜର୍ଭୟର ସ୍ଥିତ ଜଳାଶୟ, ଧାମଣା ଧାର ଡ୍ୟାମ ଜଳାଶୟ, ବ୍ରାହ୍ମଣୀ ନଦୀ ଜଳାଶୟ, କୁଚେଇତା ଜଳାଶୟ ଏବଂ ଚନ୍ଦ୍ରପୁର ବ୍ରାହ୍ମଣୀ ନଦୀ ଜଳାଶୟ ଆଦିରେ ପକ୍ଷୀ ଗଣନା ହୋଇଥିଲା। ବନ ବିଭାଗ ତରଫରୁ ହୋଇଥିବା ଏହି ପକ୍ଷୀ ଗଣନାରେ ପ୍ରାୟତଃ ବିଦେଶୀ ପକ୍ଷୀ ବିଶେଷ ମାତ୍ରାରେ ରହିଥିବା ବେଳେ ଦେଶୀ ପକ୍ଷୀ ସଂଖ୍ୟା କମ ରହିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି।

ତେବେ ଏହି ଦେଶୀ ବିଦେଶୀ ପକ୍ଷୀମାନଙ୍କରେ ଉପରୋକ୍ତ ୧୭ଟି ଜଳାଶୟରେ ରେଡ ଟେଷ୍ଟେଡ ପଚାର୍ଡ,କମନ ପଚାର୍ଡ, କମନ କୁଟ, ହ୍ୱିଲସିଲିଙ୍ଗ ଡକ, ପିନଟେଲ ଡକ, କମନ ଲିଗ୍ରେଟ, ମିଡିଆନ ଲିଗ୍ରେଟ, ଲାର୍ଜ ଲିଗ୍ରେଟେଡ, କରମରାଣ୍ଟ, ରିଭର ଇଗଲ ଓ କିଙ୍ଗ ଫିସର ଆଦି ଅନେକ ପକ୍ଷୀ ରହିଥିଲେ। ତେବେ ସମ୍ପନ୍ନ ହୋଇଥିବା ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ ରାଉରକେଲା ଡିଏଫଓ ଏବଂ ଏସିଏଫଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏନେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀଙ୍କ କହିବା ମୁତାବକ, ୨୦୨୪ ବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ଉପରୋକ୍ତ ୧୭ଟି ଜଳାଶୟରେ ବୃଦ୍ଧି ପାଇଛି। ପକ୍ଷୀ ପରିସଂଖ୍ୟାନ ଖୁବଶୀଘ୍ର ସାର୍ବଜନୀନ କରାଯିବ ବୋଲି କହିଥିଲେ।

# ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ସମ୍ମିଳନୀ




ସେକ୍ଟର ୧୬କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି।

ରାଉରକେଲା,୧୯।୧(ସଙ୍ଗୀତା ଜେନା)

ଏଫ୍ଏମ୍ଆର୍ ଆଇଓସି ଆଇଟିୟୁ ସହ ସହବନ୍ଧିତ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ୨୦ତମ ସୁନ୍ଦରଗଡ଼ ଜିଲା ସମ୍ମିଳନୀ ରବିବାର ସେକ୍ଟର ୧୬ ଶ୍ରମିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ପ୍ରାରମ୍ଭରେ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ସଙ୍ଗଠନର ପତାକା ଉତ୍ତୋଳନ କରିଥିଲେ। ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ବକ୍ତବ୍ୟରେ କହିଥିଲେ, ଦେଶ ତମାମ ଶ୍ରମିକ ଶ୍ରେଣୀ ଶ୍ରମ କୋର୍ଡକୁ କାର୍ଯ୍ୟକାରୀ କରିବାକୁ ଜୋରଦାର ବିରୋଧ କରୁଥିଲାବେଳେ ମୋଦି ସରକାର ଜୋରଜବରଦସ୍ତ ଏହାକୁ ଦେଶରେ ଲାଗୁ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଦେଶବ୍ୟାପୀ ପୁଣି ଥରେ ଆନ୍ଦୋଳନ ହେବ, ଲୋକେ ରାଜରାସ୍ତାକୁ ଆସିବେ। ପୁଞ୍ଜିପତିମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଦେଶର ଶ୍ରମିକ ଶ୍ରେଣୀକୁ କ୍ରୀତଦାସ କରିଦେବାକୁ ସରକାର ଯେଉଁ ଅପଚେଷ୍ଟା କରିଛନ୍ତି ତାହାକୁ ଶ୍ରମିକ ଶ୍ରେଣୀ କେବେ ବି ବରଦାସ୍ତ କରିବ ନାହିଁ ବୋଲି କହିଥିଲେ।

ଏହି ସାଙ୍ଗଠନିକ ସମ୍ମିଳନୀରେ ଅନ୍ୟତମ ବକ୍ତା ଭାବରେ ସିଆଇଟିୟୁ ଜିଲା ସମ୍ପାଦକ ରାଜ କିଶୋର ପ୍ରଧାନ ବକ୍ତବ୍ୟ ରଖି ଔଷଧ ଶିଳ୍ପରେ କାମ କରୁଥିବା ସେଲ୍ସ ରିପ୍ରେଜେଣ୍ଟେଟିଭମାନେ ଅଧିକ ସଂଘବଦ୍ଧ ହୋଇ ନିଜର ସମସ୍ୟା ସମାଧାନ କରିବା ସହିତ ସଙ୍ଗଠନକୁ ମଜବୁତ କରିବାକୁ ଆହ୍ୱାନ କରିଥିଲେ। ସମ୍ମିଳନୀରେ ମୁଖ୍ୟବକ୍ତା ଓ ଏସଆର୍ୟୁର ଓଡ଼ିଶା ରାଜ୍ୟ କମିଟି ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଆଗାମୀ ଦିନରେ ସଙ୍ଗଠନର ବିଭିନ୍ନ କାର୍ଯ୍ୟକ୍ରମ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ଶ୍ରେଣୀ ଉପରେ କରୁଥିବା ଆକ୍ରମଣ ସମ୍ପର୍କରେ ସଚେତନ ପାଇଁ ଆହ୍ୱାନ କରିଥିଲେ। ଏହି ସମ୍ମିଳନୀରେ ଜିଲା ସଭାପତି ଜୟମିତ ଆଜମିରା ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ଯଶୋବନ୍ତ ବେହେରା ବାର୍ଷିକ ସମ୍ପାଦକୀୟ ରିପୋର୍ଟ ଓ କୋଷାଧକ୍ଷ ଲଳିତ କୁମାର ସ୍ୱାଇଁ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଆଗାମୀ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ସଭାପତି ଭାବରେ ଜୟମିତ ଆଜମିରା, ଉପସଭାପତି ନିହାର ରଞ୍ଜନ ସାମନ୍ତରାୟ, ସମ୍ପାଦକ ଯଶୋବନ୍ତ ବେହେରା, କୋଷାଧକ୍ଷ ଲଳିତ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିଲେ। ଜିଲା କମିଟିକୁ ମନୋରଞ୍ଜନ ମହାନ୍ତି, ସଞ୍ଜୟ ବିଶୋଇ, ଯୋଗେଶ୍ୱର ସିଂହ, ମୁକେଶ ମିଶ୍ର, ପି.କେ ପୃଷ୍ଟି, ସଞ୍ଜୀବ ବେହେରା, ସୁଜିତାବ ପରିଡ଼ା, କୃଷ୍ଣଚନ୍ଦ୍ର ଛୋଟରାୟ, ଅମିତ ଦାସ, ମହେଶ ବେହେରା ଓ ପ୍ରକାଶ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ।

### ମାସିକିଆ ମାଗଣା ହାଟ ପ୍ରଦର୍ଶିତ: ୭୫ ଲୋକ ଉପକୃତ

ରାଉରକେଲା,୧୯।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଝରଣାବସ୍ତିରେ 'ନରସେବା ନାରାୟଣ ସେବା' ଅନୁଷ୍ଠାନ ପକ୍ଷରୁ ୧୭ତମ ମାସିକିଆ ମାଗଣା ହାଟ ରବିବାର ପ୍ରଦର୍ଶିତ କରାଯାଇଛି। ଏହି ହାଟରେ ଶିଶୁମାନଙ୍କ ପୋଷାକଠାରୁ ଆରମ୍ଭ କରି କମ୍ବଳ, ଅନ୍ୟାନ୍ୟ ଶୀତବସ୍ତ୍ର, ଶାଢ଼ୀ, ଫ୍ରକ୍, ପେଣ୍ଟ, ସାଟ୍ ଭଳି ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏଥିରେ ଝରଣାବସ୍ତିରେ ବାସ କରୁଥିବା ବହୁ ଗରିବ ଲୋକେ ନିଜ ଆବଶ୍ୟକୀୟ ସାମଗ୍ରୀ ବାଛି ନେବା ସହ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ଏହି ମାଗଣା ହାଟରେ ବସ୍ତିରେ ୭୫ ଜଣ ଗରିବ ଅସହାୟ ଲୋକେ ଉପକୃତ ହୋଇଥିଲେ। ଏହି ଅବସରରେ ୫ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନରସେବା ନାରାୟଣ ସେବାର ଫାଉଣ୍ଡର ଅଧ୍ୟକ୍ଷ ସୁବାଷ ବାପୁଡିଆ, ମହେଶ୍ୱର ପ୍ରଧାନ, ଭୁପେଶ ଯୋଶୀ, ବାସନ୍ତୀ ସାହୁ, ଆଶିଷ ପରିକ୍, ରାଜେଶ କୁବର, ଚନ୍ଦନ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ଭିମ୍ ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ହାଟରେ ଲୋକେ ସାମଗ୍ରୀ କିଣୁଛନ୍ତି।

# କଲଚରାଲ ଏକାଡେମୀ ପକ୍ଷରୁ କଥାସାହିତ୍ୟ ଦିବସ

ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ ସ୍ଥିତ କଲଚରାଲ ଏକାଡେମୀ ପକ୍ଷରୁ କଥା ସମ୍ରାଟ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ୩୩ତମ କଥା ସାହିତ୍ୟ ଦିବସ ଆୟୋଜିତ ହୋଇଯାଇଛି। ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ କାଶୀନାଥ ପାତ୍ରଙ୍କ ସଂଯୋଜନାରେ କଥାସାହିତ୍ୟ ଦିବସ ଉପଲକ୍ଷେ ମାନବୀୟ ସଂଘର୍ଷର ରୂପକାର ଅଖିଳ ନାୟକ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଆର୍‌ଏସ୍‌ପି ପୂର୍ବତନ ଜିଏମ୍ ଅଜୟ କୁମାର ଗୋସ୍ୱାମୀ ଯୋଗଦେଇ ଫକୀର ମୋହନଙ୍କର ପ୍ରେରଣାଦାୟୀ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଫକୀର ମୋହନଙ୍କ ସାହିତ୍ୟ ସର୍ବଦା ସମାଜର ଦଳିତ,ନିଷ୍ପେଶିତଙ୍କ ଉତ୍‌ଥାନ ଆଧାରିତ ରହୁଥିଲା। ଠିକ ଏଭଳି ଭାବେ ଅଖିଳ ନାୟକଙ୍କ ପ୍ରତ୍ୟେକ ସାହିତ୍ୟ ମାନବୀୟ ସଂଘର୍ଷର କରୁଣ କାହାଣୀ ଉପରେ କେନ୍ଦ୍ରିଭୂତ ରହୁଥିଲା। ଏଣୁ ଆଜି ମଧ୍ୟ ସାମାଜରେ ମୁଣ୍ଡ ଟେକି ପାରୁ ନ ଥିବା ଲୋକମାନଙ୍କ ପାଇଁ ସାହିତ୍ୟରେ ଅଖିଳ ନାୟକଙ୍କ ଭଳି ସାହିତ୍ୟକାରଙ୍କ ଆବଶ୍ୟକ ନିଶ୍ଚିତ ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ପୂର୍ବ ଭାରତୀୟ ଆଞ୍ଚଳିକ ଭାଷାକେନ୍ଦ୍ର, ଭୁବନେଶ୍ୱରର ଅଧକ୍ଷ ଡ. ସଞ୍ଜୟ ବାଗ ଯୋଗଦେଇ ଫକୀର ମୋହନଙ୍କ ଦ୍ୱାରା ଦଳିତ ସାହିତ୍ୟ ଯଥା ସାହିତ୍ୟ କବିତା ଧୋବାର ଉଦାହରଣ ଦେଇଥିଲେ। ଏବେ ମଧ ବିଭିନ୍ନ କ୍ଷେତ୍ରରେ ଦଳିତବର୍ଗ ସମାଜର ମୁଖ୍ୟସ୍ରୋତକୁ ଆସି ପାରିନାହାନ୍ତି ବୋଲି କହିବା ସହ ଦଳିତବର୍ଗ ବହୁ ସ୍ଥାନରେ ବଡବଡ ସ୍ଥାନରେ ରହିଛନ୍ତି ସତ ମାତ୍ର ବାସ୍ତବିକ କ୍ଷେତ୍ରରେ ବର୍ତ୍ତମାନ ମଧ ଗାଁ ଗଣ୍ଡାରେ ଏମାନେ ଅନ୍ୟମାନଙ୍କ ଠାରୁ ଦୂରେଇ ରହୁଛନ୍ତି। ନବପତ୍ର ସମ୍ପାଦକ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ଆଲୋଚନା ଶୀର୍ଷକରେ ସମ୍ୟକ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀର ଅକ୍ଷୟ ସାମଲ, ଡ. କୃପାସିନ୍ଧୁ ନାୟକ, ଅକ୍ଷୟ ପଣ୍ଡା, ଗୋକୁଳ ଦାସ ଏବଂ ନଦୀମ ଦାସ ପ୍ରମୁଖ ସହଯୋଗ କରିଥିବାବେଳେ ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ବୈଠକ: ୧୦ ଫାଇଟ୍ ଫାଇଟର୍ ସମ୍ବର୍ଦ୍ଧିତ




ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୧୯।୧(ସଙ୍ଗୀତା ଜେନା)

ରାଉରକେଲା କଂଗ୍ରେସ ଜିଲା ପକ୍ଷରୁ ରବିବାର ଏକ ବୈଠକ ସେକ୍ଟର-୨୧ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିସିସି ସଭାପତି ରବି ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବବ୍ରତ ବିହାରୀ, ସାବିର ହୁସେନ୍, ଗଣେଶ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ଆଶିଷ ମହାନ୍ତି, ବନମାଳୀ ବିଶୋୟୀ, ତୁଷାରକାନ୍ତ ଧଳ, ଲତା ନାୟକ, ସୁନୀଲ ପଟ୍ଟନାୟକ, ଭୀମ ମହତୋ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ ଜଣ ବରିଷ୍ଠ ତଥା ପୁରୁଖା କଂଗ୍ରେସ ନେତା ବା ଫାଇଟ୍ ଫାଇଟର୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମାନନ୍ଦ ଶ୍ରୀଚନ୍ଦନ, ସର୍ଦ୍ଦାର ବରିୟମ୍ ସିଂହ, ସୋମନାଥ ପଣ୍ଡା, ଗଙ୍ଗାଧର ପାତ୍ର, ଏମ୍.ପଣ୍ଡା, ରାମସିଂହ ସୁନା, ଅକ୍ଷୟ ନାୟକ, ଧନ କୁମାର ବାରା, ଏମ୍‌ଡି ଫାରୁଖ ଖାନ୍, ଶାନ୍ତିଲତା ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବନ୍ଧୁମିଳନ

ରାଉରକେଲା,୧୯।୧(ଦିନେଶ ମିଶ୍ର)

ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବାର୍ଷିକ ବନ୍ଧୁ ମିଳନ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନବଘନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଂଘର ସମସ୍ତ ସଦସ୍ୟା ଓ ସଦସ୍ୟ ଉପସ୍ଥିତ ଥିଲେ। ପରେ ସଂଘର ସଦସ୍ୟା ଓ ସଦସ୍ୟଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂତନ ସଦସ୍ୟତା ଗ୍ରହଣ କରିଥିବା ୭ ଜଣଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ମହାପାତ୍ର ଓ ବିଶ୍ୱନାଥ ଜେନା ପରିଚାଳନା କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ସରକାରୀ ନର୍ସିଂ କଲେଜର ରୂପାଲି ଦାସ, ସାଗରିକା ସାହୁ, ସୁପ୍ରଭା ନାୟକ, ସୁପ୍ରିୟା ନାଥ, ଜ୍ୟୋତିଶ୍ରୀ ଆଚାର୍ଯ୍ୟ, ଦିବ୍ୟଜ୍ୟୋତି ଦାସ, ସ୍ୱିଟି ଧଳଙ୍କୁ ଲକ୍ଷ୍ମଣନାଥ ଦାସଙ୍କ ସହଯୋଗରେ ଆମେରିକା ନର୍ଥ ସାଉଥ୍‌ଫାଉଣ୍ଡେସନ ବୃତ୍ତି ପାଇଁ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ କବି ଶତପଥୀ, ପ୍ରଦୀପ କୁମାର ସାହୁ, ଶଙ୍କର ପ୍ରସାଦ ତ୍ରିପାଠୀ, ବିଜୟ କୁମାର ମହାନ୍ତି, ଡାକ୍ତର ଗୋକୁଳାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ହରିହର ନାୟକ, କୈଳାସ ଚନ୍ଦ୍ର ସାମଲ, ରବି ନାରାୟଣ ସିଂହ, ସତ୍ୟ ନାରାୟଣ ପଣ୍ଡା, ଅଶୋକ କୁମାର ଶୁକ୍ଳ, ନାରାୟଣ ସିଂ, ଧ୍ରୁବଚରଣ ନାୟକ, ପ୍ରକାଶ କୁମାର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିର ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ

## ପ୍ରଦର୍ଶିତ ହେଲା ୭୭୧ ଉଦ୍ୟାନ ପ୍ରକଳ୍ପ

ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)



ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ଆର୍‌ଏସପିର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଜୁବୁଲି ପାର୍କରେ ୫୭ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆର୍‌ଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର,କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ସିଆଇଏସଏଫ ଡିଆଇଜି ରତନ କୁମାର, ଦୀପିକା ମହିଳା ସଂଘତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ନବନୀତା ଚୌଧୁରୀଙ୍କ ସମେତ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପି.କେ ସ୍ୱାଇଁ, ସହର ଇଞ୍ଜିନିୟରିଙ୍ଗ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି.କେ ଯୋଜୋ, ଉଦ୍ୟାନ କୃଷି ବିଭାଗର ଡିଜିଏମ ତଥା ଜେଡିଡିପି ଇନଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମିଳିତ ରହିଥିଲେ।। ଏନେଇ ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତିଥିଙ୍କ ସହ ପ୍ରଦର୍ଶନୀ ସ୍ଥଳ ପରିଦର୍ଶନ କରିବା ସହିତ ପ୍ରଦର୍ଶିତ ହେଉଥିବା ପ୍ରବେଶିକା ଗୁଡିକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ।। ଗତ ୫୭ବର୍ଷ ଧରି ଏଭଳି ଏକ ବିଶାଳ ଆୟୋଜନ ପାଇଁ ଉଦ୍ୟାନ କୃଷି ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଏହି ସମଗ୍ର ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ବିଭିନ୍ନ ସ୍ଥାନରୁ ପ୍ରଦର୍ଶନୀ ଦେଖିବାକୁ ଆସିଥିବା ଉଦ୍ୟାନପ୍ରେମୀମାନଙ୍କୁ ଆକୃଷ୍ଟ କରିଥିଲ। ଏହି ପ୍ରଦର୍ଶନୀରେ ବିଭିନ୍ନ ବର୍ଗରେ ୭୭୧ଟି ଏଣ୍ଟ୍ରି ସ୍ଥାନ ପାଇଥିଲା। ଏନେଇ ପାୟଲ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଆର୍‌ଏସ୍‌ପି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)




ସୁରକ୍ଷା ସଚେତନତା ଅଭିଯାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ବିଭିନ୍ନ ସଡକ ସୁରକ୍ଷା ଦିଗ ଉପରେ ବ୍ୟାପକ ଭାବେ ଜନସଚେତନତା ସୃଷ୍ଟି କରିବା ପାଇଁ ଆର୍‌ଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଇଡି ୱାର୍କସ ବିଲଡିଂ ନିକଟରେ ୨ଟି ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏନେଇ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଏଥିରେ ସମ୍ମିଳିତ ରହିଥିଲେ। ଏହି ଅବସରରେ ଇଡି(ୱାର୍କସ) ସଡକ ଦୁର୍ଘଟଣା ପରିପ୍ରେକ୍ଷୀରେ ମାନବ ଜୀବନର ଗୁରୁତ୍ୱ ବିଷୟରେ ବିଶେଷ ଆଲୋକପାତ କରାଯାଇଥିଲା। ନିଜ ଓ ନିଜ ପରିବାର, ବନ୍ଧୁ, ସହକର୍ମୀ ଓ ସମୁଦାୟ ସମାଜର ଉନ୍ନତୀ ପାଇଁ ନିଜର ସୁରକ୍ଷା ନିୟମ ଅନୁପାଳନ କରିବା ସହିତ ଅନ୍ୟମାନଙ୍କୁ ମଧ କାରଖାନା ତଥା ବାହାରେ ଅନୁରୁପ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସଭିଙ୍କୁ ଆହ୍ୱାନ କରାଯାଇଥିଲା। ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗର ସିନିୟର ଟେକ୍ନିସିଆନ ଆର.ମହାନ୍ତି ଓ ବିଭାଗୀୟ ଦଳଦ୍ୱାରା ଏକ ପଥପ୍ରାନ୍ତ ସୁରକ୍ଷା ନାଟକ ଓ ସୁରକ୍ଷା ଦାୟିତ୍ୱ ସନ୍ଦର୍ଭରେ ଏକ ସ୍ୱାକ୍ଷର ଅଭିଯାନ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ସିଜିଏମ ଇଲେକ୍ଟ୍ରିକାଲ ଆର.କେ ମୁଦୁଲି, ଏସଏମଏସ- ୧ ବିଭାଗର ସିଜିଏମ ଏସ.କାର୍ଥା ଏବଂ ଏନପିଏମ ସହିତ ଏସପିପି ବିଭାଗର ସିଜିଏମ ଆର.କେ ବିଷାରେ ଯଥାକ୍ରମେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ସୁରକ୍ଷା ସଂକଳ୍ପ ପାଠ କରାଇଥିଲେ। ଏନେଇ ୨ଟି ସୁସଜ୍ଜିତ ସୁରକ୍ଷା ରଥ ଯାହା ସୁରକ୍ଷା ଅବଲମ୍ବନ ମୁଦ୍ରିତ ରଙ୍ଗୀନ ପୋଷ୍ଟର ଜଡତ ହୋଇ କାରଖାନାର ବିଭିନ୍ନ ୟୁନିଟ ଓ ସହାରଞ୍ଚଳ ବ୍ୟାପୀ ଭ୍ରମଣ କରିଥିଲ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ବିକ୍ରମ ପାଢୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଡ଼କ ସୁରକ୍ଷା ମାସ ପାଳନ ନେଇ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହିତ ମିଳିତ ଭାବେ ବିଭିନ୍ନ ବିଭାଗ ଦ୍ୱାରା ରଣନୈତିକ ସ୍ଥାନରେ ସଡକ ସୁରକ୍ଷା ମାନବ ଶୃଙ୍ଖଳ ଆୟୋଜିତ ହୋଇଥିଲା। ବିଭିନ୍ନ ବିଭାଗର କର୍ମଚାରୀ ଓ ଠିକା ଶ୍ରମିକଙ୍କ ପାଇଁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗୀତା ଓ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ଅଗ୍ନିଶମ ଓ ସୁରକ୍ଷା ବିଭାଗ ସିଜିଏମ ଆଶା କାର୍ଥା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଏହି ବିବିଧ ପଦକ୍ଷେପ ଆୟୋଜିତ ହୋଇଥିଲା।

**ସଂକ୍ଷେପରେ**

## ସ୍ୱାମୀ, ନଣନ୍ଦଙ୍କୁ ଜେଲ ଦଣ୍ଡାଦେଶ

**ଯୌତୁକ ନିର୍ଯାତନା ମାମଲା**

ଝାରସୁଗୁଡ଼ା,୧୯।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଲସଦା ଗ୍ରାମରେ ଅମୃତ ମେହେରଙ୍କୁ ଯୌତୁକ ନିଯାତନା ଅଭିଯୋଗରେ ଅମୃତଙ୍କ ସ୍ୱାମୀ ଏବଂ ନଣନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଲଖନପୁର ଜେଏମ୍ଏଫ୍ସି ନ୍ୟାୟାଳୟ। ଅଭିଯୁକ୍ତ ସ୍ୱାମୀ ଚିନ୍ତାମଣି ମେହେର ଏବଂ ନଣନ୍ଦ ସମାରି ମେହେରଙ୍କୁ ୧ ବର୍ଷ କାରାଦଣ୍ଡାଦେଶ ସହ ୧୦ହଜାର ଲେଖାଏଁ ଜରିମାନା ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କଲେ ଅଧିକ ୩ ମାସ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଲଖନପୁର ଜେଏମ୍ଏଫ୍ସି ନ୍ୟାୟାଳୟ ନ୍ୟାୟାଧୀଶ ବ୍ରଜେଶ ମିଶ୍ର। ପୀଡିତାଙ୍କ ପକ୍ଷରୁ ଓକିଲ ମୁରଲୀ ନାୟକ ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ମୋଟ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇଥିବା ଓକିଲ ମୁରଲୀଧର ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଡୁଡୁଗା ଗ୍ରାମର ଅମୃତ ମେହେର ପଲସଦା ଗ୍ରାମର ଚିନ୍ତାମଣି ମେହେରଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ପ୍ରଥମରୁ ସେମାନଙ୍କ ସମ୍ପର୍କ ଠିକ ଥିଲେ ହେଁ ଦୁଇଟି କନ୍ୟା ସନ୍ତାନ ଜନ୍ମ ହେବା ପରେ ତାଙ୍କ ସ୍ୱାମୀ ଚିନ୍ତାମଣି ଏବଂ ନଣନ୍ଦ ସମାରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବାପା ଘରୁ ୫୦ ହଜାର ଟଙ୍କା ଏବଂ ଦୁଇ ଭରି ସୁନା ଆଣିବା ପାଇଁ କହି ମାରପିଟ କରିଥିଲେ। ଏନେଇ ଅମୃତ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଜମନକିରା,୧୯।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁରସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟବିଂଶତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ୱତନ୍ତ୍ର ଅତିଥିଭାବେ ମନୋଜ କୁମାର ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ପଶ୍ଚିମ ଓଡ଼ିଶା ସମ୍ଭାଗ ଶିକ୍ଷା ବିକାଶ ସମିତି ସମ୍ପାଦକ ତ୍ରିବିକ୍ରମ ଶତପଥୀ, ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ରତିକାନ୍ତ କିଶାନ, କୁଚିଣ୍ଡା ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ ସାହୁ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସା, ପ୍ରେମଜି ସାହୁ, ମଞ୍ଜୁଲତା ବାରିକ, ସରିତା ବହିଦାର, ଉଷାରାଣୀ ପାଣ୍ଡେ, ରଜନୀ ସିଂ, ବନ୍ଦିତା ବେହେରା, ନିର୍ମଳା କିସାନ, ସିମନ୍ତିନି ପୂଜାରୀ, ସଂଯୁକ୍ତା ନାୟକ, ବୈଦେହି ବେହେରା, ସଞ୍ଜୟ ବେହେରା ଏବଂ ଚନ୍ଦନ ସାହୁ ପ୍ରମୁଖ ଆଚାର୍ଯ୍ୟ ଅର୍ଚ୍ଚନା ପରିଚାଳନା ଓ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପରିଚାଳନା କମିଟି ଉପସଭାପତି ସୁପ୍ରଭା ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକ ସଂସ୍କୃତି, ପରମ୍ପରା ବଞ୍ଚାଇବାକୁ ପ୍ରୟାସ

ରେଢ଼ାଖୋଲ,୧୯।୧(ଅଚ୍ୟୁତାନନ୍ଦ ପୁରୋହିତ)


ବରଗଡ଼ କଳାଜୀବୀ କଳାକାରମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ରେଙ୍ଗାଲି ଲୋକ ମହୋତ୍ସବ**

ସମ୍ବଲପୁର ଅଞ୍ଚଳର ଲୋକକଳା, ସଂସ୍କୃତି ଓ ପରମ୍ପରା ବେଶ୍ ଅନନ୍ୟ। ଏହା ଅଞ୍ଚଳକୁ ବିଶ୍ୱ ଦରବାରରେ ବେଶ ପରିଚିତ କରୁଛି। ଏଣୁ ଏହି କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବା ସହିତ ଏହାକୁ ବିଶ୍ୱ ବିଦିତ କରିବା ପାଇଁ ସମସ୍ତେ ପ୍ରଚେଷ୍ଟା କରିବା ଆବଶ୍ୟକ। ଏଣୁ ଏହି କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ସାଂସ୍କୃତିକ ମଞ୍ଚ ଜରୁରୀ। ଆଉ କଳା ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର ପାଇଁ ରେଙ୍ଗାଲି ମହୋତ୍ସବ ପ୍ରକୃଷ୍ଟ ମଞ୍ଚ। ସମ୍ବଲପୁର ଜିଲ ରେଢାଖୋଲ ବ୍ଲକ ଜେ. ରେଙ୍ଗାଲି ଗ୍ରାମରେ ରବିବାର ଅନୁଷ୍ଠିତ ଲୋକଗୀତ ଓ ନୃତ୍ୟର ମହାପାର୍ବଣ ରେଙ୍ଗାଲି ମହୋତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଆୟୋଜକ ସଭାପତି ଭୀମସେନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସୈରେନ୍ଦ୍ରୀ ଭୋଇ, ବଡ଼ମାଳ ସରପଞ୍ଚ ତୁଙ୍ଗଭଦ୍ରା ବିଶାଳ, ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲା, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ମୋଚିବାହାଲ ସରପଞ୍ଚ ଗୀତାଞ୍ଜଳୀ ପ୍ରଧାନ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଝିଅ ତଥା ଭାଜପା ନେତ୍ରୀ ଶୁଭଶ୍ରୀ ମିଶ୍ର, ରେଢାଖୋଲ ଏନଏସି ଅଧକ୍ଷ ଶିବରାମ ସାହୁ, ଡଙ୍ଗାପାଳ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ମିଶନ ଶକ୍ତି ପ୍ରୋଜେକ୍ଟ କୋଅର୍ଡିନେଟର ଡ.ପୁଷ୍ପଶ୍ରୀ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅଞ୍ଚଳର କେତେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ତରୁଣ ନାଏକ ସଂଯୋଜନା କରିଥିଲେ। ସଂସ୍କୃତି ସଭା ପରେ ସମ୍ବଲପୁରର ଭକ୍ତି ସାଗର ଭଜନ ଦଳର ଦୃଷ୍ଟିହୀନ କଳାକାରମାନଙ୍କ ସମଲେଇ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ବଲବସପୁରର ଘୁଡୁକୁଡୁ ନୃତ୍ୟ, ରେଙ୍ଗାଲୀର ସମ୍ବଲପୁରୀ ନୃତ୍ୟ, ବରଗଡ଼ କଳାଜୀବୀର ପଦ୍ମଶ୍ରୀ ଖଟେଇ ଓ ସାଥୀଙ୍କ ଡାଲଖାଇ, ରସରକେଲି ଆଦି ନୃତ୍ୟ ଦର୍ଶକଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା। ପରେ ପରେ ପ୍ରସିଦ୍ଧ ସମ୍ବଲପୁରୀ ଗାୟକ ଅମର ଦାସ ଓ କରନରାଜଙ୍କ ସମ୍ବଲପୁରୀ ଗୀତ ବେଶ ମନରଞ୍ଜନ ଯୋଗାଇଥିଲା। ଏହା ଦେଖିବାକୁ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

# କ୍ରାଇମ୍ବ୍ରାଞ୍ଚ ତଦନ୍ତରେ ସନ୍ତୁଷ୍ଟ ନୁହେଁ ବୋଲି ଲେଖିଦିଅନ୍ତୁ ଦୀପାଳି

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

**ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ହେଉ: ଜୟନାରାୟଣ**

ପିତା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାର କ୍ରାଇମ୍ବ୍ରାଞ୍ଚ ତଦନ୍ତରେ ପ୍ରକୃତରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ସନ୍ତୁଷ୍ଟ ନୁହନ୍ତି, ତା'ହେଲେ ସେ କୋର୍ଟ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାନ୍ତୁ ବୋଲି କହିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ରବିବାର ପୁନର୍ବାର ସେ ତାଙ୍କ ପୂର୍ବକଥାକୁ ଦୋହରାଇ କ୍ରାଇମ୍ବ୍ରାଞ୍ଚ ତଦନ୍ତକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରନ୍ତି ବୋଲି କହିଛନ୍ତି ଜୟନାରାୟଣ। ସେ କହିଛନ୍ତି, ଦୀପାଳି ପିତାଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବିକୁ ସ୍ୱାଗତ କରୁଛନ୍ତି। ଏହି ହତ୍ୟାକାଣ୍ଡରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ତତ୍କାଳୀନ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଯେଉଁ ସରକାରଙ୍କ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତ ସନ୍ଦେହଘେରରେ ସେହି ସରକାରଙ୍କ ଅଧୀନ ତଦନ୍ତକାରୀ ସଂସ୍ଥା କ୍ରାଇମ୍ବ୍ରାଞ୍ଚ ଉକ୍ତ ଘଟଣାର ତଦନ୍ତ ଦାୟିତ୍ୱରେ ରହିବା ଅନୁଚିତ। ଏ ସମ୍ପର୍କରେ ପୂର୍ବ ସରକାରଙ୍କ ସମୟରେ ଅନୁଷ୍ଠିତ ବିଧାନସଭାରେ ସେ କହିସାରିଛନ୍ତି। ନବ ଦାସଙ୍କୁ ଗୁଳିବିଦ୍ଧ ହେବାକ୍ଷଣି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଝାରସୁଗୁଡ଼ାରେ ଇସିଜି ରିପୋର୍ଟରେ ତାଙ୍କର ହୃଦ୍ସ୍ପନ୍ଦନ ବନ୍ଦ ହୋଇଯାଇଥିବା ଦର୍ଶାଯାଇଥିଲା। ତେବେ କାହିଁକି ତାଙ୍କ ମୃତଦେହ ଭୁବନେଶ୍ୱର ନିଆଗଲା, ତାଙ୍କ ରକ୍ତଭିଜା ଶାର୍ଟ କୁଆଡ଼େଗଲା, ତାଙ୍କ ଦେହରେ ବିଦ୍ଧ ହୋଇଥିବା ଗୁଳି କାହିଁକି ମିଳିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ସରକାର ଥିବାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହତ୍ୟାକାଣ୍ଡର ତଦନ୍ତଭାର ଦରକାର ପଡ଼ିଲେ ଏକ ଆମେରିକୀୟ ସଂସ୍ଥାକୁ ଦିଆଯିବ ବୋଲି କହିଥିଲେ। ସିବିଆଇ ଭଳି ଶକ୍ତିଶାଳୀ ତଦନ୍ତକାରୀ ସଂସ୍ଥା ଥିବା ସତ୍ତ୍ୱେ ବିଦେଶୀ ତଦନ୍ତକାରୀ ସଂସ୍ଥାକୁ ତଦନ୍ତଭାର ଦେବା ଘୋଷଣା ହାସ୍ୟାସ୍ପଦ ବୋଲି କହିଛନ୍ତି ଜୟନାରାୟଣ। ସିବିଆଇ ନିଷ୍ପାପର ଭାବେ ତଦନ୍ତକଲେ ହତ୍ୟାକାଣ୍ଡର ରହସ୍ୟ ନିଶ୍ଚିତ ଭାବେ ଉନ୍ମୋଚିତ ହୋଇପାରିବ ବୋଲି ସେ କହିଛନ୍ତି। କେବଳ ନବ ଦାସ ହତ୍ୟା ଘଟଣା କାହିଁକି ମମିତା ମେହେର, ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ ମଧ୍ୟ ତଦନ୍ତଭାର ସିବିଆଇକୁ ଦିଆଯିବା ଆବଶ୍ୟକ ବୋଲି ଜୟନାରାୟଣ କହିଛନ୍ତି।

# ଲକ୍ଷ୍ମୀଡୁଙ୍ଗୁରିରେ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

ସମ୍ବଲପୁର,୧୯।୧(ଭବାନୀ ଶଙ୍କର ଭୋଇ)

**ବୌଦ୍ଧ ହୀରକ ତ୍ରିଭୁଜ ସହ ସମ୍ବଲପୁରକୁ ବିକଶିତ କରିବାକୁ ଦାବି**

ସାମାଜିକ ସାଂସ୍କୃତିକ ସଙ୍ଗଠନ ଭାରତୀ ସମାଜ ଲକ୍ଷ୍ମୀ ଡୁଙ୍ଗୁରୀକୁ ପ୍ରକୃତି ଉଦ୍ୟାନ ଭାବେ ବିକଶିତ କରିବାକୁ ଦାବି କରିଛି। ଭାରତୀ ସମାଜ ରାଜ୍ୟ ସଂଯୋଜକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ରବିବାର ମହାନଦୀ ବ୍ରିଜ ସଂଲଗ୍ନ ଲକ୍ଷ୍ମୀ ଡୁଙ୍ଗୁରୀ ପରିଦର୍ଶନ କରି ଏହାକୁ କିଭଳି ପ୍ରକୃତି ଉଦ୍ୟାନ ଭାବେ ବିକଶିତ କରାଯାଇପାରିବ ସେନେଇ ଯୋଜନା ତିଆରି କରିଥିଲେ। ବୌଦ୍ଧ ଧର୍ମରେ ସହଜ ଯାନ ବା ତନ୍ତ୍ରଯାନ ପ୍ରବର୍ତ୍ତିକା ଲକ୍ଷ୍ମୀକରାଙ୍କ ସାଧନା କ୍ଷେତ୍ରଭାବେ ପରିଚିତ ଲକ୍ଷ୍ମୀଡୁଙ୍ଗୁରି ଦିନକୁ ଦିନ ଉଜୁଡିବାକୁ ବସୁଥିବା ବେଳେ ଏହାର ସଂରକ୍ଷଣ ଏବଂ ବିକାଶ ନେଇ ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ୨୦୧୪ମସିହାରୁ ଏହାକୁ ସଂରକ୍ଷିତ ଐତିହାସିକ ପ୍ରକୃତି ଉଦ୍ୟାନ ଭାବରେ ବିକଶିତ କରିବା ପାଇଁ ଦାବି ହୋଇଆସୁଛି। ଲକ୍ଷ୍ମୀଡୁଙ୍ଗୁରୀ ପାଦଦେଶରେ ହୀରାକୁଦ ବନ୍ଧ ନିର୍ମାଣ ସମୟର ଅନେକ ସ୍ମୃତି ଚିହ୍ନ ରହିଥିବା ବେଳେ ଏଠାକାର ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଉତ୍କୃଷ୍ଟ ସ୍ଥାନ ବୋଲି ସମାଜ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ସମ୍ବଲପୁର ଇତିହାସ ସହିତ ଜଡିତ ବ୍ୟକ୍ତିବିଶେଷଙ୍କ ନାମରେ ପ୍ରାକୃତିକ କେନ୍ଦ୍ର ବିକାଶ କରାଯିବା ପାଇଁ ପ୍ରଶାସନକୁ ପ୍ରସ୍ତାବ ଦିଆଯିବ। ଏହି ଅବସରରେ ଗୁରୁ ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ଭୂଇଁ ଉଦୟଗିରିଠାରେ ପାଞ୍ଚ ଦିନିଆ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମନ୍ତ୍ରଗାନ ସମାରୋହ ଗତ ୧୬ତାରିଖରେ ସଫଳତାର ସହ ସମ୍ପନ୍ନ ହେବା ନେଇ ଆୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ରାଜ୍ୟ ସରକାର ରତ୍ନଗିରି, ଉଦୟଗିରି, ଲଳିତଗିରି ବୌଦ୍ଧ ଧର୍ମର ପ୍ରମୁଖ କୀର୍ତ୍ତିରାଜିକୁ ନେଇ ହୀରକ ତ୍ରିଭୁଜ ଭାବେ ବିକଶିତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ସମ୍ବଲପୁର ଗୁରୁ ପଦ୍ମ ସମ୍ଭବଙ୍କର ଜନ୍ମସ୍ଥାନ ହୋଇଥିବାରୁ ସରକାର ସମ୍ବଲପୁରକୁ ଏହି ଯୋଜନାରେ ସାମିଲ କରିବା ଭାରତୀ ସମାଜ ତରଫରୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗବେଷକ କୁଳମଣି ପୁଟେଲ, ପ୍ରମୋଦ କୁମାର, ଭାରତୀ ସମାଜ ମହାସଚିବ ଦେବୀ ପ୍ରସାଦ ଭୋଇ ଉପସ୍ଥିତ ଥିଲେ।

# ସାପ୍ତାହିକ କମଲି ବଜାର ପିଣ୍ଡି ଉଦ୍‌ଘାଟିତ


ଉଦ୍‌ଘାଟନ ପରେ ମୁଖ୍ୟଅତିଥି ବିଧାୟକ ଜୟନାରାୟଣ ମିଶ୍ର ଓ ଏସ୍ଏମ୍ସି ଆୟୁକ୍ତ ପିଣ୍ଡି ବୁଲି ଦେଖୁଛନ୍ତି।

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

**୧୬୮ଟି ପିଣ୍ଡିର ବ୍ୟବସ୍ଥା, ଆଲୋଚନା ପରେ ବଣ୍ଟନ**

ସମ୍ବଲପୁର କମଲିବଜାରସ୍ଥିତ ସାପ୍ତାହିକ ହାଟ ପାଇଁ ବହୁ ପ୍ରତୀକ୍ଷିତ ପିଣ୍ଡି ରବିବାର ଉଦ୍‌ଘାଟିତ ହୋଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ସେ ପିଣ୍ଡି ଗୁଡ଼ିକୁ ବୁଲି ଦେଖିଥିଲେ। ଏହାସହ ଏଠାରେ ବସିଥିବା ବ୍ୟବସାୟୀଙ୍କ ନିକଟକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି, ଏହି ପିଣ୍ଡି ଉଦ୍‌ଘାଟିତ ହେବା ପରେ ରବିବାରଠାରୁ ଏଠାରେ ସାପ୍ତାହିକ ହାଟ ବସିବା ଆରମ୍ଭ ହୋଇଛି। ନୂତନ ପିଣ୍ଡି ପାଇଁ ଶୁଳ୍କରେ ବୃଦ୍ଧି କରାଯାଇ ନାହିଁ। ପ୍ରଥମ ଦିନରେ କୌଣସି ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପିଣ୍ଡି ବଣ୍ଟନ କରାଯାଇ ନାହିଁ। ଆଗାମୀ ଦିନରେ ବ୍ୟବସାୟୀଙ୍କୁ ନେଇ ବୈଠକ ଆୟୋଜନ କରାଯିବ। ନିଷ୍ପତ୍ତି ଅନୁସାରେ ପିଣ୍ଡି ବଣ୍ଟନ କରାଯିବ ବୋଲି ସେ କହିଛନ୍ତି। ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ନିର୍ମାଣ ଓ ଏଥିପାଇଁ ଜମି ଅଧିଗ୍ରହଣ ସମୟରେ ପ୍ରତି ରବିବାର ଏଠାରେ ବସୁଥିବା ଏହି ସାପ୍ତାହିକ ହାଟ ବାଲିବନ୍ଧାକୁ ସ୍ଥାନାନ୍ତରିତ ହୋଇଥିଲା। ଫଳରେ ରବିବାର ସାପ୍ତାହିକ ହାଟ ପାଇଁ ବ୍ୟବସାୟୀମାନେ କୁଞ୍ଜେଲପଡ଼ା ସମଲେଶ୍ୱରୀ ରାସ୍ତା ଉପରେ ସୋମନାଥ ବାବାଙ୍କ ମନ୍ଦିର ସମ୍ମୁଖରୁ ରାମଜୀଗୁଡ଼ି ପର୍ଯ୍ୟନ୍ତ ପସରା ମେଲାଉଥିଲେ। ଏହା ପୂର୍ବରୁ କିଛିଦିନ ପାଇଁ ରିଂରୋଡ଼ର ଗୋଟିଏ ପାର୍ଶ୍ୱ ରାସ୍ତା ଅବରୋଧ ଏହି ସାପ୍ତାହିକ ହାଟ ବସୁଥିବା ଦେଖିବାକୁ ମିଳିଥିଲା। ଯଦ୍ୱାରା ଏହି ରାସ୍ତାରେ ପ୍ରତି ରବିବାର ଟ୍ରାଫିକ ସମସ୍ୟା ଦେଖାଦେଉଥିଲା।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୯।୧(ଆଶିଷ ରଞ୍ଜନ ଦାସ)


ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଝାରସୁଗୁଡା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ଆୟୋଜନ ପାଇଁ ଜିଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପ୍ରତ୍ୟୁଷରେ ଜିଲାର ସମସ୍ତ ପୌରାଞ୍ଚଳରେ ରାମଧୂନ ପ୍ରଚାର, ସକାଳ ସାଢେ ସାତଟାରୁ ୮ଟା ମଧ୍ୟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କ୍ଲବ, ପାଠାଗାର, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୯ଟାରେ ମନମୋହନ ପଡ଼ିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ସ୍ଥିର କରାଯାଇଛି। ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନ୍ସିସି ଓ ଅଣ ଏନ୍ସିସି ସ୍ତରରେ ପରେଡ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ, ମାତୃମଙ୍ଗଳ କେନ୍ଦ୍ର ଓ ଉପକାରାଗାର, ଶିଶୁ ଯତ୍ନ ଅନୁଷ୍ଠାନ, ଦିବ୍ୟାଙ୍ଗ ବିଦ୍ୟାଳୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ଡ୍ରଇଂ, ଦେଶାତ୍ମବୋଧ କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ସନ୍ଧ୍ୟାରେ ବେହେରାମାଲସ୍ଥିତ ଏମ୍ସିଏଲ୍ ଅଡିଟୋରିୟମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ବୈଠକର କାର୍ଯ୍ୟସୂଚୀ ଅନୁସାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟ,ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନବ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରଚନା, ବକ୍ତୃତା ପ୍ରତିଯୋଗିତା

ଝାରସୁଗୁଡା,୧୯।୧(ଆଶିଷ ରଞ୍ଜନ ଦାଶ)

ନବ ଦାସ ଫାଉଣ୍ଡେସନ ପକ୍ଷରୁ ୨ୟ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ରବିବାର ଝାରସୁଗୁଡାସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ରଚନା ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ବିକାଶ କ୍ଷେତ୍ରରେ ନବ ଦାସଙ୍କ ଅବଦାନ' ଶୀର୍ଷକ ରଚନା ପ୍ରତିଯୋଗିତା ଏବଂ 'ନବ ଦାସ ଓ ଝାରସୁଗୁଡା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ସ୍କୁଲ କଲେଜର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଡାକ୍ତର ବିଶ୍ୱଜିତ ଖମାରୀ, ତପନ ବାରିକ, ମେହେବୁବ ମହତାବ, ରାଧାମୋହନ ପାଣ୍ଡେ, ନରେନ୍ଦ୍ର ପଣ୍ଡା, ମନ୍ଦାକିନୀ ଶତପଥୀ, ତପନ ସାହୁ, ହିମାଂଶୁ ଶେଖର ମହାକୁଡ, ବିରାଟ ରାଜ ପ୍ରଧାନ ଏହି ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ରହିଥିଲେ। ଏହି କାର୍ଯ୍ୟକ୍ରମରେ ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଏବଂ ଜିଲା ବିଜେଡି ସଭାପତି ରବି ସିଂହ, ତାପସ ରାୟ ଚୌଧୁରୀ, ମହିଳା ସଭାନେତ୍ରୀ ରୋଜାଲିନ ପଟେଲ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାର ଆୟୋଜନରେ ପିଣ୍ଟୁ ପାଢ଼ୀ, ଲୋକନାଥ ତିୱାରୀ, କାହ୍ନା, ଉମେଶ ବେହେରା, ସୁବାସ କେଡିଆ, ସୂର୍ଯ୍ୟକାନ୍ତୀ ମହାପାତ୍ର, ନବନିତ କୋର, ଦୀପା ନାୟକ, ଏ.ନୁର ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ସହ ଦୀପାଳି ଦାସ ଓ ଅନ୍ୟମାନେ।

## ଦେବାଶିଷ ପ୍ରଧାନ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା

# ଅନ୍ୱେଷା ହଷ୍ଟେଲ ଚାମ୍ପିୟନ

ଦେବଗଡ,୧୯।୧(ଶଶାଙ୍କ ଶେଖର ଝାଙ୍କର)



ଦେବାଶିଷ ପ୍ରଧାନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ସ୍ଥାନୀୟ ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲ ଆନୁକୂଲ୍ୟରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା 'ଦେବାଶିଷ ପ୍ରଧାନ ସ୍ମାରକୀ' ଅଣ୍ଡର ୧୬(୧୬ ବର୍ଷରୁ କମ) କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲର ସଭାପତି ମାନସ ରଞ୍ଜନ ଦେବତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ରବିବାର ବାଲଭାରତୀ ଇଂଲିଶ ମିଡିୟମ ସ୍କୁଲକୁ ୯୩ ରନରେ ପରାସ୍ତ କରି ଅନ୍ୱେଷା ହଷ୍ଟେଲ ଚାମ୍ପିୟନ ହୋଇଛି। ମ୍ୟାଚରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ବାଲଭାରତୀ ଇଂଲିଶ ମିଡିୟମ ସ୍କୁଲର ଚିକୁନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ସମଗ୍ର ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଅନ୍ୱେଷା ହଷ୍ଟେଲର ରାକେଶ ପାଇକ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ସେହିପରି ଚିନ୍ମୟ ବିଦ୍ୟାଳୟର ନୟନ ସାମଲ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଗୌତମ ମୁଖି ଏବଂ ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲର ସିଦ୍ଧାର୍ଥ ବଡ୍ରା ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଅନୁରୂପ ଭାବେ ଅନ୍ୱେଷା ହଷ୍ଟେଲର ଲିପନ ଓ ବାଲ ଭାରତୀ ଇଂଲିଶ ମିଡିୟମ ସ୍କୁଲର ଅନୁଷ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚକୁ ଦଲୀ ଦେହୁରୀ ସଂଯୋଜନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କ୍ରିକେଟ ଖେଳାଳି ପ୍ରଭାସ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଦେବାଶିଷ ପ୍ରଧାନଙ୍କ ମା' ତନୟା ସାହୁ, ଦିବ୍ୟଶଙ୍କର ଖୁଣ୍ଟିଆ, ଲକ୍ଷ୍ମୀକାନ୍ତ ସୁନା ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଦଳ ସମେତ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ରାଜୀବ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୁରେକେଲାର ଛାତ୍ରୀମାନଙ୍କୁ ସପ୍ତାହ ବ୍ୟାପି ଦିଆଯାଉଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଇତିହାସ ବିଭାଗ ଅଧ୍ୟାପକ ଏମ.ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା । ସଭାରେ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ ମେହେର, କ୍ରୀଡା ଶିକ୍ଷକ ପ୍ରବୀର କୁମାର ସାହୁ, ଅଧ୍ୟାପିକା ଶ୍ରାବଣୀ ବାରିକ, ପୂର୍ଣ୍ଣିମା ମେହେର ଯୋଗ ଦେଇଥିଲେ । ମାଷ୍ଟର ଟ୍ରେନର ଭାବେ କୁମାରୀ ଡାକପ୍ରିୟା ନାଗ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଦିଲିପ ପ୍ରଧାନ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ ମେହେର ପ୍ରଶିକ୍ଷଣ ଶିବିର ଦାୟିତ୍ୱ ତୁଲାଇଥିଲେ ।

# 'ସଂକଳ୍ପ ପାରିତ କର, ସ୍ଥାୟୀ ଆଇନ ଆଣ'



ଖପ୍ରାଖୋଲ ଠାରେ ଅନୁଷ୍ଠିତ ଗନ୍ଧମାର୍ଦ୍ଦନ ସୁରକ୍ଷା ପଶ୍ଚିମ ଓଡିଶା ମହାସମାବେଶରେ ମଞ୍ଚାସୀନ ଅତିଥି, ବକ୍ତା ।

**ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ପଶ୍ଚିମ ଓଡ଼ିଶା ମହାସମାବେଶ**

- ୫୬ ଦିନରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଗଣଧାରଣା
- ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନ ଜଣାଇଲେ ସମର୍ଥନ

**ବଲାଙ୍ଗୀର/ଖପ୍ରାଖୋଲ,୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)**

ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କର ଏବଂ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ବିଧିବଦ୍ଧ ସୁରକ୍ଷା ଆଇନ ଆଣି ସବୁଦିନ ପାଇଁ ଗନ୍ଧମାର୍ଦ୍ଦନର ସୁରକ୍ଷା ଦିଅନ୍ତୁ ବୋଲି ରବିବାର ଖପ୍ରାଖୋଲ ଠାରେ ଅନୁଷ୍ଠିତ ପଶ୍ଚିମ ଓଡିଶା ସ୍ତରୀୟ ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶରେ ସର୍ବସମ୍ମତ ଦାବି ଉଠିଛି ।

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହାସମାବେଶରେ ସ୍ୱାମୀ ସୋମବେଶ ସରସ୍ୱତୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ, ନିୟମଗିରି ସୁରକ୍ଷା ସମିତିର ଲିଙ୍ଗରାଜ ଆଜାଦ୍, କୋଶଲବାଦୀ ନେତା ପ୍ରମୋଦ କୁମାର ମିଶ୍ର, ଏସୟୁସିଆଇ ରାଜ୍ୟ ସଦସ୍ୟ ଅଶୋକ ମିଶ୍ର, ଜିନ୍ଦାବାଦ ସଙ୍ଗଠନ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି, ପୂର୍ବତନ ଆବାହକ ବୃନ୍ଦାବନ ବାରିକ, କାର୍ଯ୍ୟକାରୀ ସଭାପତି ଡାଇମଣ୍ଡ ଭୋଇ, ଗୌତମ ବିଶ୍ୱାଳ, କେନ୍ଦ୍ରୀୟ ଆବାହକ ରବି ନାରାୟଣ ସାହୁ, ହରିଶଙ୍କର ଶାଖା ଆବାହକ ଜୟସିଂ ପୂଝାରୀ ମଞ୍ଚାସୀନ ଥିଲେ । ଏହାଛଡା ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ସରୋଜ ମେହେର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପ୍ରଶାନ୍ତ ମାଝି, ଥବୀର ମେହେର, ଲବ ସୁନା, ଚାଷୀନେତା ଜ୍ୟୋତି ପ୍ରଧାନଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ । ସାମାଜିକ କାର୍ଯ୍ୟକର୍ତ୍ତା ଓ ଚାଷୀ ନେତା ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ଯେଭଳି ୨୦୧୭ ମସିହାରେ ବିଧାନସଭାରେ ଧାନର କୁଇଣ୍ଟାଲ ପିଛା ଦର ୨୯୩୦ ଟଙ୍କା ହେବ ବୋଲି ସର୍ବଦଳୀୟ ସଂକଳ୍ପ ପତ୍ର ପାରିତ ହୋଇଥିଲା ଆସନ୍ତା ବଜେଟ୍ ଅଧିବେଶନରେ ଭାଜପା, ବିଜେଡି, କଂଗ୍ରେସ ସମେତ ଅନ୍ୟ ସବୁ ଦଳର ପ୍ରତିନିଧି ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ସଂକଳ୍ପ ପ୍ରସ୍ତାବ ପାରିତ କରନ୍ତୁ ବୋଲି କହିଥିଲେ । କୋଶଲବାଦୀ ନେତା ପ୍ରମୋଦ ତାଙ୍କ ବକ୍ତବ୍ୟରେ କୋଶଳାଞ୍ଚଳର ଜଳ, ଜମି, ଜଙ୍ଗଲ ସୁରକ୍ଷା କଥା ଉଠାଇ ଗନ୍ଧମାର୍ଦ୍ଦନ ନଷ୍ଟ ହୋଇଗଲେ ସ୍ୱତନ୍ତ୍ର କୋଶଳ ଆନ୍ଦୋଳନର ଆଉ କିଛି ମୂଲ୍ୟ ରହିବନାହିଁ ବୋଲି କହିଥିଲେ । ଗନ୍ଧମାର୍ଦ୍ଦନର ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରିଥିଲେ । ପରିବେଶବିତ୍ ସାମନ୍ତରା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର କିଭଳି ପ୍ରାକୃତିକ ସମ୍ପଦ ଲୁଟ୍ ଯୋଜନା କରୁଛନ୍ତି କହିଥିଲେ । ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ଏନ୍‌ଏପିଏମ୍‌ର ସମର୍ଥନ ଘୋଷଣା କରି ୨୪ରେ ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସୂଚନା ଦେଇଥିଲେ । ସ୍ୱାମୀ ସୋମବେଶ ଉଭୟ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାରକୁ କଡା ସମାଲୋଚନା କରି ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରାଥମିକତା ବୋଲି କହିଥିଲେ । ପୂର୍ବତନ ମନ୍ତ୍ରୀ ଛୁରିଆ ତାଙ୍କ ବକ୍ତବ୍ୟରେ ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ବିଜେଡି ସମର୍ଥନ କରୁଛି ଓ ଏହାର ସୁରକ୍ଷା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରିବେ ବୋଲି କହିଥିଲେ । ପଦ୍ମପୁର ବିଧାୟିକା ସିଂ ବରିହା, ପାଟଣାଗଡର ପୂର୍ବତନ ବିଧାୟକ ମେହେର, ବରଗଡର ପୂର୍ବତନ ବିଧାୟକ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୀତା ସାହୁ ମଧ ବକ୍ତବ୍ୟ ରଖି ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ । ଏସୟୁସିଆଇ ରାଜ୍ୟ ସଦସ୍ୟ ଅଶୋକ ମିଶ୍ର କୌଣସି ରାଜନୈତିକ ଦଳ ନୁହେଁ ଲୋକଙ୍କ ଆନ୍ଦୋଳନ ହିଁ ପ୍ରକୃତ ସୁରକ୍ଷା ଯୋଗାଇବ ବୋଲି କହିଥିଲେ । ଆବାହକ ଜୟସିଂ ପୂଜାରୀ ମିଳିତ ଆନ୍ଦୋଳନ ଉପରେ ଜୋର ଦେଇଥିଲେ । ପ୍ରାରମ୍ଭରେ ରାଜକୁମାର ସେଠ୍ ଓ ସୁଶୀଳ ନାୟକ ବକ୍ତବ୍ୟ ରଖିଥିଲେ । ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ଖପ୍ରାଖୋଲ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଗଣଧାରଣା ୫୬ ଦିନରେ ପହଞ୍ଚିଥିବା ସୂଚନା ଦିଆଯାଇଥିଲା । ବିଧାନସଭାରେ ସଂକଳ୍ପ ପାରିତ କରିବା ଓ ସ୍ଥାୟୀ ସୁରକ୍ଷା ଆଇନ ଆଣିବାକୁ ଦାବି କରାଯାଇଥିଲା । ଏହି ମହାସମାବେଶରେ ବଲାଙ୍ଗୀର, ବରଗଡ଼, ନୂଆପଡ଼ା, କଳାହାଣ୍ଡି, କୋରାପୁଟ ସମେତ ସମ୍ବଲପୁର ଜିଲାର ବହୁ ଜନସାଧାରଣ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବିଜେଡି ନେତା, ନେତ୍ରୀଙ୍କୁ ସମାବେଶରେ ଜୋରଦାର ବିରୋଧ କରାଯାଇଥିଲା । ସରକାରରେ ଥିବା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା ନ କହି ଓ କଳିଙ୍ଗନଗରରେ ଆଦିବାସୀ ସଂହାର କରିଥିବା ଅଭିଯୋଗ ଆଣି ଦଳର ନେତାନେତ୍ରୀ ଏହି ସମାବେଶରେ ବସିବାକୁ ଯୋଗ୍ୟ ନୁହେଁ ବୋଲି ନାରାବାଜି କରାଯାଇଥିଲା ।

## ଚୋରି କରି ଦୁଇ ଅଭିଯୁକ୍ତ ଗିରଫ


ପୋଲିସ ଦ୍ୱାରା ଜବତ ଟଙ୍କା ଓ ସାମଗ୍ରୀ ସହ ଦୁଇ ଅଭିଯୁକ୍ତ ।

**ଲାଠୋର,୧୯।୧ (ଭୁବନେଶ୍ୱର ବାରିକ)**

**ଚୋରି ସାମଗ୍ରୀ ଜବତ**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ଚୋରି କରିବା ଅଭିଯୋଗରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଲାଠୋର ଥାନା ସଦର ଗ୍ରାମର ଜିତେନ୍ଦ୍ର ମେହେରଙ୍କ ଦୋକାନରୁ ଗତ ୬ ତାରିଖ ଦିନ ଏବଂ ଜଲପାଙ୍କେଲ ଗ୍ରାମର ଲଳିତା ରଣାଙ୍କ ଘରୁ ଗତ ୧୬ ତାରିଖ ଦିନ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦିଆଯାଇଥିଲା । ଉଭୟଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ ୬/୨୦୨୫ ଏବଂ ୧୧/୨୦୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ପ୍ରକାଶ ଯେ, ଗତ ୬ ମାସ ହେଲା ଲାଠୋର ଗ୍ରାମର ଶିବମନ୍ଦିର ନିକଟ ବେଦି ଘରେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ବାଗବାହାରା ଥାନା ଅଧୀନ ବଜାରପଡ଼ାର କେତେକ ପରିବାର ରହୁଥିଲେ । ସେମାନେ ପ୍ଲାଷ୍ଟିକ ଜରି, ବୋତଲ ଇତ୍ୟାଦି ଗୋଟେଇ କବାଡ଼ିବାଲାକୁ ବିକ୍ରୟ କରି ଚଳୁଥିଲେ । ସେମାନଙ୍କ ସାଙ୍ଗରେ ରହୁଥିବା ସାବନ ଦେୱାର ଓରଫ ରଘୁ (୨୦) ଏବଂ ବିଶ୍ୱନାଥ ନାଗରେ ଓରଫ ନେତାମ ଉପରୋକ୍ତ ଚୋରି ଘଟଣାରେ ସଂପୃକ୍ତ ଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ଏହି ସମୟରେ ଉଭୟ ଚୋରି କରିବା ନେଇ ମାନିଥିଲେ । ସେମାନଙ୍କ ନିକଟରୁ ପୋଲିସ ଚୋରି ହୋଇଥିବା ଏକ ଟିଭିଏସ ସୁପର ଏକ୍ସଲ ମୋଟର ସାଇକେଲ, ନଗଦ ୨୦ ହଜାର ଟଙ୍କା, ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ, ପୂଜା ସାମଗ୍ରୀ, ବିଭିନ୍ନ ପ୍ରକାର ଡ୍ରାଏଫୁଡ଼ ପ୍ୟାକେଟ ଇତ୍ୟାଦି ଜବତ କରିଥିଲା । ଦୁଇ ଅଭିଯୁକ୍ତଙ୍କୁ ରବିବାର ପାଟଣାଗଡ଼ ବିଚାର ବିଭାଗୀୟ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

## ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ,୧୯।୧ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୧୮ତମ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଅଧକ୍ଷତା କରି ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଖପ୍ରାଖୋଲ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମିତି ସଭ୍ୟ ଉପେନ୍ଦ୍ର ଭୋଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ,ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଖବରଦାତା ଡ଼. ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ । ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଗୋପୀକୃଷ୍ଣ ଦଳାଇ ଉତ୍ସବ ପରିଚାଳନା କରିଥିଲେ । ଅତସି ସାହୁ, ସହଦେବ ପତି, ଗଗନ ସାହୁ, ଡିଲେଶ୍ୱର୍ ମେହେର,ଜଗବନ୍ଧୁ ବେହେରା, ଲିଙ୍ଗରାଜ ମାଝୀ, ଦାମୋଦର ମାଝୀ,ଶଙ୍ଖଧର ମାଝୀ, ଦୀନବନ୍ଧୁ ଚାର ବେମାଲଙ୍କ ସମେତ ବିଦ୍ୟାଳୟ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ଭୁବନେଶର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିବା ସାନଗୁର୍ଜିଭଟା ବିଦ୍ୟାଳୟର ଛାତ୍ରୀଛାତ୍ର ।

**ଲାଠୋର,୧୯।୧ (ଭୁବନେଶ୍ୱର ବାରିକ)**

**ଭାଗ ନେଲେ ୧୧୬ ଛାତ୍ରୀଛାତ୍ର**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସର୍ବେଶ୍ୱର ମିଶ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ଲାଠୋର ସାଧନ କେନ୍ଦ୍ର ସଂଯୋଜକ ଚକ୍ରଧର ଭୋଇ କ୍ରୀଡା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନ କରିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୬ ଛାତ୍ରୀଛାତ୍ର ଦୌଡ଼, ବସ୍ତା ଦୌଡ଼, ସଟପୁଟ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । କ୍ରୀଡ଼ା ପରିଚାଳନା ସହକାରୀ ଶିକ୍ଷୟିତ୍ରୀ ଫ୍ଲୋରା ୱାରନୀ ପ୍ରଧାନ କରିଥିଲେ । ଶିକ୍ଷକ ଭଗବାନ ସେଠ, ଧର୍ମପଦ ସାହୁ, ଭଗତ ଧରୁଆ, ସୁରେଶ କୁମୁରା, ଗ୍ରାମର ଜୟରାଜ ଭୋଇ, ଶିବଚରଣ ସୂର୍ଯ୍ୟ, ସୁଶାନ୍ତ ନାଗ, ଗୋଲକ ନାଗଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ । କ୍ରୀଡ଼ାରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଦିନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ମିଶ୍ର କହିଛନ୍ତି ।

## ବନ ବିଭାଗର ଚଢ଼ାଉ, ଖଇର କାଠ ଜବତ

**ଖପ୍ରାଖୋଲ,୧୯।୧ (ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରାଯିବା ବେଳେ ବଡ ଗୁର୍ଜିଭଟା ଘୁନସର ରାସ୍ତାରୁ ଖଇର କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ ହୋଇଛି । ବନବିଭାଗର ଚଢ଼ାଉ ବେଳେ ଗାଡ଼ି ଛାଡ଼ି ଚାଳକ ଫେରାର ମାରିଛି । ଗାଡ଼ି ଓ ଖଇର କାଠ ଜବତ କରାଯାଇ ଖପ୍ରାଖୋଲ ବନବିଭାଗ କାର୍ଯ୍ୟାଳୟକୁ ଅଣା ଯାଇଛି । ଜବତ କାଠ ପ୍ରାୟ ୧୫ କୁଇଣ୍ଟାଲ ହେବ ବୋଲି ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା ପ୍ରକାଶ କରିଛନ୍ତି । ଚଢ଼ାଉ ବେଳେ ଏସିଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ବନପାଳ ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଞ୍ଜୀବ ପ୍ରଧାନଙ୍କ ସହ ବନ୍ୟପ୍ରାଣୀ ସ୍କ୍ୱାଡ୍ ଉପସ୍ଥିତ ଥିଲେ । ଏନେଇ ଏକ ମାମଲା ରୁଜୁ କରି ବନ ବିଭାଗ ତଦନ୍ତ ଚଳାଇଛି ।

## ନଗର ବନ ଉଦ୍ୟାନ ଉଦ୍‌ଘାଟିତ




**କଣ୍ଟାବାଞ୍ଜି,୧୯।୧ (ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି – ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ୪୨ନଂର ସର୍ଗିଗୁଡ଼ା ନିକଟରେ ଥିବା ଶ୍ରୀ ଶ୍ରୀ ଡଙ୍ଗରବୁଢ଼ା ପୁଞ୍ଜି ପଥର ମନ୍ଦିର ନିକଟରେ ନଗର ବନ ଉଦ୍ୟାନ ଶନିବାର ଉଦ୍‌ଘାଟିତ ହୋଇଛି । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଡିଏଫଓ ସୁଦର୍ଶନ ବେହେରା, ବଙ୍ଗୋମୁଣ୍ଡା ଫରେଷ୍ଟ ରେଞ୍ଜ ଅଫିସର ପଦ୍ମନାଭ କୁମ୍ଭାର, ଫରେଷ୍ଟର ଶ୍ୟାମ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଦର୍ଶକମାନଙ୍କ ପାଇଁ ପାର୍କ ଏବଂ ଖୋଲା ଜିମ କରାଯାଇଛି । ପୁଞ୍ଜି ପଥର ମନ୍ଦିର ଇକୋ ଟୁରିଜମ ଭାବେ ଏକ ଦର୍ଶନୀୟ ସ୍ଥାନ ।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଲେଇସିଂହା,୧୯।୧ (ସୁଶାନ୍ତ ବାରିକ) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ଛାତ୍ରୀ ପ୍ରତିଭାମୟୀ ତ୍ରିପାଠୀ ଜାନୁୟାରୀ ୩ରୁ ୬ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳ ରବିନ୍ଦ୍ର ଭବନରେ ଅୟୋଜିତ ଜାତୀୟ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି । ପରମ୍ପରା ଅନୁଯାୟୀ ଆଞ୍ଚଳିକ ପର୍ବପର୍ବାଣୀ ମଧ୍ୟରେ ଥିବା ବୈଜ୍ଞାନିକ ଭାବଧାରାକୁ ସେ ତାଙ୍କ ପ୍ରକଳ୍ପରେ ଉପସ୍ଥାପନା କରି ପ୍ରଶଂସିତ ହୋଇଛନ୍ତି । ଏହା ପ୍ରଥମ ଜାତୀୟସ୍ତରୀୟ ସଫଳତା ହୋଇଥିବାରୁ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ବିଷୟ ହୋଇଛି । ଏହା ଜଣାପଡିବା ପରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଙ୍କ ଅଭିଭାବକ, ଜିଲା ସଂଯୋଜକ ଆନନ୍ଦ ବଡପଣ୍ଡା, ପରିଚାଳନା କମିଟି ମହଲରେ ଆନନ୍ଦ ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡୋଳାମଣି ସାହୁଙ୍କ ଅଧକ୍ଷତାରେ ଛାତ୍ରୀ ପ୍ରତିଭାମୟୀ ଏବଂ ତାଙ୍କ ସହଭାଗୀ ଛାତ୍ରୀ ଐଶର୍ଯ୍ୟା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ କୃତୀ ଛାତ୍ରୀ ନିଜର ଅନୁଭୂତି ଉପସ୍ଥାପନା କରି ପରବର୍ତ୍ତୀ ପୀଢିର ଛାତ୍ରୀଛାତ୍ରଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଶିକ୍ଷକ ସଚ୍ଚିଦାନନ୍ଦ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଯେ, ୨୦୨୩ ମସିହାରେ ଭୁବନେଶ୍ୱର ଡୁନ ଇଣ୍ଟର ନ୍ୟାଶନାଲ ସ୍କୁଲରେ ରାଜ୍ୟସ୍ତରୀୟ ଜାତୀୟ ବିଜ୍ଞାନ କଂଗ୍ରେସ ରେ ଭାଗନେଇ ଉଭୟ ଛାତ୍ରୀ ଜାତୀୟ ସ୍ତରରେ ଭାଗ ନେବାକୁ ମନୋନୀତ ହୋଇଥିଲେ ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦେଓଗାଁ,୧୯।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଧୃବାନନ୍ଦ କଲେଜରେ ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧକ୍ଷତାରେ ତଥା ନୋଡାଲ ଅଧିକାରୀ ସରୋଜ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଯୋଗଦେଇ ଦେଶ ଗଠନରେ ସହାୟକ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶିବିରରେ ମାଷ୍ଟର ଟ୍ରେନର ଭାବେ ମାନସୀ ମଲ୍ଲିକ ଯୋଗଦେଇ ୮ଦିନ ଧରି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଗୌରାଙ୍ଗ ବେମାଲ ତଥା ଅନ୍ୟମାନେ ସହଯୋଗ କରିଥିଲେ ।



ତାଲିମ ଶିବିର ଉଦ୍‌ଯାପନୀ ଅବସରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳ ଚାମ୍ପିୟନ

**ପାଟଣାଗଡ଼,୧୯।୧ (ସଚ୍ଚିଦାନନ୍ଦ ମହାକୁର)**



ଅତିଥିମାନେ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

**ସର୍ବ ଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ପାଟଣାଗଡ଼ ରମାଇଁ ହାଇସ୍କୁଲ ଖେଳପଡ଼ିଆଠାରେ ସର୍ବ ଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଓ ରାଞ୍ଚି ସେର୍‌ସା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୮ ଓଭର ୧ ବଲରେ ସମସ୍ତ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ରାଞ୍ଚି ସେର୍‌ସା ଦଳ ୨୪ ଓଭର ୧ ବଲରେ ସମସ୍ତ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ସନ୍ତୋଷ ନାୟାର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅଂଶୁମାନ ମିଶ୍ର ଓ ଜେମିନି ଚିର୍ଗୁଣ ସ୍କୋର ଦାୟିତ୍ୱରେ ଥିଲେ । ସତ୍ୟ ରଥ ଓ ପୃଥ୍ୱିରାଜ ମିଶ୍ର ଖେଳ ପରିଚାଳନା କରିଥିଲେ । ଆଜିର ମ୍ୟାଚରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳର ଆଦିତ୍ୟ ରାଉତ ମ୍ୟାନ ଅଫ ଦି ମ୍ୟାଚ ପାଇଥିବା ବେଳେ ରାଞ୍ଚି ସେରସା ଦଳର ଉତ୍କର୍ଷ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମେୱାର ଯୁବରାଜ ଲକ୍ଷ୍ୟରାଜ ସିଂ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ , ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିବାଜୀ ଇସାଲୱାର,ଏସ୍‌ପି ଋଷିକେଶ ଖିଲାର, ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପାଟଣାଗଡ କ୍ରିକେଟ କ୍ଲବର ରାନା ଚିନ୍ଦ, ଅଲେଖ ପାଣିଗ୍ରାହୀ,ସମିର ପାଣିଗ୍ରାହୀ, ନନ୍ଦନ ଠାକୁର,ପିଙ୍କୁ ବୁଡେକ ସମେତ କ୍ଲବର ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ହୋଇଥିଲା ।

**ଟାଇଁଜନ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ**

ବାଉଁଶୁଣୀ,(ଦେବାଶିଷ ନେପାକ)ବୌଦ୍ଧ ବ୍ଲକ ତାଲସରଡା ଗ୍ରାମ ପଞ୍ଚାୟତ ଟାଇଁଜନସ୍ଥିତ ହନୁମାନଙ୍କ ମନ୍ଦିରର ନବମ ବାର୍ଷିକ ଉତ୍ସବ ନିମନ୍ତେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ରବିବାର ଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ ଗୋହିରା ଜୋର ନିକଟରୁ ମହିଳାମାନେ କଳସରେ ଜଳ ଭର୍ତ୍ତି କରି ଆଣିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ସନ୍ଧ୍ୟାରେ ୫ ଦିନ ବ୍ୟାପି ରାବଣ ଦରବାର ହେବ । ରାବଣ ଭୂମିକାରେ ବିଶିଷ୍ଟ କଳାକାର ସଂଗ୍ରାମ ଦେହୁରୀ ଅଭିନୟ କରିବେ । ଏହାଛଡା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

# 'ସଂକଳ୍ପ ପାରିତ କର, ସ୍ଥାୟୀ ଆଇନ ଆଣ'



ଖପ୍ରାଖୋଲ ଠାରେ ଅନୁଷ୍ଠିତ ଗନ୍ଧମାର୍ଦ୍ଦନ ସୁରକ୍ଷା ପଶ୍ଚିମ ଓଡିଶା ମହାସମାବେଶରେ ମଞ୍ଚାସୀନ ଅତିଥି, ବକ୍ତା ।

ବଲାଙ୍ଗୀର/ଖପ୍ରାଖୋଲ,୧୯।୧
(ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)

ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ବିଧାନସଭାରେ ସର୍ବଦଳୀୟ ସଂକଳ୍ପ ପାରିତ କର ଏବଂ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ବିଧିବଦ୍ଧ ସୁରକ୍ଷା ଆଇନ ଆଣି ସବୁଦିନ ପାଇଁ ଗନ୍ଧମାର୍ଦ୍ଦନର ସୁରକ୍ଷା ଦିଅନ୍ତୁ ବୋଲି ରବିବାର ଖପ୍ରାଖୋଲ ଠାରେ ଅନୁଷ୍ଠିତ ପଶ୍ଚିମ ଓଡିଶା ସ୍ତରୀୟ ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶରେ ସର୍ବସମ୍ମତ ଦାବି ଉଠିଛି।

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହାସମାବେଶରେ ସ୍ୱାମୀ ସୋମବେଶ ସରସ୍ୱତୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ, ନିୟମଗିରି

## ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ପଶ୍ଚିମ ଓଡ଼ିଶା ମହାସମାବେଶ

ସୁରକ୍ଷା ସମିତିର ଲିଙ୍ଗରାଜ ଆଜାଦ୍, କୋଶଳବାଦୀ ନେତା ପ୍ରମୋଦ କୁମାର ମିଶ୍ର, ଏସୟୁସିଆଇ ରାଜ୍ୟ ସଦସ୍ୟ ଅଶୋକ ମିଶ୍ର, ଜିନ୍ଦାବାଦ ସଙ୍ଗଠନ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି, ପୂର୍ବତନ ଆବାହକ ବୃନ୍ଦାବନ ବାରିକ, କାର୍ଯ୍ୟକାରୀ ସଭାପତି ଡାଇମଣ୍ଡ ଭୋଇ, ଗୌତମ ବିଶ୍ୱାଳ, କେନ୍ଦ୍ରୀୟ ଆବାହକ ରବି ନାରାୟଣ ସାହୁ, ହରିଶଙ୍କର ଶାଖା ଆବାହକ ଜୟସିଂ ପୂଝାରୀ ମଞ୍ଚାସୀନ ଥିଲେ । ଏହାଛଡା ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ସରୋଜ ମେହେର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପ୍ରଶାନ୍ତ ମାଝି, ଥବୀର ମେହେର, ଲବ ସୁନା, ଚାଷୀନେତା ଜ୍ୟୋତି ପ୍ରଧାନଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ଓ ଚାଷୀ ନେତା ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ଯେଭଳି ୨୦୧୭ ମସିହାରେ ବିଧାନସଭାରେ ଧାନର କୁଇଣ୍ଟାଲ ପିଛା ଦର ୨୯୩୦ ଟଙ୍କା ହେବ ବୋଲି ସର୍ବଦଳୀୟ ସଂକଳ୍ପ ପତ୍ର ପାରିତ ହୋଇଥିଲା ଆସନ୍ତା ବଜେଟ୍ ଅଧିବେଶନରେ ଭାଜପା, ବିଜେଡି, କଂଗ୍ରେସ ସମେତ ଅନ୍ୟ ସବୁ ଦଳର ପ୍ରତିନିଧି ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ସଂକଳ୍ପ ପ୍ରସ୍ତାବ ପାରିତ କରନ୍ତୁ ବୋଲି କହିଥିଲେ। କୋଶଳବାଦୀ ନେତା ପ୍ରମୋଦ ତାଙ୍କ ବକ୍ତବ୍ୟରେ କୋଶଳାଞ୍ଚଳର ଜଳ, ଜମି, ଜଙ୍ଗଲ ସୁରକ୍ଷା କଥା ଉଠାଇ ଗନ୍ଧମାର୍ଦ୍ଦନ ନଷ୍ଟ ହୋଇଗଲେ ସ୍ୱତନ୍ତ୍ର କୋଶଳ ଆନ୍ଦୋଳନର ଆଉ କିଛି ମୂଲ୍ୟ ରହିବନାହିଁ ବୋଲି କହିଥିଲେ। ଗନ୍ଧମାର୍ଦ୍ଦନର ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରିଥିଲେ। ପରିବେଶବିତ୍ ସାମନ୍ତରା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର କିଭଳି ପ୍ରାକୃତିକ ସମ୍ପଦ ଲୁଟ୍ ଯୋଜନା କରୁଛନ୍ତି କହିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ଏନ୍‌ଏପିଏମ୍‌ର ସମର୍ଥନ ଘୋଷଣା କରି ୨୪ରେ ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସୂଚନା ଦେଇଥିଲେ। ସ୍ୱାମୀ ସୋମବେଶ ଉଭୟ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାରକୁ କଡା ସମାଲୋଚନା କରି ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରାଥମିକତା ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ଛୁରିଆ ତାଙ୍କ ବକ୍ତବ୍ୟରେ ଗନ୍ଧମାର୍ଦ୍ଦନ ସୁରକ୍ଷାକୁ ବିଜେଡି ସମର୍ଥନ କରୁଛି ଓ ଏହାର ସୁରକ୍ଷା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରିବେ ବୋଲି କହିଥିଲେ। ପଦ୍ମପୁର ବିଧାୟିକା ସିଂ ବରିହା, ପାଟଣାଗଡର ପୂର୍ବତନ ବିଧାୟକ ମେହେର, ବରଗଡର ପୂର୍ବତନ ବିଧାୟକ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୀତା ସାହୁ ମଧ୍ୟ ବକ୍ତବ୍ୟ ରଖି ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ। ଏସୟୁସିଆଇ ରାଜ୍ୟ ସଦସ୍ୟ ଅଶୋକ ମିଶ୍ର କୌଣସି ରାଜନୈତିକ ଦଳ ନୁହେଁ ଲୋକଙ୍କ ଆନ୍ଦୋଳନ ହିଁ ପ୍ରକୃତ ସୁରକ୍ଷା ଯୋଗାଇବ ବୋଲି କହିଥିଲେ। ଆବାହକ ଜୟସିଂ ପୂଜାରୀ ମିଳିତ ଆନ୍ଦୋଳନ ଉପରେ ଜୋର ଦେଇଥିଲେ। ପ୍ରାରମ୍ଭରେ ରାଜକୁମାର ସେଠ୍ ଓ ସୁଶୀଳ ନାୟକ ବକ୍ତବ୍ୟ ରଖିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ଖପ୍ରାଖୋଲ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଗଣଧାରଣା ୫୬ ଦିନରେ ପହଞ୍ଚିଥିବା ସୂଚନା ଦିଆଯାଇଥିଲା। ବିଧାନସଭାରେ ସଂକଳ୍ପ ପାରିତ କରିବା ଓ ସ୍ଥାୟୀ ସୁରକ୍ଷା ଆଇନ ଆଣିବାକୁ ଦାବି କରାଯାଇଥିଲା। ଏହି ମହାସମାବେଶରେ ବଲାଙ୍ଗୀର, ବରଗଡ଼, ନୂଆପଡ଼ା, କଳାହାଣ୍ଡି, କୋରାପୁଟ ସମେତ ସମ୍ବଲପୁର ଜିଲାର ବହୁ ଜନସାଧାରଣ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବିଜେଡି ନେତା, ନେତ୍ରୀଙ୍କୁ ସମାବେଶରେ ଜୋରଦାର ବିରୋଧ କରାଯାଇଥିଲା। ସରକାରରେ ଥିବା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା ନ କହି ଓ କଳିଙ୍ଗନଗରରେ ଆଦିବାସୀ ସଂହାର କରିଥିବା ଅଭିଯୋଗ ଆଣି ଦଳର ନେତାନେତ୍ରୀ ଏହି ସମାବେଶରେ ବସିବାକୁ ଯୋଗ୍ୟ ନୁହେଁ ବୋଲି ନାରାବାଜି କରାଯାଇଥିଲା।

# ଜୟନ୍ତୀରେ ବି ମନେ ପଡ଼ିଲେନି ବହ୍ନିକନ୍ୟା


ବରଗଡ଼ ସାମ୍ବାଦିକ ସଂଘ ସଦସ୍ୟ ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତିକୁ ପାଣିରେ ସଫା କରୁଛନ୍ତି।

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଅନେକ ମହାପୁରୁଷ, ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରହିଛି। କିନ୍ତୁ ପ୍ରତିମୂର୍ତ୍ତି ଗୁଡ଼ିକର ଯତ୍ନ କିମ୍ବା ରକ୍ଷଣାବେକ୍ଷଣ ଠିକ୍‌ଭାବେ କରାଯାଉ ନାହିଁ। ରବିବାର ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ଥିବାବେଳେ ତାଙ୍କ ପ୍ରତିମୂର୍ତ୍ତିଙ୍କୁ ଅସମ୍ମାନ ସକାଳୁ ଦେଖିବାକୁ ମିଳିଥିଲା। ବରଗଡ଼ ସାମ୍ବାଦିକ ସଂଘ ଏବଂ ବଡ଼ମା ପରିବାର ସଦସ୍ୟବୃନ୍ଦ ମାଲ୍ୟାର୍ପଣ ପାଇଁ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖ ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତିକୁ ପହଞ୍ଚିଥିଲେ। ସେତେବେଳକୁ ପ୍ରତିମୂର୍ତ୍ତି ସମ୍ପୂର୍ଣ୍ଣ ଧୂଳିମୟ ଥିଲା। ଏହା ଦେଖି ବରଗଡ଼ ସାମ୍ବାଦିକ ସଂଘ ଏବଂ

## ଧୂଳିମୟ ପ୍ରତିମୂର୍ତ୍ତି

ବଡ଼ମା ପରିବାର ସଦସ୍ୟବୃନ୍ଦ ପ୍ରତିମୂର୍ତ୍ତି ସଫା କରି ମାଲ୍ୟାର୍ପଣ କରିଥିଲେ। ପ୍ରତିମୂର୍ତ୍ତିର ଯତ୍ନ ନେବା ସ୍ଥାନୀୟ ପୌର ପ୍ରଶାସନର କର୍ତ୍ତବ୍ୟ ଥିବାବେଳେ ଜୟନ୍ତୀରେ ମଧ୍ୟ ସେଥିପ୍ରତି ଆଖିବୁଜି ଦେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇ ଦେଇଛି। ବରଗଡ଼ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ରବି ନାରାୟଣ ପଣ୍ଡା କହିଛନ୍ତି, ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତିକୁ ସଫା କରିବା ପାଇଁ ସେ ଶନିବାର ପୌର ପରିଷଦ କର୍ମଚାରୀଙ୍କୁ ସୂଚନା ଦେଇଥିଲେ, ଏହାସତ୍ତ୍ୱେ ସେଥିପ୍ରତି ଆଖିବୁଜି ଦେବା ଦୁର୍ଭାଗ୍ୟଜନକ ବୋଲି ପଣ୍ଡା କହିଛନ୍ତି।

# ବରଗଡ଼ରେ ପୁଷପୁନି ଭେଟଘାଟ୍

ବରଗଡ଼,୧୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସୌଖିନ କଳାକାର ମଞ୍ଚ ପରିସରରେ ରବିବାର ପୁଷପୁନି ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ଗଣ୍ଡାବାଜା, ଡାଲଖାଇ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ ମଞ୍ଚ ପରିଚାଳନା କରିଥିଲେ। ନିହାଲ ସିଂ, ଡଃ ଲଲାଟେନ୍ଦୁ ନାୟକ, ମେଘନାଦ ପ୍ରଧାନ, ଶିବଶଙ୍କର ପ୍ରଧାନ, ଅଶୋକ ପଶାୟତ, ଆଶୁତୋଷ ରଥ, ମେରିୟମ ବାର୍ଲା, ରମେଶ ମହାପାତ୍ର, ବିନ୍ଦୁ ମଲ୍ଲିକ ଅତିଥିଭାବେ ମଞ୍ଚାସୀନ ଥିଲେ। ସାଂସ୍କୃତିକ ଦଳ ଗୁଡ଼ିକୁ ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା। ମୁଣ୍ଡାପଡ଼ାର ବିର୍ସା ମୁଣ୍ଡା ସାଂସ୍କୃତିକ ଦଳର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପରେ ନାଚଗୀତରେ ଛେରଛେରା ମଗାଯାଇଥିଲା ଏବଂ ପିଠା, ମଣ୍ଡା ଆଦି ଭୋଜନ ବ୍ୟବସ୍ଥା ହୋଇଥିଲା। ନମୀତା ଦୀପ, ସୀମା ଦୀପ, ବଲରାମ ଦୀପ, ସଞ୍ଜୟ ଦେହେରୀ, ସନୁ କର୍ଣ୍ଣାଲ, ବିଜୟଲକ୍ଷ୍ମୀ ବେହେରା, ସନ୍ତୋଷିନୀ ନାଗ, ଦିନେଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦଧିବାମନ କ୍ରିକେଟ: ଅମରପାଲି ଚାମ୍ପିୟନ

ଅମରପାଲି,୧୯।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ଦଧି ବାମନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ତେଲିପାଲିକୁ ହରାଇ ଅମରପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ତେଲିପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ସମସ୍ତ ଉଇକେଟ ହରାଇ ୮୪ରନ କରିଥିଲା। ଜବାବରେ ଅମରପାଲି ଦଳ ଆବଶ୍ୟକ ରନକୁ ୯.୧ଓଭରରେ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ତେଲିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ଦୁଇ ଉଇକେଟ ହରାଇ ୧୩୧ ରନ କରିଥିଲା। ଜବାବରେ ଅମରପାଲି ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୦୦ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ତୃତୀୟ ଫର୍ମାଟ ଖେଳାଯାଇଥିଲା। ଏଥରେ ଅମରପାଲି ଦଳ ୨ ଓଭରରେ ୩୧ ରନ କରିଥିବା ବେଳେ ତେଲିପାଲି ଦଳ ମାତ୍ର ୨ ରନ କରି ପରାସ୍ତ ହୋଇଥିଲା। ଫଳରେ ଅମରପାଲି ଦଳ ୨–୧ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଅମରପାଲି ଦଳର ଖେଳାଳିମାନେ।

## ଡେନି ଗୋପାଳ ମ୍ୟାନ ଅଫ ଫାଇନାଲ, ସିରିଜ

ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ସରପଞ୍ଚ ନିରୁପମା ସେଠୀ, ସମିତିସଭ୍ୟା ସୁଗନ୍ଧା ଘିବିଲା, ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ବାବୁଲାଲ ପ୍ରଧାନ, ସମ୍ପାଦକ ସୁଧାଂଶୁ ଶେଖର ପ୍ରଧାନ, ହର ସାହୁ, ପଙ୍କଜ ଧଳ, ସୁରେଶ ମହାକୁର, ନାରାୟଣ ଦନ୍ତା, ପଙ୍କଜ ଧଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅମରପାଲିର ସୁମନ ସାହୁଙ୍କୁ ଶ୍ରେଷ୍ଠ ବୋଲର, ଡେନି ଗୋପାଳ ମଝିଙ୍କୁ ଶ୍ରେଷ୍ଠ ସିକ୍ସର, ମ୍ୟାନ ଅଫ ଫାଇନାଲ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ ଅମରପାଲିକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ତେଲିପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ନିରୋଦ ପ୍ରଧାନ ଓ ଦେବାଶିଷ ପ୍ରଧାନ ପରିଚାଳନା କରିଥିଲେ। ସୁନିଲ ଭୁକ୍ତା ସ୍କୋରିଂ, ଜହ୍ନ ସାହୁ ଅନଲାଇନ ସ୍କୋରିଂ ଏବଂ ମାନସ ନନ୍ଦ ଧାରା ବିବରଣ ପ୍ରଦାନ କରିଥିଲେ।

# ରାଇସ୍ ମିଲରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ

କନ୍ଧମାଳ,୧୯।୧(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କସୁରବନ୍ଧ ପଞ୍ଚାୟତର ପଦ୍ମପୁରଠାରେ ଥିବା ନବକିରଣ ଏଣ୍ଟର ପ୍ରାଇଜେସ ନାମକ ରାଇସ୍ ମିଲରେ ଶନିବାର ଏକ ତିନି ଜଣିଆ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ତଦନ୍ତ କରିଥିବା ଜଣାପଡିଛି। ପ୍ରକାଶ ଯେ, ଉକ୍ତ ରାଇସ୍ ମିଲ ନିର୍ଦ୍ଧାରିତ ପରିମାଣରୁ ଅଧିକ ଭୂତଳ ଜଳ ବ୍ୟବହାର କରିବା, ଗୋଚର ଜମିରେ ପ୍ଲାଣ୍ଟ ନିର୍ମାଣ, ପାଉଁଶ ଓ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ନ କରିବା ଆଦି ବିଷୟ ନେଇ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ହୋଇଥିଲା। ଏନଜିଟିର ନିର୍ଦ୍ଦେଶରେ ରାଇସ୍ ମିଲର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଶନିବାର ଦିନ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍‌ର କେନ୍ଦ୍ରୀୟ ଭୂତଳ ଜଳ ବୈଜ୍ଞାନିକ ସମ୍ବିତ କୁମାର ସାମନ୍ତରାୟ, ବଲାଙ୍ଗୀର ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରୀୟ ଅଧିକାରିଣୀ ବବିତା ସିଂ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା,ଦହ୍ୟା ରାଜସ୍ୱ ନିରୀକ୍ଷକ ହମିଦ ମଲିକ ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରଧାନଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଥିବା ସୂଚନା ଦେଇଥିଲେ। ଚାଷୀ ଗଜ ପାତ୍ର ତଦନ୍ତକାରୀ ଟିମ୍ ଆଗରେ ବନ୍ଧମୁଣ୍ଡା ନାଳରେ ମିଲ୍‌ର ପାଣି ଯିବା ଫଳରେ ମାଛ ମରୁଥିବା ନେଇ ଅଭିଯୋଗ କରିଥିଲେ। ଏହାଛଡା ବିଭିନ୍ନ ସ୍ଥାନରେ ମିଲ୍‌ର ପାଉଁଶ ଓ ଜରି ବସ୍ତା ଦୂଷିତ ହେଉଥିବା ନେଇ ମଧ୍ୟ ସେ ଅଭିଯୋଗ କରିଥିଲେ।


ତଦନ୍ତକାରୀ ଟିମ୍ ତଦନ୍ତ କରୁଛନ୍ତି।

# ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ: ଝାରସୁଗୁଡ଼ା ବିଜୟୀ

ହରଭଙ୍ଗା,୧୯।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ଫକିର ଚରଣ ଖେଳପଡିଆରେ ବଜାର ଆସୋସିଏଶନ ତିଳେଶ୍ୱର ପକ୍ଷରୁ ଚାଲିଥିବା ୨୧ ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ପଞ୍ଚମ ଦିନ ଖେଳ । ପଞ୍ଚମ ଦିବସରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାସ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ କୁମାର ଦାସ, ଆଡେଣିଗଡ ସରପଞ୍ଚ ଅଜିତ କୁମାର ପ୍ରଧାନ, ଗୌତମ ପ୍ରଧାନ, ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ, ସଭାପତି ଅର୍ଜୁନ ପ୍ରଧାନ, ସଂପାଦକ ମହେଶ୍ୱର ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପଞ୍ଚମ ଦିନର ଖେଳ ଅର୍ଥାତ ଗ୍ରୁପ ବିର ଦ୍ୱିତୀୟ ଖେଳ ଫୁଟବଲ କ୍ଲବ ତିଳେଶ୍ୱର ଓ ଦ୍ୱିତୀୟ ବାଟାଲିଅନ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ନିର୍ଦ୍ଧାରିତ ସମୟରେ କେହି କାହକୁ ଗୋଲ ଦେଇ ପାରି ନ ଥିଲେ । ଫଳରେ ଟ୍ରାଇବ୍ରେକର ଜରିଆରେ ଝାରସୁଗୁଡା ଦଳ ୪–୩ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଖେଳକୁ ରେଫରି ଆଲୋକ ଦେହୁରୀ, ସଲିଲ ବେହେରା, ଲକ୍ଷ୍ମଣ ସେଠ ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ପାପୁନ ବେହେରା କାର୍ଯ୍ୟ ତୁଲାଇଥିଲେ। ବଜାର ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ଓ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଧାରା ବିବରଣୀ ସିମୁନ ନାଏକ ପ୍ରଦାନ କରିଥିଲେ । ସୋମବାର ଦିନ ଦ୍ୱିତୀୟ ସେମିଫାଇନାଲ ଖେଳ ସୁରଜ ଏଫସି ଫୁଲବାଣୀ ଓ ଦ୍ୱିତୀୟ ବାଟାଲିଅନ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେବ ।


ଖେଳାଳି ଓ ଅତିଥି ।

# କର୍ମତତ୍ପର, ସକାରାତ୍ମକ ରୁହନ୍ତୁ ବରିଷ୍ଠ ନାଗରିକ

ଅମରପାଲି,୧୯।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନର ଅଷ୍ଟାଦଶତମ ବାର୍ଷିକ ଉତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଡ଼କ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ସଞ୍ଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ସଦା ସର୍ବଦା ସକାରାତ୍ମକ ମନୋଭାବ ସହିତ କର୍ମତତ୍ପର ରହିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର ଇଂ.ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଦ୍ୱାରା ଉତ୍ତମ ମଣିଷ ଗଢ଼ାଯାଇ ପାରିବ ବୋଲି ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅକ୍ଷୟ କୁମାର ହୋତା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମଞ୍ଚାସୀନ


ଅତିଥିମାନେ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବରିଷ୍ଠ ନାଗରିକ ସଂଗଠନର ୧୮ତମ ବାର୍ଷିକ ଉତ୍ସବ

ଥିଲେ। ଡ଼କ୍ଟର ବଳରାମ ମିଶ୍ର, ପ୍ରଦୀପ କୁମାର ପୁରୋହିତ, ଜ୍ଞାନେନ୍ଦ୍ର ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ସୌମିତ୍ରୀ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁରୁ ସାହୁ ଓ ଚମରା ମହାକୁର ଉପଢୌକନ ଦେଇ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ଚମ୍ପାମାଳ ରାମଲୀଳା ନାଟକର ରାବଣ ଭୂମିକାରେ ଦୀର୍ଘ ୫୫ ବର୍ଷ ଧରି ଅଭିନୟ କରିଥିବା ବରିଷ୍ଠ କଳାକାର ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଡୁ ପ୍ରସାଦ ହୋତାଙ୍କୁ ନାଟ୍ୟ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ଶତାୟୁ ପୁରୁଷ ବାଗବର ଗ୍ରାମର ବିଶିଷ୍ଟ କଳାକାର ବ୍ରଜକୃଷ୍ଣ ପଣ୍ଡାଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଯୁଗଳ କିଶୋର ମିଶ୍ର ଓ ପର୍ଶୁରାମ ମେହେର ମାନପତ୍ର ପଠନ କରିଥିଲେ। ଡ଼କ୍ଟର ଦିତୀକୃଷ୍ଣ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ବରିଷ୍ଠ ଖବରଦାତାଙ୍କ ପରଲୋକ

**ସୁନ୍ଦରଗଡ଼,୧୯।୧(ଜୟ ନାରାୟଣ ମେଣ୍ଟୁଳି)**

ବରିଷ୍ଠ ଖବରଦାତା ଉମାକାନ୍ତ ଭିତ୍ରିଆଙ୍କ ରବିବାର ଭୋର ସମୟରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘବର୍ଷ ଧରି ବିଭିନ୍ନ ଖବରକାଗଜର ସୁନ୍ଦରଗଡ ଜିଲା ପ୍ରତିନିଧିଭାବେ କାର୍ଯ୍ୟ କରିବା ସହ ଏକ ଖବରକାଗଜର ରାଉରକେଲା ବ୍ୟୁରୋ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମରଶରୀର ରବିବାର ସକାଳେ ସୁନ୍ଦରଗଡରେ ପହଞ୍ଚିବା ପରେ ସ୍ଥାନୀୟ ଜିଲା ପ୍ରେସ କ୍ଲବଠାରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତା, ବହୁ ଗଣମାଧ୍ୟମ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ତାଙ୍କ ମରଶରୀର ସୁନାରୀପଡା ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ତାଙ୍କର ପରିବାର ବର୍ଗ, ଆତ୍ମିୟ ସ୍ୱଜନ, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ସଙ୍ଗଠନର ବ୍ୟକ୍ତି ମାନେ ପହଞ୍ଚି ଶେଷ ଦର୍ଶନ କରି ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ରାଣୀ ବଗିଚା ସ୍ଥିତ ସ୍ୱର୍ଗଦ୍ୱାର ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଦିବସ

**ବନ୍ଧମୁଣ୍ଡା, ୧୯।୧(ସୁବ୍ରତ ଦେ)**

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୫୭ତମ ଜନ୍ମ ଦିବସ ବି-ସେକ୍ଟର ସ୍ଥିତ ରେଳବାଇ ଇନଷ୍ଟିଚ୍ୟୁଟରେ ପାଳିତ ହୋଇଯାଇଛି। ସକାଳ ପ୍ରାର୍ଥନା ଏବଂ ଧାର୍ମିକ ଶାସ୍ତ୍ର ପାଠ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶାସ୍ତ୍ର ପାଠ କରିବା ପରେ ଭଜନ କୀର୍ତ୍ତନ ହୋଇଥିଲା। ଏହାପରେ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସହରର ବିଭିନ୍ନ ମାର୍ଗ ଦେଇ ଭ୍ରମଣ କରି ସତସଙ୍ଗ ବିହାର ଦେଇ ରେଳବାଇ ଇନଷ୍ଟିଚ୍ୟୁଟରେ ପହଞ୍ଚିଥିଲା। ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ପହଞ୍ଚି ଠାକୁର ଅନୁକୁଳ ଚନ୍ଦ୍ରଙ୍କୁ ପୂଜା କରିବା ସହିତ ସମସ୍ତ ଗୁରୁ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତଙ୍କୁ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ଦ୍ୱାରା ଦର୍ଶା ଯାଇଥିବା ପଥକୁ ଅନୁସରଣ କରିବାକୁ କହିଥିଲେ।

### ନୂତନ କମିଟି ଗଠନ

**ରିଷିଡ଼ା,୧୯।୧ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା କନ୍ଧପଡ଼ାଠାରେ ଗ୍ରାମଦେବତୀ ଧରଣୀମାତାଙ୍କ ନୂତନ କମିଟି ଗଠନ ନେଇ ସରପଞ୍ଚ ସେବତୀ ରଣାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ପଙ୍କଜ ଭୋଇ, ସମ୍ପାଦକ ପ୍ରମୋଦ ସାହୁ, କୋଷାଧ୍ୟକ୍ଷ ଭାବରେ କୈଳାସ କୁମୁରାଙ୍କୁ ମନୋନୀତ କରାଯାଇଛି। ସଭାରେ ପୂଜକ ମାକଣ୍ଡ ପ୍ରଧାନୀ ଘଣ୍ଟେଶ୍ୱର ପ୍ରଧାନୀ, ସୁଶାନ୍ତ ମଲ୍ଲିକ, ମହେନ୍ଦ୍ର ପ୍ରଧାନୀ, ନନ୍ଦକିଶୋର ରଣା, ମନୋଜ ରଣା, ଦେବେନ୍ଦ୍ର ରଣା, ବିଷ୍ଣୁ ରଣା, ନେପାଳ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ବଡ଼ଗାଁ,୧୯।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଧୂମାଗଡା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ସ୍କୁଲ କମିଟି ସଭାପତି ସୁକର୍ଣ୍ଣ ଭଇସାଲ, ମୋ ସ୍କୁଲ କମିଟି ସଭାପତି ହେମନ୍ତ ଭୋଇ, ୱାର୍ଡ ମେମ୍ବର ମାକ୍ସିମୁସ ହାଁସଦା, ପ୍ରଫୁଲ୍ଲ ଗୁଡ଼ିଆ ଓ ପୂର୍ବତନ ସ୍କୁଲ କମିଟି ସଭାପତି ପ୍ରମୋଦ ବୁଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ଅତିଥି ଅମିୟ କୁମାର ପ୍ରଧାନ ପାଠ ପଢାରେ ପିଲାଙ୍କୁ ଆଗେଇ ନେବାରେ ଅଭିଭାବକ ମାନେ ଧ୍ୟାନ ଦେବାକୁ ବୁଝାଇଥିଲେ। ସରପଞ୍ଚ ମହେଶ୍ୱର ବରିହା, ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ ସମୟରେ ସ୍କୁଲ ଆସିବା ଓ ପାଠ ପଢ଼ାଇବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଅବସରରେ ଅଭିଭାବକଙ୍କ ମଧ୍ୟରେ ହୁଲହୁଲି ପ୍ରତିଯୋଗିତା ହୋଇଥିଲା। ଏଥିରେ ତିଳୋତ୍ତମା ଖିଲେଇ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଥିଲାବେଳେ କିଶୋରୀ କାଲୋଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ଖେଳକୁଦର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ୩ଟି ଇଭେଣ୍ଟରେ ପ୍ରଥମ ହୋଇଥିବା ବାଳିକା ବିଭାଗର ରେବତୀ ମାଝୀ ଓ ବାଳକ ବିଭାଗର ରଜତ ବୁଡାଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଥର ପାଇଁ ମେଧାବୀ ଛାତ୍ରୀ ହୋଇଥିବା ସାରିକା ରଥଙ୍କୁ ପୁରସ୍କୃତ କରାଯାଇଥିଲା। ବରୁଣ ବରିହା ମଞ୍ଚ ପରିଚାଳନା କରିଥିବାବେଳେ ସ୍କୁଲର ପ୍ରଧାନ ଶିକ୍ଷକ ଦୀପକ କୁମାର୍ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ସ୍କୁଲର ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଏକ ଦିବସୀୟ ଆତ୍ମରକ୍ଷା କୌଶଳ ଶିବିରରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ଏକ ଦିବସୀୟ ଆତ୍ମରକ୍ଷା କୌଶଳ ଶିବିର

**ସୁନ୍ଦରଗଡ,୧୯।୧(ଜୟ ନାରାୟଣ ମେଣ୍ଟୁଳି)**

ଲେଫ୍ରିପଡା ବ୍ଲକ ଡିଏଭି ପବ୍ଲିକ ସ୍କୁଲ ଏମସିଏଲ ଛଟେନପାଲିରେ ଶନିବାର ଏକ ଦିବସୀୟ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପଟେଲ ସ୍ୱାଗତ ଭାଷଣ ଦେଇ ତାଲିମ କାର୍ଯ୍ୟକ୍ରମ ପାଇଁ ଅନୁମତି ପ୍ରଦାନ କରିଥିଲେ। ପରେ ଜିଲା ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଳର ସୁଦକ୍ଷ କୋଚଙ୍କ ଦ୍ୱାରା ପ୍ରାୟ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇଥିଲେ। ଆତ୍ମ ସୁରକ୍ଷାର ବିଭିନ୍ନ ପ୍ରକାର କୌଶଳ ସହିତ ମାର୍ଶଲ ଆର୍ଟରେ ମଧ୍ୟ ଅନେକ ଗୁଡ଼ିଏ କୌଶଳ ତାଲିମ ଦେଇଥିଲେ। ଛାତ୍ରୀମାନେ କିପରି ନିଜକୁ ନିଜେ ସୁରକ୍ଷିତ କରିପାରିବେ ତା ସହିତ ବର୍ତ୍ତମାନ ପରିପେକ୍ଷିରେ ଆତ୍ମ ସୁରକ୍ଷା ତାଲିମ ନେବା ଜରୁରୀ ବିଷୟରେ କୋଚ ଲିପ୍ସା ଷଡଙ୍ଗୀ ବିଭିନ୍ନ ଉଦାହରଣ ଦେଇ ସମସ୍ତଙ୍କୁ ବୁଝାଇଥିଲେ। ସେମାନେ ଦେଇଥିବା ତାଲିମକୁ ଛାତ୍ରୀମାନେ ନିଜ ଦୈନନ୍ଦିନ ଜୀବନରେ ଲଗାଇ ପାରିଲେ ତାଙ୍କ ଶ୍ରମ ସାଫଲ୍ୟ ହେବ ବୋଲି ବ୍ୟକ୍ତ କରିଥିଲେ । କୋଚ ସାଗରିକା ନେଟି ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଆତ୍ମ ସୁରକ୍ଷା ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସାଇନା ଦାସ, ମଧୁସ୍ମିତା ପରି, ଆୟୁସି ପଟେଲ, ସୁଶ୍ରୀ ଅଲକା ପଲ, ରାଜେଶ କୁମାର ଦାସ, ରାଜକମଳ ଯାଦବ, ପୂଜା ରଥ,ବର୍ଚ୍ଚସିନି ପଟେଲ, ରେଣୁକା ସାହୁ, ପ୍ରତିଭା ବିଶାଳ, ପ୍ରୀତି ବିଶାଳ ପ୍ରମୁଖ ସହଯୋଗ କରିଥିଲେ।

# ବାଙ୍କୀ ରେଞ୍ଜରେ ପକ୍ଷୀ ଗଣନା

**ଲହୁଣୀପଡା,୧୯।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ସ୍ଥିତ ଜଳାଶୟରେ ଶନିବାର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ରାଉରକେଲା ବନଖଣ୍ଡ ବାଙ୍କି ରେଞ୍ଜ ଅଧୀନ କଲେଇପୋଷ ଜଳାଶୟ, ଧମଣାଦର ଡ୍ୟାମ, ନୂଆଗାଁ ବ୍ରାହ୍ମଣୀ ନଦୀ କୂଳ, ଚନ୍ଦ୍ରପୁରୁ ବ୍ରାହ୍ମଣୀ ନଦୀ କୂଳ ଏବଂ କୁଚେଇତା ଜଳାଶୟଠାରେ ଶନିବାର ପକ୍ଷୀ ଗଣନା କାର୍ଯ୍ୟକ୍ରମ ହୋଇଥିଲା। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ଓ ସ୍ୱେଚ୍ଛାସେବୀ କର୍ମକର୍ତ୍ତାମାନେ ନିୟୋଜିତ ହୋଇଥିବା ବେଳେ କେତେକ ସ୍ଥାନରେ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ପକ୍ଷୀ ଗଣନାରେ କଲେଇପୋଷ ଜଳାଶୟଠାରେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠି,ଏସିଏଫ ଦୁର୍ଯ୍ୟୋଧନ ଜେରାଇ, ଫରେଷ୍ଟର ରାଜେଶ ଜ୍ୟୋତିଷ, ଗୋପାଳ ଓରାମ, ବନରକ୍ଷୀ ବିଶ୍ୱଜିତ ପଣ୍ଡା, ଅନ୍ନପୂର୍ଣ୍ଣା ଭୋଇ, ବିରଞ୍ଚିନ ବେଗ ଓ ପାରା ଷ୍ଟାଫ, ହାତୀ ସ୍କାଡ ପ୍ରମୁଖ ସାମିଲ ଥିଲେ।



ଅଧିକାରୀମାନେ ପକ୍ଷୀ ଗଣନା କରୁଛନ୍ତି।

## ଆନ୍ତଃ ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଖଡ଼ିଆଳ,୧୯।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମଠାରେ ଖଡ଼ିଆଳ ଯୁବ ମୋର୍ଚ୍ଚା ପକ୍ଷରୁ ଗତ ତିନିଦିନ ଧରି ଚାଲିଥିବା ଆନ୍ତଃ ଜିଲା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ୩୫ ବର୍ଷରୁ କମ୍ ବର୍ଗ ଫାଇନାଲ ମ୍ୟାଚରେ ବଲାଙ୍ଗୀରର ମହମ୍ମଦ ଇରଫାନ ଓ ଚିନ୍ମୟ ବେହେରା ଯୋଡି ୨-୧ ସେଟରେ ମହମ୍ମଦ ଆକିବ ଓ ଅଭୟ ସାହୁ ଯୋଡିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିଭଳି ୩୫ ବର୍ଷରୁ ଅଧିକ ବର୍ଗରେ ରିତେଶ ବାବୁ ଓ ବନବିହାରୀ ବେହେରା ଯୋଡି ୨-୦ ସେଟରେ ସୁଦୀପ୍ତ ବିଶୋଇ ଓ ଲକ୍ଷ୍ମୀକାନ୍ତ ପୂଜାରୀ ଯୋଡିକୁ ହରାଇ ଚମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଇଂ ସୌମ୍ୟ କିଶୋର ଜୟପୁରିଆ, ଚିତ୍ରଭାନୁ ସିଂଦେଓ, ଖବରଦାତା କୁନୁ କରୁଆଁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଖଡ଼ିଆଳ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ସିଂଦେଓ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସଞ୍ଜୟ ସେଠୀ ଧନ୍ୟବାଦ ଦେଇଥିଲେ। ସରୋଜ କୁମାର ପଣ୍ଡା, ସୌରଭ ପଣ୍ଡା ଖେଳ ପରିଚାଳନା କରିଥିଲେ।



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ

**ଲାଞ୍ଜିଗଡ଼,୧୯।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ ଟାଉନଶିପ ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ମହୋତ୍ସବ ରବିବାର ଶେଷ ହୋଇଛି। ଏହି ଉପଲକ୍ଷେ ଦେବସ୍ଥାନମର ସୂର୍ଯ୍ୟପୂଜା, ଶାଳାଧିଷ୍ଟ ଦେବତା ପୂଜା, ପିଣ୍ଡିକାନ୍ୟାସ, ପ୍ରାସାଦ ଅଧିବାସ, ଶିଖର କଳସ ପ୍ରତିଷ୍ଠାନ, ପାର୍ଶ୍ୱ ଦେବତା ସ୍ଥାପନ, ଅପରାହ୍ନ ୧ଟା ୩୦ରୁ ମହାପ୍ରଭୁଙ୍କ ରତ୍ନ ସିଂହାସନ ବିଜେ, ହୋମ, ପୁଷ୍ପାଞ୍ଜଳି ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ୫ଦିନ ବ୍ୟାପୀ ଯଜ୍ଞ, ପ୍ରବଚନ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ବେଦାନ୍ତ ଲିମିଟେଡ ସଞ୍ଜୀବ ବର୍ମା ଓ ତାଙ୍କ ଧର୍ମପତ୍ନୀ ସାଲିନି ବର୍ମା, ବେଦାନ୍ତ ଲିମିଟେଡ଼ ଏସ୍ କିରଣ ଓ ତାଙ୍କ ଧର୍ମପତ୍ନୀ ଏସ୍ ଅପର୍ଣ୍ଣା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ ଓ ପୂଜକ ଭାବେ ସୁଦାମ ଚରଣ ରଥ, ଦାମୋଦର ରଥ, ବିରଞ୍ଚି ନାରାୟଣ ରଥ, କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ବେଦାନ୍ତ ଲିମିଟେଡ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ସିଏଫ୍ଓ ଏସ୍ ସୁରେଶ, ସିଏସ୍ଆର ଏବଂ ବାହ୍ୟବ୍ୟାପାର ବିଭାଗ ମୁଖ୍ୟ ବିଭୂଦେନ୍ଦୁ ପଣ୍ଡା, ମନ୍ଦିର ପୂଜା କମିଟି ତରଫରୁ ପ୍ରଣବ ଖମେରବାର ପ୍ରମୁଖ ସହଯୋଗ କରିଥିଲେ।



ରତ୍ନ ସିଂହାସନରେ ବିଜେ ହୋଇଥିବା ବିଗ୍ରହ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



**ରିଷିଡ଼ା,୧୯।୧(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ନେମୈଚାନ୍ଦ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର ମୁଖ୍ୟଅତିଥି, ହରଗୌରୀ ମହାବିଦ୍ୟାଳୟ କୁଶୁର୍ଲାର ଅଧ୍ୟକ୍ଷ ସୁବୋଧ କୁମାର ଶତପଥି ମୁଖ୍ୟବକ୍ତା, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ରିଷିଡା ସରପଞ୍ଚ ସେବତୀ ରଣା, ଜିଲାପରିଷଦ ସଦସ୍ୟ ମହେନ୍ଦ୍ର ରଣା, ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ହୃଷୀକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଚାର୍ଯ୍ୟ ମହେନ୍ଦ୍ର ବାରିକ ବାର୍ଷିକ ବିବରଣୀ ପଠନ କରିଥିଲେ। ଗୁରୁମା ଝୁନିରାଣି ସାହୁ ସଭା ସଂଯୋଜନା ଓ ଯୁଗ୍ମସମ୍ପାଦକ ପ୍ରେମାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ଲଙ୍କାରେ ହରିଶଚ୍ଚନ୍ଦ୍ର, ଘୁମୁରା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ମହାନଦୀ କପ୍ ଉଦ୍‌ଘାଟିତ

**ବନ୍ଧମୁଣ୍ଡା,୧୯।୧(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଡିଜେଲ କଲୋନୀ ସ୍ଥିତ ପାଣି ଟାଙ୍କି ଖେଳ ପଡ଼ିଆରେ ୯ ଦିନିଆ ଚତୁର୍ଥ ମହାନଦୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେଇଯାଇଛି। ବନ୍ଧମୁଣ୍ଡାର ପୂର୍ବତନ ଭାଜପା ମଣ୍ଡଳ ସଭାପତି ତଥା ବରିଷ୍ଠ ଭାଜପା ନେତା ଆଇ ରାଜା ରମେଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆମ୍ରେଶ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଡିଜେଲ କଲୋନୀ ସୁପର ନୋଭା ଏବଂ ସିଙ୍ଗର କ୍ଲବ ମଧ୍ୟରେ ଖେଳାଯାଇଥିଲା।

ଯେଉଁଥିରେ ସିଙ୍ଗର ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ଚାରି ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲା। ଯେଉଁଥିରେ ଡିଜେଲ କଲୋନୀ ଟିମ ସାତ ଓଭରରେ ଚାରି ଉଇକେଟ ହରାଇ ୮୧ ରନ ସ୍କୋର କରି ଜିତ ହାସିଲ କରିଥିଲା। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଜାନୁଆରୀ ୨୯ରେ ଖେଳାଯିବ। ଟୁର୍ନାମେଣ୍ଟ ଆୟୋଜନରେ କମିଟିର ଇମତିଆଜ ହୁସେନ, ସଞ୍ଜୟ ସିଂ, ସଚିନ ସିଂ, ସୋମନାଥ ସାହୁ, ରାହୁଲ ସାହୁ, ହିମାଂଶୁ କାଳନ୍ଦୀ, କରଣ କୁମାର, ପିଣ୍ଟୁ ପ୍ରଧାନ, ସରତ ପାସୱାନ, ଆଶିଷ କୁମାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଠୁଙ୍କୁପଡ଼ା ଚାମ୍ପିୟନ

**କୁଆଁରମୁଣ୍ଡା,୧୯।୧ (ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପଦମପୁର ପଞ୍ଚାୟତ ଜଗଦୀଶପୁର ସ୍କୁଲ ନିକଟସ୍ଥ ଫୁଟବଲ ପଡ଼ିଆରେ ଅନୁଷ୍ଠିତ ୩ ଦିନିଆ ଯୋଗେଶ୍ୱର ଭୂମିଜ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଫାଇନାଲ ମ୍ୟାଚ। ଏହି ମ୍ୟାଚ କାଂଶବାହାଲର ଠୁଙ୍କୁପଡ଼ା ଓ ଡୁମେରଜୋରର ଉଷ୍ରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୪୫ ମିନିଟ ଧରି ବେଶ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା ବେଳେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ପେନାଲଟି କିକରେ ୩-୨ ଗୋଲରେ ଠୁଙ୍କୁପଡ଼ା ବିଜୟୀ ହୋଇ ଚାମ୍ପିୟନ ଘୋଷିତ ହୋଇଛି। ଏହାପରେ ପୁରସ୍କାର ବିତରଣୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ଘନଶ୍ୟାମ ଅଗ୍ରୱାଲ,ପଦମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ବୁଦ୍ଧୁ କେରକେଟା,ଟଙ୍ଗା ଓରାମ,ଶ୍ରୀକାନ୍ତ ପୁଝାରୀ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଘୋଷିତ ଠୁଙ୍କାପଡ଼ା ଓ ରନର୍ସ ଅପ ଘୋଷିତ ଉଷ୍ରା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ୩ ଦିନ ଧରି ଅନୁଷ୍ଠିତ ଏହି ଟର୍ନାମେଣ୍ଟରେ ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକରୁ ୧୬ ଟିମ ଅଂଶ ଗ୍ରହଣ କରିଥିଲେ। ଜଗଦିଶପୁର କେବିଏସସି ଆସୋସିଏଶନ ପକ୍ଷରୁ ସାମାଜିକ କର୍ମୀ ଟିକେଶ୍ୱର କାଲୋ, ଜଗଦୀଶ ଜେନା, ଅଜୟ କିଶାନ, ଲକ୍ଷ୍ମଣ କିଶାନ, ଜଗନ୍ନାଥ କିଶାନ, ଅନିଲ ନାଏକ, ଅଜୟ ଭୂମିଜ, ସୁରେନ୍ଦ୍ର ଏକ୍କା ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। ଖେଳ ପରିଚାଳକଭାବେ ରଞ୍ଜିତ ସିଂ,ସୁରେଶ ଲାକ୍ରା,ମହେଶ ମାଝୀ,କୃଷ୍ଣ କିଶାନ,ପ୍ରକାଶ ମିଞ୍ଜ,ପ୍ରେମାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।



ଠୁଙ୍କୁପଡ଼ା ଓ ଉଷ୍ରା ଟିମ୍ ମଧ୍ୟରେ ଗୋଲ ପାଇଁ ଚାଲିଛି ସଂଘର୍ଷ।

## ସଂକ୍ଷେପରେ

### ବାସୁପାଲି ସେବାଶ୍ରମ ବିଦ୍ୟାଳୟର ଶିଶୁ ପ୍ରତିଭା ଉତ୍ସବ

ସମ୍ବଲପୁର,୧୯।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବାସୁପାଲି ସେବାଶ୍ରମ ବିଦ୍ୟାଳୟରେ ଶନିବାର ଶିଶୁ ପ୍ରତିଭା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧନକଉଡା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅମୂଲ୍ୟ ଭୋଇ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଦୀପେନ କୁମାର ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁକାନ୍ତ ସାହୁ, ଶିଶିର ପୁରୋହିତ, ଦେବେନ୍ଦ୍ର ସାହୁ, ରଶ୍ମିତା ମହାନ୍ତି, ଅଶୋକ ଶତପଥୀ, ମୌସମ୍ ପଟେଲ୍ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶିଶୁ ମାନଙ୍କ ପ୍ରତିଭାର ବିକାଶରେ ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଡକ୍ଟର ଦୀପେନ କୁମାର ପଟ୍ଟନାୟକ ଶିକ୍ଷା ସମସ୍ୟା ଓ ଶିଶୁ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରେଷ୍ଠ ଅଭିଭାବକ ଭାବରେ କୁଞ୍ଜ ରୋହୀଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ସମ୍ମିଳନୀ

ନାକଟିଦେଉଳ,୧୯।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତ ଅନ୍ତର୍ଗତ ଫୁଲକୁସୁମ ନେତାଜୀ ସୁବାଷ ଉଚ୍ଚ ବିଦ୍ୟାଳୟରେ ବ୍ଲକ ମାଧ୍ୟମିକ ବିଦ୍ୟାଳୟଗୁଡିକର ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ନୋଡାଲ ପ୍ରଧାନଶିକ୍ଷକ ତଥା କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ ଏବଂ ଉଇଁଚା ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ଯୋଗଦେଇ ଉତ୍କର୍ଷ କାର୍ଯ୍ୟକ୍ରମର ସଫଳ ରୂପାୟନ, ଖାନ ଏକାଡେମୀ, ଗଣିତ ଶିକ୍ଷଣ ପ୍ରକ୍ରିୟାରେ ଏହାର ଛାତ୍ରୀଛାତ୍ରମାନଙ୍କ ସକାଶେ ଉପଯୋଗୀତା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବିଦ୍ୟାଳୟରେ ଦଶମ ପ୍ରି ବୋର୍ଡ ପରୀକ୍ଷା ଦେବାରୁ ବଞ୍ଚିତ ତଥା ଡ୍ରପ ଆଉଟ ପିଲାଙ୍କୁ ଚିହ୍ନଟ କରି ଏସଆଇଓଏସରେ ନାମ ପଞ୍ଜିକୃତ କରାଯାଇ ପଦକ୍ଷେପ ନେବା ଦିଗରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ବ୍ଲକର ୧୭ଟି ଉଚ୍ଚ ବିଦ୍ୟାଳୟର ୨୪ଜଣ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ।

### ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା

କୁଚିଣ୍ଡା,୧୯।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ ଭାଜପା ପକ୍ଷରୁ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚିତ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିଙ୍କ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଶୁଶିଳ କରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ନିର୍ବାଚିତ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, କୁଚିଣ୍ଡା ବିଧାନସଭା କ୍ଷେତ୍ରର ସମସ୍ତ ୨୭୨ଗୋଟି ବୁଥ କମିଟି ଗଠନ ସରିଛି।ତେଣୁ ସଙ୍ଗଠନକୁ ସୁଦୃଢ଼ କରି ଡବଲ ଇଞ୍ଜିନ ସରକାରଙ୍କ ସମସ୍ତ ସରକାରୀ ଯୋଜନା ଗୁଡିକୁ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ହେବ। ବୈତ୍ରା ମଣ୍ଡଳ ସଭାପତି ରାଜକୁମାର ରକ୍ସା, ଗୁଦଗୁଦା ମଣ୍ଡଳ ସଭାପତି ଚୂଡ଼ାମଣି ମାକର,ବାମରା ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ, କେଶାଇବାହାଲ ମଣ୍ଡଳ ସଭାପତି ନିରୋଜ ସାହୁ,ଜମନକିରା ମଣ୍ଡଳ ସଭାପତି ବିଜୟ ନାୟକ, ଗୁଣ୍ଡୁରୁଚୁଆଁ ମଣ୍ଡଳ ସଭାପତି ମନୋଜ ମାଝି, କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ସମେତ ଜିଲା ପ୍ରତିନିଧି ପାଇଁ ମନୋନୀତ ସୁରେନ୍ଦ୍ର ସେଠ, ଉପେନ୍ଦ୍ର ପଟେଲ, ବୁଲୁ ପଟେଲ, ପଦ୍ମଚରଣ ଗୁରୁ, ସୁନୀଲ ମୁଦୁଲି, ପବନ ଅଗ୍ରୱାଲ, କୁମାରେଶ ଦଶଭାୟାଙ୍କୁ ମନ୍ତ୍ରୀ ନାଏକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ର ପ୍ରତାପ ଦେଓ, ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ, ଅରୁଣ ଅଗ୍ରୱାଲ, ଶୈଳେନ୍ଦ୍ର ନାୟକ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁଚରଣ ନାୟକଙ୍କ ସମେତ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ପ୍ରଦୂଷିତ ହେଉଛି ହୀରାକୁଦ ଡ୍ୟାମ ପାଣି

■ମିଶୁଛି କାରଖାନା ପାଉଁଶ, ଆବର୍ଜନା ପାଣି

■ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ ହେବ: ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ

ସମ୍ବଲପୁର,୧୯।୧(ଭବାନୀ ଶଙ୍କର ଭୋଇ)

ହୀରକୁଦ ବନ୍ଧ ୬୯ ବର୍ଷରେ ପଦାର୍ପଣ କରିଛି। ଗତ ୧୩ତାରିଖ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ କେକ୍ କାଟି ଏହାର ଜନ୍ମଦିନ ପାଳନ କରିଛନ୍ତି। ୨୮୫ ଖଣ୍ଡ ଗାଁ ଏବଂ ୨୨ ହଜାର ପରିବାର ବିସ୍ଥାପିତ ହେବା ପରେ ନିର୍ମିତ ହୀରାକୁଦ ବନ୍ଧ ତା'ର ଲକ୍ଷ୍ୟ ପୂରଣ ଦିଗରେ କେତେ ସଫଳ ହୋଇଛି ତାକୁ ନେଇ ବନ୍ଧର ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରଶ୍ନ ଉଠାଇଥିଲେ। ନଦୀବନ୍ଧକୁ ଲାଗି ଗଢି ଉଠିଥିବା ଅନେକ କଳ କାରଖାନା ଯୋଗୁ ହୀରାକୁଦ ବନ୍ଧ ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି। କଳ କାରଖାନାଗୁଡିକ ବେଆଇନ ଭାବେ ବନ୍ଧ ଭିତରେ ଆବର୍ଜନା ପାଣି ଛାଡୁଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଶ୍ନ ଉଠାଇ ସାରିଛନ୍ତି। ପୁନଶ୍ଚ କଳକାରଖାନାଗୁଡିକରୁ ବାହାରୁଥିବା ପାଉଁଶ ବନ୍ଧର ପାଣିକୁ ପ୍ରଦୂଷିତ କରୁଛି। ଏଥିଯୋଗୁ ହୀରାକୁଦରେ ପୂର୍ବଭଳି ଆଉ ମାଛ ଦୃଶ୍ୟମାନ ହେଉନାହାନ୍ତି। ଏହାର ପ୍ରଭାବ ବନ୍ଧରୁ ମାଛ ମାରି ଜୀବିକା ନିର୍ବାହ କରୁଥିବା ଧୀବରଙ୍କ ଉପରେ ପଡୁଛି। ଏଥିସହ ହୀରାକୁଦ ବନ୍ଧ ପଟୁମାଟିରେ ପୋତି ହେବା ନେଇ ପରିବେଶବିତ ଅଭିଯୋଗ କରିଥାନ୍ତି। ହୀରାକୁଦ ଏବଂ ମହାନଦୀରେ ପ୍ରଦୂଷଣ ବିରୋଧରେ ଲଢେଇ କରୁଥିବା ବ୍ୟକ୍ତି ଏବଂ ଅନୁଷ୍ଠାନ ନିୟମିତଭାବେ ଏହା ବିରୋଧରେ ପ୍ରଶ୍ନ ଉଠାଇ ଆସୁଛନ୍ତି। ଗତ ଡିସେମ୍ବର ୧୩ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୂଆଦିଲୀସ୍ଥିତ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର କ୍ଷେତ୍ରୀୟ ନିର୍ଦ୍ଦେଶକ ମୃଣାଳକାନ୍ତୀ ବିଶ୍ୱାସ ଚିଠି ଲେଖି କଳ କାରଖାନାଗୁଡିକ ଦ୍ୱାରା ମହାନଦୀ ଏବଂ ହୀରାକୁଦ ବନ୍ଧରେ ହେଉଥିବା ପ୍ରଦୂଷଣ ବିଷୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ମସିହାରେ ପ୍ରଦୂଷଣ ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମଧ ମହାନଦୀର ପ୍ରଦୂଷଣ ନେଇ ରହିଥିବା ତଥ୍ୟ ଚିନ୍ତାଜନକ ରହିଛି । ଏହାକୁ ନେଇ ପରିବେଶବତ୍ ସତ୍ୟନାରାୟଣ ରାଓ କହିଛନ୍ତି, ମହାନଦୀର ଉପର ମୁଣ୍ଡରେ ତିଆରି ହୋଇଥିବା ପାଉଁଶ ପୋଖରୀ ଯୋଗୁ ହୀରାକୁଦ ପ୍ରଦୂଷିତ ହୋଇଛି। ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆଶଙ୍କା ସୃଷ୍ଟି କରିଛି । ତେବେ ଏନେଇ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ସତ୍ୟନାରାୟଣ ନନ୍ଦଙ୍କୁ ପଚାରିବାରୁ ହୀରାକୁଦ ଜଳଭଣ୍ଡାରରେ ଗଚ୍ଛିତ ଜଳକୁ ନେଇ ପ୍ରତି ମାସରେ ପରୀକ୍ଷଣ କରାଯାଉଛି। ବର୍ତ୍ତମାନ ସ୍ଥିତିରେ ଜଳର ସେମିତି ଗମ୍ଭୀର ସ୍ଥିତିନାହିଁ। ତେବେ କଳକାରଖାନାଗୁଡିକର ପାଉଁଶ ପରିଚାଳନା ନେଇ ହେଉଥିବା ଅଭିଯୋଗ ଉପରେ ଦିଶା ନିର୍ଦ୍ଦେଶ ଦିଆଯାଇଛି। ପ୍ରଦୂଷଣ ବିଭାଗ ମଧ ନିୟମିତ ଏହାର ଯାଞ୍ଚ କରୁଛି। ତେଣୁ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ବିଡିଓ ମାଟି ହାଣିଲେ, ବୋହିଲେ ମହିଳା ସରପଞ୍ଚ



ବିଡିଓ ମାଟି ଖୋଳିଥିବାବେଳେ ମହିଳା ସରପଞ୍ଚ ଟୋକେଇରେ ମାଟି ବୋହି ନେଉଛନ୍ତି ।

**ଜୁନାନୀରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କେନାଲ ଖନନ**

କୁଚିଣ୍ଡା,୧୯।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ପଞ୍ଚାୟତ ମାନଙ୍କରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିଭିନ୍ନ ପ୍ରକଳ୍ପ କାମ ହେଉଛି। କୁଚିଣ୍ଡା ବ୍ଲକ ଖଣ୍ଡୋକଟା ପଞ୍ଚାୟତର ଜୁନାନୀ ଗ୍ରାମର ଚାଷଜମିକୁ ଜଳସେଚନ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ବ୍ଲକ ତରଫରୁ ଏକ କେନାଲ ଖନନ ହେଉଛି। ଇତି ମଧ୍ୟରେ ଶ୍ରମିକମାନେ ମାଟି କେନାଲ କାମ ଆରମ୍ଭ କରିଛନ୍ତି। କାମ ଆରମ୍ଭ ପରେ ଶନିବାର ତଦାରଖ ନିମନ୍ତେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି, ଏପିଓ କୁଳବନ୍ତ ବା, ଖଣ୍ଡୋକଟା ସରପଞ୍ଚ କୁନି ସେଉଳ ଏବଂ ଏଡିଇଓ କବିତା ଆଚାର୍ଯ୍ୟ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ। ଶ୍ରମିକମାନେ କେନାଲ କାମ କରୁଥିବା ଦେଖି ବିଡିଓ ଖୁସିବ୍ୟକ୍ତ କରିଥିଲେ। ଶ୍ରମିକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଡିଓ ସାହୁ କୋଡିରେ ମାଟି ଖୋଳିଥିବା ବେଳେ ମହିଳା ସରପଞ୍ଚ ସେଉଳ ନିଜକୁ ସମ୍ଭାଳି ନପାରି ଟୋକେଇ(ଝୁଡି)ରେ ମାଟି ମୁଣ୍ଡେଇ ବୋହିଥିଲେ। ନିୟୋଜିତ ମହିଳାପୁରୁଷ ଶ୍ରମିକଙ୍କୁ ବର୍ଷସାରା ଏଭଳି କାମ ଯୋଗାଇ ଦେଲେ ସେମାନେ ଉପକୃତ ଦେବେ ବୋଲି ବିଡିଓଙ୍କୁ କହିଥିଲେ। ବିଡିଓ ଏବଂ ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ଜୁନାନୀ ଗ୍ରାମବାସୀ ପ୍ରଶଂସା କରିଥିଲେ। ଏହି କେନାଲ ଦ୍ୱାରା ଚାଷଜମିରେ ଜଳସେଚନ ହୋଇ ମରୁଡି କବଳରୁ ମୁକ୍ତି ମିଳିବ ବୋଲି ସେ କହିଛନ୍ତି।



ଶଙ୍କର ମଠରେ ଆୟୋଜିତ ବ୍ରତୋପନୟନରେ ସାମିଲ ବ୍ରହ୍ମଚାରୀ ଓ ପରିବାରବର୍ଗ ।

# ଶଙ୍କର ମଠରେ ସାମୂହିକ ବ୍ରତୋପନୟନ

**୧୧ ବଟୁଙ୍କ ହେଲା ବ୍ରତୋପନୟନ**

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

ଦୟାନନ୍ଦ ପବ୍ଲିକ ସ୍କୁଲ ଆନୁକୂଲ୍ୟ ତଥା ଅନୁଷ୍ଠାନ ଅଧ୍ୟକ୍ଷ ଇଶ୍ୱର ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ସହଯୋଗରେ ସ୍ଥାନୀୟ ଶଙ୍କରମଠରେ ରବିବାର ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ତୃତୀୟ ବର୍ଷ ପାଇଁ ଏହି ନିଃଶୁଳ୍କ ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର ସହିତ ଝାରସୁଗୁଡ଼ା, ବରଗଡ଼, ସୁବର୍ଣ୍ଣପୁର ଜିଲା ସହିତ ପଡ଼ୋଶୀ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ୧୧ ଜଣ ବଟୁଙ୍କ ସମ୍ପୂର୍ଣ୍ଣ ବିଧିବିଧାନ ଓ ରୀତିନୀତିରେ ବ୍ରତୋପନୟନ ହୋଇଥିଲା। ଏହି କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ପାଣିଗ୍ରାହୀ ଦମ୍ପତ୍ତି ବହନ କରିଛନ୍ତି। ରାଜା ବଡ଼ପଣ୍ଡା ମୁଖ୍ୟପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତ୍ୟେକ ବଟୁଙ୍କ ବ୍ରତୋପନୟନ ପାଇଁ ଏଠାରେ ସ୍ୱତନ୍ତ୍ର ଯଜ୍ଞକୁଣ୍ଡ ନିର୍ମାଣ କରାଯାଇ ସ୍ୱତନ୍ତ୍ର ପଣ୍ଡିତଙ୍କ ଦ୍ୱାରା ହୋମ ଯଜ୍ଞ ଆୟୋଜିତ ହୋଇଥିଲା।

### ରାମଜୀପଡ଼ାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୁଚିଣ୍ଡା,୧୯।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଏନଏସିର ୱାର୍ଡ ନଂ.୯ ରାମଜୀ ପଡାରେ ରବିବାର ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସକାଳୁ ସମଗ୍ର ଅଞ୍ଚଳ ମୁଖରିତ ହୋଇ ଉଠିଥିଲା ।ଏଥିରେ ବ୍ରହ୍ମ ପ୍ରକାଶ ମହାପାତ୍ର,ଗୋପାଳ ଦାନୀ ଓ ସୌରଭ ମହାକୁଳ ସସ୍ତ୍ରୀକ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ ।ପଣ୍ଡିତ ତନୟ ମହାପାତ୍ର ହୋମଯଜ୍ଞ କରିଥିଲେ। ବହୁସଂଖ୍ୟକ ଶ୍ରଦ୍ଧାଳୁ ପ୍ରତିଷ୍ଠା ଉତ୍ସବ ଦର୍ଶନ କରି ପ୍ରଭୁଙ୍କ କୃପାଲାଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକଙ୍କ କମିଟି ସଭାପତି ଯୁଧିଷ୍ଠିର ଦାନୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜମିଦାତା ପ୍ରମୋଦ ମହାକୁଳ, ଚିତ୍ତରଞ୍ଜନ ପଣ୍ଡା, ଅଗିତ ଚାଲାନ, ଶ୍ରୀକାନ୍ତ ଦ୍ୱିବେଦୀ, ନନ୍ଦକିଶୋର ପାଣିଗ୍ରାହୀ, ରାମଚରଣ ବେହେରା, ପିଙ୍କୁ ଜେନା, ଶୁଶିଳ ନାୟକ, ମୂରଲୀ ବେହେରା, ନନ୍ଦକିଶୋର ପଣ୍ଡା, ହରିଶଙ୍କର ନାୟକ, ଡମ୍ବରୁଧର ସାହୁ, ବିକି ସା, ହରିଶଙ୍କର ସା ସହଯୋଗ କରିଥିଲେ। ବିଭିନ୍ନ ନାମକିର୍ତ୍ତନ ଧ୍ୱନିରେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମୂହ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ।

ନାକଟିଦେଉଳ,୧୯।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ରବିବାର ବ୍ଲକରୁ ଗତ ଶିକ୍ଷାବର୍ଷରେ ଅବସରଗ୍ରହଣ କରିଥିବା ୧୪ଜଣ ଶିକ୍ଷକଙ୍କୁ ସାମୂହିକଭାବେ ଶିକ୍ଷକ ସଂଘ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରାପାଲି ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଡ଼. ସୁଧାକର ପ୍ରଧାନ, ମୁଖ୍ୟବକ୍ତା ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକର ଜଣେ ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପଲତା ପ୍ରଧାନ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ଜିଲା ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍) ସଭାପତି ପ୍ରମୋଦ କୁମାର ପ୍ରଧାନ ବ୍ଲକ ସଭାପତି ଗୁରୁଚରଣ ବିଶ୍ୱାଳ, ଗଣ ଶିକ୍ଷକ ସଂଘ ବ୍ଲକ ସଭାପତି ଅଖିଳ କୁମାର ହୋତା ଯୋଗଦେଇଥିଲେ। ଅତିଥିମାନେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ମନୋଜ ପ୍ରଧାନ ଏବଂ ଭୁବନେଶ୍ୱର ଶତପଥୀ ପରିଚାଳନା କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପେ ଆଣ୍ଡ ଉଇନ ବିଜେତାଙ୍କ ନାମ ଘୋଷିତ

ସମ୍ବଲପୁର,୧୯।୧(ବି.ଶଙ୍କର)

ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ଡିସେମ୍ବର ମାସର ପେ ଆଣ୍ଡ ଉଇନ ସ୍କିମ ବିଜେତା ଚୟନ ଅନଲାଇନ ମାଧ୍ୟମରେ କରାଯାଇଛି। ସମ୍ବଲପୁର ଅଇଁଠାପାଲିସ୍ଥିତ ଟିପିଡବ୍ଲୁଓଡିଏଲ କମର୍ସିଆଲ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପ୍ରବୀଣ କୁମାର ବର୍ମା ଏହା କହିଛନ୍ତି । ସିଇଓ ବର୍ମା କହିଥିଲେ, ଲକ୍ଷାଧିକ ବିଦ୍ୟୁତ ଉପଭୋକ୍ତା ସେମାନଙ୍କ ମାସିକ ବିଲ ନିର୍ଦ୍ଧାରିତ ସମୟରେ ପ୍ରଦାନ କରିଥାନ୍ତି। ସେହିମାନଙ୍କୁ ଏହି ସ୍କିମ ମାଧ୍ୟମରେ କମ୍ପାନୀ ପୁରସ୍କାର କରୁଛି। ଟିପିଡବ୍ଲୁଓଡିଏଲଦ୍ୱାରା ଏହି ଯୋଜନାର ପ୍ରଚଳନ ଗତ ଅଗଷ୍ଟ ମାସରୁ ଆରମ୍ଭ ହୋଇଛି । ଏହି ସ୍କିମର ନିୟମ ଅନୁସାରେ ଟିପିଡବ୍ଲୁଓଡିଏଲ ଯୋଗ୍ୟ




ଆୟୋଜିତ ଖବରଦାତା ସମ୍ମିଳନୀରେ ସିଇଓ ପ୍ରବୀଣ କୁମାର ବର୍ମା ଓ ଅନ୍ୟ ଅଧିକାରୀ ।

ଗ୍ରାହକଙ୍କ ମଧ୍ୟରେ ସ୍ୱୟଂ ଚାଳିତ କମ୍ପ୍ୟୁଟର ଦ୍ୱାରା ପ୍ରତ୍ୟେକ ଉପଖଣ୍ଡ ପାଇଁ ୩ ଜଣ ଉପଭୋକ୍ତାଙ୍କୁ ଚୟନ କରାଯାଇଥାଏ । ଏବଂ ସେହି ଉପଭୋକ୍ତାଙ୍କୁ ପ୍ରଥମ ପୁରସ୍କାର ସ୍ମାର୍ଟ ଫୋନ, ଦ୍ୱିତୀୟ ସାରେଗାମା କାରମା ଏବଂ ତୃତୀୟ ସୋଲାର ଲ୍ୟାମ୍ପ ଉପହାର ଦିଆଯାଉଛି । ଡିସେମ୍ବର ମାସରେ ସମଗ୍ର ପଶ୍ଚିମ ଓଡ଼ିଶାରୁ ୫ ଲକ୍ଷ ୪୦ ହଜାର ୫୫୦ ଜଣ ଉପଭୋକ୍ତା ଯୋଗ୍ୟ ବିବେଚିତ ହୋଇଥିଲେ। ସ୍ୱୟଂ ଚାଳିତ କମ୍ପ୍ୟୁଟର ଦ୍ୱାରା ଲକି ଡ୍ର ମାଧ୍ୟମରେ ୫୭ ଉପଖଣ୍ଡରୁ ୧୭୧ ଜଣ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଜେତା ଭାବେ ଚୟନ ଯାଇଛି। ଖବରଦାତା ସମ୍ମିଳନୀରେ କର୍ପୋରେଟ ଯୋଗାଯୋଗ ଏବଂ ସହକାରୀ ସମ୍ପର୍କ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବାଣିଜ୍ୟକ ବିଭାଗୀୟ ମୁଖ୍ୟ ପିପିତେନ୍ଦୁଲକରଓଆରଏନ ସିଂ ମଧ ବିଭିନ୍ନ ବିଷୟରେ ସୂଚିତ କରିଥିଲେ।

### ବିଦ୍ୟାର୍ଥୀଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ଏମ୍‌ସିଏଲ୍ ଆନନ୍ଦବିହାର ପରିସରସ୍ଥ ଡିଏଭି ସ୍କୁଲରେ କୋଲ ଇଣ୍ଡିଆ ଆନୁକୂଲ୍ୟରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ହୋଇଥିଲା। ମାର୍ସଲଆର୍ଟ ବିଶେଷଜ୍ଞ ପ୍ରଦୀପ୍ତ କୁମାର ଦାସ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀ ଓ ଛାତ୍ରଙ୍କ ପାଇଁ କବାଡି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। କ୍ରୀଡ଼ା ପ୍ରଶିକ୍ଷକ ଅମୀନ ମଲ୍ଲିକ ଓ ଶୁଭେନ୍ଦୁ ବାରିକ କବାଡି ଖେଳର ବିଭିନ୍ନ କୌଶଳ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ବୁର୍ଲା ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ଉଭୟ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିବାକୁ ପରାମର୍ଶ ଦିଆଯାଇଥିଲା।

# କୁଚିଣ୍ଡାରେ ରାଜସ୍ୱ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଭାଜପା ପକ୍ଷରୁ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଚିଣ୍ଡା,୧୯।୧(ବିରଞ୍ଚି ଦର୍ଶୀ)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରବିବାର କୁଚିଣ୍ଡା ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଭାଜପା ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମନ୍ତ୍ରୀ ପୂଜାରୀ ବାମରା ମକର ମେଳା ଗସ୍ତ ଅବସରରେ କିଛି ସମୟ ପାଇଁ କୁଚିଣ୍ଡାରେ ଅଟକି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ହେବାପରେ ଏହା ହେଉଛି ତାଙ୍କର ପ୍ରଥମ କୁଚିଣ୍ଡା ଗସ୍ତ। ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ସୁନୀଲ ମୁଦୁଲି, ବିଭୂତି କଲ୍ୟାଣ ପଟେଲ, ଶୈଳେନ୍ଦ୍ର ନାୟକ, କାହ୍ନୁଚରଣ ନାୟକ, ସୁରେନ ପୃଷ୍ଟି, ଅସୀତ ଗଙ୍ଗଦେବ, ମହିଳା ମୋର୍ଚ୍ଚାର ଅନୁପମା ନାୟକ, କୁଞ୍ଜଲତା ନାୟକଙ୍କ ସମେତ ବହୁସଂଖ୍ୟକ କର୍ମୀ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାଛଡା କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ତହସିଲଦାର ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କୁଚିଣ୍ଡା ଉପଖଣ୍ଡର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେ କହିଥିଲେ, ନୂତନ ରାଜସ୍ୱ ଗ୍ରାମ ଘୋଷଣାକୁ ତ୍ୱରାନ୍ୱିତ କରିବା ସହ ଗୁଡିଏ ହାଇସ୍କୁଲର ନିଜସ୍ୱ ଜମିପଟ୍ଟା କେମିତି ଶୀଘ୍ର ହେବ ସେଥିପ୍ରତି ଧ୍ୟାନ ଦେବେ ବୋଲି କହିଥିଲେ।

# ସ୍ୱାଧୀନତା ସଂଗ୍ରାମରେ ପାର୍ବତୀ ଗିରିଙ୍କ ସ୍ଥାନ ଅନନ୍ୟ



ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଫୁଲଝରଣରେ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୟନ୍ତୀ**

ସମ୍ବଲପୁର,୧୯।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଝୁଝୁମୁରା ବ୍ଲକ ଫୁଲଝରଣସ୍ଥିତ ଡାକ୍ତର ଆଇଜାକ ସାନ୍ତରା ବାଳ ନିକେତନଠାରେ ରବିବାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ୯୯ ତମ ଜୟନ୍ତୀ ପାଳନ କରାଯାଇଥିଲା। ମାତ୍ର ୧୩ ବର୍ଷ ବୟସରେ ଦେଶ ମାତୃକାର ସେବା କରିବା ଲକ୍ଷ୍ୟରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସ୍ୱର୍ଗତ ପାର୍ବତୀ ଗିରିଙ୍କ ଅବଦାନକୁ ସ୍ମୃତିଚାରଣ କରି ଯୁବ ପିଢୀକୁ ଅବଗତ କରାଇବାକୁ ଜୟନ୍ତୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ କରାଯାଇଥିଲା। ପାର୍ବତୀ ଗିରି ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସ୍ଥାନ ଅନନ୍ୟ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଝୁଝୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଜିଲା ଶିଶୁ ମଙ୍ଗଳ କମିଟି ସଭାପତି ପ୍ରଶାନ୍ତ କୁମାର ପାଢ଼ୀ, ସମିତି ସଭ୍ୟ ରଘୁବୀର ଭୋଇ ଓ ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାପକ ଡକ୍ଟର ଦ୍ୱାରିକାନାଥ ନାଏକ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମାଇଳ ସମସ୍ତ ଅତିଥିବୃନ୍ଦ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ପାର୍ବତୀ ଗିରି ଜୟନ୍ତୀ କମିଟି ସମ୍ପାଦକ କୁଳଧର ପ୍ରଧାନ, ସୁରେଶ୍ୱର ପ୍ରଧାନ ମଞ୍ଚାସୀନ ଥିଲେ। ଏଥିପୂର୍ବରୁ ବାଳ ନିକେତନ ପରିସରରେ ଥିବା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ବିଜେଡି ନେତ୍ରୀନେତାଙ୍କୁ ପଶ୍ଚିମ ଓଡ଼ିଶା ମହାସମାବେଶରେ ଆନ୍ଦୋଳନକାରୀମାନେ ରବିବାର ବିରୋଧ କରିଛନ୍ତି।

# ବିଜେଡି ନେତାଙ୍କୁ ଜୋରଦାର ବିରୋଧ

**ବଲାଙ୍ଗୀର/ ଖପ୍ରାଖୋଲ, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)**

**ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶ**

**■ପ୍ରତିବାଦ କରି ସଭା ସ୍ଥଳରୁ କେତେଜଣ ଉଠିଗଲେ**

ବଲାଙ୍ଗୀର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡିଆରେ ରବିବାର ପଶ୍ଚିମ ଓଡିଶା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେବା ପାଇଁ ଆସିଥିବା ବିଜେଡି ନେତ୍ରୀନେତାଙ୍କୁ ଜୋରଦାର ବିରୋଧ କରାଯାଇଛି। ଗନ୍ଧମାର୍ଦ୍ଦନ ଯୁବ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମପି ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ସୋମବେଶ ସରସ୍ୱତୀ, ପରିବେଶବିଦ ପ୍ରଫୁଲ୍ଲ ସାମନ୍ତରା, ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ, ନିୟମଗିରି ସୁରକ୍ଷା ସମିତିର ଲିଙ୍ଗରାଜ ଆଜାଦ୍, କୋଶଳବାଦୀ ନେତା ପ୍ରମୋଦ କୁମାର ମିଶ୍ର, ଏସୟୁସିଆଇ ରାଜ୍ୟ ସଦସ୍ୟ ଅଶୋକ ମିଶ୍ର, ଜିନ୍ଦାବାଦ ସଙ୍ଗଠନ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି, ପୂର୍ବତନ ଆବାହକ ବୃନ୍ଦାବନ ବାରିକ, କାର୍ଯ୍ୟକାରୀ ସଭାପତି ଡାଇମଣ୍ଡ ଭୋଇ, ଗୌତମ ବିଶ୍ୱାଳ, କେନ୍ଦ୍ରୀୟ ଆବାହକ ରବି ନାରାୟଣ ସାହୁ, ହରିଶଙ୍କର ଶାଖା ଆବାହକ ଜୟସିଂ ପୁଝାରୀ, ଲବ ସୁନାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ ଜନସାଧାରଣ ଯୋଗଦାନ କରିଥିଲେ। ଏହି ସମାବେଶ ଚାଲିଥିବା ବେଳେ ଏଥିରେ ଯୋଗ ଦେବାକୁ ବିଜେଡି ନେତ୍ରୀ ତଥା ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପାଟଣାଗଡର ପୂର୍ବତନ ବିଧାୟକ ସରୋଜ ମେହେର ଓ ବରଗଡ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏକାସଙ୍ଗରେ ଆସି ସଭାମଞ୍ଚକୁ ଚଢ଼ିଥିଲେ। ସଭା ମଞ୍ଚକୁ ଚଢ଼ିବା ସମୟରେ ଜନସାଧାରଣ ବସିଥିବା ଗ୍ୟାଲେରିରୁ ଜୋରଦାର ନାରାବାଜି ଆରମ୍ଭ ହୋଇଥିଲା। କଳିଙ୍ଗ ନଗରରେ ଆଦିବାସୀଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ଦଳର ନେତ୍ରୀନେତା ଏହି ସମାବେଶରେ ବସିବାକୁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ବିଜେଡିର ଏହି ନେତାନେତ୍ରୀମାନେ ସଭାମଞ୍ଚରେ ବସିଲେ ଲୋକେ ଉଠିଯିବେ ବୋଲି କହି ବିରୋଧ କରିଥିଲେ। ଶାସନ କ୍ଷମତାରେ ଥିଲା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା କଥା ନ କହି ଏବେ କାହିଁକି ଆସିଛ ବୋଲି କହି କିଛି ଲୋକ ସଭାରୁ ଉଠି ଯାଇଥିଲେ। ଏଭଳି ବିରୋଧ ଓ ନାରାବାଜି ଯୋଗୁ କିଛି ସମୟ ଧରି ମିଟିଂ ବନ୍ଦ ହୋଇଯାଇଥିଲା। ପରେ ସଭାମଞ୍ଚରୁ କେତେଜଣ ନେତୃସ୍ଥାନୀୟ ବ୍ୟକ୍ତି ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସଭାରେ ବିଜେଡି ନେତ୍ରୀ ପୂର୍ବତନ ମନ୍ତ୍ରୀ ଛୁରିଆ ଆମେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରୁଛୁ ଏବଂ ଲୋକଙ୍କ ଯାହାବି ଦାବି ରହିଛି ସେନେଇ ଆମ ନେତା ନବୀନ ପଟ୍ଟନାୟକଙ୍କୁ ଅବଗତ କରି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବାକୁ କହିବୁ ବୋଲି କହିଥିଲେ। ଅନ୍ୟ ନେତାନେତ୍ରୀମାନେ ମଧ୍ୟ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରୁଥିବା କହିଥିଲେ।

# ଆର୍‌ଜେଡିର ମଙ୍ଗ ଧରିବେ ତେଜସ୍ୱୀ

**ପାଟନା, ୧୯।୧**



ତେଜସ୍ୱୀ ଯାଦବ

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ରେ ନେତୃତ୍ୱ ପରିବର୍ତ୍ତନ ହେବାକୁ ଯାଉଛି। ଦଳର ପ୍ରତିଷ୍ଠାତା ତଥା ଦୀର୍ଘଦିନ ଧରି ଏହାର ଅଧ୍ୟକ୍ଷ ରହିଥିବା ଲାଲୁପ୍ରସାଦ ଯାଦବ ଆନୁଷ୍ଠାନିକ ଭାବେ ତାଙ୍କ ପୁଅ ତେଜସ୍ୱୀ ଯାଦବଙ୍କୁ ନେତୃତ୍ୱ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଜସ୍ୱୀ ଏବେ ବିହାର ବିଧାନସଭାରେ ବିରୋଧୀ ଦଳ ନେତା ଅଛନ୍ତି। ଆର୍‌ଜେଡି ଜାତୀୟ କାର୍ଯ୍ୟକାରିଣୀର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦଳ ସମ୍ପର୍କିତ ସମସ୍ତ ବଡ଼ ନିଷ୍ପତ୍ତି ନେବାର କ୍ଷମତା ଉଭୟ ଲାଲୁ ଏବଂ ତେଜସ୍ୱୀଙ୍କୁ ଦିଆଯାଇଛି। ଏପରିକି ସେମାନେ ଚାହିଁଲେ ଦଳର ନାଁ ଓ ଚିହ୍ନ ମଧ୍ୟ ବଦଳାଇପାରିବେ। ଏହି ନିଷ୍ପତ୍ତିରୁ ତେଜସ୍ୱୀ ଲାଲୁଙ୍କ ରାଜନୈତିକ ଉତ୍ତରାଧିକାରୀ ହେବା ଏବଂ ଦଳ ମଧ୍ୟରେ ଏକ ଐତିହାସିକ ପରିବର୍ତ୍ତନ ହେବାକୁ ଯାଉଥିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଲାଲୁ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ତେଜସ୍ୱୀ ବଡ଼ ଦାୟିତ୍ୱ ଗ୍ରହଣ କରିବେ ବୋଲି ଘୋଷଣା କରିବା ସହ ଦଳ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଥିଲେ। ଦଳୀୟ ସମ୍ବିଧାନରେ ସଂଶୋଧନ କରାଯାଇ ଲାଲୁଙ୍କ ସହ ତେଜସ୍ୱୀଙ୍କୁ ନିଷ୍ପତ୍ତି ନେବାର ସମାନ ଅଧିକାର ପ୍ରଦାନ କରାଯାଇଛି। ସାଂଗଠନିକ ନିର୍ବାଚନ ତଦାରଖ କରିବାକୁ ଆର୍‌ଜେଡି ନେତା ରାମଚନ୍ଦ୍ର ପୂର୍ବେଙ୍କୁ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯଇଛି।

# ଦିଲ୍ଲୀ ନିର୍ବାଚନ: ୭୦ ଆସନ ପାଇଁ ୭୧୯ ପ୍ରାର୍ଥୀ

**ନୂଆଦିଲ୍ଲୀ, ୧୯।୧**

ଆସନ୍ତା ୫ ତାରିଖରେ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ୭୦ ବିଧାନସଭା ଆସନ ପାଇଁ ୭୧୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମୁଦାୟ ୯୮୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୭୧୯ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱ କାଏମ ରହିଛି। ହାଇପ୍ରୋଫାଇଲ ନୂଆଦିଲ୍ଲୀ ବିଧାନସଭା ଆସନରେ ସର୍ବାଧିକ ୨୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଥିବାବେଳେ କସ୍ତୁରବାନଗର ଆସନରୁ ସର୍ବନିମ୍ନ ୫ ଜଣ ପ୍ରାର୍ଥୀ ରହିଛନ୍ତି। ଆମ ଆଦମୀ ପାର୍ଟି(ଆପ୍) ଓ କଂଗ୍ରେସ ସମୁଦାୟ ୭୦ ଆସନରେ ନିର୍ବାଚନ ଲଢୁଥିବାବେଳେ ଭାଜପା ୬୮ ଆସନରେ ପ୍ରାର୍ଥୀ ଦେଇଛି। ସେହିପରି ଦଳ ସହଯୋଗୀ ସଂଯୁକ୍ତ ଜନତା ଦଳ(ଜେଡିୟୁ) ଓ ଲୋକ ଜନଶକ୍ତି ପାର୍ଟି-ରାମବିଳାଶ(ଏଲଜେପି-ଆର୍)କୁ ଗୋଟିଏ ଲେଖାଏଁ ଆସନ ଛାଡ଼ିଛି।

# 'ସିବିଆଇ ତଦନ୍ତ ପାଇଁ ଲେଖିବୁ: ଦୀପାଳି

**ଝାରସୁଗୁଡ଼ା, ୧୯।୧ (ଆଶିଷ ରଞ୍ଜନ ଦାଶ)**

**ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣା**



ଦୀପାଳି ଦାସ

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ପାଇଁ ଲେଖିବୁ ଓ ସାହାଯ୍ୟ ମଧ୍ୟ କରିବୁ ବୋଲି ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ରବିବାର ଝାରସୁଗୁଡ଼ାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବାବେଳେ କହିଛନ୍ତି। ତାଙ୍କ ପରିବାର ଯେତେବେଳେ ସିବିଆଇ ତଦନ୍ତକୁ ନେଇ ଚୁପ୍ ଥିଲେ ସେତେବେଳେ ଭାଜପାର କର୍ମକର୍ତ୍ତାମାନେ ଗଣମାଧ୍ୟମରେ ବହୁତ ଆକ୍ଷେପ କରିବା ସହିତ ମାନସିକ ଯନ୍ତ୍ରଣା ଦେଇଥିଲେ। ଆଜି ଯେତେବେଳେ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କଥା ଉଠାଉଛି, ଭାଜପାର କର୍ମକର୍ତ୍ତାମାନେ ଚୁପ୍ ଅଛନ୍ତି। ଭାଜପାର କେତେଜଣ କର୍ମକର୍ତ୍ତା ତଥା ରାଜନେତା ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ତାଙ୍କ ପିତାଙ୍କ ହତ୍ୟାକାଣ୍ଡ ପ୍ରସଙ୍ଗକୁ ବିଧାନସଭା ଓ ବାହାରେ ବାରମ୍ବାର ଉଠାଉଥିଲେ ବୋଲି ଦୀପାଳି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ପରିବାର ମଧ୍ୟରେ ଆଲୋଚନା ଚାଲିଛି। ଆଗାମୀ ଦିନରେ ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଇବା ପାଇଁ ନିଶ୍ଚିତ ଭାବରେ ଲେଖିତ ଆକାରରେ ଜଣାଇବା ସହିତ ତଦନ୍ତରେ ମଧ୍ୟ ସମ୍ପୂର୍ଣ୍ଣ ସହାୟତା କରିବେ। କ୍ରାଇମବ୍ରାଞ୍ଚର ତଦନ୍ତ ବିଷୟରେ ପଚରାଯିବାରୁ ସିବିଆଇର ତଦନ୍ତ ହେଲେ ସବୁକଥା ଆଗକୁ ଆସିବ। ମୋହନ ସରକାରଙ୍କୁ ଅନୁରୋଧ ସେମାନେ ଉଚିତ ନ୍ୟାୟ ବିଚାର ତଥା ସତ୍ୟକୁ ସାମ୍ନାକୁ ଆଣିବା ପାଇଁ ସିବିଆଇ ତଦନ୍ତ ଶୀଘ୍ର କରନ୍ତୁ ବୋଲି ଦୀପାଳି କହିଛନ୍ତି।

**Busines**

# କେଭିଆଇସିର ଜାତୀୟସ୍ତରୀୟ ଖଦି ମେଳା ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୯।୧**

ଖଦି ଓ ଗ୍ରାମୋଦ୍ୟୋଗ କମିଶନ ବା କେଭିଆଇସିର ବହୁ ପ୍ରତିକ୍ଷୀତ ପ୍ରଦର୍ଶନୀ 'ଜାତୀୟସ୍ତରୀୟ ଖଦି ମେଳା' ଉତ୍ତରପ୍ରଦେଶର ପ୍ରୟାଗରାଜ କୁମ୍ଭନଗରୀ ମହାତ୍ମାଗାନ୍ଧୀ ମାର୍ଗ ସେକ୍ଟର-୧ରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତର ପ୍ରୟାଗରାଜ ବିଧାୟକ ହର୍ଷ ବର୍ଦ୍ଧନ ବାଜପେୟୀ ଏବଂ ମେୟର ଗଣେଶ କେଶରବାନି ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୫ ଫେବୃୟାରୀ ୨୬ ପର୍ଯ୍ୟନ୍ତ ଏହି ମେଳା ଚାଲୁ ରହିବ ବୋଲି କେଭିଆଇସି ପକ୍ଷରୁ ସୂଚନା ମିଳିଛି। ଏହି ମେଳାରେ ମୋଟ ୧୫୨ଟି ଷ୍ଟଲ ଭିତରୁ ୯୮ଟି ଷ୍ଟଲରେ ଖଦି ସାମଗ୍ରୀ ଓ ୫୪ଟି ଷ୍ଟଲରେ ଗ୍ରାମୋଦ୍ୟୋଗ ସାମଗ୍ରୀ ପ୍ରଦର୍ଶିତ ହେଉଛି।



ଏହି ଅବସରରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର କହିଥିଲେ, ମହାକୁମ୍ଭ କେବଳ ବିଶ୍ୱାସର ପ୍ରତୀକ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି, ପରମ୍ପରା ଓ ଆତ୍ମ ନିର୍ଭରଶୀଳତାର ଦ୍ୟୋତକ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆତ୍ମନିର୍ଭରତା ଓ ସ୍ୱଦେଶୀର ପ୍ରତୀକ ଖଦି ପ୍ରତିଭାତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହା ଖଦି କ୍ରାନ୍ତିରେ ପରିଣତ ହୋଇ ଆତ୍ମ ନିର୍ଭର ଭାରତର ପ୍ରତୀକ ଭାବେ ପରିଗଣିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖଦି ଫର ନେସନ, ଖଦି ଫର ଫେସନ, ଖଦି ଫର ଟ୍ରାନ୍ସଫର୍ମେସନ ମିଶନ ଜରିଆରେ ଖଦି ଓ ଗ୍ରାମୋଦ୍ୟୋଗ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇପାରିଛି। କାଶ୍ମୀରରୁ ତାମିଲନାଡୁ ଓ ମହାରାଷ୍ଟ୍ରରୁ ନାଗାଲାଣ୍ଡ ପର୍ଯ୍ୟନ୍ତ କୋଡିଏଟି ବିଭିନ୍ନ ରାଜ୍ୟର ସାମଗ୍ରୀ ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛି। ଖଦି ପ୍ରଦର୍ଶନୀକୁ ବୁଲି ଆସି ଉଭୟ ଶ୍ରଦ୍ଧାଳୁ ଓ ପରିଦର୍ଶକ ଭୋକାଲ ଫର ଲୋକାଲ ମିଶନକୁ ପ୍ରୋତ୍ସାହିତ କରିବା ଦରକାର ବୋଲି ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ଗତ ଦଶ ବର୍ଷ ଭିତରେ ଖଦି ଓ ଗ୍ରାମୋଦ୍ୟୋଗର ବିକାଶ ସମ୍ପର୍କରେ ଶ୍ରୀ ମନୋଜ କୁମାର ଆଲୋକପାତ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ୟୁପିରେ ଏମଏମଡିଏ ଯୋଜନାରେ ୧୫ କୋଟି ଓ ଆଇଏସଇସି ଯୋଜନାରେ ୪ କୋଟି ଟଙ୍କା ବିତରଣ କରାଯାଇଛି ଗ୍ରାମୋଦ୍ୟୋଗ ବିକାଶ ଯୋଜନାରେ ଗତବର୍ଷ ୧,୫୫୦ ହିତାଧିକାରୀଙ୍କୁ ଆବଶ୍ୟକୀୟ ଯନ୍ତ୍ରପାତି ପ୍ରଦାନ କରାଯାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧, ୮୫୦କୁ ବୃଦ୍ଧି ପାଇବାକୁ ଲକ୍ଷ୍ୟ ରଖାଯାଇଛି ପ୍ରଧାନମନ୍ତ୍ରୀ ନିଯୁକ୍ତି ସୁଯୋଗ କାର୍ଯ୍ୟକ୍ରମ (ପିଏମଇଜିପି) ଅଧୀନରେ ଡିସେମ୍ବର ସୁଦ୍ଧା ୟୁପିରେ ୧୩୭ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ତୃତୀୟ ତ୍ରୈମାସିକରେ ୨୬,୨୫୬ କୋଟିର ବ୍ୟବସାୟ

**ନୂଆଦିଲ୍ଲୀ, ୧୯।୧**

ଦେଶର ଅଗ୍ରଣୀ ବୀମା କମ୍ପାନୀ 'ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ'ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର ଆଗାମୀ କାର୍ଯ୍ୟକଳାପ ବିଷୟରେ ଆଲୋଚନା ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ୨୦୨୪ ଡିସେମ୍ବର ୩୧ ଶେଷ ସୁଦ୍ଧା କମ୍ପାନୀ ମୋଟ ୨୬,୨୫୬ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି, ଯାହା ୨୦୨୩ ଡିସେମ୍ବର ୩୧ ଶେଷ ସୁଦ୍ଧା ୨୬,୦୦୦ କୋଟି ଟଙ୍କା ଥିଲା। ଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ କାରବାର ତୁଳନାରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ କାରବାର ପରିମାଣ ୧୨% ବୃଦ୍ଧି ପାଇଛି। ସେହିଭଳି ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ଏସ୍‌ବିଆଇ ଲାଇଫ୍‌ର ସୁରକ୍ଷା ନୂଆ ବ୍ୟବସାୟ ପ୍ରିମିୟମ୍ ୨,୭୯୨ କୋଟି ଟଙ୍କା ହୋଇଛି।



ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପୂର୍ବରୁ ୱାଶିଂଟନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରିଲାଏନ୍ସ ଗ୍ରୁପର ଚେୟାରମ୍ୟାନ ମୁକେଶ ଅମ୍ବାନୀ ଏବଂ ନୀତା ଅମ୍ବାନୀ ଟ୍ରମ୍ପଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

## ନିବେଶରେ ବହୁକାରକ ଆଭିମୁଖ୍ୟକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୯।୧**

ବର୍ତ୍ତମାନ ବିନା ପରିଶ୍ରମରେ ଅର୍ଥ ରୋଜଗାରକୁ ସବୁ ବର୍ଗର ଲୋକ ଅଧିକ ପସନ୍ଦ କରୁଥିବାବେଳେ ନିବେଶ କ୍ଷେତ୍ରକୁ ଅଧିକ ପସନ୍ଦ କରାଯାଉଛି। ହେଲେ ନିବେଶର ନିୟମାବଳୀକୁ ଭଲ ଭାବେ ନ ଜାଣି ନିବେଶକ ବିଭିନ୍ନ ସମୟରେ କ୍ଷତିରେ ପଡିଥାନ୍ତି। ଏପରିକି ନିବେଶକମାନେ ସେମାନଙ୍କ ନିବେଶ ପସନ୍ଦକୁ ନିୟନ୍ତ୍ରଣ କରିବା ପାଇଁ କ୍ରମାଗତ ଭାବେ ଏକ ମାନଦଣ୍ଡ କିମ୍ବା ଏକ ଶୈଳୀ ଖୋଜୁଛନ୍ତି। ସ୍ମାର୍ଟ-ବିଟା ବା ଫ୍ୟାକ୍ଟର ନିଷ୍କ୍ରିୟ ମାର୍ଗରେ ନିବେଶ କରିବା ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିଛି, କାରଣ ଏହା ସେମାନଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଯାଞ୍ଚ ଓ ନିବେଶରେ ବହୁକାରକ ଆଭିମୁଖ୍ୟକୁ ଗୁରୁତ୍ୱ ଦେଉଛି ବୋଲି ବନ୍ଧନ ଏଏମ୍‌ସିର ପ୍ରଡକ୍ଟସ ବିଭାଗର ମୁଖ୍ୟ ଶୀର୍ଷେନ୍ଦୁ ବସୁ କହିଛନ୍ତି। ଅପରପକ୍ଷରେ ଏସିଇ ଏମ୍‌ଏଫ୍ ଡାଟା ବା ତଥ୍ୟ ଅନୁଯାୟୀ ୨୦୨୪ ଅକ୍ଟୋବର ସୁଦ୍ଧା ଫ୍ୟାକ୍ଟର ଭିତ୍ତିକ ପାଣ୍ଠିଗୁଡ଼ିକର ଏୟୁଏମ୍ ୩୫,୭୮୨ କୋଟି ଟଙ୍କା ଥିଲାବେଳେ ୨୦୨୦ ଅକ୍ଟୋବରରେ ଏହା ମାତ୍ର ୪୦୫ କୋଟି ଟଙ୍କା ଥିଲା। ୨୦୨୦ ଅକ୍ଟୋବର ତୁଳନାରେ ୨୦୨୪ ଅକ୍ଟୋବରରେ ଏହାର ପରିମାଣ ୮୮ ଗୁଣ ଅଧିକ ବୋଲି ବସୁ କହିଛନ୍ତି। ସେହିଭଳି ଏକ ମଲ୍ଟି-ଫ୍ୟାକ୍ଟର ବା ବହୁ-କାରକ ଆଭିମୁଖ୍ୟରେ ଏକାଧିକ କାରକ କିମ୍ବା ଶୈଳୀଗୁଡିକୁ ମିଶ୍ରଣ କରିବା ଫଳରେ ଉନ୍ନତ ଫଳାଫଳ ଦେଇଥାଏ। ଏହି ରଣନୀତି ଏକତ୍ରୀକରଣ ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ପୋର୍ଟଫୋଲିଓର ସ୍ଥିରତାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଥାଏ। ବହୁ-କାରକ ରଣନୀତିଗୁଡିକରେ ବ୍ୟବହାର କରାଯାଉଥିବା ସାଧାରଣ କାରକଗୁଡିକରେ ଭାଲ୍ୟୁ, ମୋମେଣ୍ଟମ୍, କ୍ୱାଲିଟି, ଲୋ ଭୋଲାଟିଲିଟି ଓ ଆଲ୍‌ଫା ଆଦି ଫିଚର ସାମିଲ ରହିଛି। ସେହିପରି ଲାର୍ଜ କ୍ୟାପ୍‌ଗୁଡିକ ବର୍ତ୍ତମାନ ଆକର୍ଷଣୀୟ ମୂଲ୍ୟାୟନ ଥିବା ବଜାରର କିଛି ସେଗ୍‌ମେଣ୍ଟ ମଧ୍ୟରୁ ଅନ୍ୟତମ ହୋଇଥିଲାବେଳେ ମିଡ୍ ଓ ସ୍ମଲ କ୍ୟାପ୍‌ଷ୍ଟକ୍‌ଗୁଡିକ ଓଭର ହିଟେଡ ରହିଛନ୍ତି। ଏପରିକି ଆଲ୍‌ଫା ଲୋ ଭୋଲାଟିଲିଟି ରଣନୀତି ବିଗତ ବର୍ଷଗୁଡିକରେ ଷ୍ଟାଣ୍ଡାର୍ଡ ବେଞ୍ଚମାର୍କଗୁଡିକୁ ପଛରେ ପକାଇଛି। ଏହା ରିସ୍କ ହ୍ରାସ କରି ଉତ୍ତମ ରିଟର୍ନ ପ୍ରଦାନ କରିଛି, ୫ବର୍ଷର ଏକ ରୋଲିଂ ରିଟର୍ନ ଆଧାରରେ ଏହି ସୂଚକାଙ୍କ ଅନ୍ୟ ବେଞ୍ଚମାର୍କଗୁଡିକ ତୁଳନାରେ ଅପେକ୍ଷାକୃତ ନିରନ୍ତର ଓ ଉଚ୍ଚ ହାରାହାରି ରିଟର୍ନ ପ୍ରଦାନ କରିଛି। ଆଲ୍‌ଫା ଲୋ ଭୋଲାଟିଲିଟି ଇଣ୍ଡେକ୍ସ ବିଗତ ବର୍ଷଗୁଡିକରେ ଉନ୍ନତ ରିସ୍କ-ଆଡ୍‌ଜଷ୍ଟେଡ ରିଟର୍ନ ପ୍ରଦାନ କରିଛି। ଏକ ମଲ୍ଟି-ଫ୍ୟାକ୍ଟର ରଣନୀତି ବିଭିନ୍ନ ବଜାର ସ୍ଥିତିରେ ଭିନ୍ନ ଭାବେ ପ୍ରଦର୍ଶନ କରୁଥିବା କାରକଗୁଡିକୁ ଏକତ୍ରିତ କରି ପୋର୍ଟଫୋଲିଓ ବିବିଧକରଣକୁ ଉନ୍ନତ କରିବା ଏବଂ ରିସ୍କ-ଆଡ୍‌ଜଷ୍ଟେଡ ରିଟର୍ନକୁ ଅପ୍ଟିମାଇଜ କରିବା ପାଇଁ ଏକ ଶକ୍ତିଶାଳୀ ଆଭିମୁଖ୍ୟ ପ୍ରଦାନ କରୁଛି ବୋଲି ବସୁ କହିଛନ୍ତି।

## ମାରୁତି ସେଲେରିଓ ଜିତିଲେ ରୋନକ ଅଗ୍ରୱାଲ

**କିସ୍ନା ଜୁଏଲାରୀର ଲକି ଡ୍ରରେ ଆକର୍ଷଣୀୟ ପୁରସ୍କାର**





**ଭୁବନେଶ୍ୱର, ୧୯।୧ (ଅଭୟ ଦାଶ)**

କିସ୍ନା ଜୁଏଲେରିର ବହୁ ପ୍ରତୀକ୍ଷିତ 'ଲକି ଡ୍ର' ବିଜେତାଙ୍କ ନାମ ନିକଟରେ ଘୋଷଣା କରାଯାଇଛି। ଏପରିକି କିସ୍ନା ଜୁଏଲେରିର ଗ୍ରାହକ ତଥା ଭୁବନେଶ୍ୱର ସୂର୍ଯ୍ୟନଗର ଅଞ୍ଚଳର ବାସିନ୍ଦା ରୋନକ ଅଗ୍ରୱାଲ ଏହି ଲକି ଡ୍ର' ଜରିଆରେ ଏକ ମାରୁତି ସେଲେରିଓ କାର ଜିତିଥିବା ପଟିଆସ୍ଥିତ କିସ୍ନା ଜୁଏଲେରି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କିସ୍ନା ଜୁଏଲେରିର ଅନ୍ୟତମ ଭାଗ୍ୟଶାଳୀ ଗ୍ରାହକ ଆଶୁତୋଷ ମହାନ୍ତି ଲକି ଡ୍ର ଜରିଆରେ ୫୦୦୦ଟଙ୍କା ପୁରସ୍କାର ପାଇଥିବା ବେଳେ ସ୍ମୃତିରଞ୍ଜନ ରାଉତ ୩୦୦୦ ଟଙ୍କାର ପୁରସ୍କାର ଉପହାର ସ୍ୱରୂପ ଜିତିଛନ୍ତି। ଏ ସମ୍ପର୍କରେ କିସ୍ନା ଜୁଏଲେରିର ମାଲିକ ଅମିତ ଅଗ୍ରୱାଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ, ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏଭଳି ଅନେକ ପଦକ୍ଷେପ ନେଇଛୁ। ଏପରିକି ଲକି ଡ୍ର'ର ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଗ୍ରାହକଙ୍କ ପାଇଁ ସମାନ ଧରଣର ଅଫର ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ୪ର୍ଥ ଲ' ସିମ୍ପୋଜିୟମ ଅନୁଷ୍ଠିତ





**ଭୁବନେଶ୍ୱର, ୧୯।୧ (ଅନୁରାଧା ମହାରଣା)**

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ କ୍ରିମିନାଲ ଜଷ୍ଟିସ ଡେଲିଭରି ସିଷ୍ଟମ ଇନ୍ ଇଣ୍ଡିଆ : ରିଟ୍ରସ୍ପେକଟ ଆଣ୍ଡ ପ୍ରସପେକ୍ଟସ ବିଷୟବସ୍ତୁ ଉପରେ ୪ର୍ଥ ଲ' ସିମ୍ପୋଜିୟମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଉ ଏନ୍ ଇଣ୍ଟରନେଲ ଜଷ୍ଟିସ କାଉନସିଲର ଚେୟାରମ୍ୟାନ ତଥା ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏମ୍.ବି. ଲୋକୁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳ ସଚିବ ପ୍ରଫେସର ରଙ୍ଗିନୀ ପଲ୍ଲବ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ସ୍ୱାଗତ ଭାଷଣରେ ଭାରତୀୟ ନ୍ୟାୟପାଳିକାର ସୁନିଶ୍ଚିତ ସ୍ଥିତି ଏବଂ ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ନ୍ୟାୟ କେବଳ ଏକ ଆଇନଗତ ସିଦ୍ଧାନ୍ତ ନୁହେଁ ବରଂ ଭାରତର ଲୋକଙ୍କ ପାଇଁ ଏକ ଜୀବନ୍ତ ବାସ୍ତବତା ବୋଲି ଡ. ପଟ୍ଟନାୟକ କହିଥିଲେ। ଜଷ୍ଟିସ ପଟ୍ଟନାୟକ ତାଙ୍କର ଅଭିଭାଷଣରେ ରାଜ୍ୟମାନଙ୍କର ପରିଚାଳନାଗତ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ସରକାରଙ୍କ ନିୟନ୍ତ୍ରଣ ବାହାରେ ଥିବା ସାମାଜିକ ବ୍ୟବସ୍ଥା ଏବଂ ପରିସ୍ଥିତିକୁ ଦାୟୀ କରିଥିଲେ। ନ୍ୟାୟ ଏବଂ ସଠିକତାକୁ ଦୃଢ଼ କରିବାପାଇଁ ବୈଜ୍ଞାନିକ ଜ୍ଞାନ ସମ୍ବଳିତ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘରୁ ଡାକି ନେଇ ଅଟୋଚାଳକଙ୍କୁ ହତ୍ୟା

## କୋକସିଂ ଗାଁ ଖେଳପଡ଼ିଆ ନିକଟରୁ ମିଳିଲା ମୃତଦେହ

ଖୋର୍ଦ୍ଧା, ୧୯।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୋକସିଂ ଗ୍ରାମ ଖେଳପଡ଼ିଆ ନିକଟରୁ ରବିବାର ଭୋର ସାଢେ ୬ଟାରେ ଜଣେ ଅଟୋଚାଳକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ମୃତକ ହେଲେ ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଅକ୍ରୂର ସେଠୀ (୪୫)। ସେ ଜଣେ ଅଟୋଚାଳକ। ଅକ୍ରୂରଙ୍କୁ ଘରୁ ଡାକିନେଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଅକ୍ରୂରଙ୍କ ଝିଅ ଲକ୍ଷ୍ମୀପ୍ରିୟା ସେଠୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୨/୨୫) ରୁଜୁ ସହ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଅଟୋକୁ ଜବତ କରିଛି ପୋଲିସ। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅକ୍ରୂରଙ୍କ ପରିବାରଲୋକେ ଦାବି କରିଛନ୍ତି। ପୋଲିସ ସନ୍ଦେହରେ ଜଣକୁ ଅଟକ ରଖି ଅନୁସନ୍ଧାନ ଚଳାଇଛି ବୋଲି ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।

ଲକ୍ଷ୍ମୀପ୍ରିୟା ଅଭିଯୋଗ କରିଛନ୍ତି ଯେ, ଅକ୍ରୁର ଜଣେ ମାଲିକଙ୍କଠାରୁ ଅଟୋ ଭଡ଼ାରେ ଆଣି ଚଳାଉଥିଲେ। ପୂର୍ବରୁ ମାଲିକ ଏବଂ ଅକ୍ରୂରଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହିଥିଲା। ଶନିବାର ରାତିରେ ଅଟୋ ମାଲିକ ତାଙ୍କୁ ରବିବାର ଭୋର ୫ଟାରେ ମଶାଣିଆ ଭଡ଼ା ଯିବାକୁ କହିଥିଲେ। ରବିବାର ସକାଳ ୫ଟାରେ ଭଡ଼ା ଅଛି, ତେଣୁ ଯାଉଛି ବୋଲି କହି ଘରୁ ବାହାରିଯାଇଥିଲେ। ତେବେ ଏହାର ଦେଢ଼ଘଟା ପରେ ଖେଳପଡିଆ ନିକଟରେ ତାଙ୍କ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ପାଇ ପରିବାର ଓ ସମ୍ପର୍କୀୟ ପହଞ୍ଚିଥିଲେ। ଅଟୋ ତଳେ ଅକ୍ରୂର ଚାପିହୋଇ ରହିଥିଲେ। ଖେଳପଡ଼ିଆ ଶୂନଶାନ ରହିଥିବା ବେଳେ ଦୃର୍ଘଟଣାର କୌଣସି ସୁରାକ ପାଇ ନ ଥିଲେ ପରିବାର। ଅଟୋର କୌଣସି ଅଂଶ କ୍ଷତି ହୋଇ ନ ଥିବା ଦେଖି ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେମାନେ ସନ୍ଦେହ କରିଥିଲେ। ପରିବାର ଲୋକଙ୍କଠାରୁ ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଏବଂ ଅଟୋ ଜବତ କରିଥିଲା। ଅକ୍ରୂରଙ୍କ ଶ୍ୟାଳକ ଚନ୍ଦନ ସେଠୀ କହିଛନ୍ତି, ଖେଳପଡ଼ିଆରେ କୌଣସି ଗାଡ଼ି ଯିବାର ଚିହ୍ନ ନ ଥିବାବେଳେ ଯେଉଁଭଳି ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି, ସେଥିରୁ ତାହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସେହିପରି ସମ୍ପର୍କୀୟ ମାଧବ ସେଠୀ କହିଛନ୍ତି, ଭଡ଼ା ଅଛି କହି ଅକ୍ରୂର ଅଟୋ ଧରି ଆସିଥିଲେ। ସକାଳେ ଏହି ରାସ୍ତାରେ ମର୍ନିଂ ୱାକ୍ କରୁଥିବା ଦୁଇଜଣ ବ୍ୟକ୍ତି ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ପରେ କେତେଜଣଙ୍କଠାରୁ ଖବର ପାଇ ଆମେ ପହଞ୍ଚିବାବେଳକୁ ଅକ୍ରୂରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲୁ। ତାଙ୍କୁ ଘରୁ ଡାକି ନେଇ ହତ୍ୟା କରାଯିବା ପରେ ଦୁର୍ଘଟଣାର ରୂପ ଦିଆଯାଇଛି। ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମାଧବ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା, ୨ ଅଟକ

ସୋରଡ଼ା, ୧୯।୧
(ରଜନୀକାନ୍ତ ମହାପାତ୍ର)



ଡମ୍ବରୁ ସ୍ୱାଇଁ

ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅଧୀନ ରାଇବନ୍ଧ ଗ୍ରାମରେ ପୂର୍ବ ଶତ୍ରୁତାରୁ ଶନିବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ରାଇବନ୍ଧର ଡମ୍ବରୁ ସ୍ୱାଇଁ (୪୫)। ଗ୍ରାମ ପୋଖରୀ ନିକଟରୁ ପୋଲିସ ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରିଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ହତ୍ୟାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଡମ୍ବରୁ ସୁରଟରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। କିଛିଦିନ ତଳେ ସେ ଝିଅର ବିବାହ କରିବାକୁ ଗାଁକୁ ଆସିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଜଣେ ଯୁବକ ତାଙ୍କୁ ହତ୍ୟା କରିବେ ବୋଲି ମୋବାଇଲ ଫୋନ୍‌କୁ ମେସେଜ ପଠାଇଥିଲେ। ଉକ୍ତ ମେସେଜକୁ ଆଧାର କରି ଡମ୍ବରୁ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ମେସେଜ ପଠାଇଥିବା ଯୁବକଙ୍କ ବାପା ୩ ଦିନ ତଳେ ଠେଙ୍ଗା ଧରି ଡମ୍ବରୁଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଡମ୍ବରୁ ବନ୍ଧକୁ ଗାଧୋଇବା ଯାଇ ବହୁ ଡେରି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଘର ଲୋକେ ଫୋନ କରିଥିଲେ ମଧ୍ୟ ସେ ନ ଉଠେଇବାରୁ ବନ୍ଧକୁ ଖୋଜାଖୋଜି କରିବାକୁ ଯାଇଥିଲେ। ବନ୍ଧ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସମ୍ପୃକ୍ତ ପରିବାର ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଡମ୍ବରୁଙ୍କ ସ୍ତ୍ରୀ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ନଂ.୩୮/୨୫ରେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ବଡ଼ଗଡ ଥାନା ଅଧିକାରୀ କହିଛନ୍ତି।

# ନିଖୋଜ ଶିଶୁକନ୍ୟାର ମୃତଦେହ ଜବତ

## ହତ୍ୟା ସନ୍ଦେହ, ଦମ୍ପତି ଅଟକ

ବଣାଇଁ, ୧୯।୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ପଙ୍କଡିହି ପଞ୍ଚାୟତର ଜଡ଼ା ଗ୍ରାମରେ ୨ ଦିନ ତଳେ ନିଖୋଜ ଥିବା ଜଣେ ଶିଶୁକନ୍ୟାର ମୃତଦେହ ରବିବାର ଜବତ ହୋଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ପୋଲିସ ଏକ ଦମ୍ପତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ଗୁରୁଣ୍ଡିଆ ଥାନାରେ ଏକ ଅପହରଣ ଓ ହତ୍ୟା ମାମଲା ୫/୨୦୨୫ ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତକାରୀ ସବ୍‌ଇନ୍ସପେକ୍ଟର ହୃଷୀକେଶ ପ୍ରଧାନ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସଫେଇ ଦେଉଥିଲେ ହେଁ ଜଡ଼ା ଗ୍ରାମର ଏକ ଦମ୍ପତି ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଗ୍ରାମରେ ଚର୍ଚ୍ଚା ଚାଲିଛି। କେବଳ ସେତିକି ନୁହେଁ, ଉତ୍ତ୍ୟକ୍ତ ଗ୍ରାମବାସୀ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ପ୍ରବଳ ମାଡ ମାରି ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ମୃତା ଶିଶୁକନ୍ୟାର ବ୍ୟବଚ୍ଛେଦ ସରିଛି।

ପୋଲିସ ସୂଚନା ଅନୁଯାୟୀ, ଜଡ଼ା ଗ୍ରାମର ରାଜୁ ମୁଣ୍ଡାଙ୍କ ୪ ବର୍ଷର ଝିଅ ଦୀପାଳି ୨ ଦିନ ତଳେ ଅର୍ଥାତ୍ ଗୁରୁବାର ଖେଳିବା ପାଇଁ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ଘରଠାରୁ କିଛି ଦୂରରେ ଚାଷଜମିରେ ଥିବା ଏକ ଛୋଟ ନାଳରେ ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ଗୁରୁଣ୍ଡିଆ ପୋଲିସକୁ ଖବର ଦେଇଥିଲେ। ଦୀପାଳିଙ୍କୁ ହତ୍ୟା କରାଯାଇଥିବା ବାପା ରାଜୁ ଥାନାରେ ଅଭିଯୋଗ କରିଥିଲେ।




# ୪୨ ଗ୍ରାମ୍ ବ୍ରାଉନସୁଗାର ଜବତ

## ମହିଳା ବେପାରୀ କୋର୍ଟଚାଲାଣ

ବାଲେଶ୍ୱର, ୧୯।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ମସଜିଦ୍ ଗଳିରେ ରବିବାର ପୋଲିସ ପକ୍ଷରୁ ଚଢାଉ କରାଯାଇ ୪୨ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଅରଡ଼ବଜାର ଅଞ୍ଚଳର ଅଭିଯୁକ୍ତ ମହିଳା ବେପାରୀ ରୋଜିନା ବିବିଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ନଗଦ ୨୦ହଜାର ଟଙ୍କା ଜବତ ହୋଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୨୮/୨୫) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ମୁତାବକ, ଅରଡ଼ବଜାର ମସଜିଦ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଥାନା ଅଧିକାରୀ ଜୟନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତ ମହିଳାଙ୍କ ବାସଭବନ ଉପରେ ଅଚାନକ ଚଢ଼ଉ କରିଥିଲେ। ଚଢାଉ ବେଳେ ତାଙ୍କ ନିକଟରୁ ୪୨ଗ୍ରାମ୍‌ର ବ୍ରାଉନସୁଗାର ସହ ନଗଦ ୨୦ହଜାର ଟଙ୍କା ଜବତ ହୋଇଥିଲା। ଜବତ ବ୍ରାଉନ ସୁଗାରର ମୂଲ୍ୟ ୪ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବନ୍ଧୁକ ଚୋରାଚାଲାଣ ବେଳେ ଧରିଲା ପୋଲିସ

## ୨ ଗିରଫ, ୨ ବନ୍ଧୁକ ସହ ୧୦ ଅଫୁଟା ଗୁଳି ଜବତ



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ଚମ୍ପୁଆ, ୧୯।୧ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ କୋଦଗାଡ଼ିଆ ଛକଠାରେ ବନ୍ଧୁକ ଚୋରାଚାଲାଣ ବେଳେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଆରୋହୀ ଝାଡ଼ଖଣ୍ଡ ଗିରିଡିହି ଜିଲାର ଖଲିଦ ଆନ୍‌ସାରୀ ଓ ଜଗନ୍ନାଥପୁର ଥାନା ଅଞ୍ଚଳର କମଳାକାନ୍ତ ମହାନ୍ତ। ସେମାନଙ୍କଠାରୁ ୨ଟି ବନ୍ଧୁକ ସହ ୧୦ଟି ଅଫୁଟା ଗୁଳି, ଗୋଟିଏ ବାଇକ୍ ଓ ୨ଟି ମୋବାଇଲ ଜବତ କରାଯାଇଥିବା ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମଧ୍ୟାହ୍ନ ୧୨ଟା ବେଳେ ପୋଲିସ କୋଦଗାଡ଼ିଆ ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍ ଦ୍ରୁତଗତିରେ ଚମ୍ପୁଆ ଆଡ଼କୁ ଆସୁଥିବା ଦେଖି ଅଟକାଇଥିଲା। ବାଇକ୍‌ରେ ଆରୋହୀ ଖଲିଦ୍ ଆନ୍‌ସାରୀ ଓ କମଳାକାନ୍ତଙ୍କୁ ପଚରାଉଚରା ବେଳେ ସନ୍ଦେହକରି ସେମାନଙ୍କୁ ତନଖି କରାଯାଇଥିଲା। ସେମାନଙ୍କ ପାଖରୁ ୨ଟି ବନ୍ଧୁକ ସହ ଅଫୁଟା ଗୁଳି ମିଳିଥିଲା। ସେମାନେ ଚୋରା ବନ୍ଧୁକ କାରବାର କରୁଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି। ଭାରପ୍ରାପ୍ତ ଥାନା ଅଧିକାରିଣୀ ଆର୍. ଏଚ୍. କୁଲୁ, ସବ୍‌ଇନ୍ସପେକ୍ଟର ବରୋଦା ପ୍ରସନ୍ନ ସାହୁ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ସଙ୍ଗୀତ କଳା ପରିଷଦ ସମ୍ପାଦକ ଗିରଫ

## ନାବାଳିକା ନୃତ୍ୟଶିଳ୍ପୀଙ୍କୁ ଅସଦାଚରଣ

ବାସୁଦେବପୁର, ୧୯।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହରସ୍ଥିତ ସଙ୍ଗୀତ କଳା ପରିଷଦ ନାମକ ନୃତ୍ୟ ସଙ୍ଗୀତ ସ୍କୁଲର ସମ୍ପାଦକଙ୍କ କଳା କାରନାମା ପଦାରେ ପଡ଼ିଛି। ଜଣେ ନାବାଳିକା ନୃତ୍ୟଶିଳ୍ପୀଙ୍କୁ ଅସଦାଚରଣ ଅଭିଯୋଗରେ ସମ୍ପାଦକ ବିଜୟ କୁମାର ରାୟ(୪୮)ଙ୍କୁ ରବିବାର ବାସୁଦେବପୁର ପୋଲିସ ଗିରଫ କରିଛି। ଗିରଫ ବିଜୟଙ୍କ ଘର ବାସୁଦେବପୁରରେ। ସେ ଶନିବାର ତାଙ୍କ ବାସଭବନରେ ସଙ୍ଗୀତ ସ୍କୁଲର ଉକ୍ତ ନୃତ୍ୟଶିଳ୍ପୀଙ୍କୁ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇଛି।

ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ସେ ଉକ୍ତ ଅନୁଷ୍ଠାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଛନ୍ତି। ବିଜୟ ତାଙ୍କୁ ନାନା ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହ ଅଶାଳୀନ ମନ୍ତବ୍ୟ ଦିଅନ୍ତି। ଏଥିରେ ଅତିଷ୍ଠ ହୋଇ ସେ ୨ମାସ ଧରି ନୃତ୍ୟ ଶିଖିବାକୁ ଯାଉ ନ ଥିଲେ। ଶନିବାର ବିଜୟଙ୍କ ଫୋନ୍ କଲ୍ ପାଇ ସେ ସଙ୍ଗୀତ କଳା ପରିଷଦ ସ୍କୁଲକୁ ଯାଇଥିଲେ। ସକାଳ ପ୍ରାୟ ୮ଟା ୩୦ ବେଳେ ପହଞ୍ଚିବା ପରେ ବିଜୟ ତାଙ୍କୁ ଅସଦାଚରଣ କରିଥିଲେ। ସେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ସେ ପାଟି କରି ଡାକିବାରୁ ବିଜୟଙ୍କ ସ୍ତ୍ରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଘରକୁ ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ନାବାଳିକାଙ୍କ ଅଭିଯୋଗକ୍ରମେ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରାଯାଇଥିବା ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ କହିଛନ୍ତି।

**Classified Everyday**
0674-2580101, 9692975378



REAL ESTATE

**SALE**

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି।8093465134, 9668194157. D-76231

**Gharabari converted plots available near Hitech Square, Sundarpada, Bhubaneswar. For more details Contact- 9937846404, 9437192512.** D-2626

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2625



Healthcare

Newly open health benefits spa by experience lady therapist. 7750040475 D-76188

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630

**AFFIDAVIT**

By virtue of an affidavit sworn before Executive Magistrate, Darpan, Jajpur by AF.No.155 dated 17.1.2025, I, Sri Yudhisthir Padhi, At-Gopalpur, P.O.-Chandia, P.S.- Balichandrapur, Dist.- Jajpur, PIN-754292 declare that, I have changed my name from Judhistara Padhi to Yudhisthir Padhi. Henceforth, I shall be known as Yudhisthir Padhi. D-2631

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, dated 18.01.2025, I, Dushasan Panda, Address: Trinath Nagar Basti, IRC Village, Nayapalli, Bhubaneswar, Pin- 751015 declare that I have changed my son's name from Satya Sai to Satyasai Panda. Henceforth, he shall be known as Satyasai Panda for all purposes. (Dushasan Panda) D-2627

By virtue of an affidavit sworn before Executive Magistrate, Jagatsinghpur dated 17th day of January 2025, I, Jyotiskar Sahoo of Vill.- Rasalpur (Kathuapatana), P.O.- Alipingal, P.S./ Dist.- Jagatsinghpur declare that I have changed my name from Jyotiskar Ranjan Sahoo to Jyotiskar Sahoo. Henceforth I shall be known as Jyotiskar Sahoo for all purposes. Jyotiskar Sahoo D-2632

By virtue of an affidavit sworn before Executive Magistrate, dated 15.01.2025, I, Rama Chandra Khuntia, Address: Kapileswar, Khuntiasahi, Oldtown declare that I have changed my daughter's name from Priyasi Khuntia to Priyansi Khuntia. Henceforth, she shall be known as Priyansi Khuntia for all purposes. RAMA CHANDRA KHUNTIA. D-2621




ଧ-୭୬୦୩୯

See Career Appointment on every Wednesday & Saturday

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

**ମାନ୍ୟବର ଆଡିସିନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସିନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର**
**ଓ.ଏସ୍.ଏସ୍. କେସ୍ ନଂ.୭୯୧/୨୦୨୨**

ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମଲ୍ଲିକ, ପିତା- ଫକିର ଚନ୍ଦ୍ର ମଲ୍ଲିକ ... ... ... ବାଦୀ/ଦରଖାସ୍ତକାରୀ
ବନାମ
ସୁରେନ୍ଦ୍ର ନାଥ ମଲ୍ଲିକ, ପି.- ବୈତାରି ମଲ୍ଲିକ, ଜା.- କଣ୍ଡରା, ବା- ମେହେନ୍ଦିପୁର, ଥା.- କିସର ନଗର, ଜି.- କଟକ ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ,

ଅର୍ଡର-୫, ରୁଲ୍-୨୦, ସି.ପି.ସି. ମୁତାବକ ଜଣାଇ ଦିଆଯାଉଛି ଯେ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୮୫ ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସିନାଲ କମିଶନର, ଆଡିସିନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ମଲ୍ଲିକ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୩୩ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା । କିନ୍ତୁ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ଏତଦ୍ଦ୍ୱାରା ଉପରୋକ୍ତ କେସ୍‌ରେ ପ୍ରତିବାଦୀ ନଂ.-୩୩ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି କି ତୁମ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୦।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.-୩୩ କିମ୍ବା ତାଙ୍କର ୱାରସ୍‌ମାନେ ନିଜେ ଦାତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତଫସିଲ ବୃତ୍ତି
ଜିଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ପଥରଗାଡ଼ିଆ, ୧୯୬୨ ସାବକ ଖାତା ନଂ.-୨୨୦ (ସ୍ଥିତିବାନ), ପ୍ଲଟ୍ ନଂ.- ୧୩୯୫, ଏରିଆ ଏ୦.୬୮୦ ଡିସିମିଲ ସମ୍ବନ୍ଧ କ୍ରୟ କୃତ ଏରିଆ ଏ୦.୦୫୫ ଡିସିମିଲ ଏହାର ମିଉଟେସନ୍- ଖାତା ନଂ.୩୨୫/୧୧୪୩, ପ୍ଲଟ୍ ନଂ.- ୧୩୯୫/୨୮୭୯। ଏହାର ହାଲ୍ ଖାତା ନଂ.-୧୧୩୬, ପ୍ଲଟ୍ ନଂ.- ୬୩୫୪, ଏରିଆ ଏ୦.୦୫୫ ଡିସିମିଲ ଚୌପଦୀ- ଉତ୍ତର- ସବ୍‌ପ୍ଲଟ୍ ନଂ.-୭, ଦକ୍ଷିଣ - ପ୍ଲଟ୍ ନଂ.୧୩୯୫ (ସାବିକ) ବଳକା ଅଂଶ ପୂର୍ବ - ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା।

**ସ୍ୱା./- ଆଡିସିନାଲ ଡିଭିଜନ କୋର୍ଟ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ କୋର୍ଟ ଅଫିସର**

ଧ-୨୬୨୮

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଅନନ୍ତ ଚରଣ ବିଶ୍ୱାଳ**
ଗୋବାଙ୍ଗ, ରାଜକନିକା, କେନ୍ଦ୍ରାପଡ଼ା
ଆବିର୍ଭାବ : ୨୨.୦୮.୧୯୪୦
ତିରୋଧାନ : ୧୦.୦୧.୨୦୨୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ବିଶ୍ୱାଳ ପରିବାର ବର୍ଗ।

ଧ-୨୬୨୯

**ନବମ, ଦଶମ ଓ ଏକାଦଶାହ କର୍ମ**
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।



**୰ ଇନ୍ଦୁମତୀ ସାମନ୍ତରାୟ**
ଭୂମିସ୍ପର୍ଶ - ୧୩.୦୭.୧୯୫୨
ଭୂମିତ୍ୟାଗ - ୧୧.୦୧.୨୦୨୫

ଧ-୨୬୩୩

# ମହାକାଶରେ ଇସ୍ରୋର ମହତ୍ତ୍ୱପୂର୍ଣ୍ଣ ଡକିଙ୍ଗ ପରୀକ୍ଷା



ନିକୁଞ୍ଜ ବିହାରୀ ସାହୁ

''ସଦ୍ୟ ମିଳିଥିବା ତଥ୍ୟ ଅନୁସାରେ, ଚଳିତ ବର୍ଷ ଜାନୁଆରୀ ୧୬ ତାରିଖରେ ଅର୍ଥାତ ଉତ୍‌କ୍ଷେପଣର ୧୮ ଦିନ ପରେ ଇସ୍ରୋର ମହାକାଶରେ ଏହି ଡକିଙ୍ଗ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି; ଅର୍ଥାତ ଊର୍ଦ୍ଧ୍ୱ ଆକାଶରେ ଉପଗ୍ରହ ଦୁଇଟି ପରସ୍ପର ସହିତ ଯୋଡ଼ି ହୋଇ ଇତିହାସ ରଚନା କରିଛନ୍ତି। ଏଥିସହିତ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଜ୍ଞାନକୌଶଳ ହାସଲ କରିବା ଦିଗରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି।''



ଗତ ବର୍ଷ ଡିସେମ୍ବର ୩୦ ତାରିଖ, ସମୟ ରାତି ୧୦ଟା। ଶ୍ରୀହରିକୋଟାସ୍ଥିତ ସତୀଶ ଧାଵନ ଅନ୍ତରୀକ୍ଷ କେନ୍ଦ୍ରରେ ଏକ ଶୀତୁଆ ବିଳମ୍ବିତ ରାତ୍ରି ତଥା ଏକ ଉତ୍କଣ୍ଠା ଓ ଉଦ୍‌ବେଗପୂର୍ଣ୍ଣ ମୁହୂର୍ତ୍ତ। ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ ଇସ୍ରୋର ସ୍ପେଡେକ୍ସ ଅଭିଯାନର ଅଂଶସ୍ୱରୂପ ପିଏସ୍‌ଏଲ୍‌ଭିସି ୬୦ ରକେଟ ଦୁଇଟି କ୍ଷୁଦ୍ର ଉପଗ୍ରହକୁ ବହନ କରି ଉତ୍‌କ୍ଷେପଣ ହୋଇ ସାରିଥାଏ। ଏହା ଥିଲା ପିଏସ୍‌ଏଲ୍‌ଭିସି ୬୦ ଭାରବାହୀ ରକେଟର ୯୯ତମ ପ୍ରକ୍ଷେପଣ। ଅଭିଯାନର ଚତୁର୍ଥ ପର୍ଯ୍ୟାୟ ଆଗତପ୍ରାୟ ଯାହା ସବୁଠାରୁ ଜଟିଳ ଓ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଏହି ପର୍ଯ୍ୟାୟରେ ଭୂପୃଷ୍ଠରୁ ପ୍ରାୟ ୪୭୫ କି.ମି. ଊର୍ଦ୍ଧ୍ୱରେ ଭାରବାହୀ ରକେଟ ଉପଗ୍ରହ ଦୁଇଟିକୁ ଏକ ବୃତ୍ତାକାର କକ୍ଷପଥରେ ତିନି ସେକେଣ୍ଡ ସମୟ ଅନ୍ତରରେ ପର ପର କରି ପ୍ରକ୍ଷେପଣ କରିବ। ସମସ୍ତେ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଥାନ୍ତି ଏହି ଐତିହାସିକ ମୁହୂର୍ତ୍ତ ପାଇଁ। କିଛି ସମୟ ପରେ ମିଶନ କଣ୍ଟ୍ରୋଲ ଦାୟିତ୍ୱରେ ଥିବା ନିର୍ଦ୍ଦେଶକ ଜଣକ ଦୃପ୍ତ କଣ୍ଠରେ ଘୋଷଣା କଲେ, 'ଉପଗ୍ରହ ଦୁଇଟିର ପଥକ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହେଲା।' ଏଥିରେ ଇସ୍ରୋର ବୈଜ୍ଞାନିକମାନେ ଉଲ୍ଲସିତ ହୋଇ କରତାଳି ସହିତ ପରସ୍ପରକୁ ଅଭିବାଦନ ଜଣାଇଲେ।

ସଦ୍ୟ ମିଳିଥିବା ତଥ୍ୟ ଅନୁସାରେ, ଚଳିତ ବର୍ଷ ଜାନୁଆରୀ ୧୬ ତାରିଖରେ ଅର୍ଥାତ ଉତ୍‌କ୍ଷେପଣର ୧୮ ଦିନ ପରେ ଇସ୍ରୋର ମହାକାଶରେ ଏହି ଡକିଙ୍ଗ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି; ଅର୍ଥାତ ଊର୍ଦ୍ଧ୍ୱ ଆକାଶରେ ଉପଗ୍ରହ ଦୁଇଟି ପରସ୍ପର ସହିତ ଯୋଡ଼ି ହୋଇ ଇତିହାସ ରଚନା କରିଛନ୍ତି। ଏଥିସହିତ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଜ୍ଞାନକୌଶଳ ହାସଲ କରିବା ଦିଗରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି। ଏହି ଯୋଜନାର ଏକ ସଂକ୍ଷିପ୍ତ ରୂପରେଖ ନିମ୍ନରେ ଦିଆଗଲା :

ସ୍ପେଡେକ୍ସର ପୂରା ରୂପ ହେଉଛି ସ୍ପେସ୍ ଡକିଙ୍ଗ ଏକ୍ସପେରିମେଣ୍ଟ। ଏହି ଅଭିଯାନରେ ୨୨୦ କି.ଗ୍ରା. ଓଜନର ଦୁଇଟି କ୍ଷୁଦ୍ର ଉପଗ୍ରହ ଅନ୍ତର୍ଭୁକ୍ତ, ଯାହାଙ୍କୁ ଅନ୍ତରୀକ୍ଷରେ ୪୭୫ କି.ମି. ଉଚ୍ଚତାର ୫୫ ଡିଗ୍ରୀ ଅନତି ବିଶିଷ୍ଟ ଏକ ବୃତ୍ତାକାର କକ୍ଷପଥରେ ୨୦ କି.ମି. ବ୍ୟବଧାନରେ ସ୍ଥାପନ କରାଯିବ। ସେଗୁଡ଼ିକ ସେହି କକ୍ଷପଥରେ ପୃଥିବୀ ଚାରିପଟେ ଘୂରୁଥିବେ। ପରବର୍ତ୍ତୀ ପରୀକ୍ଷଣରେ ଊର୍ଦ୍ଧ୍ୱ ଆକାଶରେ ଉପଗ୍ରହଦ୍ୱୟଙ୍କୁ ପରସ୍ପର ଆଡ଼କୁ ଗତିଶୀଳ କରାଯାଇ ପରସ୍ପର ସହିତ ମିଳିତ କରାଯିବ। ଏହାଦ୍ୱାରା ଉପଗ୍ରହ ଦୁଇଟି ଯୋଡ଼ିହୋଇ ଗୋଟିଏ ଏକକ ବସ୍ତୁ ପାଲଟିଯିବେ ଏବଂ ଗୋଟିଏ ଉପଗ୍ରହରୁ ଅନ୍ୟ ଉପଗ୍ରହକୁ କିଛି ପଦାର୍ଥର ଆଦାନପ୍ରଦାନ କରାଯିବ। ସେଥିରୁ ଗୋଟିଏ ଉପଗ୍ରହକୁ ଧାବକ ଉପଗ୍ରହ (ସାଙ୍କେତିକ ନାମ: ଏସ୍‌ଡିଏକ୍ସ ୦୧) କୁହାଯାଉଥିଲାବେଳେ ଅନ୍ୟଟିକୁ ଲକ୍ଷ୍ୟସ୍ଥଳୀ ଉପଗ୍ରହ (ସାଙ୍କେତିକ ନାମ: ଏସ୍‌ଡିଏକ୍ସ-୦୨) କୁହାଯାଉଛି। ଆବଶ୍ୟକ କାର୍ଯ୍ୟ ସମ୍ପାଦନ ହେଲା ପରେ ଉପଗ୍ରହ ଦୁଇଟି ପରସ୍ପରଠାରୁ ଅଲଗା ହୋଇ ନିଜ କକ୍ଷପଥରେ ପୂର୍ବଭଳି ଅଗ୍ରସର ହେବେ। ଏହାକୁ 'ଅନ୍‌ଡକିଙ୍ଗ' ପ୍ରକ୍ରିୟା କୁହାଯାଉଛି।

ଯୋଜନା ମତେ ଉପଗ୍ରହଦ୍ୱୟଙ୍କ ଇଞ୍ଜିନ ଚାଳନା କରାଯାଇ ଉଭୟଙ୍କ ମଧ୍ୟରେ ଥିବା ୨୦ କି.ମି. ଦୂରତାକୁ ଧୀରେ ଧୀରେ ହ୍ରାସ କରାଯିବ। ଏତିକିବେଳେ ଉପଗ୍ରହ ଦୁଇଟି ଆକାଶରେ ବନ୍ଧୁକର ଗୁଳିଠାରୁ ୧୦ ଗୁଣ ଅଧିକ ବେଗ ଭଳି ଦୁରନ୍ତ ଗତିରେ ଛୁଟି ଯାଉଥିବେ। ପରିଶେଷରେ ଉପଗ୍ରହ ଦୁଇଟି ପରସ୍ପରକୁ ସ୍ପର୍ଶକରି ମିଳିତ ହୋଇଯିବେ; ଅର୍ଥାତ 'ଲକ୍ଷ୍ୟସ୍ଥଳୀ' ଯାନ ମଧ୍ୟରେ 'ଧାବକ' ଯାନର କିଛି ଭାଗ ପ୍ରବେଶ କରିଯିବ। ଏହି ପ୍ରକ୍ରିୟାକୁ 'ଡକିଙ୍ଗ' କୁହାଯାଉଛି। ଏହା ପ୍ରକୃତରେ ଏକ କଠିନ ଓ ଜଟିଳ ପ୍ରକ୍ରିୟା ଏବଂ ଏଥିନିମନ୍ତେ ଉଚ୍ଚକୋଟୀର ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। କୌଣସି ରେଳ ଧାରଣା ଉପରେ ଗୋଟିଏ ରେଳ ଇଞ୍ଜିନ ସହିତ କିଛି ରେଳଡବାକୁ ଗତିଶୀଳ କରି ଡକିଙ୍ଗ କରିବା (ଯୋଡ଼ି ହେବା) ଏକ ସହଜ ପ୍ରକ୍ରିୟା; କାରଣ ଏ କ୍ଷେତ୍ରରେ ଗତି କେବଳ ସରଳରୈଖିକ ଯାହା କେବଳ ଗୋଟିଏ ଦିଗରେ ହିଁ ସୀମିତ। ମାତ୍ର ଆକାଶରେ ଗତି ସ୍ଥାନର ସମସ୍ତ ତିନି ଦିଗରେ ବିସ୍ତାରିତ ଥିବାରୁ ଗୋଟିଏ ଯାନ ସହିତ ଅନ୍ୟ ଗୋଟିଏ ଯାନକୁ ଶୂନ୍ୟରେ ଯୋଡ଼ି ଡକିଙ୍ଗ କରିବା ବାସ୍ତବରେ ଏକ କଷ୍ଟସାଧ ପ୍ରକ୍ରିୟା।

ଏହି ନିର୍ଭୁଲ ଡକିଙ୍ଗ ନିମନ୍ତେ ଯାନ ଦୁଇଟି ପରସ୍ପରର ପାଖାପାଖି ହେଲେ ସେମାନଙ୍କ ଅବସ୍ଥାନ ଓ ବେଗକୁ ଠିକ୍ ରୂପେ ଅନେକ ଦକ୍ଷ ସେନସର ଜରିଆରେ ଆକଳନ କରାଯିବ ଏବଂ ସେଥିରୁ ଗୃହୀତ ତଥ୍ୟକୁ ଭିତ୍ତିକରି କମ୍ପ୍ୟୁଟରର ଏକ ଆଲୋଗରିଦିମ ପ୍ରକ୍ରିୟା ଜରିଆରେ ଡକିଙ୍ଗ କିମ୍ବା ଯୋଡ଼ିହେବା ପ୍ରକ୍ରିୟା ସମ୍ପନ୍ନ କରାଯିବ। ଡକିଙ୍ଗ ପ୍ରକ୍ରିୟା ସମ୍ପନ୍ନ ହୋଇଗଲେ ଦୁଇଟି ଉପଗ୍ରହ ମିଶିଯାଇ ଏକକ ବସ୍ତୁ ପାଲଟିଯିବେ ଏବଂ ସେମାନେ ଗୋଟିଏ ବସ୍ତୁ ଭଳି ଆଚରଣ କରି କିଛି ସମୟ ପାଇଁ ଏକା ଦିଗରେ ଏବଂ ସମବେଗରେ ହିଁ ଗତି କରିବେ। ଏହି ଡକିଙ୍ଗ ସମୟ ମଧ୍ୟରେ ଗୋଟିଏ ଉପଗ୍ରହରୁ ଅନ୍ୟ ଉପଗ୍ରହକୁ ତାର ଜରିଆରେ ବିଦ୍ୟୁତ ଯୋଗାଣ କରାଯାଇ ସେଥିରେ ଥିବା ଏକ ବୈଦ୍ୟୁତିକ ହିଟରକୁ କାର୍ଯ୍ୟକ୍ଷମ କରାଯିବ। ଡକିଙ୍ଗ ପ୍ରକ୍ରିୟା ସମ୍ପନ୍ନ ହେଲା ପରେ ଅନ୍‌ଡକିଙ୍ଗ ପ୍ରକ୍ରିୟା ଚାଲୁ କରାଯିବ। ଏହି ପ୍ରକ୍ରିୟାରେ ଉପଗ୍ରହଦ୍ୱୟକୁ ପରସ୍ପରଠାରୁ ଅଲଗା କରାଯାଇ ପୂର୍ବ କକ୍ଷପଥରେ ସ୍ଥାପନ କରାଯିବ। ସୁତରାଂ ଇସ୍ରୋ ଏଭଳି ଏକ ଜଟିଳ କାର୍ଯ୍ୟକୁ ବାସ୍ତବରେ ରୂପାୟନ କରିଥିବା ଘଟଣା ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମ ପାଇଁ ଏକ ଶୁଭ ସୂଚନା ଯାହା ଆଗାମୀ ଦିନରେ ଅନେକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ ଦିଗରେ ସହାୟକ ହେବ। (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ



କଖାରୁ ଫୁଲରେ ବିଭିନ୍ନ ପ୍ରକାର ଭିଟାମିନ ଭରି ରହି ଥିବାରୁ ଏହା ଶରୀର ପାଇଁ ବେଶ୍ ଉପଯୋଗୀ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। କଖାରୁ ଫୁଲରେ ମଧ୍ୟ ଭିଟାମିନ୍-ସି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରରେ ଥଣ୍ଡା, କାଶ, କଫ ଆଦି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତରୁ ମଧ୍ୟ ଏହା ଆମକୁ କେତେକାଂଶରେ ରକ୍ଷା କରିଥାଏ।

## ଗ୍ଲୁକୋଜ୍ ଟଲେରାନ୍ସ



ସାଧାରଣତଃ ଜଣେ ସୁସ୍ଥ ବ୍ୟକ୍ତି ଶରୀରରେ ଗ୍ଲୁକୋଜ୍‌ର ପରିମାଣ ୭.୮ମିଲିମୋଲ୍ ରହିଲେ ଭଲ। ହେଲେ, ଯେତେବେଳେ ଏହାର ପରିମାଣ ୭.୮ମିଲିମୋଲ୍‌ଠାରୁ ଅଧିକ ବା ୧୧ ମିଲିମୋଲ୍‌ଠାରୁ କମ୍ ହୁଏ, ସେତେବେଳେ ତାହାକୁ 'ଇମ୍‌ପେୟାଡ଼୍ ଗ୍ଲୁକୋଜ୍ ଟଲେରାନ୍ସ' ବୋଲି କୁହାଯାଏ। ଏହି ସ୍ତର ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ଯଦି ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଆବଶ୍ୟକତାଠାରୁ ବଢ଼ିଯାଏ, ତେବେ ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ ବୋଲି ଏକ ଗବେଷଣାରୁ ଜଣାପଡିଛି। ଉକ୍ତ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହା ଅସନ୍ତୁଳିତ ରହିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏହାଦ୍ୱାରା ମେଦବହୁଳତା ସମସ୍ୟା ଦେଖାଯିବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏହି ସ୍ତର ଯେପରି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

## ସୁନିଦ୍ରା ପାଇଁ ସହଜ ଉପାୟ



ଶରୀରକୁ ସୁସ୍ଥ ତଥା ସୁନ୍ଦର ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ସବୁଠାରୁ ଖାସ୍ କଥା ହେଲା ନିୟମିତ ଯୋଗ କଲେ ଏହାଦ୍ୱାରା ଭଲ ନିଦ ହୋଇଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ଲୋକଙ୍କୁ ଭଲ ନିଦ ହେଉଥିବାର ଜଣାପଡିଥିଲା। ଅନ୍ୟପକ୍ଷରେ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ। ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ମାନସିକ ଶାନ୍ତି ଦେବାରେ ଯୋଗର ମଧ୍ୟ ଭୂମିକା ରହିଛି। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଜାଣି ରଖନ୍ତୁ

- ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ। ଏହା ନକାରାତ୍ମକ ଭାବନାକୁ ଦୂର କରି ସକାରାତ୍ମକ ଭାବନା ସୃଷ୍ଟି କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ।
- ସକାଳେ କିଛି ସମୟ ଖାଲି ପାଦରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।
- ଇଚ୍ଛା ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।
- ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ। କାରଣ ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ।
- ଅଧିକାଂଶ ସମୟ ଖାଲି ପେଟରେ କେବେ ବି ରୁହନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ଏକ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ୬-୮ ଗ୍ଲାସ ପାଣି ପିଇବା ନିହାତି ଜରୁରୀ।



## ଜଳାତଙ୍କର ଚିକିତ୍ସା



ଜଳାତଙ୍କ ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ତେବେ କାଳବିଳମ୍ବ ନ କରି ରୋଗୀକୁ ଡାକ୍ତରଖାନା ନେଇଯିବା ଉଚିତ। ଡାକ୍ତରଖାନାକୁ ନେବା ପୂର୍ବରୁ କ୍ଷତ ସ୍ଥାନକୁ ତୁରନ୍ତ ସାବୁନ୍ ଲଗାଇ ବାରମ୍ବାର ଧୋଇ ପକାଇବା ଉଚିତ। ହାତ କି ଗୋଡ଼କୁ କାମୁଡ଼ିଥିଲେ ଆକ୍ରାନ୍ତ ମୂଳକୁ ନଳ ତଳେ ଦେଖାଇ କଳରେ ବୋହି ଆସୁଥିବା ଜଳରେ ଧୋଇଦେଲେ ଭୂତାଣୁମାନ ଧୋଇ ଯିବାରୁ ଉପକାର ମିଳେ। ସାବୁନ ଘଷି ଧୋଇବା ବେଶି ହିତକର। କ୍ଷତ ସ୍ଥାନକୁ ଧୋଇସାରି ସେଠାରେ ସ୍ପିରିଟ୍, ଟିଙ୍କଚର୍ ଆୟୋଡିନ୍ କି ପ୍ରୋଭିଡ଼ନ୍ ଆୟୋଡିନ୍ ଲୋଶନ୍ ଢାଳି ଦେବା ଆବଶ୍ୟକ। ଶବ୍ଦ, ଆଲୋକ ଓ ଥଣ୍ଡା ପବନ ରୋଗୀଠାରେ ପେଶୀ ସଙ୍କୋଚନ ଓ ବାତ ମାରିବା ଲକ୍ଷଣ ସୃଷ୍ଟିର କାରଣ ହେଉଥିବାରୁ ରୋଗୀକୁ ଏକ ନିସ୍ତବ୍ଧ କୋଠରିରେ ରଖାଯାଏ। ବଡ଼ ପାଟିରେ କଥାବାର୍ତ୍ତାର ଶବ୍ଦ, ଲାଉଡ୍ ସ୍ପିକରରୁ ବାହାରୁଥିବା ଶବ୍ଦ, ଗାଡ଼ି ମୋଟର ହର୍ନର ଶବ୍ଦ ଓ ଆଖି ଝଲସିଆ ଆଲୋକ ରୋଗୀ ସହିପାରେନି। ଉତ୍କଣ୍ଠା ହ୍ରାସ କରେଇବା ପାଇଁ ରୋଗୀକୁ ଦିଆଯାଏ ନିଦ କରାଉଥିବା ଔଷଧ। ପେଶୀ ସଙ୍କୋଚନ ନିୟନ୍ତ୍ରଣକାରୀ ଔଷଧ ମଧ୍ୟ ଦିଆଯାଏ। କାମୁଡ଼ିଥିବା ପ୍ରାଣୀର ପାଟି ଓ ଦାନ୍ତରେ ରହିଥିବା ଜୀବାଣୁଗୁଡ଼ିକ ଦ୍ୱାରା କ୍ଷତ ସ୍ଥାନ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ଦେବାକୁ ହୁଏ ଟିଟାନସ୍, ପ୍ରତିଷେଧକ ଟିକା ଓ ଆଣ୍ଟିବାୟୋଟିକ୍ସ। ଶ୍ୱାସକ୍ରିୟା ଓ ହୃତ୍‌ପିଣ୍ଡ କ୍ରିୟା ବନ୍ଦ ହୋଇଗଲେ, ସେଥିପାଇଁ କରାଯାଏ ବିହିତ ବ୍ୟବସ୍ଥା। ଜାଣି ରଖିବା ଦରକାର ଯେ, ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ। ରୋଗୀର ଲାଳ, ଲୁହ, ବାନ୍ତି ଓ ପରିସ୍ରାରେ ଭୂତାଣୁ ରହିଥାନ୍ତି। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ୍, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୂରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ। ଯାହା ଶରୀରରେ କୌଣସି କ୍ଷତ ଥିବ, ସେ ରୋଗୀ ସଂସ୍ପର୍ଶରେ ଆସିବା ଆଦୌ ନିରାପଦ ନୁହେଁ।

## ସ୍ୱାସ୍ଥ୍ୟ ସୂଚନା

- ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀର ରୁଟିନ୍ ଚେକଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।
- ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଶାଦ୍ରବ୍ୟ ସେବନଠାରୁ ଯେତେ ଦୂରେଇ ରହିବେ ସେତେ ଭଲ। ଏହା ସିନା ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।



- ଯଦି ଆପଣଙ୍କର ହୃଦ୍‌ଜନିତ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ନିଜକୁ ନକାରାତ୍ମକ ଚିନ୍ତାଧାରାଠାରୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ଆପଣଙ୍କ ମାନସିକତା ସକାରାତ୍ମକ ରହିବ ଏବଂ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ।
- ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାଦ୍ୱାରା ପେଟଜନିତ ସମସ୍ୟା ସୃଷ୍ଟି ହେବ। ତେଣୁ ସବୁବେଳେ ସୁଷମ ତଥା ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ ଖାଆନ୍ତୁ।
- ରାତ୍ରଭୋଜନ ଖାଇବା ପରେ ପରେ ଶୋଇବାକୁ ଯାଆନ୍ତୁ ନାହିଁ। ଏହାଦ୍ୱାରା ମେଦ ବୃଦ୍ଧି ହେବାର ଆଶଙ୍କା ରହିଛି।
- ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।

# ନିଃଶବ୍ଦ ବ୍ୟାଧି ଫ୍ୟାଟି ଲିଭର

(ଶେଷ ଭାଗ)

**କ'ଣ ଖାଇବେ**

-ଖାଇବାକୁ ହେବ ବେଶି ଶାଗ ଓ ପନିପରିବା। ବ୍ରୋକୋଲି, ବିଟ୍‌ସ ଓ ତନ୍ତୁଜାତୀୟ ଖାଦ୍ୟ ଉପକାରୀ। ଋତୁକାଳୀନ ଶାଗସବ୍‌ଜି ଖାଇବା ଉଚିତ।

-ଖାଇବା ପାଇଁ ହେବ ଅଙ୍ଗୁର, ଆପଲ ଇତ୍ୟାଦି ଫଳ।

-ମୁଗ ଓ ମସୁର ଡାଲି, ଗଜା ମୁଗ, ଗଜା ବୁଟ, ସୂର୍ଯ୍ୟମୁଖୀ ମଞ୍ଜି ଓ ମଟର ଅତ୍ୟନ୍ତ ଉପାଦେୟ। ଏଗୁଡ଼ିକ ଟ୍ରାଇଗ୍ଲିସେରାଇଡ୍ କମେଇବାରେ ସାହାଯ୍ୟ କରେ।

-ଓଟ୍‌ସରୁ ମିଳିଯିବ ବେଶି ଖାଦ୍ୟ ତନ୍ତୁ ଓ ଓମେଗା-୩ ଫ୍ୟାଟ୍।

-ଖାଇବେ ଚିନାବାଦାମ, କାଜୁ, ଆଲମଣ୍ଡ ଏବଂ ଅଖରୋଟ।

-ଦିନମାନ ଭିତରେ ଏକାଧିକ ଥର ପିଆଯାଇପାରେ ଲେମ୍ବୁପାଣି। ଘୋଳ ଦହି ମଧ୍ୟ ବେଶ୍ ଉପକାରୀ।

-ରସୁଣ ନିୟମିତ ଖାଇଲେ ତାହା ଯକୃତ୍‌ରେ ଚର୍ବି ଜମିବାରେ ପ୍ରବଣତା କମେଇଦିଏ।

-ସକାଳେ ଖାଲି ପେଟରେ ଖିଆଯାଇପାରେ କଞ୍ଚା ହଳଦୀ।



-ଫ୍ୟାଟି ଲିଭରରେ ମାଛ ଖାଇବାରେ କୌଣସି ଅସୁବିଧା ନାହିଁ। ଛୋଟ ଛୋଟ ମାଛ ଓ ବଡ଼ ମାଛ ଉଭୟ ଖାଇହେବ।

-ତେଲ ଭିତରେ ଅଲିଭ ଅଏଲ ଉପକାରୀ।

-ପିଇବେ ଗ୍ରୀନ୍ ଚା'।

**ଫ୍ୟାଟି ଲିଭର ନିବାରଣ କରିବାର ଉପାୟ କ'ଣ**

-ଶରୀରର ଓଜନ କମାଇବାକୁ ହେବ ଅନୁମୋଦିତ ସ୍ତରରେ।

-ଖାଦ୍ୟ ଓ ଔଷଧ ମାଧ୍ୟମରେ ରକ୍ତରେ ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରା ସାଧାରଣ ସ୍ତରରେ ରଖିବା ପାଇଁ ହେବ।

-ବର୍ଜନ କରିବା ପାଇଁ ପଡ଼ିବ ମଦ୍ୟପାନ ଏବଂ ଧୂମପାନ।

-ଡାଇବେଟିସ୍ ଥିଲେ ଚିକିତ୍ସା ଦ୍ୱାରା ରକ୍ତରେ ଗ୍ଲୁକୋଜର ନିୟନ୍ତ୍ରଣ କରିବାକୁ ହେବ।

-ଖାଇବା ଆବଶ୍ୟକ ସୁଷମ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ।

-ନିୟମିତ ବ୍ୟାୟାମ, ଯୋଗ ଓ ଧ୍ୟାନ ଜରୁରୀ।

-ହେପାଟାଇଟିସ୍ 'ଏ', 'ବି', ଫ୍ଲୁ ଏବଂ ନିମୋନିଆର ପ୍ରତିଷେଧକ ଟିକା ନେଲେ ଉପକାର ମିଳେ।

-ନିୟମିତ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସମସ୍ତଙ୍କ ପାଇଁ ଜରୁରୀ।

**ଫ୍ୟାଟି ଲିଭର ଖାଦ୍ୟ କାହିଁକି ଉପକାରୀ**

ଏହି ଖାଦ୍ୟ ଓଜନ କମାଏ, ଡାଇବେଟିସ୍ ନିୟନ୍ତ୍ରଣ କରେ, ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍.ଡି.ଏଲ୍. କୋଲେଷ୍ଟରଲ ହ୍ରାସ କରେ। ଯକୃତ୍‌କୁ କାର୍ଯ୍ୟକ୍ଷମ ଏବଂ ସକ୍ରିୟ ରଖେ।

ଅସୁସ୍ଥତାରୁ ମୁକ୍ତି ପାଇବାରେ ପ୍ରାୟ ୭୦ ପ୍ରତିଶତ ଖାଦ୍ୟ ଏବଂ ୩୦ ପ୍ରତିଶତ ବ୍ୟାୟାମ ଉପରେ ନିର୍ଭର କରିବା ପ୍ରୟୋଜନ। ବ୍ୟାୟାମ ପାଇଁ ଜିମ୍‌କୁ ଯିବାର ଆବଶ୍ୟକତା ନାହିଁ। ଦୈନନ୍ଦିନ ଜୀବନରେ ଲିଫ୍ଟ ବଦଳରେ ଶିଡ଼ି ଚଢ଼ି ଯିବାଆସିବା କଲେ, ନିକଟରେ ଥିବା ବସ୍ ଷ୍ଟପ୍‌କୁ ଚାଲିଚାଲି ଗଲେ ଏବଂ ଶରୀରକୁ ସଚଳ ରଖିବାର ଅଭ୍ୟାସ ରଖିଲେ ଯଥେଷ୍ଟ। ନିମୟିତ ଚାଲିବା ଏକ ଭଲ ବ୍ୟାୟାମ। ଯେଉଁମାନେ ଦୌଡ଼ିପାରିବେ, ସେମାନେ ନିୟମିତ ଦୌଡ଼ିବା ଓ ଜଗିଂ କରିବା ଉଚିତ। ଯୋଗ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଯୋଗାସନ ମଧ୍ୟ କରାଯାଇପାରେ।

ଅସୁସ୍ଥତା ଯେପରି ରହିଛି, ତାକୁ ନିବାରଣ କରିବାର ଉପାୟ ମଧ୍ୟ ରହିଛି। ନିଜ ଶରୀରର ସୂଚନା ପ୍ରତି ସଚେତନ ରହିବା ପାଇଁ ହେବ ଏବଂ ଯତ୍ନ ରଖିବାକୁ ହେବ ଶରୀରର। ତାହାହେଲେ ହିଁ ହାତକୁ ଆସିଯିବ ସୁସ୍ଥତାର ଚାବିକାଠି।

-ଡା. ନିତ୍ୟାନନ୍ଦ ସ୍ୱାଇଁ
ମୋ: ୮୩୨୮୯୭୫୧୧୮

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୦/୨୦୨୫ Bhubaneswar, Monday, January 20/ 2025






ନୂଆଦିଲ୍ଲୀରେ ଅନୁଷ୍ଠିତ ମହିଳା ଖୋ ଖୋ ବିଶ୍ୱକପରେ ଚାମ୍ପିୟନ ଭାରତୀୟ ମହିଳା ଦଳ।

## ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୯।୧(ତପନ ସ୍ୱାଇଁ)

ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଐତିହାସିକ ବିଜୟ ହାସଲ କରିଥିବା ଭାରତୀୟ ମହିଳା ଓ ପୁରୁଷ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। "ଭାରତୀୟ ଖୋ ଖୋ ଦଳର ସମସ୍ତ କ୍ରୀଡ଼ାବିତ୍ ବିଶ୍ୱମଞ୍ଚରେ ଆମ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଆଜିର ଏହି ଐତିହାସିକ ବିଜୟ ଦେଶର ଲକ୍ଷ ଲକ୍ଷ ଯୁବ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ାକ୍ଷେତ୍ରରେ ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ" ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଓଡ଼ିଶା ସରକାର ଭାରତୀୟ ଦଳର ପ୍ରାୟୋଜକ

ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳର ଐତିହାସିକ ସଫଳତାରେ ଓଡ଼ିଶାରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଭାରତ ୭୮-୪୦ ପଏଣ୍ଟ ବ୍ୟବଧାନରେ ନେପାଳକୁ ହରାଇ ଇତିହାସ ରଚିଛି। ପ୍ରକାଶଯୋଗ୍ୟ, ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ୩ ବର୍ଷ ପାଇଁ ଓଡ଼ିଶା ସରକାର ଭାରତୀୟ ଜାତୀୟ ଖୋ ଖୋ ଦଳର ପ୍ରାୟୋଜକ ହୋଇଛନ୍ତି। ଏଥିପାଇଁ ବର୍ଷକୁ ୫ କୋଟି ଏବଂ ସମୁଦାୟ ୧୫ କୋଟି ଟଙ୍କା ପ୍ରଦାନ କରାଯିବ।

## ବୋପାନ୍ନା-ଶୁଆଇ କ୍ୱାର୍ଟର ଫାଇନାଲ

ମେଲ୍‌ବୋର୍ନ, ୧୯।୧ (ପି.ଟି.): ଭାରତର ଭେଟେରାନ୍ ଟେନିସ୍ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଚାଇନିଜ୍ ପାର୍ଟନର ଝାଙ୍ଗ୍ ଶୁଆଇ ଅଷ୍ଟ୍ରେଲିଆନ ଓପନ୍ ମିକ୍ସଡ ଡବଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ରବିବାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୱାକ୍‌ଓଭର ପାଇଛନ୍ତି। ବୋପାନ୍ନା ଓ ଶୁଆଇ ଚତୁର୍ଥ ସିଡ୍ ଆମେରିକାର ଟେଲର ଟାଉନ୍‌ସେଣ୍ଡ ଓ ମୋନାକୋର ହୁଗୋ ନାଇସ୍‌ଙ୍କ ସହ ଖେଳିଥାନ୍ତେ। ମାତ୍ର ଭାରତୀୟ-ଚାଇନିଜ୍ ଯୋଡ଼ି କୋର୍ଟକୁ ନ ଯାଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଇଣ୍ଡୋ-ଚାଇନିଜ୍ ଯୋଡ଼ି ପୂର୍ବରୁ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ କ୍ରୋଏସିଆର ଇଭାନ ଡୋଡିଗ୍‌ଙ୍କୁ ହରାଇ ଦେଇଥିଲେ।

# ଭାରତ ଜିତିଲା ଖୋ ଖୋ ବିଶ୍ୱକପ୍

### ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ

ନୂଆଦିଲ୍ଲୀ, ୧୯।୧

ଭାରତୀୟ ମହିଳା ଓ ପୁରୁଷ ଦଳ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମହିଳା ବିଭାଗର ଫାଇନାଲରେ ଭାରତୀୟ ଦଳ ନେପାଳକୁ ୭୮-୪୦ରେ ପରାସ୍ତ କରିଛି। ଭାରତର ଅଂଶୁ କୁମାରୀ ବେଷ୍ଟ ଆଟାକର, ନେପାଳର ମନମତି ଧାନୀ ଶ୍ରେଷ୍ଠ ଡିଫେଣ୍ଡର ଏବଂ ଭାରତର ଚାଇତ୍ରା ବି' ବେଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ପୁରୁଷ ବର୍ଗ ଫାଇନାଲରେ ଭାରତ ୫୪-୩୬ରେ ନେପାଳକୁ ହରାଇ ଦେଇଛି। ଦଳର ଅଧିନାୟକ ପ୍ରତୀକ ୱାଇକରଙ୍କ ନେତୃତ୍ୱରେ ମେହୁଲ, ଅନିକେତ ପୋଟେ ଓ ରାମ୍‌ଜୀ କାଶ୍ୟପ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଦଳକୁ ଏହି ଐତିହାସିକ ସଫଳତା ଆଣିଦେଇଥିଲେ।

ମହିଳା ବର୍ଗରେ ଉଭୟ ଦଳ ସେମିଫାଇନାଲରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବଡ଼ ବିଜୟ ହାସଲ କରିଥିବାରୁ ଫାଇନାଲ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଥିଲା। ରବିବାର ଫାଇନାଲରେ ନେପାଳ ଟସ୍ ଜିତି ଭାରତକୁ ପ୍ରଥମେ ଆଟାକ୍‌ର ସୁଯୋଗ ଦେଇଥିଲା। ଆୟୋଜକ ଦଳ ଅତୁଳନୀୟ ଚପଳତା, ସହନଶୀଳତା ଓ ଦ୍ରୁତ ପ୍ରଦର୍ଶନ କରି ନେପାଳକୁ ହରାଇ ଦେଇଥିଲା। ଗ୍ରୁପ୍ ଷ୍ଟେଜ୍‌ରେ ଦକ୍ଷିଣ କୋରିଆ, ଇରାନ ଓ ମାଲେସିଆ ବିପକ୍ଷରେ ଭାରତ ଏହାର ସମସ୍ତ ତିନୋଟିଯାକ ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା।

ଫାଇନାଲ ମ୍ୟାଚକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉପଭୋଗ କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ, ସୁପ୍ରିମକୋର୍ଟ ବିଚାରପତି ପଙ୍କଜ ମିଥଲ, ସଂସଦୀୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଅନ୍ୟତମ। ଏହାଛଡ଼ା ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ତର୍ଜାତୀୟ ଖୋ ଖୋ ମହାସଂଘ ସଭାପତି ସୁଧାଂଶୁ ମିତ୍ତଲ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ଶ୍ରୀକ୍ରିଷ୍ଣା ଗୋପାଲ ଜୀ ପ୍ରମୁଖ ଉପସ୍ଥିତ ଥିଲେ।



ଭାରତ-ନେପାଳ ପୁରୁଷ ଖୋ ଖୋ ବିଶ୍ୱକପ୍ ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟରେ ଓଡ଼ିଶାର ସଫଳତା



ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

କର୍ଣ୍ଣାଟକର ବେଲ୍‌ଗାଭିଠାରେ ୧୬ଶ ଜାତୀୟ ସିନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ ଓ ଅନ୍ତର୍ଜାତୀୟ ବିଚାରକ ଉମାଚରଣ ଶତପଥୀଙ୍କ ନେତୃତ୍ୱରେ ରାଜ୍ୟର ୧୧ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ପ୍ରତିଯୋଗିତାର ୭୫ କେଜି ବର୍ଗରେ ଅମିତ କୁମାର ଭୂୟାଁ ରୌପ୍ୟ, ୮୦ କେଜି ବର୍ଗରେ ଜିତେନ୍ଦ୍ର କୁମାର ପଲେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୯୦ କେଜି ବର୍ଗରେ ଅମିୟ ରଞ୍ଜନ ସେଠୀ ୪ର୍ଥ ଓ ୭୫ କେଜି ବିଭାଗରେ ଜଗନ୍ନାଥ ଖୁଣ୍ଟିଆ ୫ମ ସ୍ଥାନରେ ରହିଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର ଓ ହରି ପ୍ରସାଦ ପଟ୍ଟନାୟକ, ସୁମିତ୍ରା ତ୍ରିପାଠୀଙ୍କ ସମେତ ସମ୍ପାଦକ ପ୍ରସନ୍ନ ମହାସୁଆର ଓ ଅନ୍ୟ କର୍ମକର୍ତ୍ତାମାନେ ସଫଳତା ଲାଭ କରିଥିବା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କ୍ୱାର୍ଟର ଫାଇନାଲରେ ଗଫ୍

ମେଲବୋର୍ନ, ୧୯।୧(ଏପି)

ଆମେରିକାର କୋକୋ ଗଫ୍ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ବେଲିଣ୍ଡା ବେନ୍‌ସିକ୍‌ଙ୍କୁ ୫-୭, ୬-୨, ୬-୧ରେ ହରାଇ ଦେଇଛନ୍ତି। ଏଥିସହ ସେ ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଦିଗରେ ଅଗ୍ରସର ହୋଇଛନ୍ତି। ଫ୍ଲୋରିଡ଼ାର ଗଫ୍ ପୂର୍ବରୁ ୨୦୨୩ରେ ସ୍ୱଳ୍ପବର୍ଷୀୟା ଖେଳାଳି ହିସାବରେ ୟୁଏସ୍ ଓପନ୍ ଜିତିଥିଲେ। ଗଫ୍ ବର୍ତ୍ତମାନ ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ୧୧ନମ୍ବର ଖେଳାଳି ପାଉଲା ବଦୋସାଙ୍କୁ ଭେଟିବେ। ବଦୋସା ୬-୧, ୭-୬(୨)ରେ ଓଲ୍‌ଗା ଡାନିଲୋଭିଚ୍‌ଙ୍କୁ ପରାସ୍ତକରି ପ୍ରଥମଥର ମେଲବୋର୍ନରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଗଫ୍ ବନାମ ବଦୋସା ମ୍ୟାଚ୍‌ର ବିଜେତା କ୍ରମାଗତ ତୃତୀୟଥର ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ନମ୍ବର ୱାନ ସାବାଲେଙ୍କା କିମ୍ବା ୨୦୨୧ ଫ୍ରେଞ୍ଚ ଓପନ୍ ରନର-ଅପ୍ ୨୭ ନମ୍ବର ଖେଳାଳି ଆନାସ୍ତାସିଆ ପାଭ୍‌ଲିଉଚେଙ୍କୋଭାଙ୍କୁ ଭେଟିବେ। ମଙ୍ଗଳବାର ପୁରୁଷ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ। ଏଥିରେ ନୋଭାକ ଜୋକୋଭିଚ୍ ଓ କାର୍ଲୋସ ଅଲ୍‌କାରାଜ ପରସ୍ପରକୁ ଭେଟିବାକୁ ଥିବାବେଳେ ୨ ନମ୍ବର ଖେଳାଳି ଆଲେକ୍‌ଜାଣ୍ଡର ଜେଭରେଭ ୧୨ତମ ମାନ୍ୟତାପ୍ରାପ୍ତ ଟମି ପଲ୍‌ଙ୍କ ସହ ମୁକାବିଲା କରିବେ। ଜୋକୋଭିଚ୍ ଏପର୍ଯ୍ୟନ୍ତ ଜିତିଥିବା ତାଙ୍କ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ମେଲବୋର୍ନ ପାର୍କରେ ୧୦ଟି ଜିତିଛନ୍ତି। ସେ ୨୪ ନମ୍ବର ଖେଳାଳି ଜିରି ଲେହେକାଙ୍କୁ ୬-୩, ୬-୪, ୭-୬ (୪)ଙ୍କୁ ହରାଇ ଦେଇଛନ୍ତି। ୧୫ ନମ୍ବର ଖେଳାଳି ଜ୍ୟାକ୍ ଡ୍ରାପର ପିଚାରେ ସମସ୍ୟା ଯୋଗୁ ଦୁଇଟି ସେଟ୍ ପରେ ମ୍ୟାଚ୍‌ରୁ ଓହରିଯିବାରୁ ଅଲ୍‌କାରାଜ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଦୁଇଥର ଗ୍ରାଣ୍ଡସ୍ଲାମ ରନରଅପ୍ ଜେଭରେଭ ୧୪ ନମ୍ବର ଉଗୋ ହମ୍ବର୍ଟଙ୍କୁ ୬-୧, ୨-୬, ୬-୩, ୬-୨ରେ ହରାଇ ଦେଇଥିବା ବେଳେ ୨୦୨୩ରେ ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲିଷ୍ଟ ପଲ୍ ୬-୧, ୬-୧, ୬-୧ରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ପରାଜିତ କରିଛନ୍ତି। ମୀରା ଆନ୍ଦ୍ରିଭାଙ୍କୁ ହରାଇ ସାବାଲେଙ୍କା ମେଲବୋର୍ନରେ ତାଙ୍କ ବିଜୟଧାରା ୧୮ରେ ପହଞ୍ଚାଇଛନ୍ତି।

# ସହିଦ ଜବାର, ପ୍ରତ୍ୟାଶାଙ୍କୁ ଓସ୍‌ଜା ପୁରସ୍କାର

ଭୁବନେଶ୍ୱର,୧୯।୧ (ବିଜୟ ରଣା)

'ବିଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବହୁ ଆଗକୁ ଯାଇଛି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣା ଉପରେ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି। ଓଡ଼ିଶା ସହ ମୋର ସଂପର୍କ ବହୁ ପୁରୁଣା। କଟକରେ ଆୟୋଜିତ ଜୁନିୟର ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରୁ ମୋର କ୍ୟାରିୟର ଆଗକୁ ବଢ଼ିଥିଲା। କଳିଙ୍ଗ ଷ୍ଟାଡିୟମ ଟେନିସ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅର୍ଜୁନ ପୁରସ୍କାର ବିଜେତା ପୂର୍ବତନ ଆଥଲେଟ୍ ସିନିମୋଲେ ପାଓଲୋସ ଏ କଥା କହିଛନ୍ତି। ୨୦୨୪ ବର୍ଷ ପାଇଁ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ୍ ମହମ୍ମଦ ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା (ଲାଇଫ୍ ଟାଇମ) ଏବଂ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ନଗଦ ୨୫ ହଜାର ଲେଖାଏଁ ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୀପଙ୍କର ମହାପାତ୍ର (ସିଇଓ, ଏଚ୍‌ପିସିଓ), ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟଂସ ମିଶ୍ର ଏବଂ ଭେଟେରାନ ହକି କୋଚ୍ ଅମୂଲ୍ୟ ନନ୍ଦ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। 'ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନେଇ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ସେମିତି ଆମ କ୍ରୀଡ଼ାବିତମାନଙ୍କର ଯେମିତି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେଉଛନ୍ତି। ଆଗାମୀ ଜାତୀୟ କ୍ରୀଡ଼ାରେ ଆମ ରାଜ୍ୟ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ମୋର ଆଶା ରହିଥିବା ଏଚ୍‌ପିସିଓ ସିଇଓ ମହାପାତ୍ର ପ୍ରକାଶ କରିଥିଲେ। 'କ୍ରୀଡ଼ାର ପ୍ରଚାର ପ୍ରସାର ଓ ବିକାଶରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ା ଖବରଦାତାମାନେ କେବଳ କ୍ରୀଡ଼ାର ପ୍ରଚାର ପ୍ରସାର କରନ୍ତି ନାହ, କ୍ରୀଡ଼ାବିତଙ୍କୁ ଉତ୍ସାହିତ ମଧ୍ୟ କରିଥାନ୍ତି ବୋଲି ଅମୂଲ୍ୟାନନ୍ଦ କହିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ସୁରେଶ କୁମାର ସ୍ୱାଇଁ ସଂଘର ଯାତ୍ରା ଓ ଆଗାମୀ ଲକ୍ଷ୍ୟ ସଂପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର ମଞ୍ଚ ପରିଚାଳନା ଏବଂ କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଓସ୍‌ଜା ସଦସ୍ୟଙ୍କ ସହ ପୁରସ୍କୃତ କ୍ରୀଡ଼ାବିତ୍ ଓ ଅତିଥିମାନେ।

## ସ୍କୁଲ୍ସ ଓପନ ଚେସ୍: ପ୍ରାଂଶୁ ଚାମ୍ପିୟନ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ୪ର୍ଥ ଗୋଲାପ ଦେଇ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରାଂଶୁ ଦାସ ଚାମ୍ପିୟନ ହୋଇଛନ୍ତି। ଓମ୍ ସ୍ୱରୂପ ପାଢ଼ୀ, ରେୟାଂଶ ମହାନ୍ତି, ଶିବହରି ସନଥ ଓ ଜେ.ଭି. ଶିବମ୍ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ଗୋଲାପ ଦେଇଙ୍କ ପୁଅ ବିଶ୍ୱନାଥ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ